

ଓଁ ଚତୁର୍ଭୁଜାୟ ବିଦମହେ,
ହଂସବାହନାୟ ଧୀମହି
ତନ୍ନୋ ବିଶ୍ୱକର୍ମା
ପ୍ରଚୋଦୟାତ ॥

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-84 ◆THURSDAY ◆17 SEPTEMBER 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୮୪ ◆ଗୁରୁବାର ◆୧୭ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ସାରା ଦେଶରେ ୟୁପିଆଇ ଝଡ଼




## ଫୋନ୍ ପେ', ଗୁଗୁଲ୍ ପେ' କମ୍ପାନୀ ହାତରେ ୮୦% ବଜାର

■ ଭୁବନେଶ୍ୱର, ୧୬।୯ (ସମିସ): ମୋବାଇଲ୍‌ରେ କ୍ୟୁଆର୍ କୋଡ଼ ସ୍କାନ୍ କରି ଟଙ୍କା ନେଣଦେଣ କରିବା ଭାରତୀୟଙ୍କ ଦୈନନ୍ଦିନ ଜୀବନର ଅଂଶ ପାଲଟିଛି। ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ (ୟୁପିଆଇ) ଦେଶର ଡ଼ିଜିଟାଲ ଅର୍ଥନୀତିରେ ସବୁଠୁ ବଡ଼ ପେମେଣ୍ଟ ପ୍ଲାଟଫର୍ମ ପାଲଟିଛି। ୫୫ କୋଟି ଲୋକ ୟୁପିଆଇ କାରବାର ସହ ଜଡ଼ିତ ଓ ଛଅ ବର୍ଷ ଧରି ଏହି ଉପଭୋକ୍ତା ଶୁଳ୍କମୁକ୍ତ ୟୁପିଆଇ କାରବାର କରି ଆସୁଛନ୍ତି। ଇତିମଧ୍ୟରେ ଅକ୍ଟୋବର ୧୫ ତାରିଖରୁ ୨୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ୟୁପିଆଇ କାରବାର ଉପରେ ୦.୩%ରୁ ୦.୫% ପର୍ଯ୍ୟନ୍ତ ଟିକସ ଲାଗୁ ନିମନ୍ତେ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ରଏଟର୍ସ ରିପୋର୍ଟ ଅନୁସାରେ ଏହି କାରବାର ଦ୍ୱାରା ଦେଶର ୟୁପିଆଇ ବଜାରର ଦୁଇ ପ୍ରମୁଖ ଅଂଶୀଦାର ଗୁଗ୍‌ଲ ପେ ଓ ଫୋନ୍ ପେ ୧୨ କୋଟି ଟଙ୍କା ରାଜସ୍ୱ ପାଇବେ। କମ୍ପାନୀମାନେ ଏହି ଅର୍ଥ ବ୍ୟବସାୟୀଙ୍କଠାରୁ ଆଦାୟ କରିବେ ଓ ବ୍ୟବସାୟୀମାନେ ଏହା ପରୋକ୍ଷରେ ଗ୍ରାହକଙ୍କଠାରୁ ଅସୁଲ କରିବେ। ଯାହାକୁ ନେଇ ସାରା ଦେଶରେ ସୃଷ୍ଟି ହୋଇଛି ଝଡ଼। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବିରୋଧୀ ରାଜନୈତିକ ଦଳଗୁଡ଼ିକ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ନିଶାଣ କରିଥିବା ଦେଖାଯାଉଛି।

ଗତ ମାସ ଅର୍ଥାତ୍ ୨୦୨୬ ଅଗଷ୍ଟ ମାସରେ ୟୁପିଆଇ ମାଧ୍ୟମରେ ସାରା ଦେଶରେ ୫୫ କୋଟିରୁ ଅଧିକ ଲୋକ ୨୪.୫ ବିଲିୟନ୍ ଅର୍ଥାତ୍ ୨୯.୮୨ ଲକ୍ଷ କୋଟି ଟଙ୍କାର କାରବାର କରିଛନ୍ତି। କେନ୍ଦ୍ର ସରକାରଙ୍କ ସୂଚନା ଅନୁସାରେ ଏହି କାରବାର ଦେଶର ଡିଜିଟାଲ ପେମେଣ୍ଟର

### ମାସିକ ୩୦ ଲକ୍ଷ କୋଟି ଟଙ୍କାର କାରବାର କରୁଛି ଭାରତ

### ୟୁପିଆଇରେ ନେଣଦେଣ କରୁଛନ୍ତି ୫୫ କୋଟି ଉପଭୋକ୍ତା

### ୨ ଆମେରିକୀୟ କମ୍ପାନୀ ପାଇବେ ୧୨ ହଜାର କୋଟି ଟଙ୍କାର ଲାଭ

୮୪% ଓ ସାରା ବିଶ୍ୱର ରିଅଲ୍-ଟାଇମ୍ ପେମେଣ୍ଟ ନେଣଦେଶର ୪୯%। ଏହା ହେଉଛି ଗୋଟିଏ ମାସର ରେକର୍ଡ। ସେହିପରି ୨୦୨୫ ବର୍ଷର ରେକର୍ଡ ଦେଖିଲେ ଭାରତର ୟୁପିଆଇ ବଜାର କେତେ ବିଶାଳ ତାହା ଜଣାପଡ଼ିବ। ୨୦୨୫ କ୍ୟାଲେଣ୍ଡର ବର୍ଷରେ ସାରା ଦେଶରେ ୟୁପିଆଇ ନେଣଦେଣ ୨୨୮ ବିଲିୟନ୍ ଅର୍ଥାତ୍ ୩୦୦ ଲକ୍ଷ କୋଟିରେ ପହଞ୍ଚିଥିଲା ଓ କେବେଳ ୨୦୨୫ ଡ଼ିସେମ୍ବର ମାସରେ ୨୧.୬ ବିଲିଅନ ମୂଲ୍ୟର ନେଣଦେଣ ହୋଇଥିଲା। ତେଣୁ ▶ପୃଷ୍ଠା-୭

# ବର୍ଷିଲେ ରାହୁଲ

## ଶୁଳ୍କ ପ୍ରତ୍ୟାହାର ଦାବି



### ଶୁଳ୍କକୁ ଫେରାଇ ନେବାର ପ୍ରଶ୍ନ ନାହିଁ: କେନ୍ଦ୍ର ସରକାର

■ ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି): ଦୁଇ ହଜାର ଟଙ୍କାରୁ ଅଧିକ ପରିମାଣର ୟୁପିଆଇ କାରବାର ଉପରେ କେନ୍ଦ୍ର ସରକାର ଶୁଳ୍କ ଧାର୍ଯ୍ୟ କରିବା ପରେ ଏହାକୁ ନେଇ ସାରାଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଭିନ୍ନ ବରୋଧୀ ଦଳ ଏହାକୁ ନେଇ ସରକାରଙ୍କୁ ଘେରିବା ସହିତ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଧ୍ୟ ଏହି ନିଷ୍ପତ୍ତିକୁ ୟୁପିଆଇ ଟାକ୍ସ ବୋଲି ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଆମେରିକା ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ନିକଟରେ ସରକାର ▶ପୃଷ୍ଠା-୭

# ପିଏଫ୍ ବେତନ ସୀମା ୨୫,୦୦୦କୁ ବୃଦ୍ଧି

### ୧୨ ବର୍ଷ ପରେ ହେଲା ସଂଶୋଧନ

### ଉଭୟ ଇପିଏଫ୍ ଓ ଇପିଏସ୍‌ରେ ଲାଗୁ

### ୫୧ ଲକ୍ଷ କର୍ମଚାରୀ ଉପକୃତ ହେବେ

### ବଢ଼ିବ କର୍ମଚାରୀଙ୍କ ପେନ୍‌ସନ୍ ରାଶି

■ ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି): ଦୀର୍ଘ ୧୨ ବର୍ଷ ପରେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) କର୍ମଚାରୀଙ୍କ ବେତନ ସୀମାରେ ହୋଇଛି ବଡ଼ ପରିବର୍ତ୍ତନ। ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକରେ ଇପିଏଫ୍ ଏବଂ ଇପିଏସ୍‌ର ମାସିକ ବେତନ ସୀମାରେ ବୃଦ୍ଧି କରାଯାଇଛି। କର୍ମଚାରୀଙ୍କ ବାଧ୍ୟତାମୂଳକ ବେତନ ସୀମା ୧୫,୦୦୦ରୁ ୨୫,୦୦୦ ଟଙ୍କାକୁ ବୃଦ୍ଧି ହୋଇଛି। ଏହି ସୀମା ଶେଷଥର ପାଇଁ ୨୦୧୪ ସେପ୍ଟେମ୍ବରରେ ବୃଦ୍ଧି କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁଁ ଦେଶର ପ୍ରାୟ ୫୧ ଲକ୍ଷ କର୍ମଚାରୀ ସିଧାସଳଖ ଉପକୃତ ହେବେ। ଏହାଦ୍ୱାରା ଚାକିରିଆଙ୍କ ଭବିଷ୍ୟତ ପାଣ୍ଠି (ପିଏଫ୍) ସଞ୍ଚୟ ବୃଦ୍ଧି ପାଇବା ସହ ଅବସର ପରେ ମିଳୁଥିବା ପେନ୍‌ସନ୍ ପରିମାଣ ମଧ୍ୟ ବଢ଼ିଯିବ।

ସୂଚନାଯୋଗ୍ୟ ଯେ, ଇପିଏଫ୍ ଅଧୀନରେ ଆସୁଥିବା କର୍ମଚାରୀଙ୍କ ବେତନ ସୀମାରେ ବୃଦ୍ଧି ଘଟାଇବାକୁ ଦୀର୍ଘ ଦିନ ହେବ ଦାବି ହୋଇଆସୁଥିଲା। ଶେଷରେ ସେପ୍ଟେମ୍ବର ୧୬ରେ ଏହାକୁ ଅନୁମୋଦନ ମିଳିଛି। ଏହି ପ୍ରସ୍ତାବ ଉପରେ ବିଭିନ୍ନ ମନ୍ତ୍ରଣାଳୟ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଥିଲା ଏବଂ ବ୍ୟୟ ଅର୍ଥ କମିଟି ଚଳିତବର୍ଷ ଜୁନ୍‌ରେ ଅନୁଷ୍ଠିତ ବୈଠକରେ ସୁପାରିସ କରିଥିଲା। ଏଥିଯୋଗୁ ଆସନ୍ତା ୫ ବର୍ଷ ମଧ୍ୟରେ ସରକାରଙ୍କୁ ଆନୁମାନିକ ୫୬,୬୯୬ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଏହି ପଦକ୍ଷେପ ପରେ କର୍ମଚାରୀମାନେ ଇପିଏସ୍ ▶ପୃଷ୍ଠା-୭

# ଅଭିନେତା ଅନନ୍ତ ନାଗଙ୍କୁ 'ଫାଲ୍‌କେ'



■ ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି): କନ୍ନଡ଼ ସିନେମାର ବର୍ଷୀଆନ୍ ଅଭିନେତା ଅନନ୍ତ ନାଗଙ୍କୁ ୨୦୨୪ ବର୍ଷ ପାଇଁ ଦାଦାସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯିବ। ଭାରତୀୟ ସିନେମା କ୍ଷେତ୍ର।।ରେ ତାଙ୍କର ଦୀର୍ଘଦିନର ଅବଦାନ ଯୋଗୁଁ ଏହି ସମ୍ମାନ ପାଇଁ ତାଙ୍କ ନାମ ଘୋଷଣା କରାଯାଇଛି। ଆସନ୍ତା ୨୨ ତାରିଖରେ ଗୁଜରାଟର କେଭଡିଆଠାରେ ଆୟୋଜିତ ହେବାକୁ ଯାଉଥିବା ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଫାଲ୍‌କେ ▶ପୃଷ୍ଠା-୭

# ସମ୍ବଲପୁରରେ ଡପ୍‌ଲର୍ ରାଡାର୍ ଶୁଭାରମ୍ଭ



### ରାଜ୍ୟର ତୃତୀୟ ଓ ଦେଶର ୫୧ତମ

### ୨୦୧୫ରେ ମଞ୍ଜୁର ହୋଇଥିଲା

### ବାଲେଶ୍ୱରରେ ଚାଲିଛି ସ୍ଥାପନ ପ୍ରକ୍ରିୟା

### ପୁରୀ ଓ ଭୁବନେଶ୍ୱରରେ ବସିବ ରାଡାର

### ୯ ଅତିରିକ୍ତ ୱେଦର୍ ଷ୍ଟେସନ ପ୍ରସ୍ତାବ

■ ସମ୍ବଲପୁର, ୧୬।୯ (ସମିସ): ଭାରତ ପାଣିପାଗ ବିଭାଗ ପକ୍ଷରୁ ସମ୍ବଲପୁରରେ ଡପଲର୍ ରାଡାର୍ ଶୁଭାରମ୍ଭ ହୋଇଛି। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ପ୍ରେକ୍ଷାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖଙ୍କ ଉପସ୍ଥିତିରେ ଏହାର ଶୁଭାରମ୍ଭ ହୋଇଛି। ସମ୍ବଲପୁରରେ ସ୍ଥାପିତ ରାଡାର୍ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗୀର, ସୋନପୁର, ବୌଦ୍ଧ, ଅନୁଗୁଳ ଓ ନୂଆପଡ଼ା ଭଳି ଗୁରୁତ୍ୱପୂର୍ଣ୍ଣ ଆଭ୍ୟନ୍ତରୀଣ ଅଞ୍ଚଳ ବ୍ଲାଙ୍କ୍ ସ୍ପେସ୍ ଥିବା ଅଞ୍ଚଳକୁ କଭର୍ କରିବ। ଏହି ରାଡାର ଏହି ଅଞ୍ଚଳଗୁଡିକ ପାଇଁ ଉନ୍ନତ ପାଣିପାଗ ବିବରଣୀ ଏବଂ ଆଗୁଆ ସତର୍କ ସୂଚନା ବ୍ୟବସ୍ଥା ସୁନିଶ୍ଚିତ କରିବା ସହ ଜଳସେଚନ ଓ ଜଳବିଦ୍ୟୁତ୍ ଉତ୍ପାଦନ ପାଇଁ ଜଳପରିଚାଳନା କ୍ଷେତ୍ରରେ ସହାୟକ ହେବ। ଏହି ସମାରୋହ ଅବସରରେ ଆଭାସୀ ଜରିଆରେ ▶ପୃଷ୍ଠା-୭









# ଡାକ୍ତରଖାନା ନ ଯାଇ ମାସକୁ ୭୦ ହଜାର ଦରମା

## ବିବାଦରେ ବିଧାୟକଙ୍କ ଝିଅ



ବେଙ୍ଗାଲୁରୁ, ୧୬।୯ (ଏଜେନ୍ସି): ସରକାରୀ ନମ୍ମା କ୍ଲିନିକ୍‌ରେ ଚିକିତ୍ସା ଅଧିକାରୀ ଭାବେ ନିଯୁକ୍ତ ଥାଇ ଏକ ଘରୋଇ ମେଡିକାଲ କଲେଜରେ ସ୍ନାତକୋତ୍ତର ଡାକ୍ତରୀ ପାଠ୍ୟକ୍ରମ କରୁଥିବା ଅଭିଯୋଗରେ କର୍ଣ୍ଣାଟକର କଂଗ୍ରେସ ବିଧାୟକ ଉମେଶ ମେଟିଙ୍କ ଝିଅ ଡା ଅଙ୍କିତା ଯାରାଗାଲଙ୍କୁ ଚାକିରିରୁ ହଟାଇ ଦିଆଯାଇଛି। ତାଙ୍କ ବିରୋଧରେ କର୍ତ୍ତବ୍ୟରେ ଅବହେଳା ଓ ବିନା ଅନୁମତିରେ ଦୁଇଟି କାର୍ଯ୍ୟରେ ନିୟୋଜିତ ରହିବା ନେଇ ବିଭାଗୀୟ ତଦନ୍ତ ମଧ୍ୟ ଆରମ୍ଭ ହୋଇଛି। ବାଗଲକୋଟ ସ୍ଥିତ ନମ୍ମା କ୍ଲିନିକ୍‌ରେ ଡା ଯାରାଗାଲ ମେଡିକାଲ ଅଫିସର ଭାବେ କାର୍ଯ୍ୟରତ ଥିଲେ। ତେବେ ଚଳିତ ବର୍ଷ ମାର୍ଚ୍ଚରୁ ସେ ଅନେକ ଦିନ କ୍ଲିନିକ୍‌ରେ ଅନୁପସ୍ଥିତ ରହିଥିବାରୁ ସେଠାରେ ଚିକିତ୍ସା ଅଧିକାରୀ ପଦ ଖାଲି ରହିଥିବା ଅଭିଯୋଗ ଆସିଥିଲା। ଏହି ସମୟରେ ସେ ମାସିକ ୭୦ ହଜାର ଟଙ୍କାରୁ ଅଧିକ ଦରମା ପାଉଥିଲେ। ଏହି ଘଟଣା ଜଣାପଡ଼ିବା ପରେ ବାଗଲକୋଟ ଜିଲ୍ଲା ପଞ୍ଚାୟତର ମୁଖ୍ୟ କାର୍ଯ୍ୟନିର୍ବାହୀ ଗଜାନନ ବାଲେ ତାଙ୍କୁ ନୋଟିସ୍ ଜାରି କରିଥିଲେ। ନୋଟିସ୍‌ରେ କୁହାଯାଇଥିଲା ଯେ, ସରକାରୀ ଦାୟିତ୍ୱରେ ଅନୁପସ୍ଥିତ ରହିବା ସତ୍ତ୍ୱେ ସେ ଦରମା ନେଉଥିଲେ ଏବଂ ସେହି ସମୟରେ ସ୍ନାତକୋତ୍ତର ଡାକ୍ତରୀ ଶିକ୍ଷା ଜାରି ରଖିଥିଲେ। ବୁଧବାର ତାଙ୍କୁ ପ୍ରଥମ ତଦନ୍ତରେ ହାଜର ହେବାକୁ କୁହାଯାଇଥିଲେ ମଧ୍ୟ ସେ ହାଜର ହୋଇନଥିଲେ। ଏବେ ସେପ୍ଟେମ୍ବର ୧୮ ରେ ଜିଲ୍ଲା ପଞ୍ଚାୟତ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ନିକଟରେ ସମ୍ପୃକ୍ତ ଦସ୍ତାବିଜ ଓ ଲିଖିତ ବ୍ୟାଖ୍ୟା ସହ ହାଜର ହେବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଇତିମଧ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜକୁମାର ଯାରାଗାଲ ଡା ଅଙ୍କିତାଙ୍କୁ ଚାକିରିରୁ ହଟାଇଥିବା ଜଣାପଡ଼ିଛି। ଅନୁମତି ବିନା ଦୁଇଟି ଦାୟିତ୍ୱରେ ଥିବା ସମୟରେ ପାଇଥିବା ଦରମା ନିୟମ ଅନୁଯାୟୀ ଫେରାଇ ନିଆଯାଇପାରେ ବୋଲି ଅଧିକାରୀମାନେ କହିଛନ୍ତି। ପେସାଗତ ଆଚରଣ ନେଇ ମଧ୍ୟ ଶୃଙ୍ଖଳାଗତ ପଦକ୍ଷେପ ହୋଇପାରେ ଏବଂ ମାମଲାଟି କର୍ଣ୍ଣାଟକ ମେଡିକାଲ କାଉନସିଲ୍ ଓ ଜାତୀୟ ମେଡିକାଲ କମିସନ୍‌କୁ ପଠାଯାଇପାରେ। ତେବେ ଡା ଅଙ୍କିତାଙ୍କ ବାପା ତଥା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜକୁମାର ଯାରାଗାଲ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ତାଙ୍କ ଝିଅ ଏମ୍‌ଡି ପାଠ୍ୟକ୍ରମରେ ଯୋଗଦେବା ପରଠାରୁ କୌଣସି ଦରମା ନେଇନାହାନ୍ତି। ତାଙ୍କ ନିଯୁକ୍ତିରେ ମଧ୍ୟ ଡିଏଚ୍‌ଓଙ୍କ ଭୂମିକା ଥିବା ନେଇ ଅଭିଯୋଗ ହୋଇଛି। ଡା ଅଙ୍କିତାଙ୍କ ବିରୋଧରେ ଆସିଥିବା ଅଭିଯୋଗର ଏବେ ସରକାରୀ ତଦନ୍ତ ଚାଲିଛି। ତଦନ୍ତ ଶେଷ ହେବା ପରେ ହିଁ ମାମଲାରେ ଚୂଡ଼ାନ୍ତ ନିଷ୍କର୍ଷ ଆସିବ।

# ଭାରତ ନୌଜାହାଜକୁ ଧକ୍କାଦେଲା ପାକ୍ ଜାହାଜ

## ପ୍ରତିବାଦ ଜଣାଇଲେ ଭାରତ ସରକାର



ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି): ଉତ୍ତର ଆରବ ସାଗରରେ ଭାରତୀୟ ନୌସେନାର ଏକ ଯୁଦ୍ଧଜାହାଜକୁ ଗତକାଲି ସନ୍ଧ୍ୟାରେ ପାକିସ୍ତାନୀ ନୌସେନାର ଜାହାଜ ଧକ୍କା ଦେଇଛି। ଏହାକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ପାକିସ୍ତାନ ନିକଟରେ ପ୍ରତିବାଦ ଜଣାଇଛି। ପାକିସ୍ତାନୀ ନୌସେନାର ଏଭଳି ଆଚରଣ ଗ୍ରହଣୀୟ ନୁହେଁ ବୋଲି ଭାରତ ସ୍ପଷ୍ଟ କରିଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଇସ୍‌ଲାମାବାଦର ଶୀର୍ଷ କୂଟନୈତିକ ପ୍ରତିନିଧିଙ୍କୁ ଡାକି ଘଟଣା ସମ୍ପର୍କରେ ଆପତ୍ତି ଜଣାଇଛି।

ଗତକାଲି (୧୫ ତାରିଖ ସନ୍ଧ୍ୟା) ଘଟଣାଟି ଘଟିଥିବା ସୂଚନା ମିଳିଛି। ଭାରତୀୟ ଯୁଦ୍ଧଜାହାଜ ନିୟମିତ ନିରୀକ୍ଷଣ କାର୍ଯ୍ୟରେ ନିୟୋଜିତ ଥିବାବେଳେ ପାକିସ୍ତାନୀ ଜାହାଜ 'ପିଏନ୍‌ଏସ୍ ହୁନୈନ୍' ଏହାର ପିଛା କରିଥିଲା। ଭାରତୀୟ ପକ୍ଷରୁ ସମୁଦ୍ର ଯୋଗାଯୋଗର ନିର୍ଦ୍ଦିଷ୍ଟ ଚ୍ୟାନେଲ୍‌ରେ ବାରମ୍ବାର ସତର୍କ କରାଯାଇଥିଲେ ମଧ୍ୟ ପାକିସ୍ତାନୀ ଜାହାଜ ହଠାତ୍ ଗତି ବଢ଼ାଇ ଭାରତୀୟ ଜାହାଜର ସମ୍ମୁଖ ଭାଗ ଆଡ଼କୁ ଆସିଥିଲା। ଏହାପରେ ଭାରତୀୟ ଜାହାଜ ସହିତ ଘଷି ହୋଇଯାଇଥିଲା। ତେବେ ଏହି ଧକ୍କାରେ ଭାରତୀୟ ଯୁଦ୍ଧଜାହାଜର କୌଣସି ବଡ଼ ଧରଣର କ୍ଷତି ହୋଇନାହିଁ କି କୌଣସି ନୌସେନା କର୍ମଚାରୀ ଆହତ ହୋଇନାହାନ୍ତି। ଘଟଣା ପରେ ମଧ୍ୟ ଭାରତୀୟ ଜାହାଜ ନିଜର ମିସନ୍ ଜାରି ରଖିଥିଲା।

ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏହି ଘଟଣାକୁ ପାକିସ୍ତାନୀ ନୌସେନା ୟୁନିଟ୍‌ର 'ଅଗ୍ରହଣୀୟ ଓ ଅଣପେଶାଦାର ଆଚରଣ' ବୋଲି ଅଭିହିତ କରିଛି। ଭାରତୀୟ ନୌସେନା ମଧ୍ୟ ପ୍ରଚଳିତ ଯୋଗାଯୋଗ ବ୍ୟବସ୍ଥା ମାଧ୍ୟମରେ ପାକିସ୍ତାନୀ ସେନାକୁ ଏହି ଘଟଣା ବିଷୟରେ ଜଣାଇଛି। ୧୯୯୧ ମସିହାରେ ଦୁଇ ଦେଶ ମଧ୍ୟରେ ହୋଇଥିବା ଏକ ଚୁକ୍ତିର ଧାରା ୧୦ର ଉଲ୍ଲେଖ କରି ଭାରତ କହିଛି ଯେ ଅନ୍ତର୍ଜାତୀୟ ଜଳସୀମାରେ ଭାରତ ଓ ପାକିସ୍ତାନର ନୌସେନା ଜାହାଜ ପରସ୍ପରଠାରୁ ଅତିକମ୍‌ରେ ୩ ନଟିକାଲ୍ ମାଇଲ୍ ବା ପ୍ରାୟ ୫.୬ କିଲୋମିଟର ଦୂରତା ବଜାୟ ରଖିବା ଆବଶ୍ୟକ। ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ସମସ୍ତ ସାମରିକ ୟୁନିଟ୍‌କୁ ଆବଶ୍ୟକ ସତର୍କତା ଅବଲମ୍ବନ କରିବା ଏବଂ ଦ୍ୱିପାକ୍ଷିକ ଚୁକ୍ତିଗୁଡ଼ିକ ପାଳନ କରିବାକୁ ପାକିସ୍ତାନକୁ କୁହାଯାଇଛି। ଏହି ଘଟଣା ୨୦୧୧ର ଏକ ସମାନ ଘଟଣାକୁ ମଧ୍ୟ ମନେ ପକାଇ ଦେଇଛି। ସେତେବେଳେ ପାକିସ୍ତାନୀ ନୌସେନାର ଜାହାଜ 'ପିଏନ୍‌ଏସ୍ ବାବର୍' ଦ୍ରୁତ ବେଗରେ ଭାରତୀୟ ନୌସେନାର 'ଆଇଏନ୍‌ଏସ୍ ଗୋଦାବରୀ' ନିକଟକୁ ଆସି ଧକ୍କା ଦେବାରୁ ଏହାର ଫ୍ଲାଇଟ୍ ଡେକ୍ ନେଟ୍ କ୍ଷତିଗ୍ରସ୍ତ ହୋଇଥିଲା।

# ମମତା ସୁପ୍ରିମକୋର୍ଟ ଗଲା ପରେ ମନେ ପଡ଼ିଲା

## ଟିଏମ୍‌ସିର ବିଦ୍ରୋହୀ ୧୦ ବିଧାୟକଙ୍କୁ ବିଧାନସଭା ନୋଟିସ୍

କୋଲକାତା, ୧୬।୯ (ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ସଚିବାଳୟ ବିଦ୍ରୋହୀ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଶିବିରର ୧୦ ଜଣ ବିଧାୟକଙ୍କୁ ଦଳବଦଳ ଆଇନ ଅଧୀନରେ ନୋଟିସ୍ ଜାରି କରିଛି। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ପକ୍ଷରୁ ଦାଖଲ ଅଯୋଗ୍ୟତା ଆବେଦନ ଉପରେ ଏହି ନୋଟିସ୍ ଜାରି ହୋଇଛି। ସମ୍ପୃକ୍ତ ବିଧାୟକମାନଙ୍କୁ ସାତ ଦିନ ମଧ୍ୟରେ ଜବାବ ଦେବାକୁ କୁହାଯାଇଛି। ନୋଟିସ୍ ପାଇଥିବା ବିଧାୟକମାନଙ୍କ ମଧ୍ୟରେ ବିରୋଧୀ ଦଳ ନେତା ଋତବ୍ରତ ବାନାର୍ଜୀ, ଅରୂପ ରାୟ, ଫିରହାଦ ହାକିମ, ସନ୍ଦୀପନ ସାହା, ଅଖରୁଜ୍ଜାମାନ ଅନସାରୀ, ଶିଉଲି ସାହା, ସବିନା ୟାସମିନ୍, ବିପ୍ଲବ ମିତ୍ର, ଜାଭେଦ ଖାନ୍ ଓ ରଥିନ୍ ଘୋଷ ରହିଛନ୍ତି। ଏହାର ଗୋଟିଏ ଦିନ ପୂର୍ବରୁ ତୃଣମୂଳର ବରିଷ୍ଠ ବିଧାୟକ ସୋଭନଦେବ ଚଟ୍ଟୋପାଧ୍ୟାୟ ସୁପ୍ରିମ୍‌କୋର୍ଟରେ ଆବେଦନ କରି ଋତବ୍ରତ ବାନାର୍ଜୀଙ୍କ ସମେତ ୧୦ ବିଧାୟକଙ୍କୁ ବିଧାନସଭା ସଦସ୍ୟତାରୁ ଅଯୋଗ୍ୟ ଘୋଷଣା କରିବାକୁ ଦାବି କରିଥିଲେ। ସୁପ୍ରିମ କୋର୍ଟରେ ପିଟିସନ ଦାଖଲ ହେବାପରେ ଆଜି ବିଧାନସଭା ପକ୍ଷରୁ ନୋଟିସ ଜାରି କରାଯାଇଛି। ଏହାସହିତ ଟିଏମ୍‌ସିର ଆଭ୍ୟନ୍ତରୀଣ ବିବାଦ ବିଧାନସଭାରୁ ନ୍ୟାୟପାଳିକା, ସଂସଦ ଓ ନିର୍ବାଚନ କମିସନ୍ ପର୍ଯ୍ୟନ୍ତ ପହଞ୍ଚିଛି।



ସୂଚନାଯୋଗ୍ୟ ଯେ ଚଟ୍ଟୋପାଧ୍ୟାୟ ଜୁଲାଇ ୭ରେ ବିଧାନସଭା ବାଚସ୍ପତି ରଥିନ୍ ବୋସ୍‌ଙ୍କୁ ଚିଠି ଲେଖି ଏହି ୧୦ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ଦାବି କରିଥିଲେ। ସେମାନେ ଦଳୀୟ ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରିଥିବା ଅଭିଯୋଗ ତାଙ୍କ ପକ୍ଷରୁ କରାଯାଇଥିଲା। ବିରୋଧୀ ଦଳ ନେତା ନିଯୁକ୍ତିକୁ ନେଇ ମଧ୍ୟ କଲକାତା ହାଇକୋର୍ଟରେ ମାମଲା ଚାଲିଛି। ବିଦ୍ରୋହୀ ଶିବିର ଦାବି କରୁଛି ଯେ ଟିଏମ୍‌ସିର ୮୦ ବିଧାୟକଙ୍କ ମଧ୍ୟରୁ ୬୫ ଜଣଙ୍କ ସମର୍ଥନ ତାଙ୍କ ପାଖରେ ରହିଛି। ଏହି ଶିବିର ଅନସାରୀଙ୍କୁ ମୁଖ୍ୟ ସଚେତକ ଭାବେ ଚୟନ କରିବା ସହ ସମାନ୍ତରାଳ ସାଂଗଠନିକ ପଦକ୍ଷେପ ନେଇ ଦଳୀୟ ନେତୃତ୍ୱର ଅଧିକାରକୁ ଚ୍ୟାଲେଞ୍ଜ କରିଛି। ଏହି ବିବାଦର ପ୍ରଭାବ ସଂସଦରେ ମଧ୍ୟ ଦେଖାଦେଇଛି। ବିଦ୍ରୋହୀ ଶିବିର ସହ ସମ୍ପର୍କିତ ୨୦ ଲୋକସଭା ସାଂସଦଙ୍କ ବିରୋଧରେ ମଧ୍ୟ ଦଳବଦଳ ଆଇନ ଅଧୀନରେ ଅଯୋଗ୍ୟତା ଦାବି ହୋଇଛି। ସୁପ୍ରିମ କୋର୍ଟରେ ମମତାଙ୍କ ଦଳ ପିଟିସନ ଦାଖଲ କରିବା ପରେ ବିଦ୍ରୋହୀ ସାଂସଦଙ୍କୁ ବାଚସ୍ପତି ମଧ୍ୟ ନୋଟିସ ଜାରି କରିଛନ୍ତି।

# ୧୧ ଟଙ୍କାର ଉତ୍ପାଦ, ମୂଲ୍ୟ ୩୨୫ ଟଙ୍କା?

ମୁମ୍ବଇ, ୧୬।୯ (ଏଜେନ୍ସି): ହସ୍ପିଟାଲରେ ବ୍ୟବହୃତ ଚିକିତ୍ସା ସାମଗ୍ରୀର ମୂଲ୍ୟ ଓ ବଜାର ଦର ମଧ୍ୟରେ ବିପୁଳ ଫରକ ରହୁଥିବା ନେଇ ମହାରାଷ୍ଟ୍ର ଖାଦ୍ୟ ଓ ଔଷଧ ପ୍ରଶାସନ (ଏଫ୍‌ଡିଏ) କମିସନର ତୁକାରାମ ମୁଣ୍ଡେ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ କହିବା ଅନୁସାରେ, ଚିକିତ୍ସା ସମୟରେ ବ୍ୟବହୃତ କେତେକ ସାମଗ୍ରୀ ପାଇଁ ରୋଗୀଙ୍କୁ ବାସ୍ତବ ବ୍ୟବସାୟିକ ଦରଠାରୁ ଶହ ଶହ ପ୍ରତିଶତ ଅଧିକ ଅର୍ଥ ଦେବାକୁ ପଡୁଛି। ଏକ ଆଇଭି ଇନ୍‌ଫ୍ୟୁଜନ୍ ସେଟ୍‌ର କ୍ରୟ ଦର ୧୧.୦୫ ଟଙ୍କା ଥିବାବେଳେ ଏହାର ଛାପା ସର୍ବାଧିକ ଖୁଚୁରା ମୂଲ୍ୟ (ଏମ୍‌ଆର୍‌ପି) ୩୨୫ ଟଙ୍କା ଥିଲା। ଅର୍ଥାତ୍ ଏଥିରେ ପ୍ରାୟ ୨୮୪୧ ପ୍ରତିଶତ ମୂଲ୍ୟ ବୃଦ୍ଧି ଦେଖାଯାଇଛି। ସେହିପରି ୬.୭୫ ଟଙ୍କାରେ କିଣାଯାଇଥିବା ଏକ ସିରିଞ୍ଜର ଏମ୍‌ଆର୍‌ପି ୫୭.୨୦ ଟଙ୍କା ଥିବାବେଳେ ୨୯.୪୧ ଟଙ୍କାର କ୍ୟାଥେଟରର ଏମ୍‌ଆର୍‌ପି ୩୧୦ ଟଙ୍କା ଥିଲା। ମୁଣ୍ଡେ କହିଛନ୍ତି, ଏଗୁଡ଼ିକ ରୋଗୀଙ୍କ ପାଇଁ ବିକଳ୍ପ ବାଛିବା ଭଳି ସାଧାରଣ କ୍ରୟ ନୁହେଁ। ଚିକିତ୍ସା ଆବଶ୍ୟକତାରେ ଥିବା ରୋଗୀ ଦର ତୁଳନା କରିବା କିମ୍ବା ବିକଳ୍ପ ଖୋଜିବାର ସୁଯୋଗ ପାଆନ୍ତି ନାହିଁ। ଫଳରେ ସାମଗ୍ରୀର ପ୍ରକୃତ ମୂଲ୍ୟ ଜାଣି ନ ଥାଇ ସେମାନଙ୍କୁ ବିଲ୍ ପୈଠ କରିବାକୁ ପଡ଼ିଥାଏ। ତାଙ୍କ ଅନୁସାରେ, ଔଷଧ ମୂଲ୍ୟ ନିୟନ୍ତ୍ରଣ ବ୍ୟବସ୍ଥା ଅଧୀନରେ ଅନୁସୂଚିତ ଔଷଧର ଦର ଉପରେ ନିର୍ଦ୍ଧାରିତ ସୀମା ରହିଛି। କିନ୍ତୁ ଅଧିକାଂଶ ଚିକିତ୍ସା ଉପକରଣ ଓ ଉପଭୋଗ୍ୟ ସାମଗ୍ରୀ ପାଇଁ ସମାନ ନିୟନ୍ତ୍ରଣ ନ ଥିବାରୁ ଦର ନିର୍ଦ୍ଧାରଣ ଓ ରୋଗୀଙ୍କୁ ମିଳୁଥିବା ସୂଚନା ଉପରେ ନଜର ରଖିବା ନେଇ ଫରକ ରହୁଛି। ଏହି ସମସ୍ୟାର ସମାଧାନ ପାଇଁ ବ୍ୟବସାୟିକ କ୍ରୟ ମୂଲ୍ୟ ଓ ଘୋଷିତ ଏମ୍‌ଆର୍‌ପି ମଧ୍ୟରେ ଅନୁମତିଯୋଗ୍ୟ ଫରକ ସମ୍ପର୍କରେ ସ୍ପଷ୍ଟ ନିର୍ଦ୍ଦେଶାବଳି ପ୍ରସ୍ତୁତ କରିବାକୁ ଔଷଧ ବିଭାଗ ଓ ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ (ଏନ୍‌ପିପିଏ)କୁ ସୁପାରିସ କରାଯାଇଥିବା ମୁଣ୍ଡେ କହିଛନ୍ତି।

# ୧୦ ମାଓବାଦୀଙ୍କୁ ମୃତ୍ୟୁଦଣ୍ଡ

ଜଗଦଲପୁର, ୧୬।୯ (ଏଜେନ୍ସି): ୨୦୧୩ ମସିହାର ବହୁଚର୍ଚ୍ଚିତ ଝିରମ ଘାଟି ଆକ୍ରମଣ ମାମଲାରେ ଏନ୍‌ଆଇଏର ସ୍ୱତନ୍ତ୍ର ଅଦାଲତ ୧୦ ଜଣ ମାଓବାଦୀଙ୍କୁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁଦଣ୍ଡ ଶୁଣାଇଛନ୍ତି। ଆପରାଧିକ ଷଡ଼ଯନ୍ତ୍ର ଓ ହତ୍ୟା ଅଭିଯୋଗରେ ଏହି ଦଣ୍ଡାଦେଶ ହୋଇଛି। ମାମଲାରେ ଜଣେ ଅଭିଯୁକ୍ତ ବିଚାର ଚାଲିଥିବା ସମୟରେ ମୃତ୍ୟୁବରଣ କରିଥିବା ବେଳେ ଚାର୍ଜସିଟ୍‌ରେ ନାମ ଥିବା ଆଉ ୨୮ ଜଣଙ୍କୁ ପୁଲିସ 'ୱାଣ୍ଟେଡ୍' ଦର୍ଶାଇଛି। ୨୦୧୩ ମେ ୨୫ରେ ବସ୍ତରର ଝିରମ ଘାଟି ଅଞ୍ଚଳରେ କଂଗ୍ରେସର 'ପରିବର୍ତ୍ତନ ରାଲି'ର ଗାଡ଼ିବହର ଉପରେ ମାଓବାଦୀମାନେ ଆକ୍ରମଣ କରିଥିଲେ। ଏଥିରେ ୨୭ ଜଣଙ୍କ ମୃତ୍ୟୁ ଓ ୩୮ ଜଣ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ତତ୍କାଳୀନ ବରିଷ୍ଠ କଂଗ୍ରେସ ନେତା ମହେନ୍ଦ୍ର କର୍ମା, ରାଜ୍ୟ କଂଗ୍ରେସ ସଭାପତି ନନ୍ଦ କୁମାର ପଟେଲ, ତାଙ୍କ ପୁଅ ଦିନେଶ ଓ ପୂର୍ବତନ ବିଧାୟକ ଉଦୟ ମୁଦଲିୟାର ଥିଲେ। ୧୦ ଜଣ ସୁରକ୍ଷାକର୍ମୀ ମଧ୍ୟ ଏହି ଆକ୍ରମଣରେ ପ୍ରାଣ ହରାଇଥିଲେ। ଏନ୍‌ଆଇଏ ଚାର୍ଜସିଟ୍ ଅନୁସାରେ, ଆକ୍ରମଣଟି ପୂର୍ବ ଯୋଜନାବଦ୍ଧ ଥିଲା ଏବଂ ମହେନ୍ଦ୍ର କର୍ମାଙ୍କୁ ମୁଖ୍ୟ ଲକ୍ଷ୍ୟ କରାଯାଇଥିଲା। ମାଓବାଦୀମାନେ ପ୍ରଥମେ ଏକ ଗାଡ଼ି ତଳେ ବିସ୍ଫୋରଣ କରି ରାସ୍ତା ଅବରୋଧ କରିଥିଲେ। ପରେ ପାହାଡ଼ ଉପରୁ ପ୍ରାୟ ଦୁଇ ଘଣ୍ଟା ଧରି ଗୁଳି ଓ ଗ୍ରେନେଡ୍ ଆକ୍ରମଣ କରାଯାଇଥିବା ତଦନ୍ତରେ କୁହାଯାଇଛି। ମାମଲାର ବିଚାର ପ୍ରକ୍ରିୟା ଏକ ଦଶନ୍ଧିରୁ ଅଧିକ ସମୟ ଧରି ଚାଲିଥିଲା ଏବଂ ଅତିକମ୍‌ରେ ୨୯୪ଟି ଶୁଣାଣି ହୋଇଥିଲା। ମାମଲାରେ ଚାର୍ଜସିଟ୍‌ଭୁକ୍ତ କିଛି ପ୍ରମୁଖ ମାଓବାଦୀ ଏବେ ମଧ୍ୟ 'ୱାଣ୍ଟେଡ୍' ତାଲିକାରେ ରହିଛନ୍ତି। ସେମାନଙ୍କ ମଧ୍ୟରେ ଥିପ୍ପିରି ତିରୁପତି ଓରଫ ଦେବୁଜୀ, ବର୍ସ ଦେବା ଓ ଗଣେଶ ଉଇକେ ରହିଛନ୍ତି। ତିରୁପତି ଓ ବର୍ସ ଚଳିତ ବର୍ଷ ଆତ୍ମସମର୍ପଣ କରିଥିବାବେଳେ ଗଣେଶ ଉଇକେ ୨୦୨୫ ଡିସେମ୍ବରରେ ଓଡ଼ିଶାରେ ଏକ ସୁରକ୍ଷା ବାହିନୀ ଅଭିଯାନରେ ନିହତ ହୋଇଥିବା ରିପୋର୍ଟରେ କୁହାଯାଇଛି।



**୨୦୧୩ କଂଗ୍ରେସ ରାଲି ଉପରେ ଆକ୍ରମଣ ମାମଲା**

# ହୁତି ଟାର୍ଗେଟରେ ମକ୍କା ସହର; ନିନ୍ଦା କଲା ଭାରତ

ରିୟାଦ, ୧୬।୯ (ଏଜେନ୍ସି): ଆମେରିକା ସହିତ ଯୁଦ୍ଧ ଚାଲିଥିବା ବେଳେ ଇରାନ ସମର୍ଥିତ ହୁତି ବିଦ୍ରୋହୀ ଗୋଷ୍ଠୀ ଆରବ ଦେଶରେ ଆକ୍ରମଣ ଆରମ୍ଭ କରିଦେଇଛି। ୟେମେନର କେତେକ ଅଞ୍ଚଳ ଦଖଲ କରିବା ପରେ ବିଦ୍ରୋହୀମାନେ ଇସଲାମ ଧର୍ମର ପବିତ୍ର ସହର ମକ୍କାକୁ ଟାର୍ଗେଟ କରିଛନ୍ତି। ଗତକାଲି ମକ୍କା ସହର ଉପରେ ସେମାନେ ଡ୍ରୋନ ଆକ୍ରମଣ କରିଥିଲେ। ତେବେ ସାଉଦୀ ସେନା ଏହି ଆକ୍ରମଣକୁ ପଣ୍ଡ କରିଦେଇଛି। ହୁତି ବିଦ୍ରୋହୀଙ୍କ ଏଭଳି ଆକ୍ରମଣ ନେଇ ଇସଲାମିକ ଦେଶମାନଙ୍କରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମକ୍କା ଉପରେ ଏଭଳି ଆକ୍ରମଣ ହେଲେ ମିଳିତ ଭାବେ ସେମାନେ ଏହାର ଜବାବ ଦେବେ ବୋଲି ଇସଲାମିକ ଦେଶ ଚେତାବନୀ ଦେଇଛନ୍ତି। ଭାରତ ମଧ୍ୟ ପବିତ୍ର ସହର ମକ୍କା ଉପରେ ହୁତିଙ୍କ ଆକ୍ରମଣକୁ ନିନ୍ଦା କରିଛି। ତେବେ ହୁତି ବିଦ୍ରୋହୀ ଏଭଳି ଖବରକୁ ଖଣ୍ଡନ କରିଛନ୍ତି। ସେମାନେ ମକ୍କା ସହରର ଉପରକୁ ଡ୍ରୋନ ଆକ୍ରମଣ ଖବରକୁ ଗୁଜବ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ହୁତି ବିଦ୍ରୋହୀଙ୍କ ଡ୍ରୋନ ଆକ୍ରମଣ ଆଶଙ୍କାରେ ସାଉଦି ଆରବର ପବିତ୍ର ସହର ମକ୍କା ସମେତ ପଶ୍ଚିମ ଉପକୂଳର ଅନେକ ଅଞ୍ଚଳରେ ପ୍ରଥମ ଥର ପାଇଁ ଏୟାର ରେଡ୍ ଆଲର୍ଟ ଜାରି ହୋଇଛି। ମକ୍କା, ଜେଦ୍ଦା ଓ ତାଇଫ୍ ଅଞ୍ଚଳରେ କିଛି ସମୟ ପାଇଁ ସତର୍କତା ଜାରି କରାଯାଇଥିଲା। ସାଉଦି ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ମକ୍କା ଦକ୍ଷିଣରେ ଏକ ହୁତି ଡ୍ରୋନକୁ ଧ୍ୱଂସ କରିଥିବା ଦାବି ପରେ ଏହି ସତର୍କତା ଜାରି ହୋଇଥିଲା। ସାଉଦି ସୁରକ୍ଷା ବାହିନୀର ଦାବି ଅନୁଯାୟୀ, ଡ୍ରୋନ୍‌ଟି ନିଷିଦ୍ଧ ଆକାଶସୀମାରେ ପ୍ରବେଶ କରିବା ପୂର୍ବରୁ ଧ୍ୱଂସ କରାଯାଇଥିଲା। ଏହି ଘଟଣାର ଗୋଟିଏ ଦିନ ପୂର୍ବରୁ ହୁତି ଆକ୍ରମଣରେ ସାଉଦି ଆରବରେ ୧୩ ଜଣ ଆହତ ହୋଇଥିବା ସୂଚନା ମିଳିଥିଲା। ଏହାପରେ ଅଞ୍ଚଳରେ ସୁରକ୍ଷା ଚିନ୍ତା ବଢ଼ିଛି।

- ମକ୍କାରେ ପ୍ରଥମ ଥର ରେଡ୍ ଆଲର୍ଟ
- ଆକ୍ରମଣ ଖବରକୁ ମିଛ କହିଲା ହୁତି

ତେବେ ହୁତିମାନେ ମକ୍କାକୁ ଲକ୍ଷ୍ୟ କରି ଡ୍ରୋନ୍ ପଠାଇଥିବା ସାଉଦି ରିପୋର୍ଟକୁ ଖଣ୍ଡନ କରିଛନ୍ତି। ହୁତି ରାଜନୈତିକ ବ୍ୟୁରୋର ସଦସ୍ୟ ହାଜେମ ଅଲ୍-ଆସାଦ ଏହାକୁ 'ମିଥ୍ୟା' ବୋଲି ଦାବି କରିଛନ୍ତି। ତେବେ ପରେ ହୁତି ସାମରିକ ପ୍ରବକ୍ତା ୟାହ୍ୟା ସାରି ଏକ ଦାବି କରିଛନ୍ତି ଯେ, ୟେମେନର ମାରିବ୍ ପ୍ରଦେଶ ଉପରେ ସାଉଦି ଆରବର ଗୋଟିଏ ଏଫ୍-୧୫ ଯୁଦ୍ଧବିମାନକୁ ସେମାନେ ଖସାଇ ଦେଇଛନ୍ତି।



ହୁତିଆକ୍ରମଣକୁ ନେଇ ସାଉଦି ନେତୃତ୍ୱାଧୀନ ମେଣ୍ଟ ମଧ୍ୟ ତୀବ୍ର ପ୍ରତିକ୍ରିୟା ଦେଇଛି। ଇସ୍‌ଲାମିକ କୋଅପରେସନ୍ ଅର୍ଗାନାଇଜେସନ୍‌ର ପ୍ରବକ୍ତା ତୁର୍କି ଅଲ୍-ମାଲିକି କହିଛନ୍ତି ଯେ ଦୁଇ ପବିତ୍ର ମସଜିଦ ଓ ତୀର୍ଥଯାତ୍ରୀଙ୍କ ଉପରେ ଆକ୍ରମଣକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାରୁ ମେଣ୍ଟ ହଟିବ ନାହିଁ।

ସାଉଦି ଆରବର ପବିତ୍ର ସହର ମକ୍କା ନିକଟରେ ହୋଇଥିବା ହୁତି ଡ୍ରୋନ୍ ଆକ୍ରମଣକୁ ଭାରତ ଦୃଢ଼ ନିନ୍ଦା କରିଛି। ମକ୍କାର ମୁସଲିମ୍ ସମ୍ପ୍ରଦାୟ ପାଇଁ ବିଶେଷ ଧାର୍ମିକ ମହତ୍ତ୍ୱ ଥିବାରୁ ଘଟଣାଟି ଅତ୍ୟନ୍ତ ଚିନ୍ତାଜନକ ବୋଲି ବିଦେଶ ମନ୍ତ୍ରଣାଳୟ କହିଛି। ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ସାଉଦି ଆରବର ସାର୍ବଭୌମ ଅଞ୍ଚଳ ଉପରେ ଆକ୍ରମଣ ଏବଂ ସାଧାରଣ ଲୋକଙ୍କ ଜୀବନ ଓ ଭିତ୍ତିଭୂମି ପ୍ରତି ବିପଦ ସୃଷ୍ଟି କରୁଥିବା ଯେକୌଣସି କାର୍ଯ୍ୟକୁ ଭାରତ ନିନ୍ଦା କରେ।

# ମଣିପୁରରେ ୨ କୁକି ମହିଳାଙ୍କୁ ହତ୍ୟା

ଇମ୍ଫାଲ, ୧୬।୯ (ଏଜେନ୍ସି): ମଣିପୁରର ତାମେଙ୍ଗଲଙ୍ଗ ଜିଲ୍ଲା ଲେଇସାଙ୍ଗଫାଇ ଗାଁରେ ମଙ୍ଗଳବାର ୨ ଜଣ କୁକି ମହିଳାଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଏହାସହ ଅନେକ କୃଷି ଘର ଜାଳି ଦିଆଯାଇଥିବା ଅଧିକାରୀମାନେ କହିଛନ୍ତି। ମୃତକ ଦ୍ୱୟ ହେଲେ କିମଜାଲହାଇ ସିଙ୍ଗସଙ୍ଗ ଓ ଫାଲନାଇଚଙ୍ଗ ସିତଲହୁ। ଫାଲନାଇଚଙ୍ଗ କ୍ଷେତରେ ଜାଳେଣି କାଠ ସଂଗ୍ରହ କରୁଥିବାବେଳେ ଗୁଳିର ଶିକାର ହୋଇଥିଲେ। ଅନ୍ୟପକ୍ଷରେ କିମଜାଲହାଇ ନିକଟରେ ନର୍ସିଂ ଶିକ୍ଷା ସମାପ୍ତ କରି ଗାଁକୁ ଫେରିଥିଲେ। ସେ ଚାଷକାମରେ ନିଜ ପରିବାରକୁ ସହଯୋଗ କରୁଥିଲେ। ଏହି ଘଟଣାର ୩ ଦିନ ପୂର୍ବରୁ ତାମେଙ୍ଗଲଙ୍ଗର ଟୋଲେନ ଓ ନୋନି ଜିଲ୍ଲାର ଲୋଙ୍ଗପି ଗାଁରେ ପୃଥକ ଘଟଣାରେ ୪ କୁକିଙ୍କ ମୃତ୍ୟୁ ହୋଇଥିଲା। ମଣିପୁର ସରକାରଙ୍କ ଅନୁସାରେ, ୨୦୨୩ ମେ ୩ରୁ ଆରମ୍ଭ ହୋଇଥିବା ଜାତିଗତ ହିଂସାରେ ଅଗଷ୍ଟ ସୁଦ୍ଧା ଅତିକମରେ ୩୦୬ ଜଣଙ୍କ ମୃତ୍ୟୁ ଓ ୪୯ ଜଣ ନିଖୋଜ ଥିଲେ। ଅନ୍ୟ ଏକ ଘଟଣାରେ କାଙ୍ଗପୋକପି ଜିଲ୍ଲାର ଚାୱାଙ୍ଗକିନିଙ୍ଗ ନାଗା ଗାଁରେ ସନ୍ଦିଗ୍ଧ ଉଗ୍ରବାଦୀମାନେ ୨ଟି ଘର ଜାଳି ଦେଇଥିଲେ। ସେଠାରେ ସନ୍ଦିଗ୍ଧ ଉଗ୍ରବାଦୀ ଓ ସିଆରପିଏଫ୍ ମଧ୍ୟରେ ପ୍ରାୟ ୬ ଘଣ୍ଟା ଧରି ଗୁଳିବିନିମୟ ହୋଇଥିଲା।

# ଗାଜାରେ କୋଠା ଭୁଶୁଡ଼ି ୨୦ ମୃତ

ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି): ଯୁଦ୍ଧରେ କ୍ଷତିଗ୍ରସ୍ତ ଏକ ବହୁତଳ କୋଠା ଭୁଶୁଡ଼ି ପଡ଼ିବାରୁ ଗାଜାରେ ଅତିକମ୍‌ରେ ୨୦ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଶିଶୁ ମଧ୍ୟ ରହିଛନ୍ତି। ଅନେକ ଲୋକ ଭଗ୍ନାବଶେଷ ତଳେ ଫସିଥିବା ଆଶଙ୍କା ଥିବାରୁ ମୃତାହତଙ୍କ ସଂଖ୍ୟା ବଢ଼ିପାରେ। ବିବିସି ରିପୋର୍ଟ ଅନୁସାରେ, ଗାଜା ସିଟିର ତାଲ ଅଲ-ହାୱା ଅଞ୍ଚଳରେ ଏହି ଘଟଣା ଘଟିଛି। ଯୁଦ୍ଧ ସମୟରେ କ୍ଷତିଗ୍ରସ୍ତ ହୋଇଥିବା ଏହି କୋଠାରେ ବିସ୍ଥାପିତ ପାଲେଷ୍ଟିନୀ ପରିବାରମାନେ ରହୁଥିଲେ। ପାଲେଷ୍ଟାଇନ୍ ସିଭିଲ୍ ଡିଫେନ୍ସ ଦଳ ଭଗ୍ନାବଶେଷ ମଧ୍ୟରେ ଜୀବିତ ଲୋକ ଓ ମୃତଦେହ ଖୋଜୁଛନ୍ତି। ଅନ୍ୟପକ୍ଷରେ, ୟେମେନର ସାମରିକ ପ୍ରବକ୍ତା ୟାହ୍ୟା ସାରି ଦାବି କରିଛନ୍ତି ଯେ ମାରିବ ଉପରେ ଏକ ସାଉଦି ଏଫ୍-୧୫ ଯୁଦ୍ଧବିମାନକୁ ସ୍ଥାନୀୟ ଭାବେ ନିର୍ମିତ ଆକାଶ-ଆକାଶ କ୍ଷେପଣାସ୍ତ୍ରରେ ଖସାଇ ଦିଆଯାଇଛି। ସାଉଦି ଯୁଦ୍ଧବିମାନ ୟେମେନର ବିଭିନ୍ନ ଅଞ୍ଚଳରେ ୪୫୦ରୁ ଅଧିକ ଆକ୍ରମଣ କରିଥିବା ମଧ୍ୟ ୟେମେନ ପକ୍ଷରୁ ଦାବି କରାଯାଇଛି। ଏହି ପରିସ୍ଥିତିରେ ସାଉଦି ଯୁବରାଜ ମହମ୍ମଦ ବିନ୍ ସଲମାନ କାଇରୋରେ ଇଜିପ୍ଟ ରାଷ୍ଟ୍ରପତିଙ୍କୁ ଭେଟିଛନ୍ତି।

# ଫିଲ୍ମ ସେନ୍ସର ବୋର୍ଡରେ ପ୍ରୀତି ଜିଣ୍ଟା, ନୀଳମାଧବ ପଣ୍ଡା

ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି): କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫ୍‌ସି) ବା ସେନ୍ସର ବୋର୍ଡର ପୁନର୍ଗଠନ କରାଯାଇଛି। ବୋର୍ଡରେ ୧୮ ଜଣ ସଦସ୍ୟଙ୍କୁ ସାମିଲ କରାଯାଇଛି। ଏଥିରେ ଅଭିନେତ୍ରୀ ପ୍ରୀତି ଜିଣ୍ଟା, ପଲ୍ଲବୀ ଯୋଶୀ, ରୂପା ଗାଙ୍ଗୁଲୀ ଏବଂ ଅଭିନେତା ପଙ୍କଜ ତ୍ରିପାଠୀ, ସୁନୀଲ ଶେଟ୍ଟୀ, ମନୋଜ ଯୋଶୀ, ପ୍ରସେନ୍‌ଜିତ୍ ଚାଟାର୍ଜୀ ପ୍ରମୁଖ ସାମିଲ ଅଛନ୍ତି। ଏହା ସହିତ ଗ୍ରାମୀ ପୁରସ୍କାର ବିଜେତା ସଙ୍ଗୀତଜ୍ଞ ରିକି କେଜ୍, ବିଶିଷ୍ଟ ନିର୍ଦ୍ଦେଶକ ପ୍ରିୟଦର୍ଶନ, ହଂସରାଜ ହଂସ ଏବଂ ଓଡ଼ିଆ ନିର୍ଦ୍ଦେଶକ ନୀଳମାଧବ ପଣ୍ଡାଙ୍କୁ ମଧ୍ୟ ବୋର୍ଡର ସଦସ୍ୟ ଭାବେ ଚୟନ କରାଯାଇଛି। ଏହା ବ୍ୟତୀତ ବିନୋଦ ଅନୁପମ, ଅଭିଷେକ ଜୈନ, ସୁପ୍ରିୟା ୟାର୍ଲାଗଡ୍ଡା, ଯତୀନ୍ଦ୍ର ମିଶ୍ର, ନିଶିଗନ୍ଧା ୱାଡ, ୱାମନ କେନ୍ଦ୍ରେ ଏବଂ ରମେଶ ପାଟଙ୍ଗେ ମଧ୍ୟ ଏହି ମଣ୍ଡଳୀରେ ଅଛନ୍ତି। ଶଶି ଶେଖର ଭେମ୍ପଟି ଏହି ବୋର୍ଡର ଅଧ୍ୟକ୍ଷ ଅଛନ୍ତି। ଭାରତରେ ନିର୍ମିତ ଚଳଚ୍ଚିତ୍ରଗୁଡ଼ିକୁ ପ୍ରମାଣପତ୍ର ପ୍ରଦାନ କରିବା ଏହି ବୋର୍ଡର ମୁଖ୍ୟ ଦାୟିତ୍ୱ।

# ନିଶା ଦେଇ ଗଣଦୁଷ୍କର୍ମ; ୮ ଗିରଫ

ହାଇଦ୍ରାବାଦ, ୧୬।୯ (ଏଜେନ୍ସି): ହାଇଦ୍ରାବାଦର ବିଭିନ୍ନ ସ୍ଥାନରେ ୧୬ ବର୍ଷୀୟା ଜଣେ ନାବାଳିକାଙ୍କୁ ନିଶାଦ୍ରବ୍ୟ ଦେଇ ଯୌନ ନିର୍ଯାତନା ଦିଆଯାଇଥିବା ଅଭିଯୋଗରେ ପୁଲିସ ୮ ଜଣଙ୍କୁ ଗିରଫ କରିଛି। ନାବାଳିକା ଜଣକ ସେପ୍ଟେମ୍ବର ୧୦ରେ ଅଭିଯୁକ୍ତଙ୍କ କବଳରୁ ଖସି ଘରେ ପହଞ୍ଚିବା ପରେ ଘଟଣା ସାମ୍ନାକୁ ଆସିଥିଲା। ପୁଲିସ ଅନୁସାରେ, ସେପ୍ଟେମ୍ବର ୯ରେ ବାପାଙ୍କ ଗାଳି ପରେ ଘରୁ ବାହାରିଥିବା ନାବାଳିକା ବୋଲାରମ ରେଳ ଷ୍ଟେସନରେ ଜଣେ ଯୁବକଙ୍କୁ ଭେଟିଥିଲେ। ପରେ ଅନ୍ୟ ଜଣେ ଅଭିଯୁକ୍ତ ଆସିଥିଲେ ଏବଂ ମାଦକଦ୍ରବ୍ୟ ମିଶ୍ରିତ ସିଗାରେଟ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ପରେ ତାଙ୍କୁ ଧୂଳପାଲ୍ଲୀର ଏକ ହୋଟେଲ ସମେତ ବିଭିନ୍ନ ସ୍ଥାନକୁ ନିଆଯାଇ ଯୌନ ନିର୍ଯାତନା ଦିଆଯାଇଥିବା ତଦନ୍ତକାରୀମାନେ କହିଛନ୍ତି। ପୁଲିସ ପୋକ୍‌ସୋ ଆଇନ ଓ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି। ଧୂଳପାଲ୍ଲୀ ହୋଟେଲର ମାଲିକ ଓ ପରିଚାଳକଙ୍କୁ ମଧ୍ୟ ନାବାଳିକାଙ୍କ ବୟସ ଯାଞ୍ଚ ନ କରି କୋଠରି ଦେଇଥିବା ଅଭିଯୋଗରେ ଗିରଫ କରାଯାଇଛି। ପୁଲିସ କହିଛି, ଅଭିଯୁକ୍ତଙ୍କ ମଧ୍ୟରୁ କେତେକ ନାବାଳିକାଙ୍କ ସହ ସାମାଜିକ ଗଣମାଧ୍ୟମ ଜରିଆରେ ପରିଚିତ ହୋଇଥିଲେ।

# ୟୁଏଇରେ ବାଂଲାଦେଶୀଙ୍କ ଭିସା ବାତିଲ

ଢାକା, ୧୬।୯ (ଏଜେନ୍ସି): ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ୪ ହଜାରରୁ ଅଧିକ ବାଂଲାଦେଶୀଙ୍କ ଭିସା ବାତିଲ କରିଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ ଅନେକ ଛୁଟି କାଟିବା ପାଇଁ ବାଂଲାଦେଶ ଫେରିଥିଲେ। ଭିସା ବାତିଲ ହେବା ପରେ ସେମାନେ ଚାକିରି, ବ୍ୟବସାୟ ଓ ପରିବାର ପାଖକୁ ୟୁଏଇ ଫେରିପାରୁନାହାନ୍ତି। ଭିସା ବାତିଲର ସ୍ପଷ୍ଟ କାରଣ ୟୁଏଇ ପକ୍ଷରୁ ଜଣାଯାଇନାହିଁ। ଅନେକଙ୍କୁ ଇ-ମେଲ୍ କିମ୍ବା ମୋବାଇଲ୍ ବାର୍ତ୍ତା ମାଧ୍ୟମରେ ଏ ସମ୍ପର୍କରେ ସୂଚନା ମିଳିଛି। ସେପ୍ଟେମ୍ବର ୭ରେ ଢାକା ଜାତୀୟ ପ୍ରେସ୍ କ୍ଲବ୍‌ରେ ପ୍ରାୟ ୩୫୦ ଜଣ ପ୍ରଭାବିତ ବ୍ୟକ୍ତି ଏକାଠି ହୋଇ ସରକାରଙ୍କ ନିକଟରେ ସମାଧାନ ଦାବି କରିଥିଲେ। ବାଂଲାଦେଶର ପ୍ରବାସୀ କଲ୍ୟାଣ ରାଜ୍ୟମନ୍ତ୍ରୀ ନୁରୁଲ ହକ୍ ନୁର୍ କହିଛନ୍ତି, ପ୍ରାୟ ୪ ହଜାର ଭିସା ବାତିଲ ଘଟଣା ସମ୍ପର୍କରେ ସରକାର ଅବଗତ ଅଛନ୍ତି। କେତେକ ରିପୋର୍ଟରେ ସଂଖ୍ୟା ୪,୮୦୦ ପର୍ଯ୍ୟନ୍ତ କୁହାଯାଇଥିଲେ ମଧ୍ୟ ୟୁଏଇ ଏହା ନିଶ୍ଚିତ କରିନାହିଁ। ବାଂଲାଦେଶ ସରକାର କୂଟନୈତିକ ସ୍ତରରେ ୟୁଏଇ ସହ ଆଲୋଚନା କରି ପୁନଃଯାଞ୍ଚ ଦାବି କରିଛି।

**ନୂଆଁଖାଇରେ ସମ୍ବଲପୁରକୁ ମୁଖ୍ୟମନ୍ତ୍ରୀଙ୍କ ୯୬୦ କୋଟି ଭେଟି**

# ୧୩୩.୪୭ କୋଟି ଟଙ୍କାର ୧୫ ସମ୍ପୂର୍ଣ୍ଣ ପ୍ରକଳ୍ପର ଲୋକାର୍ପଣ

ସମ୍ବଲପୁର,୧୬।୯ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ସମ୍ବଲପୁର ଗସ୍ତରେ ଆସି ସମ୍ବଲପୁର ଜିଲ୍ଲାକୁ ୯୬୦ କୋଟି ଟଙ୍କାର ନୂଆଁଖାଇ ଭେଟି ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ପ୍ରେକ୍ଷାଳୟରେ ଡପଲର୍ ପାଣିପାଗ ରାଡାର୍ ଷ୍ଟେସନର ଉଦ୍‌ଘାଟନ ଏବଂ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସମ୍ବଲପୁରରେ ମୁଖ୍ୟମନ୍ତ୍ରୀ ୯୬୦ କୋଟିର ୫୦ଟି ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି ।

ସମ୍ବଲପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ବଲପୁର ଏବଂ ସମଗ୍ର ପଶ୍ଚିମ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ପାଇଁ ଅତ୍ୟାଧୁନିକ ମେକ୍ ଇନ୍ ଇଣ୍ଡିଆ ଡପ୍‌ଲର ପାଣିପାଗ ରାଡାର୍ (ଡିଡବ୍ଲୁଆର୍)ର ଶୁଭାରମ୍ଭ କରିବାସହ ପ୍ରାୟ ୯୬୦ କୋଟି ଟଙ୍କାର ୫୦ଟି ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମ୍ବଲପୁର ହେଉଛି ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ପ୍ରତୀକ ଏବଂ ସମୃଦ୍ଧ ଓଡ଼ିଶା ୨୦୩୬ ଗଠନ ସଂକଳ୍ପରେ ସମ୍ବଲପୁର ହେଉଛି ରାଜ୍ୟ ସରକାରଙ୍କ ବିକାଶ ଯାତ୍ରାର ମୁଖ୍ୟ କେନ୍ଦ୍ର । ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣର ଆରମ୍ଭରେ ମା' ସମଲେଶ୍ୱରୀ, ବୀର ସୁରେନ୍ଦ୍ର ସାଏ, ସହିଦ ମାଧୋ ସିଂ, ଛବିଲ ସାଏ, ସନ୍ଥକବି ଭୀମଭୋଇ ଓ ସ୍ୱଭାବକବି ଗଙ୍ଗାଧର ମେହରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସେ କହିଥିଲେ ଯେ, ସମ୍ବଲପୁରୀ ଭାଷା, ସଂସ୍କୃତି, ଗୀତ ଓ ଶାଢ଼ୀ ସମଗ୍ର ଆଞ୍ଚଳିକ ପରିଚୟର ଗୌରବ । ସମ୍ବଲପୁରୀ ଭାଷା, ସଂସ୍କୃତି, ବେଶଭୂଷା ଓ ସଙ୍ଗୀତ କେବଳ ପଶ୍ଚିମ ଓଡ଼ିଶାର ନୁହେଁ, ବରଂ ସମଗ୍ର ରାଜ୍ୟର ପରିଚୟ । ଦୁବାଇ ଓ ସିଙ୍ଗାପୁର ଭଳି ବିଦେଶୀ ମାଟିରେ ମଧ୍ୟ ସମ୍ବଲପୁରୀ ସଂସ୍କୃତି ଆଦୃତ ହୋଇପାରିଛି । ଉଦ୍‌ଘାଟିତ ଓ ଶିଳାନ୍ୟାସ ହୋଇଥିବା ୯୬୦ କୋଟି ଟଙ୍କାର ପ୍ରକଳ୍ପ ମଧ୍ୟରେ ୧୩୩.୪୭ କୋଟି ଟଙ୍କାର ୧୫ଟି



ସମ୍ପୂର୍ଣ୍ଣ ପ୍ରକଳ୍ପର ଲୋକାର୍ପଣ ଏବଂ ୮୨୫.୮୩ କୋଟି ଟଙ୍କାର ୩୫ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ଅନ୍ତର୍ଭୁକ୍ତ । ଏଥିରେ ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ (କୁଚିଣ୍ଡା ପାଇଁ ୬୦.୫୦

- ୮୨୫.୮୩ କୋଟି ଟଙ୍କାର ୩୫ ନୂତନ ପ୍ରକଳ୍ପର ଶିଳାନ୍ୟାସ
- ସମ୍ବଲପୁରୀ ଭାଷା, ସଂସ୍କୃତି, ବେଶଭୂଷା ଓ ସଙ୍ଗୀତ ସମଗ୍ର ରାଜ୍ୟର ପରିଚୟ

କୋଟି), କ୍ରୀଡ଼ା (୭୪.୭୨ କୋଟି), ସଡ଼କ ଓ କୋଠା ନିର୍ମାଣ (୫୮୫ କୋଟି) ଏବଂ ଜଳସମ୍ପଦ କ୍ଷେତ୍ରରେ ୨୨୦.୫୬ କୋଟି ଟଙ୍କାର ମେଗା ଲିଫ୍ଟ ଜଳସେଚନ ଓ ୮.୮୮ କୋଟି ଟଙ୍କାର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଭୁକ୍ତ । ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ ଯେ, ଗତ ଜାନୁଆରୀରେ ସେ ୯୪୮ କୋଟି ଟଙ୍କାର ପ୍ରକଳ୍ପ ସହ ୫୦ଟି ବୈଦ୍ୟୁତିକ ବସ୍‌ର ଶୁଭାରମ୍ଭ କରିଥିଲେ । ଅଇଁଠାପାଲି ବସ୍ ଟର୍ମିନାଲ୍ ଓ ଏହାର ୧୦ ବର୍ଷର ରକ୍ଷଣାବେକ୍ଷଣ ପାଇଁ ୨୩୮.୧୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସହରରେ ଜଳସଙ୍କଟ ଓ ଜଣ୍ଡିସ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅମୃତ ୨.୦ ଅଧୀନରେ ୪୫୦ କୋଟି ଟଙ୍କାର ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ପ୍ରକଳ୍ପ ଜରିଆରେ ୪୧ଟି ୱାର୍ଡକୁ ୧୦୦ ନିୟୁତ ଲିଟର ବିଶୁଦ୍ଧ ଜଳ ଯୋଗାଇ ଦିଆଯିବ । ଏତଦ୍‌ବ୍ୟତୀତ ବୁର୍ଲା ଓ ହୀରାକୁଦ ରିଙ୍ଗ୍ ରୋଡ୍, ରେମେଡ୍-ହୀରାକୁଦ ୪-ଲେନ୍ ରାସ୍ତା ଆଦିର ସମ୍ପ୍ରସାରଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି । ଏହି ଗୋଟିଏ ବର୍ଷରେ ସେପ୍ଟେମ୍ବର ସୁଦ୍ଧା ସମ୍ବଲପୁର ପାଇଁ ପ୍ରାୟ ୧,୯୧୦ କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟ କରାଯାଇଛି । ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ପାଇଁ ଭୁବନେଶ୍ୱର ବାହାରେ ସମ୍ବଲପୁରରେ ପ୍ରଥମ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ମଧ୍ୟ କରାଯାଇଥିଲା ।

ପଶ୍ଚିମ ଓଡ଼ିଶାର ଶିଳ୍ପ ବିକାଶ ଓ ନିଯୁକ୍ତି ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲପଙ୍ଗାଠାରେ ହିଣ୍ଡାଲ୍‌କୋର ସମ୍ପ୍ରସାରଣ ପାଇଁ ୪୦,୦୦୦ କୋଟି ଏବଂ ରେଙ୍ଗାଲିଠାରେ ଜେଏସ୍‌ଡବ୍ଲୁ-ଜେଏଫ୍‌ଇ ଷ୍ଟିଲ୍ ଦ୍ୱାରା ୩୨,୦୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଏହାସହିତ କୃଷିଭବନ, ଛାତ୍ରୀନିବାସ, ସମ୍ବଲପୁର ଫୁଟବଲ୍ ଏକାଡେମୀର ଆଧୁନିକୀକରଣ ଏବଂ ହୀରାକୁଦ ଡ୍ୟାମ୍ ମାଷ୍ଟର ପ୍ଲାନ ନିର୍ମାଣ କରାଯାଉଛି । ରାଜ୍ୟ ସରକାର ୨୦୩୬ ଶତାବ୍ଦୀ ପୂର୍ତ୍ତି ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଅର୍ଥବ୍ୟବସ୍ଥାରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି । ନାରୀ ସଶକ୍ତିକରଣକୁ ଗୁରୁତ୍ୱ ଦେଇ ସେ କହିଛନ୍ତି ଯେ ସୁଭଦ୍ରା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଓ କନ୍ୟା ସୁମଙ୍ଗଳ ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଆଗକୁ ନିଆଯାଉଛି ଏବଂ ରାଜ୍ୟ ବଜେଟର ୪୦ ପ୍ରତିଶତ ମହିଳାଙ୍କ ପାଇଁ ବ୍ୟୟ ହେଉଛି । କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାରର ସଫଳତା ଗଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାକୁ ୯୦ ହଜାର କୋଟିର ରେଳ, ୪୦ ହଜାର କୋଟିର ସଡ଼କ, ୨୫ ହଜାର କୋଟିର ବନ୍ଦର ଏବଂ ୨୫ ହଜାର କୋଟି ଟଙ୍କାର ଜାହାଜ ନିର୍ମାଣ ପ୍ରକଳ୍ପ ମିଳିଛି । ସମ୍ବଲପୁରରେ ୧,୫୨୧ କୋଟି ଟଙ୍କାର ୪-ଲେନ୍ ବାଇପାସ୍, ଭିମସାର୍‌ର ୧,୭୦୦ କୋଟିର ସମ୍ପ୍ରସାରଣ, ୧୦୦ କୋଟିର ଆକ୍ୱା ପାର୍କ, ଏବଂ ୧୦୦ କୋଟି ଟଙ୍କାର ସମଲେଇ ଫେଜ୍-୨ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ରଙ୍ଗବତୀ' ଗୀତର ୩ଜଣ ସ୍ରଷ୍ଟା ଓ ଶିଳ୍ପୀଙ୍କୁ ପଦ୍ମଶ୍ରୀ ସମ୍ମାନରେ ବିଭୂଷିତ କରାଯିବା ପ୍ରସଙ୍ଗ ଉଲ୍ଲେଖ କରି ସେ ସଂସ୍କୃତି ପ୍ରତି କେନ୍ଦ୍ର ସରକାରଙ୍କ ସମ୍ମାନକୁ ପ୍ରଶଂସା କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିବସ ଓ ବିଶ୍ୱକର୍ମା ପୂଜା ଅବସରରେ ମାସବ୍ୟାପୀ ସେବା ସଂକଳ୍ପ ଅଭିଯାନ, ଆଶୀର୍ବାଦର ଦୀପ ଏବଂ ଏକ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଦୀପ ଲଗାଇ ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିବାକୁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ ।

କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ରାଜ୍ୟସଭା ସାଂସଦ ମନମୋହନ ସାମଲ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର, ଏସ୍‌ଆର୍‌ସି ରାଜେଶ ପ୍ରଭାକର ପାଟିଲ, ଉତ୍ତରାଞ୍ଚଳ ଡିଆଇଜି ଚରଣ ସିଂ ମୀନା, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମଞ୍ଚାସୀନ ଥିଲେ ।

## କରମା ପୂଜାରୁ ଫେରୁଥିବା ୨ ନାବାଳିକାଙ୍କୁ ଗଣଦୁଷ୍କର୍ମ

ରାଉରକେଲା,୧୬।୯ (ସମିସ): ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ଅଞ୍ଚଳରେ କରମା ପୂଜା କାର୍ଯ୍ୟକ୍ରମରୁ ଫେରୁଥିବା ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ ଅଭିଯୋଗ ହୋଇଛି । ଘଟଣା ପରେ ଅଭିଯୁକ୍ତମାନେ ଦୁଇ ପୀଡ଼ିତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ସହ ମୁହଁ ବନ୍ଦ ରଖିବା ପାଇଁ ୭ ହଜାର ଟଙ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଅଭିଯୋଗ ପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୫ଜଣଙ୍କୁ ଅଟକ ରଖିଛି । ଘଟଣାଟି ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ସୂଚନା ଅନୁସାରେ, ସୋମବାର କୁଆଁରମୁଣ୍ଡା ଅଞ୍ଚଳରେ କରମା ପୂଜା ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଆଖପାଖ ଅଞ୍ଚଳର ବହୁ ପୁରୁଷ, ମହିଳା ଓ ଯୁବକ-ଯୁବତୀ ସାମିଲ

### ୫ ଯୁବକ ଅଟକ



ହୋଇଥିଲେ । କାର୍ଯ୍ୟକ୍ରମ ଶେଷହେବା ପରେ ଦୁଇ ନାବାଳିକା ବସ୍‌ରେ ଆସି ଓହ୍ଲାଇ ଘରକୁ ଫେରୁଥିଲେ । ଏହି ସମୟରେ ଏକ ନିଛାଟିଆ ରାସ୍ତାର ସୁଯୋଗ ନେଇ ୫ ଜଣ ଯୁବକ ସେମାନଙ୍କୁ ଘେରିଯାଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଘଟଣା ପରେ ଅଭିଯୁକ୍ତମାନେ ଏ ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେବା ସହ ମୁହଁ ବନ୍ଦ ରଖିବା ପାଇଁ ୭ ହଜାର ଟଙ୍କା ଦେଇ ପଳାଇଥିଲେ ।

ସୂଚନା ପାଇବା ପରେ ପୁଲିସ ପ୍ରଶାସନ ତତ୍ପର ହୋଇଥିଲା । ସୁନ୍ଦରଗଡ଼ର ଦୁଇ ଜଣ ଅତିରିକ୍ତ ଏସ୍‌ପି ଓ ବୀରମିତ୍ରପୁର ଥାନା ଆଇଆଇସି ପୁଲିସ ଟିମ୍ ସହ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୫ଜଣ ଯୁବକଙ୍କୁ ଉଠାଇ ଆଣି ପଚରାଉଚରା କରୁଛନ୍ତି । ତଦନ୍ତ ପରେ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି ।

# ଦିନକରେ ୧୩ଜଣଙ୍କ ସଲିଳ ସମାଧି

## ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଅଘଟଣ

### ନଦୀରେ ବୁଡ଼ି ୨ ନାବାଳକ ଛାତ୍ର ମୃତ

ହିଞ୍ଜିଳିକାଟୁ, ୧୬।୯ (ସମିସ): ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଘଟିଛି ଅଘଟଣ । ମୂର୍ତ୍ତି ବିସର୍ଜନ କରିବାକୁ ଯାଇଥିବା ବେଳେ ନଦୀ ପାଣିରେ ବୁଡି ୨ ନାବାଳକ ଛାତ୍ରଙ୍କ ମୃତ୍ୟୁ ଘଟିଛି । ମୃତକମାନେ ହେଲେ ବଇଞ୍ଚବଣିଆ ନେତାଜୀ ମାର୍ଗ ଅଞ୍ଚଳର କୈଳାସ ସାହୁଙ୍କ ନାବାଳକ ପୁଅ ଆଦର୍ଶ ସାହୁ (୧୪) ଓ ଗାୟତ୍ରୀ ନଗର ଅଞ୍ଚଳର ସୁଜୟ ସମେଲୀଙ୍କ ନାବାଳକ ପୁତ୍ର ପ୍ରିତମ ସମେଲୀ (୧୪) ।

ପ୍ରକାଶ ଯେ, ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ମାଣିକ ନଗର ଛକ ସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟର ପକ୍ଷରୁ ଆୟୋଜିତ ଗଣେଶ ପୂଜା ପରେ ବୁଧବାର ସକାଳେ ବିସର୍ଜନ ପର୍ବ ଆୟୋଜନ କରାଯାଇଥିଲା । କୋଚିଂ ସେଣ୍ଟରର ଶିକ୍ଷକଙ୍କ ସମେତ ବହୁ ଶିକ୍ଷାର୍ଥୀ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ସହର ଦେଇ ପ୍ରବାହିତ ଘୋଡାହାଡ ନଦୀକୁ ମୂର୍ତ୍ତି ବିସର୍ଜନ ପାଇଁ ଯାଇଥିଲେ । କୋଚିଂ ସେଣ୍ଟରର ୪ ଜଣ ଛାତ୍ର ନଦୀ ଭିତରକୁ ମୂର୍ତ୍ତି ବିସର୍ଜନ ପାଇଁ ଯାଇଥିଲେ । ଅସାବଧାନତା ବଶତଃ ନଦୀ ପାଣିରେ ୪ ଛାତ୍ର ବୁଡି ଯାଇଥିଲେ । ଉପସ୍ଥିତ ଲୋକେ ୨ ଜଣ ନାବାଳକ ଛାତ୍ରଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟ ୨ ନାବାଳକ ଛାତ୍ର ଆଦର୍ଶ ଏବଂ ପ୍ରିତମ ପାଣିରେ ବୁଡି ଯାଇଥିଲେ । ଖବର ପାଇ ହିଞ୍ଜିଳି ପୁଲିସ ଓ ହିଞ୍ଜିଳିକାଟୁ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନଦୀରୁ ୨ ନାବାଳକ ଛାତ୍ରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡ଼ାକ୍ତର ଉଭୟ ନାବାଳକ ଛାତ୍ରଙ୍କୁ ମୃତ ଘୋଷଣା କରିଥିଲେ । ଉଦ୍ଧାର ହୋଇଥିବା ୨ ନାବାଳକ ଛାତ୍ର ହେଲେ ସ୍ଥାନୀୟ ଅଞ୍ଚଳର ଓମ୍ ପ୍ରଧାନ ଓ ଅଂଶୁମାନ । ଘଟଣା ପ୍ରଚାରିତ ହେବା ପରେ ଡାକ୍ତରଖାନାରେ ଲୋକଙ୍କ ଭିଡ ଜମିଥିଲା । ଖବର ପାଇ ମୃତ ନାବାଳକଙ୍କ ପରିବାର ଓ ଆତ୍ମୀୟ ହିଞ୍ଜିଳିକାଟୁ ମେଡିକାଲରେ ପହଞ୍ଚିଥିଲେ । କାନ୍ଦ ବୋବାଳିରେ ମେଡିକାଲ ପରିସର ଫାଟି ପଡିଥିଲା । ହିଞ୍ଜିଳି ପୁଲିସ ମେଡିକାଲରେ ପହଞ୍ଚି ୨ ମୃତଦେହକୁ ଜବତ କରିଛି । ଏ ନେଇ ହିଞ୍ଜିଳି ଥାନାରେ ୨ଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଇ ପୁଲିସ ଘଟଣାର ତଦନ୍ତ ଚଳାଇଛି । ଘରୋଇ କୋଚିଂ ସେଣ୍ଟର ଶିକ୍ଷକଙ୍କ ଦାୟିତ୍ୱହୀନତା ଯୋଗୁଁ ଏବଂ ପ୍ରଶାସନିକ ନିୟମକୁ ଅଣଦେଖା କରିବାରୁ ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି । ମୂର୍ତ୍ତି ବିସର୍ଜନ ସମୟରେ କୋଚିଂ ସେଣ୍ଟର ଶିକ୍ଷକ ନଦୀ ବାହାରେ ଥିବା ବେଳେ ନାବାଳକ ଛାତ୍ର ମାନଙ୍କୁ ନଦୀ ଭିତରକୁ ପଠାଇବା ଯୋଗୁଁ ଏଭଳି ଅଘଟଣ ଘଟିଛି ବୋଲି ମୃତ ନାବାଳକଙ୍କ ଅଭିଭାବକ ଅଭିଯୋଗ କରିଛନ୍ତି । ମୂର୍ତ୍ତି ବିସର୍ଜନ ପାଇଁ ଜଳାଶୟକୁ ନେବା ପୂର୍ବରୁ ସ୍ଥାନୀୟ ପ୍ରଶାସନ ଓ ପୁଲିସ ପ୍ରଶାସନକୁ ଅବଗତ କରିବା ନିୟମ ରହିଥିବା ବେଳେ ସଂପୃକ୍ତ ଘରୋଇ କୋଚିଂ ସେଣ୍ଟର ଶିକ୍ଷକ ଏହାକୁ ଉଲଂଘନ କରିଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।?ଅନ୍ୟପକ୍ଷରେ ମୂର୍ତ୍ତି ବିସର୍ଜନ ପାଇଁ ହିଞ୍ଜିଳିକାଟୁ ପୌର ପ୍ରଶାସନ ପକ୍ଷରୁ କୃତ୍ରିମ ପୋଖରୀ ବ୍ୟବସ୍ଥା କରାଯାଇନଥିବା ଯୋଗୁଁ ଅକାଳରେ ୨ ଜୀବନ ଦୀପ ଲିଭି ଯାଇଛି ବୋଲି ପୂର୍ବତନ ହିଞ୍ଜିଳି ବ୍ଲକ କଂଗ୍ରେସ ସଭାପତି ଶିବରାମ ପ୍ରଧାନ ଅଭିଯୋଗ କରିଛନ୍ତି । ଆସନ୍ତା ୨୦ ତାରିଖ ଦିନ ହିଞ୍ଜିଳିକାଟୁ ପୌରାଞ୍ଚଳରେ ସାମୂହିକ ବିସର୍ଜନ ପାଇଁ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ପୌର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ସହ କୃତ୍ରିମ ପୋଖରୀ ଖନନ କରାଯାଇ ମୂର୍ତ୍ତି ବିସର୍ଜନ ବ୍ୟବସ୍ଥା କରା ନଗଲେ ଏଭଳି ଅଘଟଣ ଘଟିବା ଆଶଙ୍କା ରହିଛି । ଘଟଣା ନେଇ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରାଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିପାରିନାହିଁ ।

**କୋଚିଂ ସେଣ୍ଟର ଶିକ୍ଷକଙ୍କ ଦାୟିତ୍ୱହୀନତା ଯୋଗୁଁ ଲିଭିଗଲା ୨ ଜୀବନ: ଅଭିଭାବକ**

### ପୋଖରୀରେ ବୁଡ଼ି ୮ମ ଶ୍ରେଣୀ ଛାତ୍ର ମୃତ

ଦିଗପହଣ୍ଡି,୧୬।୯ (ସମିସ): ଗଣେଶ ଭସାଣୀ ବେଳେ ପୋଖରୀରେ ବୁଡ଼ି ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ କୋଟିନଡ଼ା ପଞ୍ଚାୟତ ସିଦ୍ଧଖଣ୍ଡି ଗାଁ ସ୍କୁଲରେ ପଢୁଥିବା ମରମ ଜେନାଙ୍କ ପୁଅ ଶୀତାଂଶୁ ଜେନା(୧୩) । ଶୀତାଂଶୁ ତାଙ୍କ ଗାଁର ସ୍ୱାଧୀନ ସ୍ୱାଇଁଙ୍କ ଟ୍ୟୁସନ୍‌ରେ ପଢୁଥିଲେ । ସକାଳେ ଘରେ ଜଳଖିଆ ଖାଇବା ପରେ ସେ ତାଙ୍କ ସାଙ୍ଗସାଥୀଙ୍କ ସହ ଟ୍ୟୁସନ ଯାଇଥିଲେ । ପରେ ସାଙ୍ଗ ମେଳରେ ଶ୍ରୀଗଣେଶଙ୍କ ମୂର୍ତ୍ତି ବିସର୍ଜନ ପାଇଁ ପୋଖରୀକୁ ଯାଇଥିଲେ । ସେଠାରେ କିଛି ସାଙ୍ଗଙ୍କ ସହ ମୂର୍ତ୍ତିକୁ ଧରି ସେ ପାଣି ଭିତରକୁ ଯାଇଥିବା ବେଳେ ପଙ୍କରେ ତାଙ୍କ ଗୋଡ଼ ଲାଗି ଯିବାରୁ ଗଭୀର ପାଣିରେ ବୁଡ଼ି ଯାଇଥିଲେ । ପୋଖରୀ ତୁଠ ରେ ଥିବା କିଛି ସାଙ୍ଗ ସାଥୀ ଦୌଡ଼ି ଯାଇ ତାଙ୍କୁ ଉଦ୍ଧାର ପାଇଁ ଗାଁ ଲୋକଙ୍କୁ ଡାକି ଆଣିଥିଲେ । ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଏତଲା ହେବାପରେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ବଡ଼ ମେଡିକାଲ ଫାଣ୍ଡି ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିଥିଲେ । ପରେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଅପରାହ୍ଣରେ ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ଏନେଇ ସମଗ୍ର ଗାଁ ରେ ଶୋକର ଛାୟା ଖେଳିଯାଇଛି ।

### ଗଣେଶ ମୂର୍ତ୍ତି ବିସର୍ଜନବେଳେ ୯ମ ଶ୍ରେଣୀ ଛାତ୍ର ମୃତ

ଭଦ୍ରକ/ଚାନ୍ଦବାଲି,୧୬।୯ (ସମିସ): ସ୍କୁଲ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ପୋଖରୀରେ ବୁଡ଼ି ଏକ ଘରୋଇ ଆବାସିକ ସ୍କୁଲର ଜଣେ ୯ମ ଶ୍ରେଣୀର ଛାତ୍ରଙ୍କ ମୃତ୍ୟୁ ହୋଇଛି । ମୃତ ଛାତ୍ର ହେଲେ ପୀୟୂଷ ଦାସ(୧୪) । ଏହି ଅଭାବନୀୟ ଘଟଣା ଭଦ୍ରକ ଜିଲ୍ଲା ବାଂଶଡ଼ା ଥାନା ଅଧୀନ ଦିଗଛିଆ ଅଞ୍ଚଳରେ ଥିବା ବିଶ୍ୱଭାରତୀ ରେସିଡେନସିଆଲ ସ୍କୁଲରେ ଘଟିଛି । ତେବେ ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଲାଗି ଜଣେ ନିରୀହ ଛାତ୍ରର ଜୀବନ ଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ଦିଗଛିଆରେ ଥିବା ବିଶ୍ୱଭାରତୀ ଆବାସିକ ବିଦ୍ୟାଳୟର କିଛି ଛାତ୍ର ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ସ୍କୁଲ ନିକଟରେ ସରକାରୀ କୃଷି ଗବେଷଣା କେନ୍ଦ୍ରର ପୋଖରୀକୁ ଯାଇଥିଲେ । ମୂର୍ତ୍ତି ବିସର୍ଜନ ବେଳେ ଗୋଡ଼ ଖସି ଯିବାରୁ ଜଣେ ଛାତ୍ର ବୁଡି ଯାଇଥିଲେ । ସାଥୀମାନେ ବହୁ ଖୋଜିବା ପରେ ନ ପାଇବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ବିଦ୍ୟାଳୟ କର୍ତ୍ତୃପକ୍ଷ ବହୁ ଖୋଜାଖୋଜି ପରେ ନ ପାଇବାରୁ ଗଦି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଛାତ୍ରକୁ ଠାବ କରିଥିଲେ ମଧ୍ୟ ସେତେବେଳକୁ ଛାତ୍ରଙ୍କର ମୃତ୍ୟୁ ଘଟିସାରିଥିଲା । ମୃତ ଛାତ୍ର ଜଣକ ହେଉଛନ୍ତି ଭଦ୍ରକ ସାବରଙ୍ଗ ଥାନା ଅଧୀନ କୋଡବରୁଆଁ ଗାଁର ଦୀପକ ଦାସ ଓ ବନପ୍ରଭାବ ମହାନ୍ତିଙ୍କ ଏକମାତ୍ର ପୁତ୍ର ପୀୟୂଷ ଦାସ । ଆଜି ଏକ ସରକାରୀ ଛୁଟି ଦିବସରେ ସ୍କୁଲ କର୍ତ୍ତୃପକ୍ଷଙ୍କ ଅନୁପସ୍ଥିତିରେ କେତେକ ଛାତ୍ର ଏକ ପୋଖରୀରେ ବିସର୍ଜନ ପାଇଁ ଆସିବାରୁ ଛାତ୍ରର ମୃତ୍ୟୁ ହେଲା ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁଁ ଏହା ଘଟିଲା ବୋଲି ଅଭିଯୋଗ ହୋଇଛି । ଏ ଦିଗରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି । କୋଡ଼ବରୁଆଁ ସରପଞ୍ଚଙ୍କ ପ୍ରତିନିଧି ତଥା ଯୁବନେତା ଆଶିଷ ମହାନ୍ତି ମୃତକଙ୍କ ଶବ ବ୍ୟବଚ୍ଛେଦ ବେଳେ ଉପସ୍ଥିତ ଥିଲେ ।

### ପାଣିରେ ବୁଡ଼ି ୨ଜଣଙ୍କ ମୃତ

ତେଲକୋଇ/ବାଲିବନ୍ଧ,୧୬।୯ (ସମିସ): ତେଲକୋଇ ଥାନା ଛାମୁଣ୍ଡା ଗ୍ରାମ ପଞ୍ଚାୟତ ସିରିଆ ବାହାଲ ଗ୍ରାମରେ ପୋଖରୀରେ ବୁଡ଼ି ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ହେଲେ ରୟା ମୁଣ୍ଡା (୪୪) । ବୁଧବାର ପୂର୍ବାହ୍ନରେ ରୟା ଘର ନିକଟସ୍ଥ କେଲନାଲି ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ସେଠାରେ ବୁଡ଼ି ଯାଇଥିଲେ । ରୟା ଘରକୁ ନ ଫେରିବାରୁ ପରିବାର ଲୋକ ବିଭିନ୍ନ ସ୍ଥାନ ଖୋଜା ଖୋଜି କରି ପାଇନଥିଲେ । ପରେ ତାଙ୍କ ସ୍ତ୍ରୀ ପାର୍ବତୀ ମୁଣ୍ଡା ପୋଖରୀରେ ଭାସୁଥିବାବେଳେ ରୟାଙ୍କୁ ଦେଖି ପଡ଼ୋଶୀଙ୍କ ସହାୟତାରେ ଉଦ୍ଧାର କରିଥିଲେ । ତାଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ତେଲକୋଇ ଥାନା ପୁଲିସ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ସେହିପରି ବାମେବାରୀ ଥାନା କୁଟୁଗାଁ ପଞ୍ଚାୟତ ନାଉପାଣି ଗ୍ରାମରେ ମଙ୍ଗଳବାର ଅପରାହ୍ଣରେ ଘଟିଛି ଏକ ଦୁଃଖଦ ଘଟଣା । ପୋଖରୀରେ ବୁଡ଼ି ଜଣେ ଅଢ଼େଇ ବର୍ଷର ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ନେଇ ବାମେବାରୀ ଥାନାରେ ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ସେହି ଗ୍ରାମର ଦିଲ୍ଲୀପ ମୁଣ୍ଡାଙ୍କ ଶିଶୁ ପୁତ୍ର ଅଶୋକ ମୁଣ୍ଡା ଘର ଅଗଣାରେ ଖେଳୁଥିଲା । ବାପା ଦିଲ୍ଲୀପ ମୁଣ୍ଡା କୌଣସି କାମ ନେଇ ପଞ୍ଚାୟତ କାର୍ଯ୍ୟାଳୟ ଯାଇଥିବା ବେଳେ, ମା' ଛୋଟ ପୁଅକୁ ଧରି ଘର ଭିତରେ ଥିଲେ । ଅଶୋକ ଘର ଅଗଣାରେ ଖେଳୁ ଖେଳୁ କେତେବେଳେ ଘର ନିକଟରେ ଥିବା ପୋଖରୀ ପାଖକୁ ଚାଲିଯାଇ ବୁଡ଼ିଯାଇଥିଲା । ପୁଅକୁ ନଦେଖି ପରିବାର ଲୋକେ ଖୋଜା ଖୋଜି କରି ପୋଖରୀରୁ ଉଦ୍ଧାର କରିଥିଲେ । ଗୁରୁତର ଅବସ୍ଥାରେ ଝୁମ୍ପୁରା ଡାକ୍ତରଖାନାକୁ ନେଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ବାମେବାରୀ ପୁଲିସ ଝୁମ୍ପୁରା ଡାକ୍ତରଖାନରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝରର ମୁଖ୍ୟ ଡାକ୍ତରଖାନାକୁ ପଠାଇଥିବା ଜଣାପଡ଼ିଛି ।

### ବଜ୍ରପାତ ନେଲା ଦୁଇ ଜୀବନ

ଆନନ୍ଦପୁର,୧୬।୯ (ସମିସ): ଆନନ୍ଦପୁର ଅଞ୍ଚଳରେ ପୃଥକ୍ ସ୍ଥାନରେ ବଜ୍ରପାତ ଯୋଗୁଁ ଦୁଇଜଣଙ୍କ ମୃତ୍ୟୁ ହୋଇଛି । ବିଲକୁ କାମ କରିବାକୁ ଯାଇଥିବା ବେଳେ ପଦ୍ମପୁର ଗ୍ରାମର ପପୁ ସାହୁ ବଜ୍ରପାତର ଶିକାର ହୋଇଥିଲେ । ସେହିପରି କଣ୍ଟିପାଳ ଗାଁରେ ବଜ୍ରାପାତରେ ଜଣେ ମହିଳାଙ୍କ ଜୀବନ ଯାଇଛି । ମହିଳା ଜଣକ ଘର ଦୁଆର ମୁହଁରେ ଠିଆ ହୋଇଥିବାବେଳେ ବଜ୍ରପାତ ହେବାରୁ ସେହିଠାରେ ଟଳିପଡ଼ିଥିଲେ । ମୃତା ମହିଳାଙ୍କ ନାମ ସବିତା ବାରିକ ବୋଲି ଜଣାପଡ଼ିଛି ।

**କରମା ପୂଜା ପାଇଁ ମାଟି ଆଣିବାବେଳେ ଅଘଟଣ**

### ଶଙ୍ଖ ନଦୀରେ ବୁଡ଼ିଗଲେ ୩ ଶିଶୁକନ୍ୟା

ରାଉରକେଲା,୧୬।୯ (ସମିସ): କରମା ପୂଜା ପ୍ରସ୍ତୁତି ପାଇଁ ଶଙ୍ଖ ନଦୀକୁ ପରିବାର ସହ ମାଟି ଆଣିବାକୁ ଯାଇଥିବାବେଳେ ନଦୀରେ ବୁଡ଼ି ୩ ଶିଶୁକନ୍ୟାଙ୍କ ସଲିଳ ସମାଧି ଘଟିଛି । ଏପରି ଏକ ଦୁଃଖଦ ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲା ରାଏବୋଗା ଥାନା ସଲଙ୍ଗାବାହାଲ ଗ୍ରାମରେ । ମୃତକ ହେଲେ ଲଙ୍ଗାବାହାଲ ମଝାଟୋଲିର ଏସ୍‌ପାଲ ସାହୁଙ୍କ ଝିଅ ଶିବିକା (୬), ରାଜକୁମାର ସାହୁଙ୍କ ଝିଅ ଗୀତିକା (୬) ଏବଂ ଡିପାଟୋଲିର ଝିଅ ସୃଷ୍ଟି ସାହୁ (୮) ।

ସୂଚନା ଅନୁଯାୟୀ, କରମା ପୂଜା ପାଇଁ ମାଟି ଆଣିବାକୁ ଗ୍ରାମବାସୀ ଓ ପିଲାମାନେ ବୁଧବାର ଶଙ୍ଖନଦୀକୁ ଯାଇଥିଲେ । ପୂଜା ସାମଗ୍ରୀ ଓ ମାଟି ଧରି ସମସ୍ତେ ଘରକୁ ଫେରି ଆସିଥିଲେ । ମାତ୍ର ଶିବିକା, ଗୀତିକା ଓ ସୃଷ୍ଟି ନଦୀ ପାଖରେ କୋ÷ଣସି କାରଣରୁ ରହିଯାଇଥିଲେ । ଅସାବଧାନତା ହେତୁ ଗଭୀର ପାଣି ଓ ପ୍ରଖର ସ୍ରୋତରେ ଭାସି ଯାଇଥିଲେ । ପିଲାମାନେ ଗାଁକୁ ନଫେରିବାରୁ ଖୋଜାଖୋଜି ଆରମ୍ଭ ହୋଇଥିଲା । ପରେ ତିନିଜଣଙ୍କୁ ନଦୀରୁ ଉଦ୍ଧାର କରି ପରିବାର ଲୋକ ଓ ଗ୍ରାମବାସୀ ବୀରମିତ୍ରପୁର ଡାକ୍ତରଖାନାକୁ ନେଇଥିଲେ । ମାତ୍ର ସେଠାରେ ଡାକ୍ତର ତିନି ଶିଶୁକନ୍ୟାଙ୍କୁ ମୃତ ଘୋଷଣା କରିଥିଲେ ।

ସମଗ୍ର ଅଞ୍ଚଳ ଗଣେଶ ପୂଜା, ନୂଆଁଖାଇ ଓ କର୍ମା ପୂଜା ପାଇଁ ଉତ୍ସବମୁଖର ଥିବାବେଳେ ଏପରି ଏକ ଦୁଃଖଦ ଘଟଣା ଶୋକର ଛାୟା ଖେଳାଇ ଦେଇଛି ।

### ନଦୀରେ ବୁଡ଼ି ୪ ଯୁବକ ମୃତ

ଜଗତସିଂହପୁର/ଏରସମା,୧୬।୯ (ସମିସ): ଆନନ୍ଦ ଉଲ୍ଲାସର ସହିତ ୨ ଦିନ ଧରି ପ୍ରଭୁ ଶ୍ରୀଗଣେଶଙ୍କ ପୂଜା ପାଳନ କଲେ । ଆଜି ମଧ୍ୟାହ୍ନରେ ନଦୀକୁ ଯାଇଥିଲେ ଭସାଣୀ ପାଇଁ । ହେଲେ କିଏ ଜାଣିଥିଲା ଶ୍ରୀଗଣେଶଙ୍କ ବିସର୍ଜନ ୪ ଯୁବକଙ୍କ ଜୀବନ ବିସର୍ଜନ କରିବ । ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ଜଗତସିଂହପୁର ଜିଲ୍ଲା ଏରସମା ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତର ଓରନାଳ ଗ୍ରାମରେ । ଦୁଇଦିନ ଧରି ବିଘ୍ନ ବିନାଶନ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜା ଧୁମଧାମରେ ପାଳନ କରିଥିଲେ ଓରନାଳର ଆବାଳ ବୃଦ୍ଧବନିତା । ଆଜି ମଧ୍ୟାହ୍ନରେ ଶ୍ରୀଗଣେଶ ମୂର୍ତ୍ତିକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇବା ପରେ ବିସର୍ଜନ ପାଇଁ ନିକଟସ୍ଥ ବୃଦ୍ଧା ନଈକୁ ନିଆଯାଇଥିଲା । ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଯୁବକ ଏବଂ ଗ୍ରାମବାସୀ ନଈ କୂଳକୁ ଯାଇଥିଲେ । ତେବେ ଏହି ମୂର୍ତ୍ତି ବିସର୍ଜନ ବେଳେ ଅସାବଧାନତା ଯୋଗୁଁ ପାଣିରେ ବୁଡ଼ି ଓରନାଳ ଗାଁର ୪ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକମାନେ ହେଲେ ମନୋଜିତ ସ୍ୱାଇଁ, ସ୍ୱପ୍ନଜିତ ବାରିକ, ସୁଶୀଲ ପଲେଇ (ଜଗା) ଓ ରଶ୍ମିରଞ୍ଜନ ନାୟକ । ଗଣେଶ ମୂର୍ତ୍ତି ଭସାଣି ପାଇଁ ଯୁବକମାନେ ପାଣି ଭିତରକୁ ଯାଇଥିବାବେଳେ ହଠାତ୍ ଏହି ଅଘଟଣ ଘଟିଥିଲା । ଘଟଣା ପରେ ସ୍ଥାନୀୟ ଲୋକେ



ତୁରନ୍ତ ଖୋଜାଖୋଜି ଆରମ୍ଭ କରିଥିଲେ । ଖବର ପାଇ ତିର୍ତ୍ତୋଲ ଏବଂ ଏରସମା ଅଗ୍ନିଶମ ସେବା ବିଭାଗ କର୍ମଚାରୀ ଏବଂ ପରେ ଓଡ୍ରାଫ ଟିମ୍ ମଧ୍ୟ ପହଞ୍ଚି ଖୋଜାଖୋଜି କରିଥିଲେ । ସନ୍ଧ୍ୟା ସୁଦ୍ଧା ସମସ୍ତ ୪ ଜଣ ଯୁବକଙ୍କ ମୃତଦେହ ନଈରୁ ଉଦ୍ଧାର କରାଯାଇଥିଲା । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ସମସ୍ତ ୪ ଜଣ ଯୁବକଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଶରୀରକୁ ଏରସମା ପୁଲିସ ସହାୟତରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି । ମୃତ ଯୁବକଙ୍କ ମଧ୍ୟରୁ ଜଣେ ଇଞ୍ଜିନିୟର, ଜଣେ ହୋଟେଲ ମ୍ୟାନେଜମେଣ୍ଟ ଜଣେ ସ୍ନାତକ ଶ୍ରେଣୀରେ ପଢୁଥିବା ବେଳେ ଆଉଜଣେ ଡ୍ରାଇଭର ଥିଲେ । ଘର ପାଖର ଜଳାଶୟ ଖୁବ ପରିଚିତ ଥିଲା । ହେଲେ କିଏ ଜାଣିଥିଲା ଏକାବେଳେ ଗୋଟିଏ ଗାଁର ୪ଜଣ ଯୁବକ ଆରପାରିକୁ ଚାଲିଯିବେ । ସମୟର କରାଳ ଚକ୍ରରେ ଓରନାଳ ଗାଁ ସହିତ ସ୍ଥାନୀୟ ଅଞ୍ଚଳ ସ୍ତବ୍ଧ ପାଲଟି ଯାଇଛି ।


**SBI**

**ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2026-27/23**

| ପୋଷ୍ଟର ନାମ | ଖାଲି ପଦବୀ | 31.07.2026 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ଜୋନାଲ ମୁଖ୍ୟ (ଖୁଚୁରା) | 1 | 35 | 50 |
| ଆଞ୍ଚଳିକ ମୁଖ୍ୟ (ଆରଏଚ୍) | 5 | 35 | 50 |
| ସମ୍ପର୍କ ପରିଚାଳକ-ଦଳ ମୁଖ୍ୟ | 24 | 28 | 42 |
| ନିବେଶ ବିଶେଷଜ୍ଞ (ଆଇଏସ୍) | 9 | 28 | 42 |
| ନିବେଶ ଅଧିକାରୀ (ଆଇଓ) | 4 | 28 | 40 |
| ଭିପି ୱେଲ୍ଥ | 91 | 26 | 42 |
| ଏଭିପି ୱେଲ୍ଥ | 73 | 23 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://bank.sbi.in/web/careers/post-your-query)**ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 04.09.2026 ରୁ 25.09.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 04.09.2026

**ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)**





# କାଞ୍ଜିଆହୁଦା ବନ୍ଦ ପାଇଁ ନିର୍ଦ୍ଦେଶ

## ପରିଚାଳନାରେ ତ୍ରୁଟି ଓ ଗୋ-ଚାଲାଣ ସନ୍ଦେହ

ରାଉରକେଲା/ବଣାଇଗଡ଼,୧୬।୯(ସମିସ)

ଲହୁଣୀପଡ଼ା ବ୍ଲକ ଦର୍ଜିଂ ଅଞ୍ଚଳରେ ଗୋ-ସୁରକ୍ଷାକୁ ନେଇ ଦୀର୍ଘଦିନ ଧରି ଚାଲିଆସୁଥିବା କାଞ୍ଜିଆହୁଦାକୁ ସ୍ଥାୟୀ ଭାବେ ବନ୍ଦ କରିବାକୁ ଦର୍ଜିଂ ସରପଞ୍ଚ ସିଙ୍ଗରାଇ ମୁଣ୍ଡା ନିର୍ଦ୍ଦେଶ ଦେଇଛନ୍ତି। କାଞ୍ଜିଆହୁଦାରେ ଗୋରୁମାନଙ୍କ ଉପଯୁକ୍ତ ରକ୍ଷଣାବେକ୍ଷଣ ନ ହେବା ଏବଂ ଗୋରୁମାନେ ଜାତୀୟ ରାଜପଥକୁ ଚାଲିଆସିବା ଫଳରେ ଘଟିଥିବା ଏକ ସଡ଼କ ଦୁର୍ଘଟଣା ଏବଂ ଏଠାରୁ ବାରମ୍ବାର ଗୋ-ଚାଲାଣ ଅଭିଯୋଗ ପରେ ଏହି ନିଷ୍ପତ୍ତି ନିଆଯାଇଛି।

ସୂଚନା ଅନୁଯାୟୀ, ଦର୍ଜିଂ ଅଞ୍ଚଳରେ ସ୍ଥାନୀୟ ଲୋକଙ୍କ ଗୋରୁ ଓ ଅନ୍ୟାନ୍ୟ ଗୃହପାଳିତ ପଶୁ ଯେପରି ଖୋଲାମେଲା ଭାବେ ରାସ୍ତା କିମ୍ବା ଅନ୍ୟମାନଙ୍କ ଚାଷଜମିରେ ପ୍ରବେଶ କରି ଫସଲ ନଷ୍ଟ ନ କରନ୍ତି, ସେଥିପାଇଁ ଏକ କାଞ୍ଜିଆହୁଦା ସ୍ଥାପନ କରାଯାଇଥିଲା। ଦର୍ଜିଂ ସରପଞ୍ଚ ସିଙ୍ଗରାଇ ମୁଣ୍ଡାଙ୍କ ଉଦ୍ୟମରେ ଏହାର ନିଲାମ ପ୍ରକ୍ରିୟା ହୋଇଥିବା ବେଳେ ଲହୁଣୀପଡ଼ା ଗ୍ରାମପଞ୍ଚାୟତ ଅଧୀନ କଟୁପଡା ଗ୍ରାମର ଭରତ ମାହାନ୍ତ ଏହାର ପରିଚାଳନା ଦାୟିତ୍ୱ ନେଇଥିଲେ। ଗତ ୪ ଅଗଷ୍ଟ ୨୦୨୫ରେ ବିରତୋଳା ଠାରେ କାଞ୍ଜିଆହୁଦାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାଞ୍ଜିଆହୁଦା ଚାଲୁ ହେବା ପରେ ସେଠାରେ ରଖାଯାଉଥିବା ଗୋରୁମାନଙ୍କ ରକ୍ଷଣାବେକ୍ଷଣ, ଖାଦ୍ୟ ଓ ପାନୀୟ ଏବଂ ସୁରକ୍ଷାର ଦାୟିତ୍ୱ ମଧ୍ୟ ଭରତ ମାହାନ୍ତଙ୍କୁ ଦିଆଯାଇଥିଲା। ନିୟମ ଅନୁଯାୟୀ, ସ୍ଥାନୀୟ କୌଣସି ବ୍ୟକ୍ତି ନିଜ ଗୋରୁ କିମ୍ବା ବଳଦକୁ ଖୋଲା ଛାଡ଼ିଦେଲେ ଏବଂ ତାହା ଅନ୍ୟମାନଙ୍କ ଚାଷଜମିରେ ପ୍ରବେଶ କରି ଫସଲ ନଷ୍ଟ କଲେ, ସେହି ପଶୁର ମାଲିକଙ୍କ ଠାରୁ ଜରିମାନା ଆଦାୟ କରିବାର ବ୍ୟବସ୍ଥା ଥିଲା। ତେବେ କାଞ୍ଜିଆହୁଦା ପରିଚାଳନାକୁ ନେଇ ପରବର୍ତ୍ତୀ ସମୟରେ ଅନେକ ପ୍ରଶ୍ନ ଉଠିଥିବା ଅଭିଯୋଗ ସ୍ଥାନୀୟ ଲୋକମାନେ କରିଛନ୍ତି। କାଞ୍ଜିଆହୁଦାର ଉଦ୍ଦେଶ୍ୟ ବିପରୀତ ଭାବେ ଏହାର ଦୁରୁପଯୋଗ ହେଉଥିବା ଏବଂ ଗୋରୁମାନଙ୍କ ଯତ୍ନରେ ଘୋର ଅବହେଳା କରାଯାଉଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଓ ସମାଜସେବୀମାନେ ବାରମ୍ବାର ଅଭିଯୋଗ କରିଆସୁଥିଲେ।

କେତେକ ସ୍ଥାନୀୟ ଲୋକ ଏଠାରୁ ଗୋ-ଚାଲାଣ ହେଉଥିବା ସନ୍ଦେହ ମଧ୍ୟ କରିଥିଲେ। ଏହି ସମ୍ପର୍କରେ ଟଙ୍କା କାରବାରକୁ ନେଇ ବାର୍ତ୍ତାଳାପର ଏକ ଅଡିଓ ରେକର୍ଡିଂ ସାମ୍ନାକୁ ଆସିଥିବା ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା। ଏହାପରେ ଏଥିରେ ସମ୍ପୃକ୍ତ ଜଣେ ସନ୍ଦିଗ୍ଧ ଯୁବକ କିଛି ମାସ ପାଇଁ ଅଞ୍ଚଳ ଛାଡ଼ି ଚାଲିଯାଇଥିବା ସ୍ଥାନୀୟ ଲୋକ କହିଛନ୍ତି। ପରେ ପୁନର୍ବାର ଅଞ୍ଚଳକୁ ଫେରି କାଞ୍ଜିଆହୁଦାର ପରିଚାଳନା ସହ ଜଡ଼ିତ ରହିଥିବା ଅଭିଯୋଗ ହୋଇଛି। ଅନ୍ୟପଟେ, କାଞ୍ଜିଆହୁଦାରେ ଗୋରୁମାନଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ, ପାଣି, ଛାୟା ଓ ସୁରକ୍ଷିତ ଆଶ୍ରୟର ବ୍ୟବସ୍ଥା ନଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି। ପ୍ରାୟ ୬ ମାସ ପୂର୍ବରୁ ଏହି ସମସ୍ୟାକୁ ନେଇ ସ୍ଥାନୀୟ ସମାଜସେବୀ ଓ ଗ୍ରାମବାସୀମାନଙ୍କ ପକ୍ଷରୁ ରାଉରକେଲା ଏସ୍‌ପିଙ୍କ ନିକଟରେ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି। ପୂର୍ବରୁ ମଧ୍ୟ କାଞ୍ଜିଆହୁଦାରେ ଗୋରୁମାନଙ୍କ ଯଥାଯଥ ଯତ୍ନ ନିଆଯାଉ ନଥିବାରୁ ପ୍ରାୟ ୩-୪ଟି ଗୋରୁ ରାସ୍ତାକୁ ଚାଲିଆସି ଦୁର୍ଘଟଣାର ଶିକାର ହୋଇଥିବା ଅଭିଯୋଗ ରହିଛି। ତେବେ ସୋମବାର ରାତିରେ ପୁଣି ପ୍ରାୟ ୭ରୁ ୮ଟି ଗୋରୁ କାଞ୍ଜିଆହୁଦାରୁ ବାହାରି ଜାତୀୟ ରାଜପଥ ଉପରେ ବୁଲୁଥିବାବେଳେ ରାଉରକେଲା ପଟୁ ଆସୁଥିବା ଦୁଇଜଣ ବାଇକ୍‌ଆରୋହୀଙ୍କ ଗୋରୁଙ୍କୁ ଧକ୍କା ଦେବାରୁ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ଗୋଟିଏ ଗୋରୁର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଚାନ୍ଦିପୋଷ ପୁଲିସ ଏବଂ ଏନ୍‌ଏଚ୍‌ଏଆଇ ଆମ୍ବୁଲାନ୍ସର ସହଯୋଗରେ ଉଭୟ ଆହତଙ୍କୁ ତୁରନ୍ତ ଚିକିତ୍ସା ପାଇଁ ହସ୍ପିଟାଲ ପଠାଯାଇଥିଲା।

ଘଟଣା ପରେ ମଙ୍ଗଳବାର ସକାଳେ ସ୍ଥାନୀୟ ଗ୍ରାମବାସୀ ଓ କେତେକ ସମାଜସେବୀ ଦର୍ଜିଂ ସରପଞ୍ଚ ସିଙ୍ଗରାଇ ମୁଣ୍ଡାଙ୍କୁ ସାକ୍ଷାତ କରି ଅବଗତ କରିଥିଲେ। ଏହାପରେ ସରପଞ୍ଚ ଶ୍ରୀ ମୁଣ୍ଡା ଉପସ୍ଥିତ ଲୋକଙ୍କ ସମ୍ମୁଖରେ କାଞ୍ଜିଆହୁଦାକୁ ସ୍ଥାୟୀ ଭାବେ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ଅଞ୍ଚଳରେ ଗୋରୁଙ୍କ ସୁରକ୍ଷା ସହିତ ଜାତୀୟ ରାଜପଥରେ ଯାତାୟାତ କରୁଥିବା ଲୋକଙ୍କ ସୁରକ୍ଷାକୁ ନେଇ ମଧ୍ୟ ଗୁରୁତର ପ୍ରଶ୍ନ ଉଠିଛି।

ଅନ୍ୟପଟେ, ମୃତ ଗୋରୁର ଅନ୍ତିମ ସଂସ୍କାର ଗତ କାଲି ଦିନ ପ୍ରାୟ ୧୨ଟା ସମୟରେ ସ୍ଥାନୀୟ ଗ୍ରାମବାସୀ ଏବଂ ଏନ୍‌ଏଚ୍‌ଏଆଇର ସହଯୋଗରେ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ମତରେ, ଆଗାମୀ ଦିନରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ପ୍ରଶାସନ, ପୁଲିସ, ପଞ୍ଚାୟତ ଏବଂ ସମ୍ପୃକ୍ତ ବିଭାଗ ମିଳିତ ଭାବେ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।

**● ଫେରାର ସନ୍ଦିଗ୍ଧ ଯୁବକ ପୁଣି କାଞ୍ଜିଆହୁଦା ଦାୟିତ୍ୱରେ**
**● ଦୁର୍ଘଟଣାରେ ମଲେଣି ୫ରୁ ଊର୍ଦ୍ଧ୍ୱ ଗୋରୁ**

# ଆର୍‌ଏସ୍‌ପିର ୨ କର୍ମଚାରୀ ଓଡ଼ିଶା ପୁରୁଷ ସିଟିଂ ଭଲିବଲ୍ ଦଳ ପାଇଁ ମନୋନୀତ

ରାଉରକେଲା, ୧୬।୯(ସମିସ): ରାଉରକେଲା ଇସ୍ପାତ କାରଖାନାର ଦୁଇ ଜଣ କର୍ମଚାରୀ ରୁଦ୍ର ନାରାୟଣ ସାହୁ, ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ (ସେଣ୍ଟ୍ରାଲାଇଜ୍‌ଡ ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ) ଏବଂ ପରେଶ କୁମାର ମହାନ୍ତ, ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ (ପାୱାର ଡିଷ୍ଟ୍ରିବ୍ୟୁସନ୍) ୩ୟ ଫେଡେରେସନ କପ୍ ସିଟିଂ ଭଲିବଲ୍ ଚାମ୍ପିଅନସିପ୍-୨୦୨୬ ପାଇଁ ଓଡ଼ିଶା ପୁରୁଷ ସିଟିଂ ଭଲିବଲ୍ ଦଳରେ ମନୋନୀତ ହୋଇଛନ୍ତି। ପାରା ସ୍ପୋର୍ଟସ ଆସୋସିଏସନ ଅଫ୍ ଓଡ଼ିଶା (ପିଏସଏଓ) ଦ୍ୱାରା ଏହି ଚୟନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଏହି ଚାମ୍ପିୟନସିପ୍ ୨୫ ରୁ ୨୭ ସେପ୍ଟେମ୍ବର ପର୍ଯ୍ୟନ୍ତ ତାମିଲନାଡୁର ଇରୋଡ୍ ଠାରେ ଅନୁଷ୍ଠିତ ହେବ। ସୁନ୍ଦରଗଡ଼ ଜିଲ୍ଲାକୁ ପ୍ରତିନିଧିତ୍ୱ କରୁଥିବା ରୁଦ୍ର ନାରାୟଣ ସାହୁ ଏବଂ ପରେଶ କୁମାର ମହାନ୍ତ ଚୟନ କମିଟି ଦ୍ୱାରା ମନୋନୀତ ୧୪ ଜଣ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଦଳ ଚୂଡ଼ାନ୍ତ ହେବା ପରେ ୮ ରୁ ୨୨ ସେପ୍ଟେମ୍ବର ପର୍ଯ୍ୟନ୍ତ ଭୁବନେଶ୍ୱରର ନୟାପଲ୍ଲୀ ସ୍ଥିତ ଇନ୍‌ଡୋର ଷ୍ଟାଡିୟମରେ ଏକ ୧୫ ଦିନିଆ କୋଚିଂ-ସହ-ପ୍ରସ୍ତୁତି ଶିବିର ଆୟୋଜନ କରାଯାଉଛି। ଏହି ଶିବିରରେ ବ୍ୟବସ୍ଥିତ ପ୍ରଶିକ୍ଷଣ, ଦଳଗତ ସମନ୍ୱୟ, ଶାରୀରିକ ସୁସ୍ଥତା ଏବଂ ଚାମ୍ପିଅନସିପ୍ ପାଇଁ ବ୍ୟାପକ ପ୍ରସ୍ତୁତି ଉପରେ ଧ୍ୟାନ ଦିଆଯିବ।



# ଆର୍‌ଏସ୍‌ପିରେ ଠିକା ଶ୍ରମିକଙ୍କ ପାଇଁ କୁଇଜ୍ ପ୍ରତିଯୋଗିତା



ରାଉରକେଲା,୧୬।୯(ସମିସ): ରାଉରକେଲା ଇସ୍ପାତ କାରଖାନାର ପ୍ରୋଜେକ୍ଟ ସେଫ୍ଟି ଟ୍ରେନିଂ ହଲ୍ ଏବଂ ସିପିଟିଆଇ ଠାରେ ରାଜଭାଷା ପକ୍ଷ ପାଳନ ଅବସରରେ ଦୁଇଟି ରାଜଭାଷା କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାରଖାନାର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ୧୪୦ରୁ ଅଧିକ ଠିକା ଶ୍ରମିକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପକ୍ଷବ୍ୟାପୀ ଚାଲିବାକୁ ଥିବା ରାଜଭାଷା ପକ୍ଷ ପାଳନର ଏକ ଅଂଶ ସ୍ୱରୂପ ଜନସମ୍ପର୍କ ରାଜଭାଷା ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମଗୁଡ଼ିକ ପରିଚାଳିତ ହୋଇଥିଲା। ଏହି ଦୁଇଟିଯାକ ଅବସରରେ ମହାପ୍ରବନ୍ଧକ (ଏଚ୍.ଆର୍), ଅଣ-କାର୍ଯ୍ୟ ଜି. ଆର୍. ଦାସ ଏବଂ ଉପ ପ୍ରବନ୍ଧକ, ଏଚ୍.ଆର୍-ସିଏଲ୍‌ସି ଇତିଶ୍ରୀ ସାହୁ ଉପସ୍ଥିତ ଥିଲେ। ରାଜଭାଷା ପକ୍ଷର ଏକ ଅଂଶ ରୂପରେ ହିନ୍ଦୀର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ସମଗ୍ର କାରଖାନାରେ ଏହାର ଗୁରୁତ୍ୱ ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ରାଜଭାଷା ୟୁନିଟ୍ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିଛି। ଏହି ପଦକ୍ଷେପଗୁଡ଼ିକର ଲକ୍ଷ୍ୟ ହେଉଛି ସରକାରୀ ଯୋଗାଯୋଗରେ ହିନ୍ଦୀର ବ୍ୟାପକ ବ୍ୟବହାରକୁ ଉତ୍ସାହିତ କରିବା ଏବଂ ଆର.ଏସ.ପି ରେ ରାଜଭାଷାର ପ୍ରସାର ପାଇଁ ଏକ ସକାରାତ୍ମକ ଓ ସହଭାଗୀ ପରିବେଶ ସୃଷ୍ଟି କରିବା। ଏହି ପ୍ରତିଯୋଗିତାଗୁଡ଼ିକର ପୁରସ୍କାର ଏବଂ ସାର୍ଟିଫିକେଟ୍ ସେପ୍ଟେମ୍ବର ୨୯ ତାରିଖରେ ଗୋପବନ୍ଧୁ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହେବାକୁ ଥିବା ଉଦ୍‌ଯାପନୀ ସମାରୋହରେ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମକୁ ଉପ ପ୍ରବନ୍ଧକ (ଜନସମ୍ପର୍କ-ରାଜଭାଷା) ଅନିଲ କୁମାର ଝା ସଂଯୋଜନା କରିଥିଲେ।

# କେଡି ଏନ୍‌ଆଇଟିରେ ସମୁଦ୍ର ସୁରକ୍ଷା ସଚେତନତା ଓ ପୋଷ୍ଟର ପ୍ରତିଯୋଗିତା

ରାଉରକେଲା,୧୬।୯(ସମିସ): ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର-୫.୦ ଅଭିଯାନ ଅଧୀନରେ ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟର ଡିପ୍ ଓସେନ୍ ମିଶନ୍‌ର ଅଂଶ ଭାବେ ଏନ୍‌ଆଇଟି ରାଉରକେଲାର ଭୂ-ଓ ବାୟୁମଣ୍ଡଳୀୟ ବିଜ୍ଞାନ ବିଭାଗ ପକ୍ଷରୁ କେନ୍ଦ୍ରୀୟ ବିଦ୍ୟାଳୟ, ଏନ୍‌ଆଇଟି ରାଉରକେଲାର ଛାତ୍ରଛାତ୍ରୀଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଓ ପୋଷ୍ଟର ପ୍ରତିଯୋଗିତା ଆୟୋଜିତ ହୋଇଛି। ସମୁଦ୍ରକୁ ସ୍ୱଚ୍ଛ ରଖିବା, ସାମୁଦ୍ରିକ ପରିବେଶତନ୍ତ୍ରର ସୁରକ୍ଷା ଏବଂ ସାମୁଦ୍ରିକ ପରିବେଶ ସୁରକ୍ଷା ପାଇଁ ସାମୂହିକ ପଦକ୍ଷେପର ଆବଶ୍ୟକତା ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ସଚେତନ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତାରେ କେଡି ଏନ୍‌ଆଇଟି ରାଉରକେଲାର ମୋଟ ୧୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏନ୍‌ଆଇଟି ରାଉରକେଲାର ଭୂ-ଓ ବାୟୁମଣ୍ଡଳୀୟ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ନରେଶ କୃଷ୍ଣ ବିସାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନ୍‌ଆଇଟି ରାଉରକେଲାର ଡିନ୍ ପ୍ରଫେସର ସୌରଭ ଚାଟାର୍ଜୀ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବା ସହ ସାମୁଦ୍ରିକ ଉଦ୍ଭିଦ ଓ ଜୀବଜନ୍ତୁଙ୍କୁ ସୁରକ୍ଷିତ ରଖିବା ସହ ସମୁଦ୍ରରେ ପ୍ରଦୂଷଣକୁ ସର୍ବନିମ୍ନ ସ୍ତରକୁ ଆଣିବା ପାଇଁ ପ୍ରୟାସ କରିବା ଆବଶ୍ୟକ ବୋଲି କହିଥିଲେ। ଭୂ-ଓ ବାୟୁମଣ୍ଡଳୀୟ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ନରେଶ କୃଷ୍ଣ ବିସା ଯୁବପିଢ଼ିଙ୍କୁ ସକ୍ରିୟ ଭାବେ ସାମୁଦ୍ରିକ ପରିବେଶତନ୍ତ୍ରର ସୁରକ୍ଷା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ, ଏନ୍‌ଆଇଟି ରାଉରକେଲାର ଅଧ୍ୟକ୍ଷା ପି. ନୀରଜା ଛାତ୍ରଛାତ୍ରୀଙ୍କୁ "ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର ୫.୦' ଅଭିଯାନରେ ସକ୍ରିୟ ଭାବେ ସାମିଲ ହେବାକୁ ଉତ୍ସାହିତ କରିଥିଲେ। ଶେଷରେ ସମୁଦ୍ରକୁ ଅଧିକ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ପ୍ରତି ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ସଂକଳ୍ପକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ଶପଥ ପାଠ କରାଯାଇଥିଲା।




# ଦୁଇ ଦେଶୀ ପିସ୍ତଲ ଓ ଗୁଳି ଜବତ; ପୁରୁଣା ଅପରାଧୀ ଗିରଫ

ରାଉରକେଲା,୧୬।୯(ସମିସ): ରାଉରକେଲା ପୁଲିସ ଜିଲ୍ଲା ଅନ୍ତର୍ଗତ ବିଶ୍ରା ଥାନା ପୁଲିସ ଚଢ଼ଉ କରି ଦୁଇଟି ଦେଶୀ ସିଙ୍ଗଲ୍-ସଟ୍ ପିସ୍ତଲ ଓ ଜୀବନ୍ତ ଗୁଳି ଜବତ କରିବା ସହ ଏହି ଘଟଣାରେ ଜଣେ କୁଖ୍ୟାତ ଅପରାଧୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଗତକାଲି ରାତିରେ ବିଶ୍ରା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ କୁକୁଡ଼ା ଫାଟକ ପଟରୁ ଜଣେ ଯୁବକ ବେଆଇନ ଅସ୍ତ୍ରଶସ୍ତ୍ର ଧରି ବିଶ୍ରା ଅଭିମୁଖେ ଆସୁଥିବା ନେଇ ଖବର ମିଳିଥିଲା। ଏହାପରେ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ବିଶ୍ରା ଥାନା ଇନ୍ସପେକ୍ଟର ମନୋରଞ୍ଜନ କୁମ୍ଭାର ସଦଳବଳ ପୁଲିସ ଟିମ୍ ସହ ତୁରନ୍ତ ସନ୍ତୋଷପୁର ଛକ ନିକଟରେ ଯାନବାହାନ ଯାଞ୍ଚ ଆରମ୍ଭ କରିଥିଲେ। ସେଠାରେ ସନ୍ଦିଗ୍ଧ ଭାବେ ଆସୁଥିବା ଜଣେ ଯୁବକଙ୍କୁ ଅଟକାଇ ଯାଞ୍ଚ କରିବାରୁ ତାଙ୍କ ନିକଟରୁ ଦୁଇଟି ଦେଶୀ ପିସ୍ତଲ ଓ ୨ ରାଉଣ୍ଡ ଗୁଳି ମିଳିଥିଲା। ଗିରଫ ଅଭିଯୁକ୍ତ ଜଣକ ବିସ୍ରା ବ୍ଲକ ରୋଡ୍ ବାସିନ୍ଦା ବବଲୁ ଓରଫ ମକସୁଦ ଖାନଙ୍କ ପୁଅ ସାନୁ ଓରଫ ସାହିଲ ଖାନ (୨୬) ବୋଲି ଜଣାପଡିଥିଲା। ଅସ୍ତ୍ରଶସ୍ତ୍ର ରଖିବା ସମ୍ପର୍କରେ ସେ କୌଣସି ବୈଧ ଲାଇସେନ୍ସ କିମ୍ବା କାଗଜପତ୍ର ଦେଖାଇ ନ ପାରିବାରୁ ପୁଲିସ ତାଙ୍କୁ ଗିରଫ କରିବା ସହ ତାଙ୍କ ବ୍ୟବହୃତ ସ୍କୁଟର ଏବଂ ମାରଣାସ୍ତ୍ରକୁ ଜବତ କରିଥିଲା। ଏ ନେଇ ବିସ୍ରା ଥାନାରେ ମାମଲା ରୁଜୁ ହୋଇଛି।

ପୁଲିସ ତଥ୍ୟ ଅନୁସାରେ, ଅଭିଯୁକ୍ତ ସାହିଲଙ୍କ ନାମରେ ବିଶ୍ରା, ଲହୁଣୀପଡ଼ା ଓ ପ୍ଲାଣ୍ଟ ସାଇଟ୍ ଥାନାରେ ପୂର୍ବରୁ ଲୁଟ୍, ଡକାୟତି, ହତ୍ୟା ଉଦ୍ୟମ ଓ ଆର୍ମସ ଆକ୍ଟ ଭଳି ପ୍ରାୟ ୯ଟି ସଙ୍ଗିନ ମାମଲା ରହିଛି। ଏହି ବେଆଇନ ବନ୍ଧୁକ କେଉଁଠାରୁ ଅଣାଯାଇଥିଲା ଏବଂ କାହାକୁ ବିକ୍ରି କିମ୍ବା କେଉଁ ଅପରାଧ ପାଇଁ ଯୋଜନା ଥିଲା, ସେ ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।



# ଏସୀୟ କରାଟେ ରେଫରୀ ପରୀକ୍ଷାରେ ରାଜୀବ ସିଂ ଉତ୍ତୀର୍ଣ୍ଣ

ରାଉରକେଲା,୧୬।୯(ସମିସ): ଏସିଆନ କରାଟେ ଫେଡେରେସନ (ଏକେଏଫ୍) ପକ୍ଷରୁ ଜୋର୍ଡନର ଆମ୍ମାନ ସହରଠାରେ ୨୪ତମ ଏସିଆନ କରାଟେ ଚାମ୍ପିଅନସିପ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବିଶ୍ୱ କରାଟେ ସଂଘର, ଡବ୍ଲୁକେଏଫ୍‌ର ନିୟମାବଳୀ ସେମିନାର ଓ ଏସୀୟ କରାଟେ ବିଚାରପତିମାନଙ୍କ ପଦୋନ୍ନତି ପରୀକ୍ଷା ଆୟୋଜିତ ହୋଇଥିଲା। ଓଡିଶା ରାଜ୍ୟ କରାଟେ ସଂଘ (ଓସ୍କା)ର ସଭାପତି ହଂସୀ ଡ. ହରିପ୍ରସାଦ ପଟ୍ଟନାୟକ ଓ କରାଟେ ଇଣ୍ଡିଆ ଅର୍ଗାନାଇଜେସନ, (କିଓ)ର ସଭାପତି ହାଂଶୀ ଭାରତ ଶର୍ମାଙ୍କ ଦ୍ୱାରା ମନୋନୀତ ହୋଇ ଓଡ଼ିଶାରୁ ଏକମାତ୍ର ଏସିଅ କରାଟେ ଜଜ ରାଜୀବ କୁମାର ସିଂ ଏଥିରେ ଭାରତକୁ ପ୍ରତିନିଧିତ୍ୱ କରି ରେଫରୀ ସେମିନାରରେ ଅଂଶଗ୍ରହଣ କରିବାସହ ଆୟୋଜିତ ପଦୋନ୍ନତି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ରାଜ୍ୟର ପ୍ରଥମ ଏସିୟ କରାଟେ ରେଫରୀ ହେବାର ଗୌରବ ଅର୍ଜନ କରିଛନ୍ତି। ରାଜୀବଙ୍କ ଏହି ସଫଳତା ପାଇଁ ଓସ୍କାର ସଭାପତି ଓ ସମ୍ପାଦକଙ୍କ ସହ କିଓର ସଭାପତି ହାଂଶୀ ଭାରତ ଶର୍ମା, ଓ ସମ୍ପାଦକ ସେନସେଇ ସଂଜୀବ ଜାଙ୍ଗରା, ରାଉରକେଲା କରାଟେ ସଂଘର ସଭାପତି, ବିଧାୟକ ଶାରଦା ପ୍ରସାଦ ନାୟକ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ଟୁନା ଘାଟିରେ ଦୁର୍ଘଟଣା; ଚାଳକ ମୃତ

କୋଇଡ଼ା,୧୬।୯(ସମିସ): କୋଇଡ଼ା ଥାନା କାଲଟା ଫାଣ୍ଡି ଅନ୍ତର୍ଗତ ୫୨୦ ନଂ. ଜାତୀୟ ରାଜପଥଠାରେ ମଙ୍ଗଳବାର ଅପରାହ୍ନରେ ଲୁହାପଥର ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ ମଧ୍ୟପ୍ରଦେଶ ରାଜ୍ୟର ଉମେଶ କୁମାର। ସୂଚନା ମୁତାବକ, କୋଇଡ଼ାରୁ ଲୁହାପଥର ବୋଝେଇ କରି ଏକ ଟ୍ରକ୍ (ସିଜି୦୪ ଏନ୍‌ଜେଡ୍-୩୬୯୧) ରାଉରକେଲା ଅଭିମୁଖେ ଯାଉଥିଲା। ଟୁନା ଘାଟିରେ ଅପରାହ୍ନ ପ୍ରାୟ ୪ଟାରେ ଚାଳକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବାରୁ ଟ୍ରକ୍ ଘାଟିରେ ପିଟି ହୋଇ ଓଲଟି ପଡ଼ିଥିଲା। ଲୁହାପଥର ସହ କ୍ୟାବିନ୍ ଭିତରେ ଚାଳକ ଚାପି ହୋଇ ରହିଯାଇଥିଲେ। କୋଇଡ଼ା ଅଗ୍ନିଶମ କର୍ମଚାରୀ ଦୁର୍ଘଟଣାସ୍ଥଳରେ ପହଞ୍ଚି କଟର ସାହାଯ୍ୟରେ କ୍ୟାବିନ୍ କାଟି ଚାଳକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଚାଳକ ଉମେଶଙ୍କ ପରିବାର ବର୍ଗଙ୍କୁ ସୂଚନା ଦେବାପରେ ଆଜି ମାମଲା ରୁଜୁ ହୋଇ ଶବ ବ୍ୟବଚ୍ଛେଦ କରାଯାଇ ପୁଲିସ ଘଟଣାର ତଦନ୍ତ କରୁଛି।






















# GOVERNMENT OF ODISHA
# FOREST, ENVIRONMENT & CLIMATE CHANGE DEPARTMENT

No. FE-DIV-FLD-0043-2023- 20995/FE&CC, Bhubaneswar, dated 03 Sept. 2026, 10F (Cons) 32/2023

**ORDER**

Sub: Stage-II/ Final approval of Central Government under Section 2 (1) (ii) of the Van (Sanrakshan Evam Samvardhan) Adhiniyam, 1980 for non-forestry use of 3.960 ha (Fresh diversion 0.970 ha + re-diversion of 2.990 ha) of forest land for laying of water pipeline from Kandara to Nuagaon Iron Ore Mines of M/s JSW Utkal Steel Ltd under Kendujhar Forest Division of Kendujhar District, Odisha.

WHEREAS, the Director, JSW Utkal Steel Ltd, Plot No.3, Forest Park, Bhubaneswar-751009 had applied for permission over 3.960 ha (diversion of 0.970 ha + re-diversion of 2.990 ha) of forest land for laying of water pipeline from Kandara village to Nuagaon Iron Ore mines of M/s JSW Utkal Steel Ltd under Keonjhar Forest Division in Keonjhar District, Odisha.

And whereas, the Ministry of Environment, Forest & Climate Change, Government of India, Regional Office, Bhubaneswar had accorded 'Stage-I/in-principle' approval for diversion of 3.960 ha (fresh diversion 0.970 ha + re-diversion of 2.990 ha) of forest land for laying of water pipeline from Kandara to Nuagaon Iron Ore Mines of M/s JSW Utkal Steel Ltd under Keonjhar Forest Division in Keonjhar District, Odisha, subject to the fulfilment of the conditions as laid down therein vide Letter No.5-ORB572/2023-BHU dtd.10.11.2023 (Annexure-I).

And whereas, the Ministry of Environment, Forest & Climate Change, Government of India, Regional Office, Bhubaneswar in consideration of the compliance of the conditions of the 'Stage-I/in-principle' approval, have granted"Stage-II/ final" approval under Section- 2 (1) (ii) of the Van (Sanrakshan Evam Samvardhan) Adhiniyam, 1980 for non-forestry use of 3.960 ha (Fresh diversion 0.970 ha * re-diversion of 2.990 ha) of forest land for laying of water pipeline from Kandara to Nuagaon Iron Ore Mines of M/s JSW Utkal Steel Ltd under Kendujhar Forest Division in Kendujhar District, Odisha, subject to the fulfilment of the conditions as stipulated therein vide Letter No.5-ORB572/2023-BHU dtd.19.08.2026 (Annexure-II).

Now, therefore, the Government of Odisha, do hereby allow non-forestry use of 3.960 ha (Fresh diversion 0.970 ha + re-diversion of 2.990 ha) of forest land for laying of water pipeline from Kandara to Nuagaon Iron Ore Mines of M/s JSW Utkal Steel Ltd under Kendujhar Forest Division in Kendujhar District, Odisha, as per approved land schedule.

The Collector, Kendujhar and Divisional Forest Officer, Kendujhar Forest Division as the case may be are hereby authorized to handover the forest land coming within their jurisdiction, as has been finally diverted after necessary compliance following due procedure of law. Before handing over the diverted forest land to the user agency, it shall be ensured that Net Present Value of the forest land for this project for which approval has been obtained shall be deposited in full, at applicable rates.

The Divisional Forest Officer, Kendujhar Forest Division is also directed to monitor compliance to the conditions stipulated for such diversion in the respective forest/wildlife clearance order and to report violations, if any, to the Nodal Officer, O/o Principal Chief Conservator Forests & HoFF, Odisha and to the Forest, Environment & Climate Change Department.

Execution of project activities will be subject to availability of all other statutory clearances required under relevant Acts/ Rules for this project, deposit of requisite funds and compliance of Court's order, if any.

**By order of the Governor**
**Sd/- (Swayam Mallick)**
**Special Secretary to Government**

Memo No. 20996/FE&CC Date 03 Sept.2026

Copy along with copy of the Annexures forwarded to the Principal Chief Conservator of Forests & HoFF, Odisha for kind information and necessary follow up action.

Appropriate instruction to the Divisional Forest Officer, Kendujhar Forest Division and user agency may be imparted for required follow up action at their end, it may be ensured by the Divisional Forest Officer, Kendujhar Forest Division that Net Present Value of the forest land involved in this project of the user agency is deposited by them in appropriate head in full, at applicable rates. The user agency may also be instructed to furnish compliance to the conditions of forest/ wildlife clearance pertaining to the project in every quarter to the Divisional Forest Officer, Kendujhar Forest Division for facilitating monitoring of compliances.

**Sd/-**
**Special Secretary to Government**

Memo No. 20997/FE&CC Date 03 Sept.2026

Copy along with copy of the Annexures forwarded to the Asst. Inspector General of Forests, Government of India, MoEF&CC (FC Division), Indira Paryavaran Bhawan, Jor Bagh Road, Aliganj, New Delhi, Pin-110003/ Deputy Director General of Forests (Central), MoEF&CC, Government of India, Regional Office, A/3, Chandrasekharpur, Bhubaneswar- 23 for kind information and necessary follow up action in compliance to the order of Hon'ble NGT dtd.07.11.2012 in Appeal No.07/2012 communicated by the MoEF, Government of India vide their letter F. No.7-23/2012-FC dtd.24.07.2013.

**sd/-**
**Special Secretary to Government**

Memo No. 20998/FE&CC Date 03 Sept.2026

Copy along with copy of the Annexures forwarded to the Principal Chief Conservator of Forests (Wildlife) & Chief Wildlife Warden, Odisha/ Addl. Principal Chief Conservator of Forests (FD&NO, FCA), O/o PCCF & HoFF, Odisha for information and necessary action.

**sd/-**
**Special Secretary to Government**

Memo No. 20999/FE&CC Date 03 Sept.2026

Copy along with copy of the Annexures forwarded to the Regional Chief Conservator of Forests, Rourkela Circle/Divisional Forest Officer, Kendujhar Forest Division for information and immediate necessary compliance.

It may be ensured by the Divisional Forest Officer, Kendujhar Forest Division that Net Present Value of the forest land involved in this project of the user agency shall be deposited by them in full, at applicable rates in appropriate head before handing over of the forest land to the user agency. Besides, funds, if any, due to be deposited by the user agency for this project shall also be deposited by the project proponent before the forest land is handed over to them. The user agency may also be instructed to furnish compliance to the conditions of forest/ wildlife clearance pertaining to the project in every quarter to the Divisional Forest Officer, Kendujhar Forest Division for facilitating monitoring of compliances by them.

The Divisional Forest Officer, Kendujhar Forest Division is also instructed to ensure that the direction given to the user agency are executed immediately

**sd/-**
**Special Secretary to Government**

Memo No. 21000/FE&CC Date 03 Sept.2026

Copy along with copy of the Annexures forwarded to Revenue & Disaster Management Department/ Water Resources Department/ Steel & Mines Department/ Industries Department/ Member Secretary, SPCB, Odisha/ Collector, Kendujhar for information and necessary follow up action.

**sd/-**
**Special Secretary to Government**

Memo No. 21001/FE&CC Date 03 Sept.2026

Copy along with copy of the Annexures forwarded to the Director, JSW Utkal Steel Ltd, Plot No.3, Forest Park, Bhubaneswar-751009 for information and immediate necessary action.

The user agency is asked to take following actions immediately as per orders of Hon'ble National Green Tribunal dtd.07.11.2012 in Appeal No.07/2012 communicated by the MoEF, Government of India vide their letter F. No.7-23/2012-FC dtd.24.07.2013.

i. They shall publish the entire forest clearance granted in verbatim along with conditions and safeguards imposed by the Central Government in Stage-I/II forest clearance in two widely circulated daily newspapers, one in vernacular language and the other in English language so as to make people aware of the permission granted to the Project for use of forest land for non-forest purposes.
ii. They shall submit the copies of forest clearance orders granted by the Central Government/State Government to the Heads of local bodies, Panchayats and Municipal bodies along with the relevant offices of the State Government, who in turn, shall display the same for 30 days from date of receipt.
iii. Detailed action taken in compliance to the above order of State Government shall be intimated to the DFO, Kendujhar / RCCF, Rourkela/ PCCF & HoFF, Odisha/ Forest, Environment & Climate Change Department for reference.

Besides the above, the user agency is also asked to deposit Net Present Value of forest land for this project in full, if not deposited yet, at applicable rates. Requisite funds due for deposit by the user agency on account of this project shall also be deposited under appropriate head.

The user agency shall furnish compliances to the conditions prescribed in the forest/wildlife clearance order lo the DFO, Kendujhar in every quarter for the purpose of monitoring by him.

**sd/-**
**Special Secretary to Government**

Memo No. 21002/FE&CC Date 03 Sept.2026

Copy along with copy of the Annexures forwarded to the Head, State Portal, I.T. Centre, Odisha Secretariat, Bhubaneswar for information and necessary action. He is requested to upload this order along with its enclosures on the website of Forest, Environment & Climate Change Department immediately for information of all concerned. This is required in compliance to order of Hon'ble National Green Tribunal dt.07.11.2022 in Appeal No.7/2012. Hence this may be done unfailingly.

**sd/-**
**Special Secretary to Government**

Memo No. 21003/FE&CC Date 03 Sept.2026

Copy along with copy of the Annexures forwarded to the Under Secretary to Government, Office Establishment Section, FE&CC Department for information and necessary action with reference to their letter No.12939/F&E dtd.16.07.2026

**sd/-**
**Special Secretary to Government**

# Government of India
## Ministry of Environment, Forest & Climate Change Regional Office, Bhubaneswar A/3, Chandrasekharpur, Bhubaneswar-751023

No.5-ORB572/2023-BHU 10th November, 2023

To
**The Addl. Chief Secretary,**
**Forest & Environment Deptt.,**
**Government of Odisha,**
**Bhubaneswar-751 001.**

Sub: Diversion of 3.960 ha (Fresh diversion 0.970 ha + re-diversion of 2.990 ha) of forest land for laying of water pipeline from Kandara to Nuagaon Iron Ore Mines of M/s JSW Utkal Steel Ltd. under Keonjhar Forest Division in Keonjhar District, Odisha.

**Sir,**

I am directed to refer to State Govt. letter No.FE-DIV-FLD-0043-2023-10014/FE&CC dated 15.05.2023 and PCCF & HoFF, Odisha's letter No.20692/9F(Pipeline)-36/2023 dated 17.10.2023 on the above mentioned subject seeking prior approval of the Ministry of Environment, Forest & Climate Change under section 2 of Forest (Conservation) Act, 1980.

2. After due consideration of the proposal of the State Government, the Ministry of Environment, Forest & Climate Change hereby conveys 'Stage-I/in-principle' approval for diversion of 3.960 ha (fresh diversion 0.970 ha + re-diversion of 2.990 ha) of forest land for laying of water pipeline from Kandara to Nuagaon Iron Ore Mines of M/s JSW Utkal Steel Ltd. under Keonjhar Forest Division in Keonjhar District, Odisha, subject to the fulfillment of the following conditions.

**A: Conditions which need to be complied prior to handing over of forest land by the State Forest Department.**

i) The user agency shall transfer online, the Net Present Value (NPV) of 3.960 ha forest land being diverted under this proposal, as per the Orders of Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No.202/1995 and the guidelines issued by this Ministry vide its letter No.5-3/2011-FC (Vol-I) dated 06.01.2022 and 22.03.2022. The requisite funds shall be transferred through online portal in CAMPA account of the State concerned.
ii) The identified non-forest land of 4.021 Ha for raising compensatory afforestation shall be transferred and mutated in the name of Forest Department and notified as RF/PF prior to Stage-II approval.
iii) The land identified for the purpose of Compensatory Afforestation/Addl. C.A. shall be clearly depicted on a Survey of India Topo sheet of 1: 50,000 scale.
iv) The KML files of the area to be diverted and the CA areas shall be uploaded on the e-Green watch portal with all requisite details before issuing working permission towards linear projects or submitting compliance report for seeking Stage-II approval, as the case may be.
v) The user agency shall transfer the cost of raising and maintaining the compensatory afforestation at the current wage rate in consultation with State Forest Department in the account of CAMPA of the concerned State through online portal. The Scheme may include appropriate provision for anticipated cost increase for works scheduled for subsequent years.
vi) All the funds received from the user agency under the project shall be transferred/ deposited in CAMPA account only through e-portal (https://parivesh.nic.in/). Amount deposited through other mode will not be accepted as compliance of the Stage-I clearance.
vii) The compliance report of the Stage-I approval shall be uploaded on e-portal (https://parivesh.nic.in/).
viii) The complete compliance of the FRA, 2006 shall be ensured by way of prescribed certificate from the concerned District Collector.
ix) The boundary of the proposed forest land for diversion, shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates.

**B: Conditions which need to be strictly complied on field after handing over of forest land to the user agency by the State Forest Department but the compliance in form of undertaking shall be submitted prior to Stage-II approval.**

i) Legal status of forest land proposed for diversion shall remain unchanged.
ii) Compensatory afforestation shall be raised over 4.02 Ha of non forest land identified in Plot No.566 (P), Khata No.67 of Kissam-Parbat-II of village Podadihi under Banspal Tahasil of Keonjhar District under Keonjhar Forest Division within one year from the date of Stage-II Clearance and maintained thereafter by the State Forest Department, at the cost of user agency. The species to be planted in the CA scheme shall be of native species of the area. At least 18 month old seedlings should be planted. Intensive monitoring of the plantation needs to be done and documented using Geo tagging so that the increase of canopy density and survival and growth of plantation can be evaluated at regular intervals.
i) At the time of payment of Net Present Value (NPV) at the then prevailing rate, the user agency shall furnish an undertaking to pay the additional amount of NPV, if so determined, as per the final decision of the Hon'ble Supreme Court of India.
ii) The user agency shall comply with the conditions stipulated in the final forest clearance granted to M/s NHAI for four/six laning, widening and strengthening of existing two lane of NH-215 (Rimuli-Rajamunda Section) in Keonjhar and Sundargarh District of Odisha vide Ministry's letter No.5-ORA198/2014-BHU dated 16.04.2019.
iii) The user agency shall obtain Environmental Clearance as per the provisions of Environment (Protection) Act, 1986, if applicable.
iv) The user agency shall prepare and implement intensive Soil & Moisture Conservation Plan along both sides of proposed water pipeline corridor passing through forest area in consultation with Forest Department at project cost.
v) The user agency shall take all measures for protection and conservation in the area in consultation with State Forest Department.
vi) The user agency shall explore the possibility of successful transplantation of maximum number of trees identified to be felled and shall be planted alongside the road and shall ensure that any tree felling shall be done only when it is unavoidable and that too under strict supervision of the State Forest Department.
vii) No labour camp shall be established on the forest land and the user agency shall provide fuels preferably alternate fuels to the labourers and the staff working at the site so as to avoid any damage and pressure on the nearby forest areas.
viii) No additional or new path will be constructed inside the forest area for any activity related to the project work.
ix) The user agency while executing works, shall not fell any tree or damage forest growth in the surrounding forest area in any manner.
x) The layout plan of the proposed forest land shall not be changed without the prior approval of Ministry of Environment, Forest & Climate Change.
xi) The forest land shall not be used for any purpose other than that specified in the proposal.
xii) The forest land proposed to be diverted shall under no circumstances be transferred to any other user agency, department or person without the prior approval of Ministry of Environment, Forest & Climate Change.
xiii) No damage to the flora and fauna of the adjoining area shall be caused.
xiv) The concerned Divisional Forest Officer, will monitor and take necessary mitigative measures to ensure that there is no adverse impact on the forests in the surrounding area.
xv) The user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and concerned Regional Office of this Ministry by the end of March every year.
xvi) Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, shall be complied by the user agency.
xvii) The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project.
xviii) Violation of any of these conditions will amount to violation of Forest (Conservation) Act, 1980 and action would be taken as prescribed in Para 1.21 of Chapter 1 of the Handbook of comprehensive guidelines of Forest (Conservation) Act, 1980 as issued by this Ministry's letter No.5-2/2017-FC dated 28.03.2019.

3. After receipt of the report on compliance to the conditions stipulated above, from the State Government of Odisha, final/Stage-II approval for diversion of the said forest land under Section 2 of Forest (Conservation) Act, 1980 will be issued by this Ministry. Transfer of forest land to user agency should not be effected by the State Government of Odisha till final/Stage-II approval for its diversion is issued by the Ministry of Environment, Forest & Climate Change.
4. "The State Govt. or a Senior Office not below the Rank of a Divisional Forest Officer, having jurisdiction over the forest land proposed to be diverted, duly authorized in this behalf by the State Govt. can pass an order for tree cutting and commencement of work of a linear project in forest land for a period of one year. Such order shall be passed only after full realization of funds for compensatory afforestation, Net Present Value (NPV), Wildlife conservation Plan, plantation of dwarf species of medicinal plants, and all other compensatory levies, [specified in the Stage-I (in-principle) approval] from the User Agency, and where ever applicable, transfer and mutation of non-forest/revenue forest land in favour of State Forest Department" as stipulated in Para 11.2 of Chapter-11 of Handbook of Guidelines issued under F.C. Act, 1980 vide Ministry's letter No.5-2/2017-FC dated 28.03.2019.

**Yours faithfully,**
**Sd/- (Padma Mahanti)**
**Dy. Inspector General of Forests ©**

Copy to:-
1. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi-110 003.
2. The PCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
3. The Director, M/s JSW Steel Ltd., Plot No.3, Forest Park, Bhubaneswar-751009, Odisha.

**Dy. Inspector General of Forests (C)**

# Government of India
## Ministry of Environment, Forest & Climate Change Regional Office, Bhubaneswar A/3, Chandrasekharpur, Bhubaneswar-751023

No. 5-ORB572/2023-BHU Dated: 19th August, 2026

**To**
**The Principal Secretary,**
**Forest & Environment Deptt.,**
**Government of Odisha,**
**Bhubaneswar - 751 001.**

Sub: Stage-II/Final approval of the Central Government under Section 2 (1)(ii) of the Van (Sanrakshan Evam Samvardhan) Adhiniyam, 1980 for non-forestry use of 3.960 ha (Fresh diversion 0.970 ha + re-diversion of 2.990 ha) of forest land for laying of water pipeline from Kandara to Nuagaon Iron Ore Mines of M/s JSW Utkal Steel Ltd. under Kendujhar Forest Division in Kendujhar District, Odisha.

**Sir,**

I am directed to refer to State Govt. letter No.FE-DIV-FLD-0043-2023-10014/FE&CC dated 15.05.2023 and PCCF & HoFF, Odisha's letter No.20692/9F(Pipeline)-36/2023 dated 17.10.2023, wherein prior approval for non-forestry use of 3.960 ha (Fresh diversion 0.970 ha + re-diversion of 2.990 ha) of forest land for laying of water pipeline from Kandara to Nuagaon Iron Ore Mines of M/s JSW Utkal Steel Ltd. under Kendujhar Forest Division in Kendujhar District, Odisha, was sought in accordance with Section-2 (1)(ii) of the Van (Sanrakshan Evam Samvardhan) Adhiniyam, 1980. After due consideration of the proposal by the Ministry of Environment, Forest & Climate Change, the in-principle approval for non-forestry use of the said forest land was accorded by Ministry vide this office letter of even number dated 10.11.2023, subject to fulfillment of certain conditions. The State Government has furnished the compliance report in respect of the conditions stipulated in the in-principle approval and has requested to grant final approval of the proposal.

2. In this connection, I am directed to say that on the basis of the compliance report furnished by the PCCF & HoFF, Odisha vide their letter No.15929/9F (Pipeline)-36/2023 dated 03.08.2026 and submission of the compliance report by State Govt. in Parivesh web portal on 06.08.2026, Stage-II/Final approval of the Ministry of Environment, Forest & Climate Change is hereby granted under Section 2 (1)(ii) of the Van (Sanrakshan Evam Samvardhan) Adhiniyam, 1980 for non-forestry use of 3.960 ha (Fresh diversion 0.970 ha + re-diversion of 2.990 ha) of forest land for laying of water pipeline from Kandara to Nuagaon Iron Ore Mines of M/s JSW Utkal Steel Ltd. under Kendujhar Forest Division in Kendujhar District, Odisha, subject to the fulfillment of the following conditions:-

i) The State Govt. shall ensure that the legal status of diverted forest land shall remain unchanged.
ii) The State Govt. shall ensure that the user agency shall pay the additional amount of NPV, if so determined, as per the final decision of the Hon'ble Supreme Court of India.
iii) The State Govt. shall ensure the compliance on FRA, 2006 as per Van (Sanrakshan Evam Samvardhan) Rules and guidelines issued from time to time before handing over of the diverted forest land to user agency.
iv) The State Govt. shall ensure that the KML files of the area to be diverted and CA areas shall be uploaded on the e-Green watch portal with all requisite details before handing over of the diverted forest land to the user agency.
v) The State Govt. shall ensure that the boundary of the diverted forest land shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates.
vi) The State Govt. shall ensure that the State Forest Department will raise Compensatory afforestation over 4.02 Ha of non forest land identified in Plot No.566 (P), Khata No.67 of Kissam-Parbat-II of village Podadihi under Banspal Tahasil of Kendujhar District under Kendujhar Forest Division within two year from the date of Stage-II Clearance and maintained thereafter by the State Forest Department, at the cost of user agency. The species to be planted in the CA scheme shall be of native species of the area. At least 18 month old seedlings should be planted. Intensive monitoring of the plantation needs to be done and documented using Geo tagging so that the increase of canopy density and survival and growth of plantation can be evaluated at regular intervals.
vii) The State Govt. shall ensure that the user agency shall comply with the conditions stipulated in the final forest clearance granted to M/s NHAI for four/six laning, widening and strengthening of existing two lane of NH-215 (Rimuli-Rajamunda Section) in Kendujhar and Sundaragada District of Odisha vide Ministry's letter No.5-ORA198/2014-BHU dated 16.04.2019.
viii) The State Govt. shall ensure that the user agency shall implement approved intensive Soil & Moisture Conservation Plan along both sides of proposed water pipeline corridor passing through forest area in consultation with Forest Department at project cost.
ix) The State Govt. shall ensure that the user agency shall take all measures for protection and conservation in the area in consultation with State Forest Department.
x) The State Govt. shall ensure that the user agency shall explore the possibility of successful transplantation of maximum number of trees identified to be felled and shall ensure that any tree felling shall be done only when it is unavoidable and that too under strict supervision of the State Forest Department.
xi) The State Govt. shall ensure that the user agency shall take adequate safety measures for accidental leakage of water pipeline.
xii) The State Govt. shall ensure that no labour camp shall be established on the forest land and the user agency shall provide fuels preferably alternate fuels to the labourers and staff working at the site so as to avoid any damage and pressure on the nearby forest areas.
xiii) The State Govt. and user agency shall ensure that while executing works, the user agency shall not fell any tree or damage forest growth in the surrounding forest area in any manner.
xiv) The State Govt. and user agency shall ensure that earth or any material shall neither be brought from nor the debris resulting during construction be disposed of in the adjoining forest area by the user agency.
xv) The State Govt. and user agency shall ensure that the layout plan of the proposal shall not be changed without prior approval of the Ministry of Environment, Forest & Climate Change.
xvi) The State Govt. shall ensure that the forest land shall not be used for any purpose other than that specified in the proposal and under no circumstances be transferred to any other user agency, department or person without prior approval of the Ministry of Environment, Forest & Climate Change.
xvii) The State Govt. shall ensure that no damage to the flora and fauna of the adjoining area shall be caused.
xviii) The State Govt. shall ensure that the DFO concerned will monitor and take necessary mitigative measures to ensure that there is no adverse impact on the forests in surrounding area.
xix) The State Govt. shall ensure that the user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and Regional Office of this Ministry by the end of March every year regularly.
xx) The State Govt. shall ensure that any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, which shall be complied by the user agency.
xxi) The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project.
xxii) Any other direction issued by the Ministry as a result of Hon'ble Supreme Court order will have bearing on this approval.
xxiii) Violation of any of these conditions will amount to violation of Van (Sanrakshan Evam Samvardhan) Adhiniyam, 1980 and action would be taken as prescribed in Para 1.16 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023.

**Yours faithfully,**
**Sd/- (Vasanta Kiran Babu)**
**Dy. Inspector General of Forests ©**

Copy to:-
1. The Chief Executive Officer, National Authority CAMPA, Ministry of Environment, Forest & Climate Change, 3rd Floor, Supreme Court Metro Station Building, New Delhi-110 001.
2. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi - 110 003.
3. The Addl. PCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
4. The Divisional Forest Officer, Kendujhar Forest Division, Kendujhar, Odisha.
5. The Director, M/s JSW Utkal Steel Ltd., Plot No.3, Forest Park, Bhubaneswar-751009, Odisha.

**Dy. Inspector General of Forests (C)**

ସକାଳ
THE SAKALA

# ସମ୍ପାଦକୀୟ



ପାଠପଢ଼ାର ଅନୁଭୂତି ତିକ୍ତ ହୋଇପାରେ, କିନ୍ତୁ ଏହାର ଫଳ ମଧୁର।
-ଆରିଷ୍ଟୋଟଲ୍

## ଇପିଏଫ୍‌ଓ: ବହୁପଥ ବାକି

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ(ଇପିଏଫ୍‌ଓ) ଅଧୀନରେ ପଞ୍ଜିକୃତ କର୍ମଚାରୀମାନଙ୍କର ଯୋଗଦାନ ପାଇଁ ଉଦ୍ଦିଷ୍ଟ ସର୍ବୋଚ୍ଚ ବେତନ ସୀମା ୨୫ ହଜାର ଟଙ୍କାକୁ ବୃଦ୍ଧି ପାଇଛି। କେନ୍ଦ୍ରୀୟ କ୍ୟାବିନେଟ୍‌ରେ ଅନୁମୋଦିତ ଏହି ନିଷ୍ପତ୍ତି ଆଜିଠାରୁ କାର୍ଯ୍ୟକାରୀ ହେବ ବୋଲି ଶ୍ରମ ଓ ନିଯୋଜନ ମନ୍ତ୍ରୀ ଘୋଷଣା କରିଛନ୍ତି। ଦୀର୍ଘ ବାରବର୍ଷ ପରେ ସଂଗଠିତ କର୍ମଚାରୀଙ୍କ ପାଇଁ ଏହି ଘୋଷଣା କିଞ୍ଚିତ ଆଶ୍ୱସ୍ତି ଆଣିଥିବା ବେଳେ ପେନ୍‌ସନ୍ ପରିମାଣ ବୃଦ୍ଧି ଭଳି ମୁଖ୍ୟ ଦାବି ଏକପ୍ରକାର ଗୌଣ ହୋଇଯାଇଛି।

ଏବେ ସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀମାନଙ୍କର ଇପିଏଫ୍‌ରେ ସଞ୍ଚୟ ବା ଯୋଗଦାନ ପାଇଁ ଦରମାର ୧୨% ଜମା ହେଉଥିବା ବେଳେ ନିଯୁକ୍ତିଦାତାଙ୍କର ସମ ପରିମାଣ(୧୨%) ଯୋଗଦାନ ରହୁଛି। ଏଥିପାଇଁ ସର୍ବୋଚ୍ଚ ଦରମା ସୀମାକୁ ୨୦୧୪ ମସିହାରେ ଶେଷଥର ପାଇଁ ୬, ୫୦୦ ଟଙ୍କାରୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଅର୍ଥାତ୍ ମାସିକ ୧୫ ହଜାର ଟଙ୍କା ପାଉଥିବା ଜଣେ କର୍ମଚାରୀଙ୍କ ଦରମାରୁ ୧୮୦୦ ଟଙ୍କା କଟୁଥିବା ବେଳେ ତା'ଠାରୁ ଅଧିକ ଦରମା ପାଉଥିବା କର୍ମଚାରୀ/ଅଧିକାରୀଙ୍କଠାରୁ ମଧ୍ୟ ୧୮୦୦ ଟଙ୍କା ହିଁ କାଟି ଇପିଏଫ୍‌ଓରେ ଜମା ହେଉଛି ଏବଂ ନିଯୁକ୍ତିଦାତା ଆଉ ୧୮୦୦ ଟଙ୍କା ଜମା କରୁଛନ୍ତି। ୧୫ ହଜାର ଟଙ୍କାରୁ କମ୍ ଦରମା ପାଉଥିବା, ଉଦାହରଣ ସ୍ୱରୂପ ୧୪ ହଜାର ଟଙ୍କା ପାଉଥିବା, କର୍ମଚାରୀଙ୍କ ଦରମାରୁ ୧୨% ହିସାବରେ ୧୬୮୦ ଟଙ୍କା କଟୁଥିବା ବେଳେ ନିଯୁକ୍ତିଦାତା ଆଉ ୧୬୮୦ ଟଙ୍କା ମିଶାଇ ଇପିଏଫ୍‌ରେ ଜମା କରୁଛନ୍ତି। ଏବେ ସର୍ବୋଚ୍ଚ ବେତନ ସୀମାକୁ ୧୫ ହଜାର ଟଙ୍କାରୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଅର୍ଥାତ୍ ମାସିକ ୨୫ ହଜାର ଟଙ୍କା ଏବଂ ତଦୂର୍ଦ୍ଧ୍ୱ ବେତନଭୋଗୀ କର୍ମଚାରୀମାନେ ସର୍ବାଧିକ ୩ ହଜାର ଟଙ୍କା ପର୍ଯ୍ୟନ୍ତ ଇପିଏଫ୍‌ରେ ଯୋଗଦାନ କରିପାରିବେ। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ ହେଲେ ହେଁ ନିଯୁକ୍ତିଦାତାମାନଙ୍କ ଉପରେ ଆର୍ଥିକ ବୋଝ ବଢ଼ିବାକୁ ଥିବାରୁ କେନ୍ଦ୍ର କ୍ୟାବିନେଟ୍‌ର ଏହି ନିଷ୍ପତ୍ତିକୁ ଟାଳିବାକୁ ନାନା ଉପାୟ ଚିନ୍ତା କରିପାରନ୍ତି। ଏ ଦିଗ ପ୍ରତି ସରକାର ସଚେତନ ରହିବା ଆବଶ୍ୟକ।

ଏ ସବୁ ସତ୍ତ୍ୱେ କର୍ମଚାରୀ ସଂଘର ମୂଳ ଦାବି ପେନ୍‌ସନ୍ ବୃଦ୍ଧି ପାଇଁ ବୋଧହୁଏ ଆହୁରି




ଅଧିକ ଦିନ ଅପେକ୍ଷା କରିବାକୁ ପଡ଼ିବ। କାରଣ ସରକାରଙ୍କ ସଦ୍ୟତମ ନିଷ୍ପତ୍ତି ପରେ ପେନ୍‌ସନ୍ ପରିମାଣ ମାତ୍ର ୮୩୦ ଟଙ୍କା ବଢ଼ିବ। ବର୍ତ୍ତମାନର ଦରଦାମ ବୃଦ୍ଧି ଯୁଗରେ ଏହି ପରିମାଣ ସମୁଦ୍ରକୁ ଶଙ୍ଖେ ଭଳି। ବୋଧହୁଏ ସରକାର ଅନ୍ୟାନ୍ୟ ସାମାଜିକ ଭତ୍ତା ଯୋଜନାକୁ ତୁଳନା କରି ଇପିଏଫ୍ ପେନ୍‌ସନ୍ ରାଶି ବୃଦ୍ଧି କରିବାକୁ ଉଚିତ ମଣୁ ନାହାନ୍ତି। ବିଭିନ୍ନ ସାମାଜିକ ଯୋଜନାରେ ମିଳୁଥିବା ଭତ୍ତା ନିର୍ବାଚନ ରାଜନୀତିର ଏକ ଅଂଶବିଶେଷ। ଅପରପକ୍ଷରେ ଇପିଏଫ୍ ସମ୍ପୂର୍ଣ୍ଣ ରୂପେ କର୍ମଚାରୀଙ୍କ ଝାଳବୁହା ଧନର ଯୋଗଦାନରେ ଗଠିତ। ସମ୍ପ୍ରତି ଦେଶରେ ୩୦ କୋଟି ଇପିଏଫ୍ ଆକାଉଣ୍ଟଧାରୀ ଥିବା ବେଳେ ସେମାନଙ୍କର ଏବଂ ସେମାନଙ୍କ ନିଯୁକ୍ତିଦାତାଙ୍କ ଯୋଗଦାନ ପରିମାଣ ୨୬ ଲକ୍ଷ କୋଟି ଟଙ୍କା। ସରକାରୀ କର୍ମଚାରୀମାନଙ୍କୁ ଦିଆଯାଉଥିବା ପେନ୍‌ସନ୍ ପ୍ରକ୍ରିୟା ଅନୁସରଣରେ ଇପିଏଫ୍‌ଓ ଏହି ବିପୁଳ ରାଶିକୁ ଲାଭଦାୟକ ପ୍ରତିଭୂତି ଅଂଶଧନରେ ନିବେଶ କଲେ ଆକାଉଣ୍ଟଧାରୀମାନେ ଅବସର ପରେ ଉପକୃତ ହୁଅନ୍ତେ।

ଇପିଏଫ୍ ଆକାଉଣ୍ଟଧାରୀଙ୍କ ମଧ୍ୟରୁ ସିଂହଭାଗ ମଧ୍ୟବିତ୍ତ-ନିମ୍ନମଧ୍ୟବିତ୍ତ ଶ୍ରେଣୀର, ଯେଉଁମାନେ ସରକାରୀ ମାଗଣା ଯୋଜନା ଏବଂ ବିଭିନ୍ନ ଗରିବ କଲ୍ୟାଣ ଯୋଜନାରୁ ବଞ୍ଚିତ। ସମ୍ପ୍ରତି ଜୀବନ ଧାରଣର ଅତ୍ୟାବଶ୍ୟକ ସାମଗ୍ରୀ, ଶିକ୍ଷା ଓ ସ୍ୱାସ୍ଥ୍ୟ ଖର୍ଚ୍ଚ ଏତେ ବଢ଼ିଯାଇଛି ଯେ ଦରମା ଗଣ୍ଡିକ ଘରକୁ ଆସିବାର ପ୍ରଥମ ସପ୍ତାହରେ ହିଁ ସରିଯାଉଛି। ଏଭଳି ଅବସ୍ଥାରେ ଭବିଷ୍ୟତ ପାଇଁ ସଞ୍ଚୟ ଜମା ସୁଯୋଗ ମଧ୍ୟ ସଂକୁଚିତ। ତେଣୁ ଅବସର ପରେ ଖଟିଖିଆମାନେ କେମିତି ବଞ୍ଚିବେ ସେ ବିଷୟରେ ଅନ୍ତତଃ ସରକାର ସହୃଦୟତାର ସହ ମାନବିକ ଦୃଷ୍ଟିକୋଣରୁ ଚିନ୍ତା କରିବା ଉଚିତ ହେବ।

ଭାରତ ଏକ ଜନକଲ୍ୟାଣକାରୀ ରାଷ୍ଟ୍ର। ଏଠାରେ ସବୁ ଲୋକ ମର୍ଯ୍ୟାଦାର ସହ ବଞ୍ଚିବାର ଅଧିକାର ପାଇଛନ୍ତି। ସାମାଜିକ ସୁରକ୍ଷା ସହାୟତା ଯୋଜନାରେ ହିତାଧିକାରୀଙ୍କୁ ବଞ୍ଚିବା ପାଇଁ ସର୍ବନିମ୍ନ ଗ୍ରହଣଯୋଗ୍ୟ ଅର୍ଥ ଦେବାର ଆବଶ୍ୟକତା ରହିଛି। ସରକାର ରିହାତି, ସହାୟତା ଓ ଯାବତୀୟ ଲୋକ ଦେଖାଣିଆ ଯୋଜନାରେ ଆଖିବୁଜା ଅର୍ଥ ଖର୍ଚ୍ଚ କରୁଥିବା ବେଳେ ଇପିଏଫ୍‌ଓରେ ଅବସରକାଳୀନ ଆର୍ଥିକ ସହାୟତା ସମ୍ମାନଜନକ, ଯୁକ୍ତିଯୁକ୍ତ ଏବଂ ବଜାରଦରକୁ ଅନୁକୂଳ ହେବା ଉଚିତ। ଏ କ୍ଷେତ୍ରରେ କେବଳ ଦାତା ବା ସରକାରଙ୍କର ଏକ ଦରଦୀ ଓ ସମ୍ବେଦନଶୀଳ ହୃଦୟ ଆବଶ୍ୟକ। ଭାରତ ସରକାରଙ୍କ ପାଖରେ ଅର୍ଥ ବା ସମ୍ବଳର ଅଭାବ ନାହିଁ। କେନ୍ଦ୍ର ସରକାର ଦେଶର ୮୦ କୋଟି ଲୋକଙ୍କୁ ଦୁଇବର୍ଷ ଧରି ମାଗଣାରେ ରାସନ ସାମଗ୍ରୀ ଯୋଗାଇ ଆସୁଥିବା ବେଳେ ଏଭଳି ଏକ ସ୍ୱର୍ଣକାତର ପ୍ରସଙ୍ଗରେ ନିରବ ରହିବା ରହସ୍ୟଜନକ ମନେହୁଏ।

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

# ପୁରୀରୁ ପୂର୍ବୋଦୟ : ନୂଆ ଓଡ଼ିଶାର ଯାତ୍ରା



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୨୦୧୩ ମସିହା ଜୁଲାଇ। ସେତେବେଳେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହୋଇ ନ ଥିଲେ। ରଥଯାତ୍ରା ସମୟରେ ସେ ପୁରୀ ଆସି ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ ଏବଂ ପ୍ରାୟ କୋଡ଼ିଏ ମିନିଟ୍ ଚତୁର୍ଧାମୂର୍ତ୍ତିଙ୍କ ଦର୍ଶନ ଓ ସାନ୍ନିଧ୍ୟ ଲାଭ କରିଥିଲେ। ପରେ ସେ ସାମ୍ବାଦିକମାନଙ୍କ ସହ ଓଡ଼ିଆରେ କଥା ହୋଇଥିଲେ। "ଜୟ ଜଗନ୍ନାଥ, ବନ୍ଦେ ଉତ୍କଳ ଜନନୀ" ଉଚ୍ଚାରଣ କରି ସେ କହିଥିଲେ ଯେ ଦେଶର ବିକାଶ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ନେବାକୁ ସେ ସୋମନାଥ ଧାମରୁ ଆସିଛନ୍ତି। ଗୁଜରାଟର ବିକାଶରେ ଓଡ଼ିଆମାନଙ୍କ ଅବଦାନର କଥା ମଧ୍ୟ ସେ ସେଦିନ କହିଥିଲେ।

ସେହିଦିନର କଥା ମୁଁ ଅନେକ ସମୟରେ ଭାବିଛି। କାରଣ, ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀ ୭୬ ବର୍ଷରେ ପଦାର୍ପଣ କରୁଛନ୍ତି। ଜନ୍ମଦିନ ହେଉଛି ଅତୀତର ଯାତ୍ରାକୁ ଫେରି ଦେଖିବା, ବର୍ତ୍ତମାନକୁ ବୁଝିବା ଏବଂ ଭବିଷ୍ୟତର ସ୍ୱପ୍ନକୁ ନୂଆ ଭାବେ ଦେଖିବାର ଏକ ବିଶେଷ ଅବସର। ତେଣୁ ପ୍ରଶ୍ନ ଉଠେ- ସେହି ସମୟର ଓଡ଼ିଶା ପ୍ରତି ତାଙ୍କର ଆତ୍ମୀୟତା, ଏତେ ବର୍ଷ ପରେ ଓଡ଼ିଶା ପାଇଁ କ'ଣ ଅର୍ଥ ବହନ କରିଛି? ଏହାର ଉତ୍ତର କେବଳ କୌଣସି ଗୋଟିଏ ପ୍ରକଳ୍ପ କିମ୍ବା ଘୋଷଣାରେ ଖୋଜିହେବ ନାହିଁ। ଏଥିପାଇଁ ଏହି ବର୍ଷଗୁଡ଼ିକରେ ଭାରତରେ ଘଟିଥିବା ବଡ଼ ପରିବର୍ତ୍ତନ ଏବଂ ତାହା ପଛରେ ଥିବା ନେତୃତ୍ୱର ଦୃଷ୍ଟିକୋଣକୁ ଦେଖିବାକୁ ହେବ।

ସାଧାରଣ ଜୀବନରେ କାମ କରିବାର ସୁଯୋଗ ପାଇଥିବା ଏବଂ ଆଜି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିବା ବ୍ୟକ୍ତି ଭାବେ ମୋତେ ଯାହା ସବୁଠାରୁ ଅଧିକ ଆକର୍ଷିତ କରେ, ତାହା ହେଉଛି ନରେନ୍ଦ୍ର ମୋଦୀଙ୍କର ଦେଶ ସହିତ ଥିବା ଅସାଧାରଣ ବ୍ୟାପକ ସମ୍ପର୍କ। 'ମନ୍ କି ବାତ୍'ରେ ସେ ସାଧାରଣ ନାଗରିକଙ୍କ ସହ କଥା ହୁଅନ୍ତି, ସେମାନଙ୍କ କାହାଣୀ, ଚିନ୍ତା ଓ ସଫଳତାକୁ ଦେଶ ସମ୍ମୁଖକୁ ଆଣନ୍ତି। ସଂସଦରେ ଦେଶର ଦିଗ ଓ ଭବିଷ୍ୟତକୁ ନେଇ ହେଉଥିବା ଗଭୀର ଆଲୋଚନାକୁ ନେତୃତ୍ୱ ଦିଅନ୍ତି। ବିଦେଶରେ ବିଶ୍ୱର ଶକ୍ତିଶାଳୀ ରାଜଧାନୀଗୁଡ଼ିକରେ ଭାରତର ସ୍ୱାର୍ଥ ଓ ଆକାଂକ୍ଷାକୁ ଦୃଢ଼ତାର ସହ ଉପସ୍ଥାପନ କରନ୍ତି। ଦେଶ ଭିତରେ ମଧ୍ୟ ଗୋଟିଏ ପରେ ଗୋଟିଏ ବିଶ୍ୱସ୍ତରୀୟ ଆହ୍ୱାନ ଓ ଅନିଶ୍ଚିତତା ମଧ୍ୟରେ ଅର୍ଥନୈତିକ ଓ ଆର୍ଥିକ ନୀତିକୁ ଦିଗଦର୍ଶନ ଦେଇଛନ୍ତି।

ମାତ୍ର କିଛିଦିନ ତଳେ ନୂଆଦିଲ୍ଲୀରେ ଅନୁଷ୍ଠିତ ବ୍ରିକ୍ସ ଶିଖର ସମ୍ମିଳନୀରେ ମଧ୍ୟ ଏହି ବ୍ୟାପକ ଦୃଷ୍ଟିକୋଣର ଏକ ଚିତ୍ର ଦେଖିବାକୁ ମିଳିଲା। ଭାରତ ନିଜ ସ୍ୱାର୍ଥକୁ ଦୃଢ଼ ଭାବେ ଉପସ୍ଥାପନ କରିବା ସହ ବିଶ୍ୱ ବ୍ୟବସ୍ଥାର ନିର୍ମାଣରେ ଗ୍ଲୋବାଲ୍ ସାଉଥ୍‌ର ଅଧିକ ସ୍ୱର ରହିବା ଆବଶ୍ୟକ ବୋଲି ଯୁକ୍ତି ରଖିଲା।

ଏହି ଦଶନ୍ଧି ଭାରତ ପାଇଁ ସହଜ ନଥିଲା। ମହାମାରୀ, ଯୁଦ୍ଧ, ଭୂ-ରାଜନୈତିକ ଅସ୍ଥିରତା, ବିଶ୍ୱ ଅର୍ଥନୀତିର ଅନିଶ୍ଚିତତା - ଏସବୁ ଏକ ଦେଶର ଦୀର୍ଘମିଆଦୀ ଲକ୍ଷ୍ୟକୁ ସହଜରେ ପ୍ରଭାବିତ କରିପାରିଥାନ୍ତା। କିନ୍ତୁ ଏସବୁ ସତ୍ତ୍ୱେ ଭାରତର ବିକାଶ ଯାତ୍ରା ଅଟକି ରହିଲା ନାହିଁ। ଯେଉଁ ଦେଶ ଏକଦିନ Fragile Five ଭାବେ ଚିହ୍ନିତ ହେଉଥିଲା, ସେହି ଭାରତ ଆଜି ବିଶ୍ୱର ଶୀର୍ଷ ପାଞ୍ଚ ଅର୍ଥନୀତି ମଧ୍ୟରେ ରହିଛି। ଭିତ୍ତିଭୂମିର ବିସ୍ତାର ହୋଇଛି, ଡିଜିଟାଲ୍ ବ୍ୟବସ୍ଥା ନାଗରିକ ଓ ରାଷ୍ଟ୍ର ମଧ୍ୟରେ ସମ୍ପର୍କର ଧାରାକୁ ବଦଳାଇଛି, କୋଟି କୋଟି ଲୋକ ମୌଳିକ ସୁବିଧା ପାଇଛନ୍ତି ଏବଂ ବିଶ୍ୱ ସହ ପ୍ରତିଯୋଗିତା, ଆଲୋଚନା ଓ ନେତୃତ୍ୱ ନେବାରେ ଭାରତର ଆତ୍ମବିଶ୍ୱାସ ବଢ଼ିଛି।

ଏହି ସବୁ ଦିଗକୁ ଏକାଠି ଧରି ରଖିବାର କ୍ଷମତା ହିଁ ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଛି ଏବଂ ଆଜି ମଧ୍ୟ କରୁଛି - ସାଧାରଣ ନାଗରିକଙ୍କ ସହ ଯୋଡ଼ି ରହିବା ସହିତ ଦେଶ ଓ ବିଶ୍ୱ ସମ୍ମୁଖୀନ ହେଉଥିବା ବଡ଼ ପ୍ରଶ୍ନଗୁଡ଼ିକ ଉପରେ ଏକାସାଙ୍ଗରେ ଚିନ୍ତା କରିବା; ତତ୍କାଳୀନ ସମସ୍ୟାର ସମାଧାନ କରିବା ସହିତ ଭାରତ ପାଇଁ ଏକ ବଡ଼ ଲକ୍ଷ୍ୟ ଆଖିରେ ରଖିବା।

ମୁଁ ବିଶ୍ୱାସ କରେ ଯେ ଏହି ପରିବର୍ତ୍ତନ ଓଡ଼ିଶା ପାଇଁ ବହୁତ କିଛି ଅର୍ଥ ବହନ କରିଛି। ଯାହା ଏକ ତୀର୍ଥଯାତ୍ରା ଭାବରେ ଆରମ୍ଭ ହୋଇଥିଲା, ତାହା ଏକ ଦଶନ୍ଧି ମଧ୍ୟରେ ଏକ ବୃହତ୍ ନୀତିଗତ ବ୍ୟବସ୍ଥାରେ ପରିଣତ ହୋଇଛି। ଓଡ଼ିଶା ଆଜି ଦେଶର ଏପରି ଏକମାତ୍ର ରାଜ୍ୟ ଭାବରେ ଛିଡ଼ା ହୋଇଛି ଯେଉଁଠାରେ ଭାରତର ପ୍ରଥମ ଯୌଗିକ ସେମିକଣ୍ଡକ୍ଟର ଫ୍ୟାବ୍ରିକେସନ୍ ୟୁନିଟ୍ ଏବଂ ପ୍ରଥମ ଥ୍ରୀ-ଡି ଗ୍ଲାସ୍-ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଂ ସୁବିଧା ସ୍ଥାପିତ ହେଉଛି। କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ଆମ ରାଜ୍ୟରେ ସେମିକଣ୍ଡକ୍ଟର ୟୁନିଟ୍‌ଗୁଡ଼ିକୁ ମଞ୍ଜୁରୀ, ପ୍ରସ୍ତାବିତ ଉତ୍ସର୍ଗୀକୃତ ବିରଳ ମୃତ୍ତିକା କରିଡର (Dedicated Rare Earth Corridor) ଏବଂ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡର ମିଳିତ ଭାବରେ ଏକ ଏପରି ରାଜ୍ୟର ଶିଳ୍ପ ଦିଗକୁ ପ୍ରତିଫଳିତ କରୁଛି ଯାହା ଦୀର୍ଘ ଦିନ ଧରି ନିଜର ଖଣିଜ ସମ୍ପଦ ବାହାରକୁ ପଠାଇଆସିଛି, କିନ୍ତୁ ରାଜ୍ୟ ଭିତରେ ସେଗୁଡ଼ିକର ମୂଲ୍ୟବୃଦ୍ଧି (value addition) ସୁଯୋଗ ସୀମିତ ଥିଲା।

ଏସବୁ କୌଣସି ବିଚ୍ଛିନ୍ନ ଘଟଣା ନୁହେଁ। ପୂର୍ବ ଭାରତର ଉତ୍ଥାନକୁ ଜାତୀୟ ବିକାଶର ମୁଖ୍ୟ ଧାରାର ଅଂଶ ଭାବେ ଦେଖିବାର କେନ୍ଦ୍ରର ନୀତିଗତ ଆଭିମୁଖ୍ୟ ଏହାର ପଛରେ ରହିଛି। ଏହା ହିଁ ପ୍ରୟୋଗରେ ପୂର୍ବୋଦୟ - ପାରାଦୀପ ବନ୍ଦରର କ୍ଷମତା ବୃଦ୍ଧି, ପାରାଦୀପ ଓ ଗୋପାଳପୁରରେ ING ଟର୍ମିନାଲ୍‌ର ବିକାଶ, ବାହୁଦା ବନ୍ଦର ଓ ମହାନଦୀରେ ରିଭରାଇନ୍ ସିପ୍‌ବିଲ୍ଡିଂ ପ୍ରକଳ୍ପକୁ ଅନୁମୋଦନ ଏବଂ ଟ.୯୦,୦୦୦ କୋଟିରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ, ଯାହା ରାଜ୍ୟର ସଂଯୋଗ ବ୍ୟବସ୍ଥାକୁ ଅଭୂତପୂର୍ବ ଗତି ଓ ବ୍ୟାପକତା ପ୍ରଦାନ କରୁଛି।

ଦଶନ୍ଧି ଦଶନ୍ଧି ଧରି ଅନ୍ୟ ରାଜ୍ୟର ଶିଳ୍ପ ପାଇଁ ଖଣିଜ ଯୋଗାଇଥିବା ଏକ ଅଞ୍ଚଳ ଆଜି ନିଜକୁ ଏକ ସ୍ୱତନ୍ତ୍ର ନିବେଶ ଗନ୍ତବ୍ୟ ଭାବେ ପ୍ରତିଷ୍ଠିତ କରିବାର ସୁଯୋଗ ପାଉଛି। ନିକଟରେ ଆବୁଧାବି ଓ ଦୁବାଇରେ ଆମର ତିନିଦିନିଆ ରୋଡ୍‌ଶୋ ପ୍ରାୟ ଟ.୨.୪୩ ଲକ୍ଷ କୋଟିର ନିବେଶ ପ୍ରସ୍ତାବ ଏବଂ ଆଠଟି ସ୍ୱାକ୍ଷରିତ MoU ନେଇ ଫେରିଛୁ, ଯେଉଁଥିରେ ୮ ଲକ୍ଷରୁ ଅଧିକ ନିଯୁକ୍ତିର ସମ୍ଭାବନା ରହିଛି। ଏକ ଦଶନ୍ଧି ପୂର୍ବେ, ଉପସାଗରୀୟ ଦେଶଗୁଡ଼ିକର ସାର୍ବଭୌମ ନିବେଶ ପାଣ୍ଠିକୁ ଓଡ଼ିଶାରେ ନିବେଶ ପାଇଁ ଆମନ୍ତ୍ରଣ କରିବା ଏକ ବିରଳ ଘଟଣା ହୋଇଥା'ନ୍ତା; ଆଜି ଏହା ଓଡ଼ିଶାର ବିକାଶ ଯାତ୍ରାର ସ୍ୱାଭାବିକ ଅଂଶ।

ଏହି ଦଶନ୍ଧିର ଯେଉଁ ଦିଗଟିକୁ ମୁଁ ସବୁଠାରୁ ଅଧିକ ବ୍ୟକ୍ତିଗତ ଭାବେ ବୁଝେ, ତାହା ଭିତ୍ତିଭୂମି ନୁହେଁ। ତାହା ହେଉଛି - ଜଣେ ମଣିଷ କେଉଁଠି ଜନ୍ମ ନେଇଛନ୍ତି, ତାହା ତାଙ୍କର ଆଗକୁ ବଢ଼ିବାର ସୀମା ନିର୍ଦ୍ଧାରଣ କରିବା ଉଚିତ ନୁହେଁ। ମୁଁ କେନ୍ଦୁଝରର ଏକ ଛୋଟ ଆଦିବାସୀ ଗାଁରୁ ଆସିଛି। ମୋର ଏହି ଯାତ୍ରା, ମୋ ପାଇଁ ତଥା ପୁରା ଓଡ଼ିଶା ପାଇଁ, *ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ*ର ଅର୍ଥକୁ ପ୍ରତିପାଦିତ କରେ।

ଓଡ଼ିଶାର ଆଦିବାସୀ ସମୁଦାୟ ଆମ ଜନସଂଖ୍ୟାର ପ୍ରାୟ ଏକ-ଚତୁର୍ଥାଂଶ। ଦୀର୍ଘ ସମୟ ଧରି ସେମାନଙ୍କୁ ମୁଖ୍ୟତଃ କଲ୍ୟାଣମୂଳକ ଯୋଜନାର ହିତାଧିକାରୀ ଭାବେ ଦେଖାଯାଉଥିଲା; ଶିଳ୍ପ ଓ ଭିତ୍ତିଭୂମି ଯୋଜନାର ସହଭାଗୀ ଭାବେ ନୁହେଁ। ଏହି ଦୃଷ୍ଟିକୋଣ ବଦଳିଛି। PM-JANMAN ଆମର ସବୁଠାରୁ ଅସୁରକ୍ଷିତ ଆଦିବାସୀ ସମୁଦାୟଗୁଡ଼ିକ ପାଖରେ ସିଧାସଳଖ ପହଞ୍ଚିଛି। ଆୟୁଷ୍ମାନ ଭାରତ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସ୍ୱାସ୍ଥ୍ୟ ସୁରକ୍ଷା ଓ ସମ୍ମାନଜନକ ଆବାସର ସୁଯୋଗ ବଢ଼ାଇଛି। ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଦେଶର ରାଷ୍ଟ୍ରପତି ଭାବେ ପ୍ରତିଷ୍ଠା କରିବା ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେବଳ ଓଡ଼ିଶା ପ୍ରତି ନିଜର ପ୍ରେମ ଓ ଭଲପାଇବା ଦେଖାଇ ନଥିଲେ, ବରଂ ସବୁଠାରୁ ଅବହେଳିତ ତଥା ଶେଷ ଫଳ୍‌ଗିର ମଣିଷ ପ୍ରତି ରହିଥିବା ତାଙ୍କର ଗଭୀର ସମ୍ବେଦନଶୀଳତାର ପରିଚୟ ଦେଇଥିଲେ। ଏଥିସହିତ ସେ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇ ଗଣତାନ୍ତ୍ରିକକରଣ କରିଛନ୍ତି, ଯାହାକି ଆଉ କେବଳ କିଛି ନିର୍ଦ୍ଦିଷ୍ଟ ଅଭିଜାତ ବର୍ଗଙ୍କ ହାତରେ ସୀମିତ ହୋଇ ରହିନାହିଁ।

ବିକାଶର ମୂଳଦୁଆ ପାଇଁ ଶାନ୍ତି ମଧ୍ୟ ଆବଶ୍ୟକ। ଏବଂ ଏ କ୍ଷେତ୍ରରେ ମଧ୍ୟ ଏକ ବଡ଼ ପରିବର୍ତ୍ତନ ଘଟିଛି। ଦଶନ୍ଧି ଧରି ବାମପନ୍ଥୀ ଉଗ୍ରବାଦର ପ୍ରଭାବ ଭୋଗିଥିବା ଓଡ଼ିଶାକୁ ମାର୍ଚ୍ଚ ୨୦୨୬ରେ IWE-ମୁକ୍ତ ଘୋଷଣା କରାଯାଇଛି। ମାଲକାନଗିରି, କୋରାପୁଟ ଓ କନ୍ଧମାଳ ଭଳି ଜିଲ୍ଲା, ଯେଉଁଠାରେ ଦୀର୍ଘ ସମୟ ଧରି ମାଓବାଦୀ ହିଂସା ରହିଥିଲା, ଆଜି ଏପରି ଏକ ଭବିଷ୍ୟତ ଆଡ଼କୁ ଚାହିଁପାରୁଛନ୍ତି, ଯେଉଁଠାରେ ସୁରକ୍ଷାର ରାସ୍ତା ଓ ବିକାଶର ରାସ୍ତା ଏକାଠି ଆଗକୁ ବଢ଼ିବ। ଯେଉଁମାନେ ଲାଲ ଆତଙ୍କବାଦର ବିଭୀଷିକା ଅଙ୍ଗେ ନିଭେଇଛନ୍ତି, ତାଙ୍କ ନିମନ୍ତେ ଏ ସଫଳତା କୌଣସି ସେମିକଣ୍ଡକ୍ଟର କାରଖାନାଠୁ କମ ଚମକପ୍ରଦ ନୁହେଁ।

କଲ୍ୟାଣ କ୍ଷେତ୍ରରେ ମଧ୍ୟ ଆମ ସରକାର ସେହି ଦୃଷ୍ଟିକୋଣକୁ ଆଗକୁ ନେବାକୁ ଚେଷ୍ଟା କରିଛି। ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ସୁଭଦ୍ରା ଯୋଜନା, ଚାଷୀଙ୍କ ପାଇଁ ସମୃଦ୍ଧ କୃଷି ଯୋଜନା ସହ ଗ୍ରାମୀଣ ସଡ଼କ, ପାଇପ୍ ଯୋଗେ ପାନୀୟଜଳ ଏବଂ ଶେଷ ପର୍ଯ୍ୟାୟରେ ଡିଜିଟାଲ୍ ମାଧ୍ୟମରେ ସରକାରୀ ସେବା ପହଞ୍ଚାଇବା ଉପରେ ଆମେ ନିରନ୍ତର ଗୁରୁତ୍ୱ ଦେଇଆସିଛୁ।

ଏହି ଯୋଜନାଗୁଡ଼ିକ ସମସ୍ତ ସମସ୍ୟାର ସମାଧାନ କରିଦେଇଛି ବୋଲି ଆମେ ଦାବି କରୁନାହୁଁ। ଓଡ଼ିଶାର ମୁଣ୍ଡପିଛା ଆୟ ଓ ମାନବ ବିକାଶର କିଛି ସୂଚକାଙ୍କ ଆଜି ମଧ୍ୟ ଅନେକ ସମକକ୍ଷ ରାଜ୍ୟଠାରୁ ପଛରେ ରହିଛି। ଆମେ ଏହି ଦୂରତାକୁ କମାଇବା ପାଇଁ କାମ କରୁଛୁ। ଯେଉଁ ସଫଳତା ଏପର୍ଯ୍ୟନ୍ତ ଅର୍ଜନ ହୋଇନାହିଁ, ତାହାକୁ ଦାବି କରିବା ଅପେକ୍ଷା ଏହି ସତ୍ୟକୁ ସ୍ୱୀକାର କରିବା ମୋ ପାଇଁ ଅଧିକ ଶ୍ରେୟସ୍କର। ବଦଳିଛି ବିକାଶର ଦିଗ। ଏବଂ କେନ୍ଦ୍ର-ରାଜ୍ୟ ସମ୍ପର୍କ ମଧ୍ୟ ଏହି ଦୂରତାକୁ କମାଇବାକୁ କେବଳ ରାଜ୍ୟର ଦାୟିତ୍ୱ ଭାବେ ନଦେଖି, ଏକ ସାମୂହିକ ଦାୟିତ୍ୱ ଭାବେ ଦେଖୁଛି।

ଏସବୁ ପରିବର୍ତ୍ତନ ମଧ୍ୟରେ ଏକ ସାଂସ୍କୃତିକ ସୂତ୍ର ମଧ୍ୟ ରହିଛି, ଯାହା ଆମ ପାଇଁ ଯେକୌଣସି ନିବେଶ ତଥ୍ୟ ପରି ଗୁରୁତ୍ୱପୂର୍ଣ୍ଣ। *ମନ୍ କି ବାତ୍* ଓ ଅନ୍ୟାନ୍ୟ ମେଡିଆ ମାଧ୍ୟମରେ ଓଡ଼ିଶାର ମନ୍ଦିର, କାରିଗରୀ ଓ ସଭ୍ୟତାର ଉଚ୍ଚାଟତା ପ୍ରତି ପ୍ରଧାନମନ୍ତ୍ରୀଙ୍କ ନିରନ୍ତର ଗୁରୁତ୍ୱ ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ତାଙ୍କର ବ୍ୟକ୍ତିଗତ ଭକ୍ତି ଓଡ଼ିଆ ଅସ୍ମିତାକୁ ଜାତୀୟ ମଞ୍ଚରେ ଏକ ନୂଆ ପରିଚୟ ଦେଇଛି।

କିନ୍ତୁ ବୋଧହୁଏ ଏହି ସମ୍ପର୍କର ଆହୁରି ଅର୍ଥପୂର୍ଣ୍ଣ ଦିଗ ହେଉଛି - *ମନ୍ କି ବାତ୍* ମାଧ୍ୟମରେ ସେ ବାରମ୍ବାର ସାଧାରଣ ଓଡ଼ିଆଙ୍କ କାର୍ଯ୍ୟକୁ ସମଗ୍ର ଦେଶର ଦୃଷ୍ଟିକୁ ଆଣିଛନ୍ତି। ହୀରାକୁଦ ଜଳଭଣ୍ଡାରରେ ମାଛଚାଷ କରି ନିଜ ଜୀବନକୁ ବଦଳାଇଥିବା ସୁଜାତା ଭୂୟାଁଙ୍କ ଭଳି ଜଣେ ସାଧାରଣ ଓଡ଼ିଆ ମହିଳାଙ୍କ ଉଦ୍ୟମକୁ ଦେଶବାସୀଙ୍କ ସମ୍ମୁଖରେ ରଖିବା ହେଉଛି ଏହାର ଏକ ଉଦାହରଣ। ଗବେଷଣା, ବିଜ୍ଞାନ ଓ ସାର୍ବଜନୀନ ଜୀବନରେ ଅବଦାନ ରଖୁଥିବା ଅନେକ ଓଡ଼ିଆଙ୍କ କାର୍ଯ୍ୟକୁ ମଧ୍ୟ ସେ ଜାତୀୟ ପରିଚୟ ଦେଇଛନ୍ତି। ଏଭଳି ଅନାଲୋଚିତ ପ୍ରତିଭା ଓ ଅବଦାନକୁ ଦେଶ ସମ୍ମୁଖରେ ଆଣିବା ଦ୍ୱାରା ଓଡ଼ିଶାର ଏକ ଏଭଳି ଚିତ୍ର ଜାତୀୟ ସ୍ତରରେ ପହଞ୍ଚିଛି, ଯାହାକୁ ଦେଶ ଏପର୍ଯ୍ୟନ୍ତ ତାହାର ଯୋଗ୍ୟତା ଅନୁସାରେ ଜାଣିପାରିନଥିଲା।

ଏହି ବର୍ଷ ଓଡ଼ିଶା ଦିବସ ଅବସରରେ, ନିର୍ବାଚନୀ ପରିବେଶ ମଧ୍ୟରେ ପ୍ରଧାନମନ୍ତ୍ରୀ ଆମକୁ ଚିଠି ଲେଖି ବୀର ସୁରେନ୍ଦ୍ର ସାଏଙ୍କ ସାହସ, ମଧୁସୂଦନ ଦାସଙ୍କ ବୌଦ୍ଧିକ ଐତିହ୍ୟ ଏବଂ ଫକୀରମୋହନ ସେନାପତିଙ୍କ ସାହିତ୍ୟିକ ପ୍ରତିଭାକୁ ସ୍ମରଣ କରିଥିଲେ। ଓଡ଼ିଶା ଏହାକୁ କେବଳ ଏକ ଔପଚାରିକ ସୌଜନ୍ୟ ଭାବେ ଗ୍ରହଣ କରିନଥିଲା। ଏହା ଆମକୁ ସ୍ମରଣ କରାଇଦିଏ ଯେ, ପ୍ରଧାନମନ୍ତ୍ରୀ ମୋଦୀ ଓଡ଼ିଶାର ଇତିହାସ ଏବଂ ଏହାର ମଣିଷମାନଙ୍କ କାହାଣୀକୁ କେବଳ କୌଣସି ପୃଷ୍ଠାର ଫୁଟନୋଟ୍ (ପାଦଟୀକା) ଭାବେ ନୁହେଁ, ବରଂ ଭାରତର ମୁଖ୍ୟ ଧାରାର ନିଜସ୍ୱ କାହାଣୀର ଏକ ଅବିଚ୍ଛେଦ୍ୟ ଅଂଶ ବୋଲି ବିବେଚନା କରନ୍ତି।

ଆସନ୍ତା ଦଶନ୍ଧି ମଧ୍ୟରେ ଓଡ଼ିଶା ତାହାର ଗଠନର ଶହେ ବର୍ଷ ପୂରଣ କରିବ। ୨୦୩୬ ସୁଦ୍ଧା ଏକ *ସମୃଦ୍ଧ ଓଡ଼ିଶା* ଗଢ଼ିବାର ଲକ୍ଷ୍ୟ ଆମେ ରଖିଛୁ, ଯାହା ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ *ବିକଶିତ ଭାରତ*ର ସ୍ୱପ୍ନ ସହ ସିଧାସଳଖ ଭାବେ ଯୋଡ଼ିତ।

ଏହି ସମନ୍ୱୟ କୌଣସି ଦୁର୍ଘଟଣା ନୁହେଁ ବୋଲି ମୁଁ ଭାବେ। ଏହା କୌଣସି ଗୋଟିଏ ଯୋଜନା କିମ୍ବା ଘୋଷଣାର ଫଳ ମଧ୍ୟ ନୁହେଁ। ଏହାର ମୂଳ ୨୦୧୩ର ସେହି ମହାମାନବଙ୍କ ମଧ୍ୟରେ ରହିଛି, ଯିଏ ପୁରୀ ଆସି ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ନେଇ ଦେଶର ବିକାଶ ପାଇଁ ପ୍ରାର୍ଥନା କରିଥିଲେ ଏବଂ ଯେଉଁ ରାଜ୍ୟ ଦୀର୍ଘ ସମୟ ଧରି ଜାତୀୟ ଆଲୋଚନାର ପ୍ରାନ୍ତରେ ରହିଥିଲା, ତାହାକୁ ଭାରତର ଭବିଷ୍ୟତରେ ଏକ କେନ୍ଦ୍ରୀୟ ଭୂମିକା ନେବାକୁ ସକ୍ଷମ ରାଜ୍ୟ ଭାବେ ଦେଖିଥିଲେ।

ବାର ବର୍ଷ ପରେ ସେହି ବିଶ୍ୱାସ ଆଜି ଆମ ସମ୍ମୁଖରେ ଏକ ବିରାଟ ସୁଯୋଗ ଭାବେ ଉଭା ହୋଇଛି। ତାଙ୍କର ୭୬ତମ ଜନ୍ମଦିନରେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ମୋର ଦୃଢ଼ ବିଶ୍ୱାସ - ଆମେ ତାଙ୍କୁ ପ୍ରକୃତରେ ଯେଉଁ ଉପହାର ଦେଇପାରିବୁ, ତାହା କେବଳ ଓଡ଼ିଶା ପ୍ରତି ତାଙ୍କର ଅସୀମ ଭରସା ପାଇଁ କୃତଜ୍ଞତା ଜଣାଇବା ନୁହେଁ; ବରଂ ସେହି ବିଶ୍ୱାସକୁ ସତ୍ୟରେ ପରିଣତ କରିବାର ସଂକଳ୍ପ। ଆମର ପରମ ଦାୟିତ୍ୱ ହେଉଛି ଏପରି ଏକ ସମୃଦ୍ଧ ଓଡ଼ିଶା ଗଢ଼ିବା, ଯାହା ଏକ 'ବିକଶିତ ଭାରତ' ଗଠନର ତାଙ୍କ ସ୍ୱପ୍ନରେ ଏକ ଅବିସ୍ମରଣୀୟ ଅବଦାନ ରଖିପାରିବ।

ଜୟ ଜଗନ୍ନାଥ। ଜୟ ହିନ୍ଦ।

# ଆଦିବାସୀଙ୍କ ପବିତ୍ର ବନ

ବିଦ୍ୟାଧର ମହାରଣା

ଆଦିବାସୀ ମାନେ ମୁଖ୍ୟତଃ ବନବାସୀ। ପ୍ରକୃତି ସହିତ ସେମାନଙ୍କ ସମ୍ପର୍କ ଅତି ନିବିଡ଼। ସେମାନଙ୍କର ଜୀବନଶୈଳୀ, ସଂସ୍କୃତି, ଧାର୍ମିକ ବିଶ୍ୱାସ ଏବଂ ଜୀବିକା ପ୍ରାକୃତିକ ସମ୍ପଦ ଉପରେ ନିର୍ଭରଶୀଳ। ଏହି ପରିପ୍ରେକ୍ଷୀରେ 'ପବିତ୍ରବନ' (Sacred Grove) ଆଦିବାସୀ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ। 'ପବିତ୍ରବନ' ହେଉଛି ମୁଖ୍ୟତଃ ପ୍ରତି ଗ୍ରାମର ଏକ ସଂରକ୍ଷିତ ଜଙ୍ଗଲ କିମ୍ବା ବନାଞ୍ଚଳ, ଯାହାକୁ ସ୍ଥାନୀୟ ଲୋକମାନେ ଦେବାଦେବୀ, ଗ୍ରାମଦେବତା କିମ୍ବା ପୂର୍ବପୁରୁଷଙ୍କ ବାସସ୍ଥାନ ବୋଲି ବିଶ୍ୱାସ କରି ସୁରକ୍ଷିତ ରଖିଥାନ୍ତି। ଏହି ବନରେ ଗଛ କାଟିବା, ପଶୁ ଶିକାର କରିବା କିମ୍ବା ପ୍ରାକୃତିକ ସମ୍ପଦର ଅପବ୍ୟବହାର କରିବାକୁ ନିଷେଧ କରାଯାଇଥାଏ। ଏହି ପାରମ୍ପରିକ ବ୍ୟବସ୍ଥା ପରିବେଶ ସଂରକ୍ଷଣର ଏକ ଉତ୍କୃଷ୍ଟ ଉଦାହରଣ। ଓଡ଼ିଶାର ମୁଖ୍ୟ ୬୨ ଆଦିବାସୀ ସମ୍ପ୍ରଦାୟ ପ୍ରାୟ ୧୧୦୦୦ 'ପବିତ୍ରବନ' ସଂରକ୍ଷଣ କରିବାର ଅଟକଳ କରାଯାଏ।

ଆଦିବାସୀଙ୍କ 'ପବିତ୍ରବନ' ଜୈବବିବିଧତାର ସୁରକ୍ଷାରେ ଅତ୍ୟନ୍ତ ଉପଯୋଗୀ। କାରଣ ଏହି ବନଗୁଡ଼ିକରେ ବହୁ ଦୁର୍ଲଭ ବୃକ୍ଷ, ଔଷଧୀୟ ଉଦ୍ଭିଦ, ପକ୍ଷୀ, କୀଟପତଙ୍ଗ ଓ ବନ୍ୟଜନ୍ତୁ ସୁରକ୍ଷିତ ଭାବେ ବାସ କରନ୍ତି। ମାନବ ହସ୍ତକ୍ଷେପ କମ୍ଥିବାରୁ ଏହି ବନ ପ୍ରାକୃତିକ ଭାବରେ ବଢ଼ିବାରେ ଲାଗେ। ତେଣୁ ଏଗୁଡ଼ିକ ପ୍ରକୃତିର ମୂଲ୍ୟବାନ ଭଣ୍ଡାର ଭାବରେ ପରିଚିତ। ବୃକ୍ଷ ଦେବତାଙ୍କର ପୂଜା ଆଦିବାସୀମାନେ ବିଭିନ୍ନ ପର୍ବପର୍ବାଣୀଗୁଡ଼ିକରେ ଏଠାରେ କରନ୍ତି ଓ ଗ୍ରାମ୍ୟ ଭୋଜି ମଧ୍ୟ ଆୟୋଜନ କରନ୍ତି। 'ପବିତ୍ରବନ' ଜଳ ସଂରକ୍ଷଣରେ ମଧ୍ୟ ବିଶେଷ ଭୂମିକା ଗ୍ରହଣ କରେ। ଅତ୍ୟନ୍ତ ଘଞ୍ଚ ହୋଇଥିବାରୁ ଏହା ମାଟିର ଆର୍ଦ୍ରତା ବଜାୟ ରଖିଥାଏ, ଯାହାଦ୍ୱାରା ଭୂତଳ ଜଳସ୍ତର ବୃଦ୍ଧି ହୋଇ ଝରଣା, ନଦୀ ଓ ଜଳାଶୟକୁ ସଜୀବ ରଖିବାରେ ସାହାଯ୍ୟ କରେ। ଏହି ବନ ମୃତ୍ତିକା କ୍ଷୟକୁ ରୋକିବା ସହିତ ବନ୍ୟା ଓ ମରୁଡ଼ିର ପ୍ରଭାବକୁ ମଧ୍ୟ କମାଇଥାଏ। ତେଣୁ ପରିବେଶର ସନ୍ତୁଳନ ରକ୍ଷାରେ 'ପବିତ୍ରବନ'ର ଅବଦାନ ଅପରିସୀମ।

'ପବିତ୍ରବନ' ଆଦିବାସୀମାନଙ୍କର ସାଂସ୍କୃତିକ ଓ ଧାର୍ମିକ ପରମ୍ପରାର ପ୍ରତୀକ। ବିଭିନ୍ନ ପର୍ବପର୍ବାଣୀ, ପୂଜା, ଯଜ୍ଞ ଓ ସାମୂହିକ କାର୍ଯ୍ୟକ୍ରମ ଏହି ବନକୁ କେନ୍ଦ୍ର କରି ପାଳନ କରାଯାଏ। ଏହା ଆଦିବାସୀ ସମାଜର ଏକତା, ସହଯୋଗ ଓ ସାମାଜିକ ସମ୍ପ୍ରୀତିକୁ ଦୃଢ଼ କରେ। ପିଢ଼ିପରେ ପିଢ଼ି ଏହି ପରମ୍ପରାର ସଂରକ୍ଷଣ ଦ୍ୱାରା ସାଂସ୍କୃତିକ ଐତିହ୍ୟ ମଧ୍ୟ ଅକ୍ଷୁଣ୍ଣ ରହିଥାଏ। ଭାରତର ବିଭିନ୍ନ ଅଞ୍ଚଳ ଏବଂ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟମାନଙ୍କ ମଧ୍ୟରେ ଗଛ ସହ ଦେବଦେବୀଙ୍କ ସମ୍ପର୍କ ବିଷୟରେ ଅନେକ ପାରମ୍ପରିକ ବିଶ୍ୱାସ ପ୍ରଚଳିତ ଅଛି। ସମ୍ପ୍ରଦାୟ ଅନୁଯାୟୀ ଏହି ବିଶ୍ୱାସରେ ପରିବର୍ତ୍ତନ ଥାଇପାରେ, ତଥାପି ନିମ୍ନଲିଖିତ ଉଦାହରଣଗୁଡ଼ିକ ବ୍ୟାପକ ଭାବେ ଜଣାଶୁଣା। ଶାଳ ଗଛକୁ ଅନେକ ଆଦିବାସୀ ସମ୍ପ୍ରଦାୟ ଧରିତ୍ରୀ ମା', ଗ୍ରାମଦେବୀ କିମ୍ବା ସର୍ନା ଦେବତାଙ୍କ ପବିତ୍ର ବୃକ୍ଷ ବୋଲି ମାନନ୍ତି। ବରଗଛକୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ପ୍ରତୀକ ବୋଲି ମନାଯାଏ। ଏହା ଦୀର୍ଘାୟୁ, ସ୍ଥିରତା ଓ ଜୀବନର ପ୍ରତୀକ। ଅଶ୍ୱତ୍ଥ ବୃକ୍ଷକୁ ହିନ୍ଦୁ ପରମ୍ପରାରେ ଭଗବାନ ବିଷ୍ଣୁଙ୍କ ବୃକ୍ଷ ବୋଲି ମନାଯାଏ। ଅନେକ ସ୍ଥାନରେ ବ୍ରହ୍ମା ଓ ଶିବଙ୍କ ସହ ମଧ୍ୟ ଏହାର ସମ୍ପର୍କ ଉଲ୍ଲେଖ ମିଳେ। ନିମ ଗଛକୁ ଶୀତଳା ଦେବୀଙ୍କ ସହ ଯୋଡ଼ାଯାଏ। ଏହାର ଔଷଧୀୟ ଗୁଣ ଥିବାରୁ ସ୍ୱାସ୍ଥ୍ୟର ରକ୍ଷକ ବୃକ୍ଷ ବୋଲି ମଧ୍ୟ କୁହାଯାଏ। ବେଲପତ୍ର ଭଗବାନ ଶିବଙ୍କ ପୂଜାରେ ସର୍ବାଧିକ ପବିତ୍ର ମନାଯାଏ। କଦମ୍ବ ଗଛ ଭଗବାନ ଶ୍ରୀକୃଷ୍ଣଙ୍କ ସହ ସମ୍ବନ୍ଧିତ ବୋଲି ପ୍ରସିଦ୍ଧ। ତୁଳସୀକୁ ମା' ତୁଳସୀ ଏବଂ ଭଗବାନ ବିଷ୍ଣୁଙ୍କ ପ୍ରିୟ ବୋଲି ମାନାଯାଏ। ଆମ୍ବ ପତ୍ରକୁ ଶ୍ରୀଗଣେଶ ଓ ମା' ଲକ୍ଷ୍ମୀଙ୍କ ପୂଜାରେ ଶୁଭ ବୋଲି ବ୍ୟବହାର କରାଯାଏ।

ଓଡ଼ିଶାର ଜୁଆଙ୍ଗ, ଭୂୟାଁ, ମୁଣ୍ଡା, ହୋ, ସାନ୍ତାଳ, କନ୍ଧ, ଓରାଓଁ ଆଦି ଜନଜାତିମାନଙ୍କ ମଧ୍ୟରେ 'ପବିତ୍ରବନ'କୁ ଗ୍ରାମଦେବତା, ବନଦେବତା କିମ୍ବା ପୂର୍ବପୁରୁଷଙ୍କ ପବିତ୍ର ସ୍ଥାନ ବୋଲି ମାନି ସେଠାରେ ବୃକ୍ଷ କାଟିବା ଓ ବନ୍ୟଜୀବଙ୍କୁ କ୍ଷତି ପହଞ୍ଚାଇବା ନିଷେଧ ବୋଲି ବିଶ୍ୱାସ କରାଯାଏ। ଏହି ପାରମ୍ପରିକ ବିଶ୍ୱାସ ମଣିଷକୁ ପ୍ରକୃତି ପ୍ରତି ସମ୍ମାନ, ସଂଯମ ଓ ବନ ସଂରକ୍ଷଣର ଶିକ୍ଷା ଦେଇଥାଏ। ଆଦିବାସୀ ବୈଦ୍ୟମାନେ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଏହି ବନରୁ ଔଷଧୀୟ ଗଛ, ଲତା ଓ ମୂଳ ସଂଗ୍ରହ କରିଥା'ନ୍ତି। ପାରମ୍ପରିକ ଔଷଧ ଜ୍ଞାନ ଆଜି ମଧ୍ୟ ଅନେକ ଅଞ୍ଚଳରେ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷାରେ ସହାୟକ ହେଉଛି। ଏହି ଜ୍ଞାନକୁ ସଂରକ୍ଷଣ କରିବା ପାଇଁ 'ପବିତ୍ରବନ'ର ସୁରକ୍ଷା ଅତ୍ୟାବଶ୍ୟକ।

ବର୍ତ୍ତମାନ ସମୟରେ ଜଙ୍ଗଲ କଟା, ଖଣିଖନନ, ରାସ୍ତାନିର୍ମାଣ, ସହରୀକରଣ ଏବଂ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଅନେକ 'ପବିତ୍ରବନ' ବିପଦର ସମ୍ମୁଖୀନ ହେଉଛି। ଫଳରେ ଜୈବବିବିଧତା ନଷ୍ଟହେବା ସହିତ ଆଦିବାସୀମାନଙ୍କର ପାରମ୍ପରିକ ସଂସ୍କୃତି ମଧ୍ୟ କ୍ଷତିଗ୍ରସ୍ତ ହେଉଛି। ତେଣୁ ସରକାର, ସ୍ଥାନୀୟ ପ୍ରଶାସନ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ସମାଜର ସମସ୍ତଙ୍କର ମିଳିତ ପ୍ରୟାସରେ ଏହି 'ପବିତ୍ରବନ'ଗୁଡ଼ିକର ସଂରକ୍ଷଣ ଆବଶ୍ୟକ। ଖୁସିର କଥା ସମନ୍ୱିତ ଆଦିବାସୀ ବିକାଶ ପ୍ରକଳ୍ପରେ ଏବଂ ମାଇକ୍ରୋ ପ୍ରକଳ୍ପ ଗୁଡ଼ିକରେ ଏଗୁଡ଼ିକର ସୁରକ୍ଷା ସହିତ ସେଠାରେ ବସିବା ପାଇଁ ସିମେଣ୍ଟ ବେଞ୍ଚ୍ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଉଛି।

ପବିତ୍ରବନର ସୁରକ୍ଷା ପାଇଁ ସ୍ଥାନୀୟ ସମୁଦାୟର ଭୂମିକାକୁ ସ୍ୱୀକୃତି ଦେବା, ପରିବେଶ ସଚେତନତା ବୃଦ୍ଧି କରିବା, ବନ ସୁରକ୍ଷା ଆଇନର ସଠିକ୍ ପ୍ରୟୋଗ କରିବା ଏବଂ ଯୁବପିଢ଼ିଙ୍କୁ ଏହାର ମହତ୍ତ୍ୱ ସମ୍ପର୍କରେ ଶିକ୍ଷିତ କରିବା ଆବଶ୍ୟକ। ପବିତ୍ରବନକୁ କେବଳ ଧାର୍ମିକ ସ୍ଥାନ ଭାବରେ ନୁହେଁ, ବରଂ ପରିବେଶ, ସଂସ୍କୃତି ଏବଂ ସ୍ଥାୟୀ ବିକାଶର ଏକ ଅମୂଲ୍ୟ ସମ୍ପଦ ଭାବରେ ଦେଖିବା ଉଚିତ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଧୂଆଁରୁ ମହାକାଶ ଯାଏଁ: ସୁଭଦ୍ରା ସହ ଆଗେଇ ଚାଲିଛି ଓଡ଼ିଶାର ନାରୀଶକ୍ତି




ଶ୍ରୀମତୀ ପ୍ରଭାତୀ ପରିଡ଼ା

ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର


ଦିନ ଥିଲା ଯେଉଁ ହାତ ରୋଷେଇ ଘରର ଚୁଲି ଧୂଆଁ ମଧ୍ୟରେ ନିଜ ସ୍ୱପ୍ନକୁ ଲୁଚାଇ ରଖୁଥିଲା, ଆଜି ସେହି ହାତ ନୂଆ ଭାରତର ଭାଗ୍ୟ ଲେଖୁଛି। ଚୁଲିର ଧୂଆଁରୁ ମହାକାଶର ଯାତ୍ରା ପର୍ଯ୍ୟନ୍ତ, ଭାରତୀୟ ନାରୀଙ୍କ ଏହି ରୂପାନ୍ତର କେବଳ ଏକ ସାମାଜିକ ପରିବର୍ତ୍ତନ ନୁହେଁ, ବରଂ ବଦଳୁଥିବା ଭାରତର ପରିଚୟ। ଆଜି ନାରୀ କେବଳ ବିକାଶର ଲାଭାର୍ଥୀ ହୋଇ ରହିନାହିଁ, ସେ ନିଜେ ବିକାଶର ପ୍ରମୁଖ ସହଭାଗୀ ଓ ନେତୃତ୍ୱଦାତ୍ରୀ ସାଜିଛି। ଜାତୀୟ ସ୍ତରରେ ଉଜ୍ଜ୍ୱଳା, ଜନଧନ ଓ 'ଲକ୍ଷପତି ଦିଦି' ଭଳି କ୍ରାନ୍ତିକାରୀ ପଦକ୍ଷେପ ମହିଳାଙ୍କୁ ଆର୍ଥିକ ସ୍ୱାଧୀନତାର ସ୍ୱାଦ ଚଖାଇଥିବା ବେଳେ ଓଡ଼ିଶା ମାଟିରେ ଏହି ବୈପ୍ଳବିକ ଯାତ୍ରାର ସବୁଠୁ ଶକ୍ତିଶାଳୀ ଓ ଉଜ୍ଜ୍ୱଳ ଆଲେଖ୍ୟ ପାଲଟିଛି 'ସୁଭଦ୍ରା' ଯୋଜନା।

ସେପ୍ଟେମ୍ବର ୧୭ କେବଳ ଏକ ତାରିଖ ହୋଇ ରହିନାହିଁ; ଏହା ଓଡ଼ିଶାର ନାରୀଶକ୍ତି ପାଇଁ ଆଶା ଓ ଆତ୍ମନିର୍ଭରତାର ଏକ ମହୋତ୍ସବରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ଏବଂ ସେବା ସଂକଳ୍ପ ସହ ଯୋଡ଼ିହୋଇ 'ସୁଭଦ୍ରା' ଯୋଜନା ନିଜର ଦ୍ୱିତୀୟ ସଫଳ ବାର୍ଷିକୋତ୍ସବ ପାଳନ କରୁଛି। ରାଜ୍ୟର ପ୍ରାୟ ୧ କୋଟି ୩ ଲକ୍ଷ ମହିଳାଙ୍କ ପାଇଁ ଏହି ଦିନଟି ଏକ ନୂତନ ସମ୍ଭାବନାର ଦ୍ୱାର ଖୋଲିଦେଇଛି। ୫ ବର୍ଷିଆ ଏହି ବିଶାଳ ଯୋଜନାରେ ମୋଟ ୨୫, ୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ସିଧାସଳଖ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଉଛି, ଯାହା କେବଳ କାଗଜପତ୍ରର ତଥ୍ୟ ନୁହେଁ, ବରଂ ଲକ୍ଷ ଲକ୍ଷ ପରିବାରର ସାମାଜିକ ଓ ଆର୍ଥିକ ଭିତ୍ତିଭୂମିକୁ ସୁଦୃଢ଼ କରିବାର ମାଧ୍ୟମ ସାଜିଛି।

ତେବେ ଏହି ଆର୍ଥିକ ଅନୁଦାନ ପ୍ରକୃତରେ ସାମାଜିକ ସ୍ତରରେ କେତେ ପ୍ରଭାବ ପକାଇପାରିଛି, ତାହାର ସତ୍ୟାସତ୍ୟ ପରଖିବା ପାଇଁ ଆରମ୍ଭ ହୋଇଥିବା "ସୁଭଦ୍ରା ସମୀକ୍ଷା" ଏକ ଗୁରୁତ୍ୱପୂର୍ଣ୍ଣ ଅଭିମୁଖ୍ୟ। ରାଜ୍ୟର ୨୨,୦୦୦ରୁ ଅଧିକ ହିତାଧିକାରୀଙ୍କ ସହ ସିଧାସଳଖ କଥାବାର୍ତ୍ତା ଏବଂ ପ୍ରଭାବ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ମହିଳାମାନେ ସୁଭଦ୍ରାର ଟଙ୍କାକୁ କେବଳ ଦୈନନ୍ଦିନ ଖର୍ଚ୍ଚରେ ସୀମିତ ନରଖି ଆତ୍ମବିକାଶରେ ବିନିଯୋଗ କରୁଛନ୍ତି। ଯୋଜନାର ପ୍ରାରମ୍ଭିକ ପର୍ଯ୍ୟାୟରେ ମାତ୍ର ୧୨ ପ୍ରତିଶତ ମହିଳା ଦକ୍ଷତା ବିକାଶ ପାଇଁ ଆଗ୍ରହୀ ଥିବା ବେଳେ ପରବର୍ତ୍ତୀ କିସ୍ତି ଅନୁଧ୍ୟାନ ସୁଦ୍ଧା ଏହି ସଂଖ୍ୟା ଅଭୂତପୂର୍ବ ଭାବେ ୬୪ ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ପରିବର୍ତ୍ତନ ସ୍ପଷ୍ଟ କରେ ଯେ ଓଡ଼ିଶାର ମହିଳା ଆଜି କେବଳ ଭତ୍ତା ଗ୍ରହଣକାରୀ ନୁହନ୍ତି, ବରଂ ନିଜ ଦକ୍ଷତା ବୃଦ୍ଧି କରି ସ୍ୱାବଲମ୍ବୀ ହେବାକୁ ଗଭୀର ଆକାଂକ୍ଷା ରଖୁଛନ୍ତି।

ସରକାରୀ ସମୀକ୍ଷାର ଏହି ଆକଳନକୁ ପ୍ରମାଣିତ କରୁଛି IIM ସମ୍ବଲପୁର ଏବଂ SBI Research ର ସ୍ୱାଧୀନ ଅଧ୍ୟୟନ ରିପୋର୍ଟ। IIMସମ୍ବଲପୁରର ତଥ୍ୟ ଅନୁଯାୟୀ, ପ୍ରାୟ ୮୦ ପ୍ରତିଶତ ମହିଳା 'ସୁଭଦ୍ରା' ଅର୍ଥକୁ ଦୀର୍ଘମିଆଦୀ ଆର୍ଥିକ ସୁରକ୍ଷା ପାଇଁ ବିନିଯୋଗ କରୁଛନ୍ତି, ଯେଉଁଥିରେ ୨୫.୫୨ ପ୍ରତିଶତ (ଏବଂ ଅନୁସୂଚିତ ଜାତିର ୩୦.୨୫ ପ୍ରତିଶତ) ମହିଳା ନିଜସ୍ୱ କ୍ଷୁଦ୍ର ବ୍ୟବସାୟ ଆରମ୍ଭ କରିଛନ୍ତି। ସେହିପରି ୬୩.୯ ପ୍ରତିଶତ ମହିଳା ନିଜେ ଆର୍ଥିକ ନିଷ୍ପତ୍ତି ନେବା ସହ ୯୮ ପ୍ରତିଶତ ନିଜକୁ ସଶକ୍ତ ମନେକରୁଛନ୍ତି। ଅନ୍ୟପଟେ, SBI ରିପୋର୍ଟ ଦର୍ଶାଉଛି ଯେ ହିତାଧିକାରୀଙ୍କ ମାସିକ ଆକାଉଣ୍ଟ ବାଲାନ୍ସରେ ୪୫ ପ୍ରତିଶତ ଏବଂ କ୍ରୟ କ୍ଷମତାରେ ୨୮ ପ୍ରତିଶତ ବୃଦ୍ଧି ଘଟିଛି। ଏହି ସମସ୍ତ ଗବେଷଣାତ୍ମକ ତଥ୍ୟ ଗୋଟିଏ କଥା ପ୍ରମାଣିତ କରୁଛି ଯେ 'ସୁଭଦ୍ରା' କେବଳ ଏକ ସରକାରୀ ଯୋଜନା ହୋଇ ରହିନାହିଁ, ଏହା ମହିଳାଙ୍କ ମଧ୍ୟରେ ବ୍ୟବସାୟିକ ମନୋଭାବ ଓ ସଞ୍ଚୟର ନୂଆ ଆଶା ଜାଗ୍ରତ କରିଛି।

ଏହି ସଫଳତାର ସୂତ୍ରକୁ ଆଧାର କରି ଆମର ପରବର୍ତ୍ତୀ ଲକ୍ଷ୍ୟ ହେବା ଉଚିତ- ଟଙ୍କା ସହିତ ଦକ୍ଷତା, ଦକ୍ଷତା ସହିତ ବଜାର ଏବଂ ବଜାର ସହିତ ନିରନ୍ତର ଆୟକୁ ଯୋଡ଼ିବା। ଯେଉଁ ମହିଳାମାନେ ବ୍ୟବସାୟ ଆରମ୍ଭ କିମ୍ବା ବିସ୍ତାର କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ, ଡିଜିଟାଲ ବ୍ୟାଙ୍କିଂ ଏବଂ ଉପଯୁକ୍ତ ବଜାର ସହ ଯୋଡ଼ିବା ଆଜିର ସମୟର ଆବଶ୍ୟକତା। ଯେତେବେଳେ ଜଣେ ମହିଳା ନିଜ ପାଦରେ ଛିଡ଼ା ହୋଇ ଅନ୍ୟ ଦଶ ଜଣଙ୍କ ପାଇଁ ରୋଜଗାରର ବାଟ ଖୋଲିବେ, ସେତେବେଳେ 'ସୁଭଦ୍ରା' ଯୋଜନାରୁ ଏକ ସାମାଜିକ ଆନ୍ଦୋଳନର ରୂପ ନେବ।

ସେପ୍ଟେମ୍ବର ୧୭ ତେଣୁ କେବଳ ଏକ ଉତ୍ସବର ଦିନ ନୁହେଁ; ଏହା ଏକ ନୂଆ ସଂକଳ୍ପର ଦିନ। ଆସନ୍ତୁ, ଏହି ଦିନ ମା' ସୁଭଦ୍ରାଙ୍କ ଆଶୀର୍ବାଦରେ 'ଆଶୀର୍ବାଦର ଦୀପ' ଜଳାଇବା। ଏହି ଦୀପ ହେଉ ସେବାର ପ୍ରତୀକ, ଆତ୍ମନିର୍ଭରତାର ପ୍ରତୀକ ଏବଂ 'ରାଷ୍ଟ୍ର ପ୍ରଥମ' ଭାବନାର ପ୍ରତୀକ।

- ଆସନ୍ତୁ, ଏହି ଦୀପର ଆଲୋକରେ ପ୍ରତ୍ୟେକ ମହିଳାଙ୍କ ସ୍ୱପ୍ନକୁ ଆହୁରି ଉଜ୍ଜ୍ୱଳ କରିବା।
- ଆସନ୍ତୁ, ଜଳାଇବା ଆଶୀର୍ବାଦର ଦୀପ।
- ଆସନ୍ତୁ, ନେବା ସେବାର ସଂକଳ୍ପ।
- ଆସନ୍ତୁ, ଗଢ଼ିବା ଆତ୍ମନିର୍ଭର ନାରୀ, ଆତ୍ମନିର୍ଭର ଓଡ଼ିଶା।
- ଆସନ୍ତୁ, ମିଶିକରି ସାକାର କରିବା ଆତ୍ମନିର୍ଭର ଭାରତର ସ୍ୱପ୍ନ।
- ମା' ସୁଭଦ୍ରାଙ୍କ ଆଶୀର୍ବାଦରେ, ନାରୀଶକ୍ତିର ନେତୃତ୍ୱରେ- ଓଡ଼ିଶା ଆଗେଇବ, ଭାରତ ଆଗେଇବ।

**ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ନିକଟରୁ ସନ୍ଦିଗ୍ଧ ବାଂଲାଦେଶୀ ପାରା ଉଦ୍ଧାର**

# ସୁରକ୍ଷା ଚିନ୍ତା ବଢ଼ିଲା, ଉଚ୍ଚସ୍ତରୀୟ ଯାଞ୍ଚ ଦାବି

ବାରିପଦା, ୧୬।୯ (ମନୋଜ ପଣ୍ଡା): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳରେ ଏକ ସନ୍ଦିଗ୍ଧ ପାରା ଉଦ୍ଧାର ଘଟଣା ସ୍ଥାନୀୟ ପ୍ରଶାସନ ତଥା ସୁରକ୍ଷା ଏଜେନ୍ସିଗୁଡ଼ିକର ଚିନ୍ତା ବଢ଼ାଇ ଦେଇଛି। ଉଦ୍ଧାର ପାରାଟିକୁ ପୁଲିସ ବନବିଭାଗକୁ ହସ୍ତାନ୍ତର କରିଥିବା ବେଳେ ଏହାର ପରିଚାଳନା ଓ ଯାଞ୍ଚ ପ୍ରକ୍ରିୟାକୁ ନେଇ ଏବେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଉଦ୍ଧାର ପାରାର ଗୋଡ଼ରେ ଏକ ଧାତବ ରିଙ୍ଗ୍ ସହ 'ବିଏଏନ-୨୦୨୪' ଏବଂ "୭୦୧୮୩୧' ରହସ୍ୟଜନକ କୋଡ୍ ଲେଖା ରହିଛି। ପ୍ରାଥମିକ ସନ୍ଦେହ ଅନୁଯାୟୀ, ଏହି କୋଡ୍ ବାଂଲାଦେଶ ସହ ଜଡ଼ିତ ହୋଇପାରେ। ବାଂଲାଦେଶ ସୀମାରୁ ବୈଶିଙ୍ଗା ପର୍ଯ୍ୟନ୍ତ ଆକାଶ ମାର୍ଗର ଦୂରତା ପ୍ରାୟ ୫୦୦ କିଲୋମିଟର। ଏତେ ଦୀର୍ଘ ଦୂରତା ଅତିକ୍ରମ କରି ପହଞ୍ଚିବା ପରେ ପାରାଟିର ଶାରୀରିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ ହୋଇଥିବା ଆଶଙ୍କା କରାଯାଉଛି। ଏହି ପାରାଟି ପ୍ରକୃତରେ ଗୋଇନ୍ଦା କାର୍ଯ୍ୟକଳାପରେ ବ୍ୟବହୃତ ହେଉଥିଲା କି ନାହିଁ, ତାହା ଜାଣିବା ପାଇଁ ପକ୍ଷୀଟି ଜୀବିତ ରହିବା ଅତ୍ୟନ୍ତ ଜରୁରୀ। ଉଦ୍ଧାର ପାରା ସମ୍ପର୍କରେ ବେତନଟୀ ଏସ୍‌ଡିପିଓ ମିନତୀ ବିଶ୍ୱାଳଙ୍କୁ ପଚାରିବାରୁ ତାହା ସ୍ଥାନୀୟ ବନପାଳଙ୍କୁ ହସ୍ତାନ୍ତର କରାଯାଇଛି ବୋଲି କହିଛନ୍ତି। ଅପରପକ୍ଷରେ ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଙ୍କୁ ପଚାରିବାରୁ ସେ କହିଲେ ବନପାଳଙ୍କୁ କାହିଁକି ହସ୍ତାନ୍ତର କଲେ,



ପାରାକୁ ପ୍ରାଣୀସମ୍ପଦ ବିଭାଗକୁ ଦିଆଯିବା କଥା, ସେ ବୁଝି ଜଣାଇବେ। ଏଭଳି ସ୍ଥିତିରେ ଏହାକୁ କେବଳ ବନବିଭାଗ ହାତରେ ନ ଛାଡ଼ି ତୁରନ୍ତ ପ୍ରାଣୀସମ୍ପଦ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରଖିବା ଦରକାର। ତାର ସ୍ୱାସ୍ଥ୍ୟ ପରୀକ୍ଷା, ଉପଯୁକ୍ତ ଚିକିତ୍ସା ଏବଂ ଶାରୀରିକ ଯାଞ୍ଚ ସୁନିଶ୍ଚିତ ହେଲେ ହିଁ ପ୍ରକୃତ ତଥ୍ୟ ସାମ୍ନାକୁ ଆସିପାରିବ ବୋଲି କୁହାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପାରା ଉଦ୍ଧାର ହୋଇଥିବା ସ୍ଥାନରୁ ଭାରତର ଅତ୍ୟନ୍ତ ସମ୍ବେଦନଶୀଳ ସାମରିକ ଗବେଷଣା କେନ୍ଦ୍ର ତଥା ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ ଘାଟିର ଆକାଶ ମାର୍ଗ ଦୂରତା ୧୫ କିଲୋମିଟରରୁ ମଧ୍ୟ କମ୍। ଦେଶର ପ୍ରତିରକ୍ଷା ସୁରକ୍ଷା ଦୃଷ୍ଟିକୋଣରୁ ଏହାକୁ କୌଣସି

**ବନବିଭାଗ ନୁହେଁ, ପ୍ରାଣୀସମ୍ପଦ ବିଭାଗକୁ ହସ୍ତାନ୍ତର ଜରୁରୀ**

ପ୍ରକାରେ ହାଲୁକା ଭାବେ ନିଆଯାଇ ନପାରେ। ଘଟଣାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ପାରାର ସ୍ୱାସ୍ଥ୍ୟ ପରୀକ୍ଷା ଓ ଶରୀରରେ କୌଣସି ମାଇକ୍ରୋଚିପ୍ ବା କ୍ୟାମେରା ଖଞ୍ଜାଯାଇଛି କି ନାହିଁ, ତାହାର ଏକ୍ସ-ରେ ଯାଞ୍ଚ ଜରୁରୀ। ରିଙ୍ଗରେ ଥିବା ସଂଖ୍ୟା ଓ ଅକ୍ଷରଗୁଡ଼ିକର ଫରେନ୍ସିକ ଯାଞ୍ଚ ଆବଶ୍ୟକ। ସେହିପରି ପୁଲିସ, ବନବିଭାଗ, ପ୍ରାଣୀସମ୍ପଦ ବିଭାଗ ଏବଂ ରାଜ୍ୟ ଗୋଇନ୍ଦା ବିଭାଗର ଅଧିକାରୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ମିଳିତ ଟିମ୍ ଗଠନ କରାଯାଇ ସମଗ୍ର ଘଟଣାର ଗଭୀର ତଦନ୍ତ ହେବା ଆବଶ୍ୟକ ବୋଲି ଦାବି ହେଉଛି।

# ବନ୍ଦହେଲା ୩ ଗେଟ୍

**ହୀରାକୁଦର ୩ ଗେଟ୍ ଦେଇ ଜଳ ନିଷ୍କାସନ**

ସମ୍ବଲପୁର,୧୬।୯ (ସମିସ): ହୀରାକୁଦ ନଦୀବନ୍ଧର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ଥିବାବେଳେ ଗତ କେଇଦିନ ଧରି ହୀରାକୁଦ ଜଳସ୍ତର ୬୨୯ ଫୁଟ୍ ଉପରେ ରହୁଛି। ନଦୀବନ୍ଧ କର୍ତ୍ତୃପକ୍ଷ ସ୍ଥିତି ଉପରେ ନଜର ରଖିବାସହ କର୍ଭରୁଲ୍ ଅନୁଯାୟୀ ଜଳସ୍ତର ବଜାୟ ରଖିଛନ୍ତି। ମଙ୍ଗଳବାର ରାତି ୮ଟା ୧୦ରେ ଗୋଟିଏ ଏବଂ ବୁଦବାର ସକାଳ ୮ଟାରେ ୨ଟି ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମ୍ପ୍ରତି ନଦୀବନ୍ଧର ୩ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୫୮ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୨ଟି ଏବଂ ଡାହାଣ ପାର୍ଶ୍ୱର ଗୋଟିଏ ସ୍ଲୁଇସ୍ ଗେଟ୍ ଏହିପରି ମୋଟ୍ ୩ଟି ଗେଟ୍ ଖୋଲା ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୧୦,୦୭୨ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ପାୱାର ଚ୍ୟାନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୮୪,୬୫୮ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୪୯,୨୧୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ପାୱାର ଚ୍ୟାନାଲ ଦେଇ ୩୧,୩୯୫ କ୍ୟୁସେକ୍, ଜଳସେଚନ ସକାଶେ ୨୨୧ କ୍ୟୁସେକ୍ ଓ କେନାଲ ପାଇଁ ୩୮୨୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡ ବେଲଗାଁରେ ୨୨,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାରେ ୫୯,୩୯୩ କ୍ୟୁସେକ୍, ଖଇରମାଳରେ ୨,୦୨,୦୦୦ କ୍ୟୁସେକ୍, ବାରମୁଲରେ ୨,୦୦,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୩,୦୦,୫୧୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି।


**AFFIDAVIT**

By virtue of an affidavit No-12022, sworn before the Executive Magistrate Jajpur on dtd- 09/09/2026, I **Nazir Ahmed Khan,** aged 46 years, S/o- Late Abdul Gafoor Khan, permanent resident of Vill-Meheboob Mahala, Po/Ps- Binjharpur, Dist-Jajpur, Odisha declared that I have changed my son's name from **ANAS NAZIR** (old name) to **ANIS AHMED KHAN** (new name). Henceforth, he shall be known as **ANAS NAZIR KHAN** for all future purposes.

**Nazir Ahmed Khan**

**For Sale**

1 Number of BHARAT BENZ 4828R HCV, Registration No.-OD-22-AA-5129, Model- 2024, ENGINE NO – 926956D 0174957, CHASSIS NO -MEC909FCFRP166439, For Details, contact –8895995989, 9437355692, Second floor, Plot No-353/2585,Building No-723/1793,At-Bypass Chhaka, Above Punjab National Bank, Po-Salandi Bypass, Via-Kuansa, BHADRAK- 756100, PH. NO-06784-250703

**AVAILABLE FOR SALE**

Machine/Vehicle : MAHINDRA 575 DI YUVO ,: 2022, Machine ID No./Regn No.: OD-06-L-1741, Machine/Vehicle : FKL KUBOTA COMBINE HARVESTER DC - 68G-HK2, Model : 2023 , Machine ID No./Regn No: H83900CNTK01990, "IN AS IS WHERE IS CONDITION" . Contact: Sundaram Finance Ltd. Dhenkanal, M-9437102167, WITHIN 7 WORKING DAYS.

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. MSM-FRTEXAM-SLRA-3-26

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର କ୍ୟାରେଜ୍ ଏବଂ ୱାଗନ୍ ଡିପୋରେ ପାଞ୍ଚ ବର୍ଷ ପାଇଁ ଲିଫ୍ଟିଂ ମେସିନାରୀ, ଲିଫ୍ଟି ସରଞ୍ଜାମ ଏବଂ ଚାପଯୁକ୍ତ ପ୍ଲାଣ୍ଟଗୁଡ଼ିକର ପରୀକ୍ଷଣ ଓ ପ୍ରମାଣୀକରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 12,00,586.64, EMD (₹): 24,000.00, ଶେଷ ହେବା ଅବଧି : 60 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.10.2026 ରିଖ 1500 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ https://www.ireps.gov.inରେ ଉପଲବ୍ଧ ହେବ।

ଆସିଷ୍ଟାଣ୍ଟ ଡିଭିଜନାଲ ମେକାନିକାଲ ଇଂଜିନିୟର (Frt.), ସମ୍ବଲପୁର

PR-442/R/26-27

**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ. PCMM/EP/ 2026-27/36, ତା.15.09.2026ରିଖ

କ୍ରମ ସଂ. 01 : ଟେଣ୍ଡର ନଂ. 03261125B, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବଗି ବୋଲଷ୍ଟର ସସ୍ପେନସନ ନିମନ୍ତେ ହ୍ୟାଙ୍ଗର, ପରିମାଣ : 6225 ସଂଖ୍ୟକ।

କ୍ରମ ସଂ. 02 : ଟେଣ୍ଡର ନଂ. 04265045, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଜଏଣ୍ଟ ଲେସ୍ ଗ୍ରୁଭଡ କପର କଣ୍ଟାକ୍ଟ ୱାୟର 107 SQ.MM., ପରିମାଣ : TS ଅନୁସାରେ।

କ୍ରମ ସଂ. 03 : ଟେଣ୍ଡର ନଂ. 04264239, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ନେଟ୍ 1 ଓ 2 ନିମନ୍ତେ 4 ପୋଲ୍ କଣ୍ଟାକ୍ଟର, ପରିମାଣ : 529 ସଂଖ୍ୟକ।

କ୍ରମ ସଂ. 04 : ଟେଣ୍ଡର ନଂ. 02261681B, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : WAG 9 ନିମନ୍ତେ ପିନିଅନ ସାଫ୍ଟ 21 ଟିଥ୍, ପରିମାଣ : 339 ସଂଖ୍ୟକ।

କ୍ରମ ସଂ. 05 : ଟେଣ୍ଡର ନଂ. 06262026, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : କମ୍ପୋଜିଟ୍ ଗ୍ରୁଭଡ ରବର ସୋଲ ପ୍ଲେଟ୍ (CGRSP)-10 MM, ପରିମାଣ : TS ଅନୁସାରେ।

କ୍ରମ ସଂ. 06 : ଟେଣ୍ଡର ନଂ. 06260004, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଫ୍ଲାଟ୍ TOE ସହିତ ଇଲାଷ୍ଟିକ୍ ରେଲ୍ କ୍ଲିପ୍ (ERC) MK-V, ପରିମାଣ : 1500000 ସଂଖ୍ୟକ।

କ୍ରମ ସଂ. 07 : ଟେଣ୍ଡର ନଂ. 03261458A, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଆର୍ଟିକୁଲେଟେଡ୍ ଷ୍ଟେରୋଇଲାଷ୍ଟିକ ରବର ବିୟରିଙ୍ଗ, ପରିମାଣ : 436 ସଂଖ୍ୟକ।

ଟେଣ୍ଡର ଖୋଲାଯିବା ତାରିଖ : କ୍ରମ ସଂ. 01, 02 ଓ 04 ପାଇଁ 28.09.2026, କ୍ରମ ସଂ. 03 ପାଇଁ 21.09.2026, କ୍ରମ ସଂ. 05 ପାଇଁ 06.10.2026 ଏବଂ କ୍ରମ ସଂ. 06 ଓ 07 ପାଇଁ 05.10.2026.

ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ଭୁବନେଶ୍ୱର

PR-446/R/26-27

**AFFIDAVIT**

By virtue of an affidavit sworn before Executive Magistrate, Soro, Balasore, Odisha vide Sl. no.1114 dt.23.04.2026 I, Sumati Senapati, D/o. Sudarshan Senapati, W/o. Sanjay Kumar Dhamudia, At. Darakholi, P.O. Wada, P.S. Soro, Dist. Balasore, Odisha declare that after my marraige to Snajay Kumar Dhamudia in my Aadhar card no. 8219 9039 2678 issued as Sumati Dhamudia. That both Sumati Senapati and Sumati Dhamudia are one and same person. Henceforth, I shall be known as **Sumati Senapati** for all purposes.

**AFFIDAVIT**

By Virtue Of an Affidavit SL No 2666 dtd. 17.08.2026 the Executive Magistrate Nayagarh, I Rasmita Jena, W/o- Santosh kumar jena, At/Po- Notar, Ps- Itamati, Dist-Nayagarh, Declar That I have changed my name Rasmita Jena to Rashmi jena. Henceforth I Shall be known as **Rashmi Jena** for all purposes.

**AFFIDAVIT**

By virtue an affidavit sworn before excutive magistrate, affidavit No -3655, dated -11.09.2026,Bhograi.I,Rabindra Kundu,S/o-Late Nanda Kumar Kundu, resident of at -Haripur, PO -Deulahat, PS -Bhograi,Dist -Balasore, Pin -756036, Odisha, declare that I have changed my name from Rabindra Kunda to Rabindra Kundu, Henceforth,I shall be known as **RABINDRA KUNDU** for all future purposes.

**AFFIDAVIT**

By virtue an affidavit sworn before excutive magistrate, affidavit No -3654, dated -11.09.2026,Bhograi.I, Sabitri Kundu,W/o-Rabindra Kundu, resident of at -Haripur, PO -Deulahat, PS -Bhograi,Dist -Balasore, Pin -756036, Odisha, declare that I have changed my name from Sabitri Kunda to Sabitri Kundu, Henceforth,I shall be known as **SABITRI KUNDU** for all future purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସାରା ଦେଶରେ...

ଭାରତୀୟ ଡ଼ିଜିଟାଲ ପେମେଣ୍ଟ ବଜାର ଏତେ ବିଶାଳ ହୋଇଛି ଯେ ଅତି ସାମାନ୍ୟ ଶୁଳ୍କ ମଧ୍ୟ ବଜାର ଉପରେ ବ୍ୟାପକ ଆର୍ଥିକ ପ୍ରଭାବ ପକାଇବାକୁ ସକ୍ଷମ ହେବ।

ୟୁପିଆଇ ବଜାରରେ ଫୋନ୍ ପେ ଓ ଗୁଗୁଲ ପେ'ର ପ୍ରଭାବ ସବୁଠାରୁ ଅଧିକ। ଅଗଷ୍ଟରେ ଏହି ଦୁଇ ପ୍ଲାଟଫର୍ମ ଭାରତରେ ୟୁପିଆଇ କାରବାରର ୮୦% ଦଖଲ କରିଥିବା ରଏଟର୍ସ ଉଲ୍ଲେଖ କରିଛି। ବଜାର ତଥ୍ୟ ଅନୁସାରେ ଫୋନ୍ ପେ ବଜାରର ୪୮.୯% ଦଖଲ କରିଥିବାବେଳେ ଗୁଗଲ ପେର ବଜାର ଅଂଶ ୩୭.୭%। ଏହାବ୍ୟତୀତ ପେ-ଟିଏମ୍ ୮.୩%, କ୍ରେଡ୍, ଆମାଜନ ପେ ଓ ଅନ୍ୟ ପ୍ଲାଟଫର୍ମଗୁଡ଼ିକ ପ୍ରାୟ ୯% ବଜାର ଦଖଲ କରିଛନ୍ତି। ନୂଆ ନିୟମ ଅନୁଯାୟୀ ୨୦୦୦ରୁ ଅଧିକ କିଛି ବ୍ୟବସାୟିକ କାରବାର ପାଇଁ ୟୁପିଆଇ ୪୦ ବେସିସ୍ ପଏଣ୍ଟ ବା ୦.୪% ଶୁଳ୍କ ଆଦାୟ କରିବ। ଟେଲିକମ୍, ରେଳବାଇ, ମ୍ୟୁଚୁଆଲ୍ ଫଣ୍ଡ ଓ ଷ୍ଟକ୍ ନିବେଶ ଭଳି କିଛି ବର୍ଗରେ କମ୍ ହାରର ଶୁଳ୍କ ରହିବ। ୭୫,୦୦୦ରୁ ଅଧିକ ନେଣଦେଣରେ ଶୁଳ୍କ ସର୍ବାଧିକ ୩୦୦ରେ ସୀମିତ ରହିବ। ଏହି ଅର୍ଥଗୁଡ଼ିକ ପେମେଣ୍ଟ ଆପ୍, ନେଣଦେଣ କରୁଥିବା ବ୍ୟାଙ୍କ ମଧ୍ୟରେ ବଣ୍ଟନ କରାଯିବ। ଯଦିଓ ଗ୍ରାହକଙ୍କଠାରୁ ଏହି ଅର୍ଥ ସିଧା ଆଦାୟ ହେବନାହିଁ; ତଥାପି ବ୍ୟବସାୟୀମାନେ ଏହି ଶୁଳ୍କକୁ ଗ୍ରାହକଙ୍କଠାରୁ ପରୋକ୍ଷରେ ଭରଣା କରିବାର ଆଶଙ୍କା ରହିଛି। ନିଜ ଉତ୍ପାଦ ବା ସେବା ମୂଲ୍ୟରେ ଏହି ଖର୍ଚ୍ଚକୁ ଯୋଡ଼ିବାର ଆଶଙ୍କା ଥିବାରୁ ଗ୍ରାହକ ହିଁ କ୍ଷତିଗ୍ରସ୍ତ ହେବା ଆପାତତଃ ନିଶ୍ଚିତ ବୋଲି କୁହାଯାଉଛି। ଏହି ସ୍ଥିତିରେ ୟୁପିଆଇର ବିଶାଳ ବଜାର ଓ ଦୁଇ ଆମେରିକୀୟ କମ୍ପାନୀ ଗୁଗୁଲ୍ ପେ ଓ ଫୋନ୍ ପେ'ର ଆଧିପତ୍ୟ ଭାରତର ଡ଼ିଜିଟାଲ ଅର୍ଥନୀତିରେ ବର୍ତ୍ତମାନ ସବୁଠାରୁ ବଡ଼ ଆହ୍ୱାନ ସୃଷ୍ଟି କରିଛି।

### ଶୁଳ୍କକୁ ନେଇ...

ଆତ୍ମସମର୍ପଣ କରି ଆମେରିକୀୟ କାର୍ଡ କମ୍ପାନୀଗୁଡ଼ିକୁ ଫାଇଦା ପହଞ୍ଚାଉଥିବା ସେ ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଭୟରେ ଟ୍ରମ୍ପଙ୍କ ଆଗରେ ସବୁବେଳେ ନଇଁଯାଉଥିବା ସେ କହିଛନ୍ତି। ଏହି ଜନବିରୋଧୀ ଶୁଳ୍କକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ଅନ୍ୟାନ୍ୟ ବିରୋଧୀ ଦଳ ଯଥା ତୃଣମୂଳ କଂଗ୍ରେସ, ଆରଜେଡି ଏବଂ ସିପିଆଇ ମଧ୍ୟ ଏହି ନିଷ୍ପତ୍ତିର ବିରୋଧ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ବ୍ୟବସାୟୀମାନେ ପରୋକ୍ଷରେ ଏହି ବୋଝ ଗ୍ରାହକଙ୍କ ଉପରେ ପକାଇବେ। ଶେଷରେ ଏହି ଦରବୃଦ୍ଧି ସାଧାରଣ ଲୋକଙ୍କ ଉପରେ ହିଁ ପଡ଼ିବ। ତେବେ ଏହି ଅଭିଯୋଗକୁ ଅର୍ଥ ମନ୍ତ୍ରଣାଳୟ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛି। ସରକାର କୌଣସି ବୈଦେଶିକ ଚାପ ଆଗରେ ମୁଣ୍ଡ ନରମି ନଥିବା କହିଛନ୍ତି। ୟୁପିଆଇ ବ୍ୟବସ୍ଥାକୁ ସୁଦୃଢ଼ ଓ ସୁରକ୍ଷିତ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରଣାଳୟ ଦର୍ଶାଇଛି। ଏହି ନିଷ୍ପତ୍ତିକୁ ଫେରାଇ ନେବାର କୌଣସି ପ୍ରଶ୍ନ ଉଠୁନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ଆସନ୍ତା ଅକ୍ଟୋବର ୧୫ରୁ ଏହି ନୂଆ ନିୟମ କାର୍ଯ୍ୟକାରୀ ହେବ। ସରକାର ଦର୍ଶାଇଛନ୍ତି ଯେ ଏହି ଶୁଳ୍କ କେବଳ ବ୍ୟବସାୟୀଙ୍କ ଉପରେ ଲାଗୁ ହେବ, ସାଧାରଣ ଗ୍ରାହକଙ୍କ ଉପରେ ନୁହେଁ। ଏହା ସହିତ ବ୍ୟକ୍ତିଗତ ନେଣଦେଣ (ପିଟୁପି) ଏବଂ ମାସିକ ୧ ଲକ୍ଷ ପର୍ଯ୍ୟନ୍ତ କାରବାର କରୁଥିବା ଛୋଟ ବ୍ୟବସାୟୀଙ୍କ ପାଇଁ ଏହା ମାଗଣା ରହିବ।

### ପିଏଫ୍ ବେତନ ସୀମା...

ଅଧୀନରେ ନିୟମିତ ସଞ୍ଚୟରୁ ଉପକୃତ ହେବା ସହ ପରବର୍ତ୍ତୀ ପେନସନ ସୁରକ୍ଷା ପାଇବେ। ଦ୍ୱିତୀୟତଃ, କର୍ମଚାରୀ ଜମା-ସଂଯୁକ୍ତ ବୀମା ଯୋଜନା (ଇଡିଏଲଆଇ) ଅଧୀନରେ ବୀମା କଭରେଜ ମଧ୍ୟ ଉପଲବ୍ଧ ହେବ। ଏହାବ୍ୟତୀତ, ପେନସନଯୋଗ୍ୟ ଦରମା ଏବଂ ବୈଧାନିକ ଯୋଗଦାନ ବ୍ୟବସ୍ଥା ବର୍ତ୍ତମାନର ମଜୁରୀ ସ୍ତର ସହିତ ଅଧିକ ସମାନ ହେବ। ଯଦି ଜଣେ କର୍ମଚାରୀ ପୂର୍ବରୁ ହିଁ ଇପିଏଫ୍ ସଦସ୍ୟ ଅଛନ୍ତି ଏବଂ ପଦୋନ୍ନତି ପରେ ତାଙ୍କର ମୂଳ ଦରମା ସହ ଡିଏ (ମହଙ୍ଗା ଭତ୍ତା) ବଢ଼ି ୫୦,୦୦୦ ଟଙ୍କା ହୋଇଯାଉଛି, ତେବେ ତାଙ୍କର ପିଏଫ୍ ଆକାଉଣ୍ଟ ଜାରି ରହିବ। କିନ୍ତୁ କମ୍ପାନୀ ପାଇଁ ବାଧ୍ୟତାମୂଳକ ଯୋଗଦାନ କେବଳ ସେହି ୨୫,୦୦୦ ଟଙ୍କା (୩,୦୦୦ ଟଙ୍କା) ସୀମା ପର୍ଯ୍ୟନ୍ତ ହିଁ ସୀମିତ ରହିବ।

### ଅଭିନେତା ଅନନ୍ତ ନାଗଙ୍କୁ...

ପୁରସ୍କାର ଚୟନ କମିଟିର ସୁପାରିସ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଥିବା ସରକାର କହିଛନ୍ତି। ଅନନ୍ତ ନାଗଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି। ଭାରତୀୟ ସିନେମା, ବିଶେଷକରି କନ୍ନଡ଼ ଚଳଚ୍ଚିତ୍ର ଜଗତରେ ତାଙ୍କର ବହୁମୁଖୀ ପ୍ରତିଭା, ଅଭିନୟ ଓ ଦୀର୍ଘଦିନର ଅବଦାନକୁ ମୋଦୀ ପ୍ରଶଂସା କରିଛନ୍ତି।

୧୯୪୮ ସେପ୍ଟେମ୍ବର ୪ରେ ଜନ୍ମିତ ୭୮ ବର୍ଷୀୟ ଅନନ୍ତ ନାଗ କନ୍ନଡ଼ ସିନେମାର ଜଣେ ପ୍ରମୁଖ ଅଭିନେତା। ସେ କନ୍ନଡ଼ ସମେତ ହିନ୍ଦୀ, ତେଲୁଗୁ, ତାମିଲ, ମରାଠୀ ଓ ମାଲାୟାଲମ୍ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ତାଙ୍କ ଅଭିନୟ ଜୀବନରେ ୩୦୦ରୁ ଅଧିକ ଚଳଚ୍ଚିତ୍ର ସାମିଲ ରହିଛି। ଅଭିନୟ ସହ ସେ ରାଜନୀତିରେ ମଧ୍ୟ ସକ୍ରିୟ ରହିଛନ୍ତି। କୋଙ୍କଣୀ ଭାଷୀ ପରିବାରରେ ବଢ଼ିଥିବା ଅନନ୍ତ ନାଗ ନବମ ଶ୍ରେଣୀରେ ପଢୁଥିବାବେଳେ ଉଚ୍ଚଶିକ୍ଷା ପାଇଁ ମୁମ୍ବାଇ ଯାଇଥିଲେ। ସେଠାରେ କନ୍ନଡ଼ ଓ କୋଙ୍କଣୀ ଥିଏଟରରୁ ତାଙ୍କ ଅଭିନୟ ଯାତ୍ରା ଆରମ୍ଭ ହୋଇଥିଲା। ପରେ ସତ୍ୟଦେବ ଦୁବେ, ଗିରିଶ କର୍ଣ୍ଣାଡ଼ ଓ ଅମୋଲ ପାଲେକରଙ୍କ ନାଟକରେ ଅଭିନୟ କରିଥିଲେ। ପ୍ରାୟ ୫ ବର୍ଷ ଧରି କୋଙ୍କଣୀ, କନ୍ନଡ଼, ମରାଠୀ ଓ ହିନ୍ଦୀ ନାଟକରେ କାମ କରିବା ପରେ ୧୯୭୩ରେ 'ସଙ୍କଳ୍ପ' ଚଳଚ୍ଚିତ୍ରରେ ପଦାର୍ପଣ କରିଥିଲେ। ଏହି ଚଳଚ୍ଚିତ୍ର ୭ଟି କର୍ଣ୍ଣାଟକ ରାଜ୍ୟ ପୁରସ୍କାର ପାଇଥିଲା।

### ସମ୍ବଲପୁରରେ ଡପଲର୍...

ଉପସ୍ଥିତ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ତଥା ପୃଥିବୀ ବିଜ୍ଞାନ ମନ୍ତ୍ରୀ (ସ୍ୱାଧୀନ) ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଓଡ଼ିଶାରେ ପାଣିପାଗ ସୂଚନା ବ୍ୟବସ୍ଥାରେ ଏହା ଏକ ନୂଆ ମାଇଲଖୁଣ୍ଟ। ଓଡ଼ିଶାରେ ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟ ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ସମଗ୍ର ଦେଶରେ ୫୧ତମ ଏବଂ ଓଡ଼ିଶାରେ ୩ୟ ଡପଲର୍ ରାଡାର୍। ଏହି ସମ୍ବଲପୁର ରାଡାର୍ ସ୍ଥାପନ ଦ୍ୱାରା ପଶ୍ଚିମ ଓଡ଼ିଶା, ଦକ୍ଷିଣ ଝାଡ଼ଖଣ୍ଡ, ଉତ୍ତର ଛତିଶଗଡ଼, ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗର କିଛି ଅଞ୍ଚଳର ପାଣିପାଗ ସମ୍ପର୍କିତ ତଥ୍ୟ ଠିକ୍ ଭାବରେ ମିଳିପାରିବ। ବିଶେଷ କରି କାଳବୈଶାଖୀ, ପ୍ରବଳ ବର୍ଷା ଏବଂ ବଜ୍ରପାତ ଭଳି ପ୍ରାକୃତିକ ବିପତ୍ତିର ପୂର୍ବସୂଚନା ଆଗୁଆ ମିଳିପାରିବ ୨୦୧୪ ମସିହା ପୂର୍ବରୁ ଦେଶରେ ମାତ୍ର ୧୪ଟି ଡପ୍ଲର ରୋଡାର୍ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏହା ବୃଦ୍ଧି ପାଇ ୫୧ରେ ପହଞ୍ଚିଛି। ମିଶନ୍ ମୌସମ୍ ଅଧୀନ ଆଗାମୀ ଦିନରେ ଦେଶରେ ଆଉ ୪୦ଟି ରାଡାର୍ ଯୋଡ଼ାଯିବ। ଏହାଦ୍ୱାରା ମୋଟ ରାଡାର୍ ସଂଖ୍ୟା ୮୧ରେ ପହଞ୍ଚିବ। ଏହାସହ ୨୦୧୪ରେ ଥିବା ୬୦୦ଟି ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର (ଏଡବ୍ଲୁଏସ୍) ବର୍ତ୍ତମାନ ବୃଦ୍ଧି ପାଇ ୧୧୦୦ରେ ପହଞ୍ଚିଛି। ଓଡ଼ିଶା ପାଇଁ ଭବିଷ୍ୟତର ଯୋଜନା ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ବାଲେଶ୍ୱରଠାରେ ଆଉ ଏକ ଡପଲର ରାଡାର୍ ସ୍ଥାପନ ପ୍ରକ୍ରିୟା ଜାରି ରହିଛି। ଏହାବ୍ୟତୀତ ପୁରୀ ଏବଂ ଭୁବନେଶ୍ୱରରେ ଅଧିକ ଦୁଇଟି ରାଡାର୍ ସ୍ଥାପନ ପାଇଁ ଲକ୍ଷ୍ୟ ରଖାଯାଇଛି। ଥଣ୍ଡରଷ୍ଟର୍ମ ଟେଷ୍ଟବେଡ୍ ଯୋଜନା ଅଧୀନରେ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାରେ ୯ଟି ଅତିରିକ୍ତ ଅଟୋମେଟିକ୍ ୱେଦର ଷ୍ଟେସନ୍ ସ୍ଥାପନ କରାଯିବ। ସେହିପରି ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ, ଭଦ୍ରକ, ଭୁବନେଶ୍ୱର, ବରଗଡ଼, ନୟାଗଡ଼, ଓ ବାରିପଦା ଆଦି ସ୍ଥାନର ବିଦ୍ୟାଳୟଗୁଡ଼ିକରେ ଅଟୋମେଟିକ୍ ୱେଦର ଷ୍ଟେସନ୍ ବସାଯିବ। ଆଇଏମ୍‌ଡିର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଭାରତ କେବଳ ନିଜ ଦେଶ ପାଇଁ ନୁହେଁ, ବରଂ ନିକଟତର ୧୩ଟି ପଡ଼ୋଶୀ ଦେଶକୁ ମଧ୍ୟ ବାତ୍ୟା ଓ ପାଣିପାଗ ପୂର୍ବାନୁମାନରେ ସହଯୋଗ କରୁଛି। ଓଡ଼ିଶାକୁ ପ୍ରାକୃତିକ ବିପତ୍ତି ସହନଶୀଳ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମକୁ ସ୍ୱତନ୍ତ୍ର ବିବୃତ୍ତିରେ କହିଥିଲେ ଯେ, ସମ୍ବଲପୁରଠାରେ ସ୍ଥାପିତ ଡପ୍ଲର ପାଣିପାଗ ରାଡାର୍ (ଡିଡବ୍ଲୁଆର୍)ର ସ୍ୱତନ୍ତ୍ର ଆଞ୍ଚଳିକ ଗୁରୁତ୍ୱ ରହିଥିବାବେଳେ ଏହାଦ୍ୱାରା ଓଡ଼ିଶାର ଏକ ବ୍ୟାପକ ଅଞ୍ଚଳ ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥା ସହିତ ସାମିଲ ହୋଇପାରିଛି। ସେ କହିଥିଲେ ଯେ ପାରାଦୀପ ଓ ଗୋପାଳପୁର ପରେ ଏହା ରାଜ୍ୟର ତୃତୀୟ ଡପଲର୍ ରାଡାର। ୨୪ ଘଣ୍ଟା କାର୍ଯ୍ୟକ୍ଷମ ଏହି ରାଡାର ୨୫୦ କିଲୋମିଟର ପରିଧି ମଧ୍ୟରେ ଠିକ୍ ତଥ୍ୟ ଏବଂ ୪୫୦ କିଲୋମିଟର ପର୍ଯ୍ୟନ୍ତ ପାଣିପାଗର ଗତିବିଧି ପୂର୍ବାନୁମାନ କରିପାରିବ। ଏହାଦ୍ୱାରା ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ, ନୂଆପଡ଼ା, ଅନୁଗୁଳ, କଳାହାଣ୍ଡି, କେନ୍ଦୁଝର ଓ ଢେଙ୍କାନାଳ ଆଦି ୧୩ଟି ଜିଲ୍ଲା ସହ ଛତିଶଗଡ଼ ଓ ଝାଡ଼ଖଣ୍ଡର କିଛି ଅଞ୍ଚଳ ଉପକୃତ ହେବେ। ପ୍ରାକ୍-ମୌସୁମୀ ବଜ୍ରଝଡ଼, ବଜ୍ରପାତ ଓ କୁଆପଥର ବର୍ଷାର ଆଗୁଆ ସୂଚନା ମିଳିବା ଫଳରେ ଓଡ଼ିଶାର ଭାତ ହାଣ୍ଡି ବରଗଡ଼ ସମେତ ସମଗ୍ର ମହାନଦୀ ଅବବାହିକାର ଚାଷୀମାନେ ବିଶେଷ ଉପକୃତ ହେବେ। ଏହି ରାଡାର ପ୍ରତି ୧୦ ମିନିଟ୍‌ରେ ୧୫୦ ମିଟର ରିଜୋଲୁସନରେ ବୃଷ୍ଟିପାତର ଆକଳନ କରି ହୀରାକୁଦ ଜଳଭଣ୍ଡାରର ଜଳପ୍ରବାହ (ଇନ୍‌ଫ୍ଲୋ) ପରିଚାଳନାକୁ ଅଧିକ ସୁଦୃଢ଼ କରିବ। ଏହାସହିତ ବିଦ୍ୟୁତ, ଶିଳ୍ପ, ପରିବହନ ଓ ଗ୍ରୀଡ୍ ଅପରେସନ୍ କ୍ଷେତ୍ରରେ ମଧ୍ୟ ଏହା ସତର୍କତାମୂଳକ ପଦକ୍ଷେପ ନେବାରେ ସାହାଯ୍ୟ କରିବ। ସରକାର ଟେକ୍ନୋଲୋଜି ଡ୍ରିଭିନ୍ ପ୍ରୋ-ଆକ୍ଟିଭ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ ସିଷ୍ଟମ ଗଠନ କରୁଛନ୍ତି ଏବଂ ଆଗାମୀ ଦିନରେ ବାଲେଶ୍ୱର, ଭୁବନେଶ୍ୱର ଓ ପୁରୀରେ ମଧ୍ୟ ଡପ୍ଲର ରାଡାର ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ପଶ୍ଚିମ ଓଡ଼ିଶାରେ ଡପ୍ଲର ପାଣିପାଗ ରାଡାରର ସ୍ଥାପନା ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ଓ ଆବଶ୍ୟକତାକୁ ପୂରଣ କରିଛି। ସେ ଦର୍ଶାଇଥିଲେ ଯେ ଓଡ଼ିଶା ସରକାର ବିପର୍ଯ୍ୟୟ ପୂର୍ବପ୍ରସ୍ତୁତି ଓ ଆଗୁଆ ସୂଚନା ପ୍ରଣାଳୀକୁ ଅଧିକ ସୁଦୃଢ଼ କରିବା ପାଇଁ ଶୂନ୍ୟ ସହନଶୀଳତା (ଜିରୋ ଟଲରେନ୍ସ) ନୀତି ଆପଣେଇଛନ୍ତି। ସମ୍ବଲପୁରଠାରେ କାର୍ଯ୍ୟକ୍ଷମ ହୋଇଥିବା ଏହି ରାଡାର ଦ୍ୱାରା କେବଳ ସମ୍ବଲପୁର ନୁହେଁ, ପଶ୍ଚିମ ଓଡ଼ିଶାର ୧୩ଟି ଜିଲ୍ଲାର କୃଷକ, ଆଞ୍ଚଳିକ ଜନସାଧାରଣ ଏବଂ ବିପର୍ଯ୍ୟୟ ପ୍ରଶମନ ବାହିନୀ ବିପଦର ବହୁ ଆଗରୁ ବଜ୍ରପାତ, ପ୍ରବଳ ବର୍ଷା ଓ ଝଡ଼ତୋଫାନର ଠିକ୍ ତଥ୍ୟ ପାଇପାରିବେ। ଆଗାମୀ ଦିନରେ ବାଲେଶ୍ୱର, ଭୁବନେଶ୍ୱର ଓ ପୁରୀଠାରେ ମଧ୍ୟ ନୂତନ ଡପ୍ଲର ରାଡାର ସ୍ଥାପନ କରାଯାଇ ସମଗ୍ର ଓଡ଼ିଶାକୁ ଏକ ସୁରକ୍ଷିତ ଏବଂ ପ୍ରଯୁକ୍ତିବିଦ୍ଧି-ଭିତ୍ତିକ ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥା ଅଧୀନକୁ ଅଣାଯିବ ବୋଲି ଶ୍ରୀ ପୂଜାରୀ ସୂଚନା ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ମନମୋହନ ସାମଲ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ଓ ରାଜ୍ୟ ସ୍ପେଶାଲ ରିଲିଫ୍ କମିଶନର (ଏସ୍‌ଆର୍‌ସି) ରାଜେଶ ପ୍ରଭାକର ପାଟିଲ ଉପସ୍ଥିତ ଥିଲେ। ସଭା ପରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ କାଇଁଶୀର ରୋଡସ୍ଥିତ ଡପଲର୍ ଷ୍ଟେସନକୁ ଯାଇ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ।


8001/312/2627

OFFICE OF THE DIVISIONAL FOREST OFFICER, KALAHANDI SOUTH DIVISION

At/Po-Parmanandapur, Bhawanipatna, Ward No.4, Rly. Station Road Dist-Kalahandi, Odisha, Pin code-766002
Phone & Tele Fax No.-06670-295360 (O) Email ID:- dfo.kalahandisouth@odisha.gov.in

EOI No. DFO, KLD (S) 01 /2026-27
Letter No.6/1F/ Date the 11th September 2026

**NOTICE INVITING EXPRESSION OF INTEREST**

| Sl. No. | Name of the Work | Construction of Division Office Building |
|---|---|---|
| 01 | Estimated Cost | Rs.3,97,00,000/- |
| 03 | Period & time of completion | One (01) year from the date of issue of orders |
| 04 | Date & time of availability of the EOI in the portal | 12.09.2026 |
| 05 | Last date / time for receipt of EOI in the portal | 01.10.2026, 5.30 PM |
| 06 | Date & Time of EOI opening | 03.10.2026, 11.00 AM |
| 07 | Name & Address of the office inviting EOI | O/o DFO, Kalahandi South Division |

Others details can be seen from the Notice inviting EOI, available in website http://kalahandi.odisha.gov.in / www.odishaforest.in Corrigendum if any shall only be published in the above website.

Divisional Forest Officer
Kalahandi South Division

OIPR-8001/8122/1/26-27/0005

### ସିନାପାଲିରେ ସାମୂହିକ ନୂଆଁଖାଇ ଭେଟ୍‌ଘାଟ

# ପାରମ୍ପରିକ ନୃତ୍ୟଗୀତରେ ଦୁଲୁକିଲା ମଞ୍ଚ

**ସିନାପାଲି, ୧୬।୯ (ସମିସ)**

ସିନାପାଲି କାପସି ସ୍ଥିତ କେପି ବାଟିକାଠାରେ ନୂଆଁଖାଇ ଭେଟ୍‌ଘାଟ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିନାପାଲି ଅଞ୍ଚଳର ସମସ୍ତ ବର୍ଗର ଲୋକ ସମବେତ ହୋଇ ପରସ୍ପର ଭେଟ ହେବା ସହ ପାରମ୍ପରିକ ନୃତ୍ୟଗୀତର ମଜା ନେଇଥିଲେ। ସାମୂହିକ ନୂଆଁଖାଇ ଭେଟ ପରିବାରର ସଭାପତି ତ୍ରିନାଥ ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଡ଼ିଆଲ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ଓ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସହ ନୀଳମଣି ମେହେର, ବୈଶମ୍ପାୟନ ମେହେର, ଡମ୍ବୁରୁଧର ମେହେର, ଗୋଲାମଣି ସା, ନାରାୟଣ ପାତ୍ର, ଅକ୍ଷୟ ନନ୍ଦ, ନନ୍ଦକୁମାର ପାତ୍ର, ତେଜରାଜ ମାଝୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।



ପ୍ରାରମ୍ଭରେ କମିଟିର ସମ୍ପାଦକ ପ୍ରଭାତ କୁମାର ମେହେର ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ବେଣୁଧର ମେହେର ବିବରଣୀ ପଠନ କରିଥିଲେ। ସ୍ୱର ସଙ୍ଗମ କଳା ପରିଷଦ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କମିଟିର ପତ୍ରିକା 'ନୂଆଁଖାଇ ଦର୍ପଣ'କୁ ମଞ୍ଚରେ ଉନ୍ମୋଚନ କରାଯାଇଥିଲା। ଏହାପରେ ସ୍ଥାନୀୟ ଏବଂ ଜିଲ୍ଲା ବାହାରୁ ଆସିଥିବା କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ସମ୍ବଲପୁରୀ ଗାୟିକା ସ୍ୱାଗତିକା ତ୍ରିପାଠୀ, ବ୍ଲୋଗସ ଶ୍ରଦ୍ଧା ପ୍ରଧାନ, କମେଡିଆନ ଚନ୍ଦନ ଶତପଥୀ, ୟୁଟ୍ୟୁବର ସ୍ମିତ ପ୍ରମୁଖ ଲୋକଙ୍କୁ ଭରପୁର ମନୋରଞ୍ଜନ ଦେଇଥିଲେ। ଭିନ୍ନଭିନ୍ନ ବର୍ଗର ଲୋକଙ୍କ ପାଇଁ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିଙ୍କୁ ମଞ୍ଚରେ ପୁରସ୍କୃତ କରାଯାଇଥିବା ବେଳେ ଏହାକୁ କୋଷାଧ୍ୟକ୍ଷ ରଶ୍ମିରଞ୍ଜନ ସା ପରିଚାଳନା କରିଥିଲେ। ମଞ୍ଚରେ ବହୁମୁଖୀ ପ୍ରତିଭା ନରସିଂହ ମେହେରଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ ଏକ ଶୋଭାଯାତ୍ରା ମାଧ୍ୟମରେ ସହର ପରିକ୍ରମା କରିବା ସହ ସମସ୍ତ ଦେବାଦେବୀ ମନ୍ଦିରରୁ ଆଶୀର୍ବାଦ କାମନା କରାଯାଇଥିଲା। ପାରମ୍ପରିକ ବେଶଭୂଷା ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା।

### କାପସିରେ ନୂଆଁଖାଇ ଭେଟ୍‌ଘାଟ୍

# ଏକତା ଓ ସଂସ୍କୃତିର ସମାରୋହରେ ବିଶିଷ୍ଟ ପ୍ରତିଭା ସମ୍ବର୍ଦ୍ଧିତ





**ସିନାପାଲି, ୧୬।୯ (ସମିସ):** ସିନାପାଲି ବ୍ଲକ ଅନ୍ତର୍ଗତ କାପସି ଗ୍ରାମରେ 'ନୂଆଁଖାଇ ଭେଟ୍‌ଘାଟ୍' କାର୍ଯ୍ୟକ୍ରମ ଆନନ୍ଦ ଉଲ୍ଲାସରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ସମାରୋହରେ ଗ୍ରାମର ଆବାଳବୃଦ୍ଧବନିତା ଏକତ୍ରିତ ହୋଇ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭରେ ଗ୍ରାମଦେବତୀ ମା' ଗଡ଼ିଆଣି ଓ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ଚରଣରେ ଭକ୍ତିପୂତ ପ୍ରଣାମ ଅର୍ପଣ ପୂର୍ବକ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ଓ ପୂଜାର୍ଚ୍ଚନା କରାଯାଇଥିଲା। ପରେ କଳାକାରଙ୍କ ଦ୍ୱାରା ଏକକ ସଙ୍ଗୀତ ପରିବେଷଣ କରଯାଇଥିଲା।

ନିକୁଞ୍ଜ ବିହାରୀ ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସଭାକୁ ବିଶିଷ୍ଟ କ୍ରୀଡ଼ା ଭାଷ୍ୟକାର ପ୍ରକାଶ ପାତ୍ର ସଂଯୋଜନା କରିଥିଲେ। ସମ୍ପାଦକ ସାମନ୍ତ କୁମାର ଦାସ ନୂଆଁଖାଇର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ମଞ୍ଚରେ ତପନ ସା, ଦେବେନ୍ଦ୍ର ଜଗତ, ପଦ୍ମନାଭ ଦାସ, ନରୋତ୍ତମ ମାଝୀ, ମଙ୍ଗଳ ସିଂ ମାଝୀ, ହେମନ୍ତ ମାଝୀ, ଲଛମନ ରଣା, ଜଗବନ୍ଧୁ ନିଆଲ, ରଫିକ୍ଖାନ୍, ଲୋଚନ ଲୋହାର, ଟଙ୍କଧର ସା, ମୋହନ ଚରଣ ଦାସ ଏବଂ ବିଷମ ଚିନ୍ଦା ପ୍ରମୁଖ ସମ୍ମାନିତ ଅତିଥି ଭାବେ ବକ୍ତବ୍ୟ ପ୍ରଦାନ କରିଥିଲେ।

ଏହି ଅବସରରେ ଗ୍ରାମର ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ବ୍ୟକ୍ତିଙ୍କ ମଧ୍ୟରେ ଘୁମୁରା କଳାକାର ଶିବ କାଣ୍ଡ, ଜ୍ୟୋତିର୍ବିଦ୍ ମଙ୍ଗଳ ସିଂ ମାଝୀ, କୀର୍ତ୍ତନ ବାୟକ ନାରାୟଣ ସା, ଆଧ୍ୟାତ୍ମିକ ପ୍ରବଚକ ମୋହନ ଦାସ, ଜଙ୍ଗଲ ସୁରକ୍ଷା ପାଇଁ ହାରାଦେଇ ମାଝୀ ତଥା କ୍ରୀଡ଼ା କ୍ଷେତ୍ରରୁ ଶଶିଭୂଷଣ ଜଗତ ଓ ସେଖ୍ ବାଷ୍ଟାନ୍ ଅନ୍ତର୍ଭୁକ୍ତ ଥିଲେ। ଏଥିସହିତ ଭାରତୀୟ ସେନାରେ ଦେଶସେବା କରୁଥିବା ଗ୍ରାମର ବୀର ସୈନିକ ପରମାନନ୍ଦ ରଣାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଚୈତନ୍ୟ ମିଶ୍ରାଙ୍କ ସଂଯୋଜନାରେ ପୁରସ୍କୃତ କରାଯାଇଥିଲା।

କାର୍ଯ୍ୟକ୍ରମର ଦ୍ୱିତୀୟ ଚରଣରେ ବିଶିଷ୍ଟ କଳାକାର କହ୍ନେଇ ଚରଣ ଦାସଙ୍କ ନେତୃତ୍ୱରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା। କୋଷାଧ୍ୟକ୍ଷ ବିହାରୀ ଲାଲ ମସରା, ସହସମ୍ପାଦକ ଡାଇମଣ୍ଡ ନିଆଲ, ତୁଳାରାମ ନିଆଲ, ଚକ୍ରଧର ସା, ରବୀନ୍ଦ୍ର ସା, ମନୋଜ ଦାସ, ସମୀର ଦାସ, ବିଷ୍ଣୁ ସା, ଦେବା ନିଆଲ, ଯତୀନ୍ଦ୍ର ଦାସ, ଶେଖର ଦାସ, ଓମ୍ ଲୋହାର, ଗୋବର୍ଦ୍ଧନ ଦାସ ଓ ଆଜେଶ ଦାସ ପ୍ରମୁଖଙ୍କ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା। ଉପସଭାପତି କୈଳାଶ ଜଗତ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକ ଧକ୍କାରେ ଜଣେ ମୃତ

**ଧର୍ମଗଡ଼, ୧୬।୯ (ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଚିଲିଚିଲା ଛକ ବିଜୁ ଏକ୍ସପ୍ରେସ ୱେରେ ଟ୍ରକ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ବ୍ରାହ୍ମଣଛେଣ୍ଡିଆ ଗ୍ରାମର ବିଦ୍ୟାଧର ଶବର। ବିଦ୍ୟାଧର ରାସ୍ତା ପାର ହେଉଥିବାବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ବିଦ୍ୟାଧରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ବିଦ୍ୟାଧରଙ୍କୁ ମୃତ ଘୋଷଣା କରିଥିଲେ। ଧର୍ମଗଡ଼ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇ ଫେରାର ହୋଇଥିବା ଟ୍ରକ ଓ ଚାଳକଙ୍କୁ ଚିହ୍ନଟ କରିବାକୁ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ପ୍ରଥମ ପଞ୍ଚାୟତସ୍ତରୀୟ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟକ୍ରମ

**ଭବାନୀପାଟଣା, ୧୬।୯ (ସମିସ):** ଭବାନୀପାଟଣା ବ୍ଲକର ପ୍ରଥମ ପଞ୍ଚାୟତସ୍ତରୀୟ ବରିଷ୍ଠ ନାଗରିକ ସଂଘ, ମେଦିନୀପୁର ଗ୍ରାମ ପଞ୍ଚାୟତରେ ଗଠିତ ହୋଇଯାଇଛି। ଏହି ପରିପେକ୍ଷୀରେ ବରିଷ୍ଠ ନାଗରିକ ସଂଘ, କଳାହାଣ୍ଡିର ସଭାପତି ବିଜୟ ହୋତାଙ୍କ ପୌରୋହିତ୍ୟରେ ଓ ସର୍ବଶ୍ରୀ ଗିରିଜା ବାବୁ ସମ୍ପାଦକ, ପ୍ରସନ୍ନ ପଟ୍ଟନାଏକ ଯୁଗ୍ମ ସମ୍ପାଦକ, ନିରଞ୍ଜନ ପଣ୍ଡା କୋଷାଧ୍ୟକ୍ଷ ଓ କ୍ଷୀରାବ୍ଧି ସାହୁ ସଭ୍ୟଙ୍କ ତତ୍ତ୍ୱାବଧାନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଶେଷ ଅତିଥି ଭାବରେ ଯୋଗ ଦେଇ ସ୍ଥାନୀୟ ସରପଞ୍ଚ ଗୌରୀଶଙ୍କର ମିଶ୍ର ବରିଷ୍ଠ ନାଗରିକଙ୍କ ପାଇଁ ସଭାଗୃହ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ଅନ୍ୟତମ ଅତିଥି ଆର୍ତ୍ତତ୍ରାଣ ବେହେରା ବରିଷ୍ଠ ନାଗରିକଙ୍କ ଏହି ମହତ୍ ଉଦ୍ୟମର ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ସଭାରେ ଉପସ୍ଥିତ ଥିଲେ।

## ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକଙ୍କୁ ନୂଆଁଖାଇରେ ସାମଗ୍ରୀ ବଣ୍ଟନ

**ଭବାନୀପାଟଣା, ୧୬।୯ (ସମିସ):** ଭବାନୀପାଟଣା, ଗୋପିନାଥପୁର ନିବାସୀ ବରିଷ୍ଠ ନାଗରିକ ତଥା ବିଶିଷ୍ଟ ସମାଜସେବୀ ପ୍ରଭାକର ପଣ୍ଡା ନବାନ୍ନ ଭକ୍ଷଣ ପୂର୍ବଦିନ ଦେପୁର ହାଟ ନିକଟସ୍ଥ କଲ୍ୟାଣମଣ୍ଡପଠାରେ ଆର୍ଥିକ ଦୁର୍ବଳ ଶ୍ରେଣୀର ୧୧୦ ଜଣ ବରିଷ୍ଠ ନାଗରିକ (ପୁରୁଷ ଓ ମହିଳା)ଙ୍କୁ ଧୋତି/ଶାଢ଼ି ଏବଂ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଛନ୍ତି। ଅନ୍ୟତମ ବରିଷ୍ଠ ନାଗରିକ ଗୋବିନ୍ଦ ବଲ୍ଲଭ ସୁଆର ତାଙ୍କର ପତ୍ନୀ ସ୍ୱର୍ଗତ କାନ୍ତି ପ୍ରଭାଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏହି ସେବା କାର୍ଯ୍ୟ ପାଇଁ ୫ହଜାର ଟଙ୍କା ଦାନ କରିଥିଲେ। ବରିଷ୍ଠ ନାଗରିକ ସଂଘ, କଳାହାଣ୍ଡିର ସଭାପତି ବିଜୟ ହୋତା ଓ ସମ୍ପାଦକ ଗିରିଜା ବାବୁ, ଓଡ଼ିଶା ଅବସରପ୍ରାପ୍ତ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ପଟ୍ଟନାୟକ, ସିଟିଜେନ୍ ଫୋରମ୍‌ର ସମ୍ପାଦକ ସୀମାଞ୍ଚଳ ମିଶ୍ର ତଥା କଳାହାଣ୍ଡି ଶିକ୍ଷା ବିକାଶ କେନ୍ଦ୍ରରୁ କୃଷ୍ଣାବତାର ଦେଓ ସାମଗ୍ରୀ ବଣ୍ଟନ କରିଥିଲେ।

# ହରଗୌରୀ ଯୁବକ ସଂଘର ନୂଆଁଖାଇ ଭେଟ୍‌ଘାଟ



**ମ.ରାମପୁର, ୧୬।୯ (ସମିସ):** ମୋହନଗିରି ହରଗୌରୀ ଯୁବକ ସଂଘ ର ୧୨ ତମ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଭିନ୍ନ ଖେଳକୁଦ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ଲବଲୀ ବେହେରା, ଦ୍ୱିତୀୟ ସ୍ଥାନ ଶୁଭ୍ରା ଡାନ୍ସ ଗ୍ରୁପ, ତୃତୀୟ ସ୍ଥାନ ତିଥି ବେହେରା ଅଧିକାର କରିଥିଲେ। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ କ୍ଷୀରୋଦ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଡ଼. କୌତୁକ ପନ୍ଦର, ସମ୍ମାନିତ ବକ୍ତା ଶୁକଦେବ ସାହୁ, ସମ୍ମାନିତ ଅତିଥି ମୋହନଗିରି ସରପଞ୍ଚ ସୁରେନ୍ଦ୍ର ଧରୁଆ, ସିଂହପୁର ସରପଞ୍ଚ ଉତ୍ସବ ପଧାନ, ସମିତିସଭ୍ୟ ଗୋକୁଳାନନ୍ଦ ବିଶ୍ୱାଳ, ମଧୁସୂଦନ ଭୋଇ, ବିଭସ୍ୱ ପୋଡ଼, ନେତ୍ରାନନ୍ଦ ସାହୁ, ରଶ୍ମି ନନ୍ଦ, ନାରାୟଣ କୁମାର, ମଧୁସୂଦନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ନୁଆଁଖାଇ ପରମ୍ପରା ଓ ସଂସ୍କୃତି ଉପରେ ଆଲୋକ ପାତ କରିଥିଲେ। ଏଥିରେ ଗ୍ରାମର ବରିଷ୍ଠ ବ୍ୟକ୍ତି ଏବଂ ନିଟ ରେ ସଫଳତା ପାଇଥବା ଗାଁ'ପୁଅ ଜ୍ଞାନରଞ୍ଜନ ଦାସଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଜମି ଚୋରି ମାମଲା; ଗିରଫ ସଂଖ୍ୟା ୮କୁ ବୃଦ୍ଧି

**କୋମନା, ୧୬।୯ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ତହସିଲ ଅନ୍ତର୍ଗତ ଚାନ୍ଦୋପଲା ଗାଁର ୪ ଏକର ୪୦ ଡିସିମିଲ ଜମି ଚୋରି ମାମଲାରେ କୋମନା ପୁଲିସ ଆଜି ପୁଣି ଜଣକୁ ଗିରଫ କରିଛି। ଏହାକୁ ମିଶାଇ ଗିରଫ ସଂଖ୍ୟା ୮କୁ ବୃଦ୍ଧି ପାଇଛି। ଗତ ସୋମବାର ମାଷ୍ଟର୍ ମାଇଣ୍ଡ ସନ୍ତୋଷ କୁମାର ଦୁରିଆକୁ ନିଜ ଗାଁ ପେଣ୍ଡରାବନରୁ ଗିରଫ କରାଯାଇଥିବା ବେଳେ ଅନ୍ୟ ୨ ଜଣ ଜମି ଦଲାଲ ବୋଡ଼େନ ଥାନା କରଙ୍ଗାମାଲ ଗାଁର ରାମଲାଲ ପଣ୍ଡା, ଯିଏ କି ଏକ ଘରୋଇ କଲେଜର ପରିଚାଳନା କମିଟିର ସଭାପତି ତଥା କରଙ୍ଗାମାଲ ପଞ୍ଚାୟତର ସରପଞ୍ଚ ଅଛନ୍ତି, ତାଙ୍କୁ ଆଉ ତାଙ୍କ ସହଯୋଗୀ ଜକସନ୍ ବାଗଙ୍କୁ ତିଖାଲି ଛକରୁ ଗିରଫ ସହ ସେ ଯାଉଥିବା ଏକ କାର୍ (ଓଡ଼ି୨୬ଏଚ୍-୪୮୫୯)କୁ ଜବତ କରାଯାଇଥିଲା। ଆଜି ନକଲି ଜମି ମାଲିକଙ୍କୁ ଚିହ୍ନଟ କରି ସାକ୍ଷୀ ଦେଇଥିବା ପେଣ୍ଡରାବନ ଗାଁର ଜିହତ୍ ରାମ ପରାଭୁଏଙ୍କୁ ଗିରଫ କରିଛି। ଆଜି କୋର୍ଟ ଚାଲାଣ କରାଯିବ ବୋଲି କୋମନା ଥାନା ଆଇଆଇସି ଶ୍ରୀବଲ୍ଲଭ ସାହୁ ସୂଚନା ଦେଇଛନ୍ତି।



# ନୂଆଁଖାଇରେ ନିଆରା ପରମ୍ପରା ଦେବ ଦର୍ଶନ



**କୋମନା, ୧୬।୯ (ସମିସ):** ନୂଆଁଖାଇ ସରିଲା ପରେ ନୂଆପଡ଼ା ଜିଲ୍ଲା କୋମନା ପାଇକପଡ଼ାରେ ପାଳନ କରାଯାଏ ଏକ ନିଆରା ପରମ୍ପରା। ନୂଆଁଖାଇ ସାରିବା ପରେ ଜୁହାର ଭେଟ୍ ହୋଇ ଥାନ୍ତି। ପରେ ବାଜା ଧରି କୋମନାଗଡ଼ର ଇଷ୍ଟଦେବୀ ସମଲେଶ୍ୱରୀଙ୍କୁ ଦର୍ଶନ କରି ସୁଖ, ଶାନ୍ତି, ସମୃଦ୍ଧି ଓ ଏକତାର ପ୍ରାର୍ଥନା କରିଥାଆନ୍ତି। ସମଲେଶ୍ୱରୀ ଦେବୀଙ୍କୁ ଦର୍ଶନ ପରେ ଗାଁରେ ଥିବା ସମସ୍ତ ଦେବଦେବୀଙ୍କୁ ଦର୍ଶନ କରିଥାଆନ୍ତି। ଦୀର୍ଘ ୪ବର୍ଷ ହେବ ଏହି ପରମ୍ପରା ଆୟୋଜିତ ହୋଇଆସୁଛି।

# ଭୋଇ ପରିବାର ପକ୍ଷରୁ ନୂଆଁଖାଇ

**କୋମନା, ୧୬।୯ (ସମିସ):** କୋମନା ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମର ଭୋଇ ପରିବାର ପକ୍ଷରୁ ପାରମ୍ପରିକ ରୀତିନୀତି ଓ ଶ୍ରଦ୍ଧାର ସହ ନୂଆଁଖାଇ ପର୍ବ ପାଳନ କରାଯାଇଛି। ପରିବାରର ୧୦୦ ଜଣ ସଦସ୍ୟ ଏକାଠି ନବାନ୍ନ ଭକ୍ଷଣ କରିଥିଲେ। ନୂଆଁ ଧାନରୁ ପ୍ରସ୍ତୁତ ନବାନ୍ନକୁ ପ୍ରଥମେ ଇଷ୍ଟଦେବତାଙ୍କ ନିକଟରେ ଅର୍ପଣ କରାଯିବା ପରେ ପରିବାରର ସଦସ୍ୟମାନେ ଏକତ୍ରିତ ହୋଇ ନବାନ୍ନ ଭକ୍ଷଣ କରିଥିଲେ। ଏହି ଅବସରରେ ପରିବାରର ବୟୋଜ୍ୟେଷ୍ଠମାନଙ୍କୁ ଜୁହାର କରି ଆଶୀର୍ବାଦ ନେବା ସହ ପରସ୍ପରକୁ ନୂଆଁଖାଇ ଜୁହାର ଜଣାଇଥିଲେ। ପର୍ବକୁ ନେଇ ଘରେ ଘରେ ବିଭିନ୍ନ ପାରମ୍ପରିକ ପିଠାପଣା ଓ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିଲା। ଏହି ଅବସରରେ ପରିବାରର ଘାସିରାମ ଭୋଇ, ହରିଶ୍ଚନ୍ଦ୍ର ଭୋଇ, ନାରାୟଣ ଭୋଇ, କୈଳାସ ଭୋଇ, ଆନନ୍ଦ ଭୋଇ, ନୀଳମଣି ଭୋଇ, ହୃଷୀକେଶ ଭୋଇ, ଲକ୍ଷପତି ଭୋଇ, ଅଲେଖ ଭୋଇ, ଧବଳେଶ୍ୱର ଭୋଇ ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



# ଗାୟତ୍ରୀ ନଗରରେ ନୂଆଁଖାଇ ଭେଟ୍‌ଘାଟ

**କୋକସରା, ୧୬।୯ (ସମିସ):** କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ସରିବା ପରେ ଆରମ୍ଭ ହୋଇଥାଏ ଭେଟ୍‌ଘାଟ କାର୍ଯ୍ୟକ୍ରମର ପରମ୍ପରା। ଏହାକୁ ବଜାୟ ରଖି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଚିକିଲି ଗ୍ରାମର ଗାୟତ୍ରୀ ନଗରଠାରେ ମହା ଆଡ଼ମ୍ବରରେ 'ନୂଆଁଖାଇ ଭେଟଘାଟ' ଅନୁଷ୍ଠିତ ହୋଇଯାଇଛି। ଗ୍ରାମର କୁନି କୁନି ପ୍ରତିଭାମାନଙ୍କୁ ନେଇ ଏକ ଆକର୍ଷକ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଦର୍ଶକଙ୍କୁ ବିମୋହିତ କରିଥିଲା। ପରେ ଗ୍ରାମବାସୀଙ୍କ ପକ୍ଷରୁ ସମସ୍ତ ଅଂଶଗ୍ରହଣକାରୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ଉତ୍ସାହିତ କରାଯାଇଥିଲା। ଏହାସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ଗାଁ ପାଇଁ ଗୌରବ ଆଣିଥିବା ଗ୍ରାମର ବୟୋଜ୍ୟେଷ୍ଠ ତଥା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଏହି ସମାରୋହରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ 'ଭକ୍ତି ଆରାଧନା ଭଜନ ମେଲୋଡ଼ି ଟିମ୍' ସଫଳତାର ସହ ପରିଚାଳନା କରିଥିଲା। ମଞ୍ଚ ସଂଯୋଜନା ଦାୟିତ୍ୱ ଚିତ୍ତରଞ୍ଜନ ମହାନ୍ତି ତୁଲାଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଐରାବତ ଶବର, ରଞ୍ଜନ ନାଏକ, ନରେଶ ବେମାଲ, ସଦାଶିବ୍ବରସେଲ, ପରମାନନ୍ଦ ଶବର, ଲବଣୀ ରଞ୍ଜନ ଶବର, ସୁଶୀଲ ନାଏକ ଏବଂ କମିଟିର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ହୁକୁମୀ ଶବର ସମସ୍ତ ଅତିଥି, ଗ୍ରାମବାସୀ ଓ କଳାକାରମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ନୂଆଁଖାଇ ଅବସରରେ ଅସହାୟଙ୍କୁ ସହାୟତା



**ଧର୍ମଗଡ଼, ୧୬।୯ (ସମିସ):** ଧର୍ମଗଡ଼ ବ୍ଲକ ଚିଲିଚିଲା ଠାରେ ଦୁଇ ସମାଜସେବୀ ଢଗ ନାଏକ ଓ ମଧୁସୂଦନ ଜାଲଙ୍କ ମିଳିତ ଉଦ୍ୟମରେ ୫୦ ଜଣ ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ ଓ ବିଧବାଙ୍କୁ ନୁଆଁଖାଇ ଉପଲକ୍ଷେ ଛତା, ଶାଢି ଓ ଧୋତି ବଣ୍ଟନ କରାଯାଇଥିଲା। ନୁଆଁଖାଇ କେବଳ ନୂଆ ଧାନ ଖାଇବାର ପର୍ବ ନୁହେଁ, ଏହା ଭାଇଚାରା, ପରସ୍ପର ସହଯୋଗ, ସ୍ନେହ ଓ ସାମାଜିକ ଦାୟିତ୍ୱର ଏକ ପ୍ରତୀକ ବୋଲି ଏହି କାର୍ଯ୍ୟକ୍ରମ ବାର୍ତ୍ତା ଦେଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଆଇନଜୀବୀ ବିଶ୍ୱନାଥ ମୁଣ୍ଡ, ଦେବରାଜ ଧଙ୍ଗଡ଼ାମାଝୀ, ଟିକେଶ୍ୱର ନାଏକ, ଜଗନ୍ନାଥ ନାଏକ, ଜଗନ୍ନାଥ ଗୋପାଳ, ଗରିବ ଶବର, ପ୍ରଶାନ୍ତ ନାଏକ, ଗଜିନ୍ଦ୍ର ନିଆଲ, ମୁକୁନ୍ଦ ଜାଲ, ଧର୍ମେନ୍ଦ୍ର ନାଏକ ଓ ରଘୁମଣୀ ସାଗର ପ୍ରମୁଖ ମଞ୍ଚାସୀନ ଥିଲେ।

# ଓଡ଼ିଶାର ନି-ଷ୍ଟ୍ରାଇକର୍ ସଚିନଙ୍କ ନୂଆ ରେକର୍ଡ

**ସିନାପାଲି, ୧୬।୯ (ସମିସ)**

ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ ଅନ୍ତର୍ଗତ ଲର୍କା ଗ୍ରାମର 'ନି-ଷ୍ଟ୍ରାଇକର ଅଫ୍ ଇଣ୍ଡିଆ' ଭାବେ ପରିଚିତ ସଚିନ ବେହେରା ଏକ ନୂତନ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ସ୍ଥାପନ କରିଛନ୍ତି। ସେ ଗୋଟିଏ ଗୋଡ଼ରେ ୧ କେଜି ଓଜନର ଆଙ୍କଲ ୱେଟ୍ ପିନ୍ଧି ମାତ୍ର ଗୋଟିଏ ମିନିଟରେ ୧୦୩ ଥର ଫୁଲ୍-କଣ୍ଟାକ୍ଟ ନି-ଷ୍ଟ୍ରାଇକ୍ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ନିଜ ନାମ ଲିପିବଦ୍ଧ କରିଛନ୍ତି। ଏହି ରେକର୍ଡ ପ୍ରୟାସ ଗତ ୧୦ ସେପ୍ଟେମ୍ବର ୨୦୨୬ରେ ଭୁବନେଶ୍ୱରସ୍ଥିତ ଓଭରଅଲ୍ ସ୍ପୋର୍ଟସ ଏକାଡେମୀଠାରେ ଅନୁଷ୍ଠିତ ହୋଇଥିଲା। ଏହାର ସ୍ୱୀକୃତି ପତ୍ର ୧୫ ସେପ୍ଟେମ୍ବର ୨୦୨୬ ରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ କର୍ତ୍ତୃପକ୍ଷଙ୍କ ଠାରୁ ଇ-ମେଲ୍ ମାଧ୍ୟମରେ ପ୍ରାପ୍ତ ହୋଇଛି। ସଚିନ ହେଉଛନ୍ତି ଲର୍କା ଗ୍ରାମର ଲକ୍ଷ୍ମୀ ପ୍ରସାଦ ବେହେରା ଏବଂ ଆରତୀ ବେହେରାଙ୍କ ପୁତ୍ର। ସଚିନ ହେଉଛନ୍ତି ନୂଆପଡ଼ା ଜିଲ୍ଲାର ପ୍ରଥମ ଗିନିଜ୍ ୱାର୍ଲ୍ଡ ରେକର୍ଡଧାରୀ। ସେ ୨୦୧୯ ମସିହାରେ ୧ ମିନିଟରେ ୧୩୭ ନି-ଷ୍ଟ୍ରାଇକ୍ କରି ପ୍ରଥମ ଗିନିଜ୍ ରେକର୍ଡ ଏବଂ ୨୦୨୨ ମସିହାରେ ଦ୍ୱିତୀୟ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ସେ ହାଇ-ଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ଭୁବନେଶ୍ୱରରୁ ଫିଜିଓଥେରାପିରେ ସ୍ନାତକ (ବିପିଟି) ହାସଲ କରିଛନ୍ତି ଏବଂ ବର୍ତ୍ତମାନ ସେଠାରେ ଅର୍ଥୋପେଡ଼ିକ୍ ବିଭାଗରେ ସ୍ନାତକୋତ୍ତର (ଏମପିଟି) ଅଧ୍ୟୟନ କରୁଛନ୍ତି। ତାଙ୍କ ଏହି ସଫଳତା ପଛରେ ହାଇ-ଟେକ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ଅଧ୍ୟକ୍ଷ ଡ଼ା. ତିରୁପତି ପାଣିଗ୍ରାହୀଙ୍କୁ କୃତଜ୍ଞତା ଜଣାଇଛନ୍ତି। କାର୍ଯ୍ୟକ୍ରମରେ ବିଶେଷଜ୍ଞ ସାକ୍ଷୀ ଭାବେ ସୌମ୍ୟ ରଞ୍ଜନ ଦାସ ଏବଂ ଅନ୍ତର୍ଯ୍ୟାମୀ ବେହେରା, କିକ୍ ପ୍ୟାଡ୍ ସହାୟକ ଭାବେ କୃପାସିନ୍ଧୁ ବାରିକ ଏବଂ ଟାଇମ୍ କିପର୍ ଭାବେ ସନ୍ଦୀପ ପଟ୍ଟନାୟକ ଉପସ୍ଥିତ ଥିଲେ।



# ପ୍ରଜାପିତା ବ୍ରହ୍ମାକୁମାରୀ ତରଫରୁ ନୂଆଁଖାଇ



**ବୌଦ୍ଧ, ୧୬।୯(ସମିସ):** ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବୌଦ୍ଧର ଦିବ୍ୟପ୍ରକାଶ ଭବନଠାରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅନୁଷ୍ଠିତ ହୋଇଯାଇଛି। ଏହି ପର୍ବରେ କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବି.କେ.ମାମିନା ଭଉଣୀ ପର୍ବର ଆଧ୍ୟାତ୍ମିକତା ଓ ସାମାଜିକତା ସହ ସମ୍ବନ୍ଧ, ସମ୍ପର୍କ ଆସ୍ଥା ବିଶ୍ୱାସ କିପରି ଜଡ଼ିତ ତାହା ଉପସ୍ଥିତ ଭାଇଭଉଣୀମାନଙ୍କୁ ବୁଝାଇ ଥିଲେ। ଈଶ୍ୱରୀୟ ଭାଇଭଉଣୀ କିପରି ଅହଂଭାବ ଦୂରକରି ନିଜ ନିଜ ଭିତରେ ସ୍ନେହ ପ୍ରେମ ଓ ଶ୍ରଦ୍ଧାରେ ସୁଖମୟ ଜୀବନ ଯାପନ କରିବେ ତାହା ପରାମର୍ଶ ଦେଇଥିଲେ। ପରମାତ୍ମାଙ୍କଠାରେ ଧୂପ ଦୀପ ଜଳାଇ ନବାନ୍ନ ଭୋଗ ଲଗାଇଥିଲେ। କେନ୍ଦ୍ର ସଞ୍ଚାଳିକା ଭଉଣୀ ସମସ୍ତଙ୍କୁ ନବାନ୍ନ ଦେଇ ନୂଆଁଖାଇ ପର୍ବ ପାଳନ କରାଇଥିଲେ। ଏହି ପର୍ବରେ ୧୫ଟି ପରିବାର ଏକତ୍ର ନୂଆଁ ଖାଇଥିଲେ। ଶେଷରେ ଭେଟ୍ ଘାଟ୍ ଜୁହାର ସହିତ ଗୀତ, କବିତା, ନୃତ୍ୟ ଓ ଅଭିନୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ କରି ଆନନ୍ଦ ନେଇଥିଲେ। ଏହି କାର୍ଯ୍ୟ କ୍ରମରେ ସହଯୋଗୀ ଭଉଣୀ ବି.କେ .ଅନୁଜା, ବି.କେ.ବଳଦେବ ଭାଇ, ବି. କେ. ଜଗନ୍ନାଥ ଭାଇ ଓ ବି.କେ.ନିର୍ମଳ ଭାଇ ସହିତ ଈଶ୍ୱରୀୟ ପରିବାର ସମସ୍ତ ବି. କେ ଭାଇ ଭଉଣୀ ସହଯୋଗ କରିଥିଲେ।

# ବୌଦ୍ଧରେ ନୂଆଁଖାଇ ଭେଟ୍‌ଘାଟ୍ ଉଦଘାଟିତ




**ବୌଦ୍ଧ, ୧୬।୯(ସମିସ):** ସ୍ଥାନୀୟ ଟାଉନ ହଲ୍‌ଠାରେ ଗେହ୍ଲା ମାଁ କଳା ନିକେତନ ତରଫରୁ ଆଜି ନୂଆଖାଇ ଭେଟ୍‌ଘାଟ୍ ଉଦଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଗେହ୍ଲାମାଁ ମନ୍ଦିରଠାରେ ମାଁଙ୍କ ପୂଜାର୍ଚ୍ଚନା କରି ମଶାଲ ପ୍ରଜ୍ୱଳନ କରାଯାଇ ଏକ ସାଂସ୍କୃତିକ ଶୋଭାଯାତ୍ରାରେ ଟାଉନହଲ୍ ପର୍ଯ୍ୟନ୍ତ ଅଣାଯାଇଥିଲା। ଟାଉନହଲ୍ ପରିସରରେ ଥିବା ଗୁରୁ ଭିକାରୀ ଚରଣ ନାଏକ କଳା ମଣ୍ଡପ ମଞ୍ଚରେ ମଶାଲକୁ ସ୍ଥାପନ କରି ଅତିଥିମାନେ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ବୌଦ୍ଧ ପୌର ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ପଶ୍ଚିମ ଓଡ଼ିଶାର ନାମକରା ଚଳଚ୍ଚିତ୍ର ତାରକା ମନୋଜ ମିଶ୍ର, ଗେହ୍ଲା ମା କଳା ନିକେତନର ଉପଦେଷ୍ଟା ଶଶାଙ୍କ ଶେଖର ମିଶ୍ର, ସଭାପତି ରଜନୀ କାନ୍ତ ଦାଶ, ପୂର୍ବତନ ସଭାପତି ଚିତ୍ତରଞ୍ଜନ ଦାଶ, ସାମ୍ବାଦିକ ରବୀନ୍ଦ୍ର ପଟ୍ଟନାୟକ, ଜୟ ନାରାୟଣ ମହାନ୍ତି, ସନ୍ତୋଷ ନାଏକ ପ୍ରମୁଖ ସାମିଲ୍ ହୋଇଥିଲେ। ବିଭିନ୍ନ ଦଣ୍ଡ ନୃତ୍ୟ ଦଳର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆଜିଠାରୁ ୩ ଦିନ ଧରି ଏହି ନୂଆଁଖାଇ ଭେଟ୍ ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ।

# ଦେବଗଡ଼ ଜିଲ୍ଲା ବିକାଶ ସମନ୍ୱୟ ଏବଂ ମନିଟାରୀ କମିଟି ବୈଠକ



**ଦେବଗଡ଼, ୧୬।୯ (ସମିସ):** ସ୍ଥାନୀୟ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା ବିକାଶ ସମନ୍ୱୟ ଏବଂ ମନିଟାରୀ କମିଟି (ଦିଶା)ର ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଲୋକସଭା ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାପାଳ କବିନ୍ଦ୍ର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରଥିଲେ। ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଆରକ୍ଷୀ ଅଧିକ୍ଷକ କିଶୋର ଚନ୍ଦ୍ର ମୁଣ୍ଡ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ତିଳେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ବନଖଣ୍ଡ ଅଧିକାରୀ ମିସ୍ ରଶ୍ମି ଜି, ମଧପୁର ପଞ୍ଚାୟତ ସରପଞ୍ଚ ଲତିକା ପ୍ରଧାନ, ବଣିଆ କିଲିଣ୍ଡା ପଞ୍ଚାୟତ ସମିତି ସଭ୍ୟ ଆରତୀ ପ୍ରଧାନ, ମଳେହିପଡ଼ା ପଞ୍ଚାୟତ ସମିତି ସଭ୍ୟ ମୁନସୁନ୍ ସାହୁ, ଗୁଣ୍ଡିଆପାଲି ପଞ୍ଚାୟତ ସରପଞ୍ଚ ପ୍ରକାଶ ଆଚାର୍ଯ୍ୟ, ଗୁରସଙ୍ଗ ପଞ୍ଚାୟତ ପଞ୍ଚାୟତ ସମିତି ସଭ୍ୟ ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

ଉତ୍କଳ ସମ୍ମିଳନୀ ପକ୍ଷରୁ ନୂଆଖାଇ ମହୋତ୍ସବ

# 'ମାଟି ସହିତ ମଣିଷ ସମ୍ପର୍କର ଉତ୍ସବ ନୂଆଁଖାଇ'

ରାଉରକେଲା, ୧୬।୯(ସମିସ)

ଭାରତୀୟ ସଂସ୍କୃତି ପ୍ରକୃତି ସହିତ ଜଡିତ କେବଳ ପଶ୍ଚିମ ଓଡ଼ିଶା ନୁହଁ ସମଗ୍ର ଓଡ଼ିଶାର ସଂସ୍କୃତି, ଐତିହ୍ୟ ଓ ଅସ୍ମିତାର ମହାନବାର୍ତ୍ତା ବହନ କରୁଥିବା କୃଷି ଭିତ୍ତିକ ଗଣପର୍ବ ନୂଆଖାଇ ଉତ୍ସବ ଉତ୍କଳ ସମ୍ମିଳନୀ ରାଉରକେଲା ଶାଖା ଓ ଉତ୍କଳ ଶିଳ୍ପ ପରିଚାଳକ ସମାଜ ପକ୍ଷରୁ ଛେଣ୍ଡ କଲୋନୀସ୍ଥ ଧାମରା ସଙ୍ଘ ପରିସରରରେ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ସମ୍ମିଳନୀର ସଭାପତି ସୁଦାମ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରଘୁନାଥପାଲିର ବିଧାୟକ ଦୁର୍ଗା ଚରଣ ତନ୍ତୀ, ବିଶିଷ୍ଟ ଅତିଥି ଭାବେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ ଯୋଗ ଦେଇଥିଲେ।

ମୁଖ୍ୟବକ୍ତା ଭାବେ ମୁନିସିପାଲ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପିକା ଡ. ଦୀପ୍ତିମୟୀ ବେହେରା କହିଲେ ମାଟି ସହିତ ଆମର ସମ୍ପର୍କର ଉତ୍ସବ ହେଉଛି ନୂଆଁଖାଇ ପର୍ବ। ଉପ ସଭାନେତ୍ରୀ ବିଶିଷ୍ଟ ଶିକ୍ଷାବିତ୍ ଡ. କିଶୋରୀ ଦାଶ କହିଥିଲେ କୃଷି ଉତ୍ପାଦନ ପରେ ଏକତ୍ର ନବାନ୍ନ ଭକ୍ଷଣ ଓ ଗୁରୁଜନମାନଙ୍କୁ ପ୍ରଣାମ କରିବା, ସମସ୍ତଙ୍କୁ ସ୍ନେହ ପ୍ରଦାନ କରିବା ସହ ପାରିବାରିକ ବନ୍ଧନକୁ ସୁଦୃଢ କରିବା ହିଁ ଏହି ପର୍ବର ମହତ୍ତ୍ୱ। ଉତ୍କଳ ଶିଳ୍ପ ପରିଚାଳକ ସମାଜର ସଭାପତି ଚିତ୍ତରଞ୍ଜନ ଦାଶ ରାଉରକେଲା ତଥା ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଉତ୍କଳ ସମ୍ମିଳନୀର ଉପଦେଷ୍ଟା ତଥା ବରିଷ୍ଠ ଅସ୍ଥି ଶୈଲ୍ୟ ଚିକିତ୍ସକ ଡା. ଉତ୍ତମ ଚରଣ ଜେନା ଜାତି ଓ ଭାଷା ପାଇଁ ନିଜକୁ ପ୍ରଥମେ ଗଢିବାକୁ ହେବ ବୋଲି ନିଜ ବକ୍ତବ୍ୟ ରଖିଥିଲେ। ସମ୍ମିଳନୀର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ ପୂର୍ବକ ରାଉରକେଲାର ବିଭିନ୍ନ ଅନୁଷ୍ଠାନ ମିଳିତ ହୋଇ ସାଂସ୍କୃତିକ ସମନ୍ୱୟ ଆଣିବାକୁ ପରାମର୍ଶ ଦେବା ସହ ଓଡ଼ିଶାର ଅସ୍ମିତା ବଜାୟ ରଖିବାକୁ ଅନୁରୋଧ କରିଥିଲେ। ପ୍ରାରମ୍ଭରେ ମା' ସମଲେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା ଓ ନବାନ୍ନ ଅର୍ପଣ ସହ ଶିବାୟନ ନୃତ୍ୟ ସଙ୍ଗୀତ କେନ୍ଦ୍ରର ଗୁରୁ



ରାଜକୁମାରୀ ଦେବୀଙ୍କ ଦ୍ୱାରା ଉତ୍କଳ ଜନନୀଙ୍କ ବନ୍ଦନା ଗାନ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶାଖାର ସଭ୍ୟ ସୁଶାନ୍ତ କୁମାର ନାୟକଙ୍କ ସଂଯୋଜନାରେ ନମ୍ରତା ଡ୍ୟାନ୍ସ ଏକାଡେମୀ ଓ ଶିବାୟନ ଗ୍ରୁପ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ ଓ ସଙ୍ଗୀତ ଗାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର ବହୁ ସଭ୍ୟସଭ୍ୟା ସମେତ ବରିଷ୍ଠ ସାମ୍ବାଦିକ ପୀତବାସ ମିଶ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଉପସଭାପତି ନବଘନ ପାଣି, ଅନିଲ କୁମାର ଦାସ, ବାଳକୃଷ୍ଣ ସ୍ୱାଇଁ, ସୁନୀଲ ମହାନ୍ତି, ସୂର୍ଯ୍ୟକାନ୍ତ ପଣ୍ଡା, ବୈକୁଣ୍ଠ ସାମଲ, ଅଭିମନ୍ୟୁ ସ୍ୱାଇଁ, ଚିତ୍ତରଞ୍ଜନ ଗିରି, ଶ୍ରୀପତି ଶୁକ ପ୍ରମୁଖ ସହଯୋଗ କରିଥିଲେ। ସମ୍ମିଳନୀ ପକ୍ଷରୁ କଳାକାରମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ନୃତ୍ୟ ଗୁରୁ ନମ୍ରତା ସିଂ ଏବଂ ସଂଯୋଜକ ସୁଶାନ୍ତ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳନୀର କୋଷାଧ୍ୟକ୍ଷ ଭଗବାନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମସ୍ତ ଅତିଥିମାନେ ନବାନ୍ନ ପ୍ରସାଦରେ ଆପ୍ୟାୟିତ ହୋଇଥିଲେ।

# ବିଧାୟକଙ୍କ ଗଣେଶ ପୂଜା ମଣ୍ଡପ ପରିଦର୍ଶନ

**ବୌଦ୍ଧ, ୧୬।୯(ସମିସ):** ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ସହରର ବିଭିନ୍ନ ଗଣେଶ ପୂଜା ମଣ୍ଡପ ପରିଦର୍ଶନ କରି ସାଂସ୍କୃତିକ କାର୍ଯ୍ୟକ୍ରମ ଯୋଗ ଦେଇଛନ୍ତି। ସନ୍ଧ୍ୟାରେ ବୌଦ୍ଧ ସହରର ବିଭିନ୍ନ ୱାର୍ଡରେ ଅନୁଷ୍ଠିତ ଗଣେଶ ପୂଜା ମଣ୍ଡପରେ ପହଞ୍ଚି ଶ୍ରୀ ଗଣେଶଙ୍କ ଦର୍ଶନ କରିବା ସହ ଆୟୋଜକଙ୍କ ସହ ଆଲୋଚନା କରିଥିଲେ। ବୁଟୁପାଲିରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



# ପଣ୍ଡରିପାଣିରେ ନୂଆଁଖାଇ ଭେଟ୍‌ଘାଟ



**ବରଗଡ଼, ୧୬।୯(ସମିସ):** ବରଗଡ଼ ଜିଲ୍ଲା ମେଲଛାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ପଣ୍ଡରିପାଣି ଗ୍ରାମର ସତ୍ୟାନନ୍ଦ ଯୁବକ ସଂଘ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଦୀପ କୁମାର ପଣ୍ଡା ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ବାଞ୍ଛାନିଧି ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଗ୍ରାମର ୱାର୍ଡମେମ୍ବର ଚୂଡ଼ାମଣି ସାହୁ, ପାକାୟଣ କଲେତ, ଗୌନ୍ତିଆ ଶରତ ଚାନ୍ଦ, ଶିକ୍ଷକ ଦୀପକ ଭୋଇ, ଜୟଦେବ ମେହେର, ଲମ୍ବୋଦର ପଣ୍ଡା ଆଦି ଅତିଥି ଭାବରେ ଯୋଗଦେଇ ସଙ୍ଘର ପ୍ରତିଷ୍ଠାତା ସ୍ୱର୍ଗତ ଦିଲ୍ଲୀପ କୁମାର ପଣ୍ଡାଙ୍କ ସ୍ମୃତି ଚାରଣ କରିଥିଲେ। ପ୍ରଥମେ ଶ୍ରୀଯୁକ୍ତ ପଣ୍ଡା ନୂଆଁଖାଇ ଉତ୍ସବର ମହତ୍ତ୍ୱ ଓ ବର୍ତ୍ତମାନ ସମୟରେ ଏହାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ସଂଘର ସଦସ୍ୟମାନଙ୍କ ଦ୍ୱାରା ପ୍ରଦୀପ କୁମାର ପଣ୍ଡାଙ୍କ ରଚିତ ଓ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'କରଲା'ପରିବେଷିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ ପ୍ରସନ୍ନ କଲେତ ପରିଚାଳନା କରିଥିଲେ। ଶେଷରେ ଲମ୍ବୋଦର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଘଟଣାରେ ଜଣେ ମୃତ; ଦୁଇ ଗୁରୁତର

**ବରଗଡ଼, ୧୬।୯(ସମିସ):** ବରଗଡ଼-ଭଟଲି ରାସ୍ତା ବରଡୋଲ କେନାଲ ଛକ ପାଖରେ ବୁଧବାର ଦିନ ପ୍ରାୟ ୧ଟା ୪୦ରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ଏକ ବାଇକ୍‌ରେ ଯାଉଥିବା ୩ଜଣ ଯୁବକ ଦୁର୍ଘଟଣାର ଶିକାର ହୋଇଛନ୍ତି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଭଟଲି ବ୍ଲକ ଚଡେଇ ଗାଁର ସିଦ୍ଧାନ୍ତ ତାଣ୍ଡି (୨୧)ଙ୍କ ମୃତ୍ୟୁ ଘଟିଛି। ଲବାର ତାଣ୍ଡି (୨୬), ସାଧୁ ନାଏକ (୨୦) ଗୁରୁତର ହୋଇଛନ୍ତି। ସମସ୍ତେ ଗୋଟିଏ ବାଇକ୍‌ରେ ବରଗଡ଼ ପଟୁ ଭଟଲି ଅଭିମୁଖେ ଯାଉଥିଲେ। ଏହି ସମୟରେ ବାଇକ୍‌ଟି ଏକ ବିଦ୍ୟୁତ ଖୁଣ୍ଟରେ ଧକ୍କା ଦେଇଥିଲା। ଧକ୍କା ଏତେ ତୀବ୍ର ଥିଲା ଯେ ବିଦ୍ୟୁତ ଖୁଣ୍ଟଟି ଭାଙ୍ଗି ଦୁଇ ଖଣ୍ଡ ହୋଇଯାଇଛି। ସିଦ୍ଧାନ୍ତ ତାଣ୍ଡି ଗୁରୁତର ଆହତ ହୋଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ପରେ ତାଙ୍କର ମୃତ୍ୟୁ ଘଟିଛି। ଲବାର ଓ ସାଧୁଙ୍କୁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ସର୍ବଭାରତୀୟ ଛିନ୍ଦେଇକେଲା କପ୍ ପ୍ରସ୍ତୁତି ବୈଠକ

## ଆଦର୍ଶ ସଭାପତି, ଆକାଶ ସମ୍ପାଦକ ଓ କୋଷାଧ୍ୟକ୍ଷ ନରେଶ

**ପାଇକମାଲ, ୧୬।୯(ସମିସ):** ପାଇକମାଲ ବ୍ଲକ ଛିନ୍ଦେଇକେଲା ସ୍ଥିତ ରାଇଜିଂ ଷ୍ଟାର କ୍ରିକେଟ୍ କ୍ଲବ ପକ୍ଷରୁ ୩୦ତମ ସର୍ବଭାରତୀୟ ଛିନ୍ଦେଇକେଲା କପ୍ କ୍ରିକେଟ୍ ପ୍ରତିଯୋଗିତା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଜତିନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ଡିସେମ୍ବରରେ ପ୍ରତିଯୋଗିତା ଆୟୋଜନ କରିବାକୁ ସ୍ଥିର ହୋଇଛି। ବୈଠକରେ ସର୍ବସମ୍ମତିକ୍ରମେ ଚଳିତ ବର୍ଷ ପାଇଁ କ୍ଲବର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ଆଦର୍ଶ ସାହୁ ସଭାପତି, ଜତିନ ସାହୁ ଓ ଦୀପକ ସାହୁ ଉପସଭାପତି, ଆକାଶ କୁମାର ସାହୁ ସମ୍ପାଦକ ଏବଂ ନରେଶ ସାହୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ୮ଟି ଦଳକୁ ନେଇ ସର୍ବଭାରତୀୟ କ୍ରିକେଟ୍ ପ୍ରତିଯୋଗିତା ଆୟୋଜନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ କ୍ଲବ ସଦସ୍ୟ ରୋହିତ ସାହୁ, ସ୍ୱତନ୍ତ୍ର ସାହୁ, ପ୍ରମୋଦ



ସାହୁ, ବିକାଶ ସାହୁ, ଟୁନା ସୁନା, ଆନନ୍ଦ ସାହୁ, ବିନନ୍ଦ ସାହୁ, ଆଶିଷ ସାହୁ, ତାରାକାନ୍ତ ଧରୁଆ, ସତ୍ୟ ସାହୁ, ଦୀପକ ସାହୁ, ସୁନିଲ ସାହୁ, ସୁପିନ ସାହୁ, ପିଣ୍ଟୁ ସାହୁ, ସୁରଜ ସାହୁ, ଧୀରଜ ସାହୁ, କବିରାଜ ସାହୁ, କାହ୍ନୁ ସାହୁ, ସମୀର ସାହୁ, ସ୍ୱସ୍ତିକ ସାହୁ, ଶାଶ୍ୱତ ସାହୁ, ରାଜୁ ସାହୁ, ସୁଶାନ୍ତ ସାହୁ, ଅଶ୍ୱିନୀ ସାହୁ ଓ ନରେଶ ସାହୁ ଉପସ୍ଥିତ ଥିଲେ। ଶେଷରେ କ୍ଲବ ଉପଦେଷ୍ଟା ହେମସାଗର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଲପିସି ଯୁଥ୍ କ୍ଲବରେ ଗଣେଶ ପୂଜା

**ବୌଦ୍ଧ, ୧୬।୯(ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଜଗତୀ ମାହାର ସାହିଠାରେ ଏଲପିସି ଯୁଥ କ୍ଲବ୍ ଆନୁକୂଲ୍ୟରେ ଗଣେଶ ପୂଜା ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କ୍ଲବର ସଭାପତି ଗୁଣସାଗର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ବିଜେପି ଉପ ସଭାପତି ସୁଶାନ୍ତ ବାଘ, ବୌଦ୍ଧ ଗ୍ରାମୀଣ ମଣ୍ଡଳ ସଭାପତି ସୁଶୀଳ ହୋତା, ସମିତି ସଭ୍ୟ ପିଣ୍ଟୁ ମିର୍ଦ୍ଧା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ, ମୋତିଲାଲ ମେହେର, ରଞ୍ଜିତ ମେହେର, ସମ୍ପାଦକ ଶ୍ରବଣ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ଜିଲ୍ଲାରୁ ଆସିଥିବା ବାଳିକା ରାମଲୀଳା ଦଳ ଶ୍ରୀ ରାମଲୀଳା ନାଟକ କରିଥିଲେ। ଦର୍ଶକ ବିଳମ୍ବିତ ରାତି ଯାଏଁ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

# ନିଟ୍ରା ରାଉରକେଲା ଶାଖା ପକ୍ଷରୁ ଇଞ୍ଜିନିୟର୍ସ ଦିବସ



ରାଉରକେଲା, ୧୬।୯(ସମିସ)

ନିଟ୍ରା ଏନ୍‌ଆଇଟି ରାଉରକେଲା ଆଲୁମିନୀ ଆସୋସିଏସନ୍ (ନିଟ୍ରା)ର ରାଉରକେଲା ସ୍ଥାନୀୟ ଶାଖା ପକ୍ଷରୁ ୫୯ତମ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଛି। ରାଉରକେଲା କ୍ଲବ୍‌ର ସ୍ପେକ୍ଟ୍ରମ୍ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତରତ୍ନ ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାକ୍ତନ ଆର୍‌ଏସ୍‌ପି ଡିଆଇସି ଅତନୁ ଭୌମିକ ମୁଖ୍ୟ ଅତିଥି ଓ ଆଦିତ୍ୟ ବିର୍ଲା ଗ୍ରୁପ ମୁଖ୍ୟ ଜଗନ୍ନାଥ ପ୍ରସାଦ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏନ୍‌ଆଇଟି ରାଉରକେଲାର ଡିନ୍ (ଏକାଡେମିକ୍ସ) ପ୍ରଫେସର ସରୋଜ ପଟେଲ ସମ୍ମାନିତ ଅତିଥି ଯୋଗ ଦେଇଥିଲେ।

ଏହି ଅବସରରେ ସ୍ୱର୍ଗତ ପ୍ରଫେସର ବିମ୍ବାଧର ଶତପଥୀଙ୍କ ସ୍ମୃତିରେ ଏକ ମିନିଟ୍ ନୀରବତା ପାଳନ କରାଯାଇଥିଲା। ନିଟ୍ରାର ପୂର୍ବତନ ସଭାପତି ଫକୀର ଚରଣ ମହାନ୍ତି, ଏନ୍‌ଆଇଟି ରାଉରକେଲାର ଆସୋସିଏଟ୍ ଡିନ୍ ପ୍ରଫେସର ଅର୍ଚ୍ଚନା ମଲ୍ଲିକ, ନିଟ୍ରା ରାଉରକେଲା ଶାଖାର ପୂର୍ବତନ ଅଧ୍ୟକ୍ଷ ବିମଳ କୁମାର ବିସି, ବର୍ତ୍ତମାନର ଅଧ୍ୟକ୍ଷ ପି. କେ. ମହାପାତ୍ର ଏବଂ ସମ୍ପାଦକ ଅନୁପ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିସହ ନିଟ୍ରାର ପୂର୍ବତନ ମହାସଚିବ ପ୍ରଫେସର ହୃଷୀକେଶ ନାୟକ, ଉପସଭାପତି ଅସୀମ କୁମାର ସାବତ, କୋଷାଧ୍ୟକ୍ଷ ରାହୁଲ ଅଗ୍ରୱାଲ, ବରିଷ୍ଠ ପୁରାତନ ଛାତ୍ର ଭାରତ ଭୂଷଣ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ପୁରାତନ ଛାତ୍ରଛାତ୍ରୀ ଓ ଏନ୍‌ଆଇଟି ରାଉରକେଲା ପରିବାରର ସଦସ୍ୟ ଯୋଗ ଦେଇଥିଲେ। ଏନ୍‌ଆଇଟି ରାଉରକେଲାର ପୁରାତନ ଛାତ୍ରୀ ସନ୍ଧ୍ୟା ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ସନ୍ଧ୍ୟାରେ ଇଞ୍ଜିନିୟରିଂ ଶିକ୍ଷା ଓ ଅନୁଷ୍ଠାନ ଗଠନ କ୍ଷେତ୍ରରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଏନ୍‌ଆଇଟି ରାଉରକେଲାର ୧୦ ଜଣ ପୂର୍ବତନ ପ୍ରଫେସର ଡ. ୟୁ ସି. ପାତ୍ର, ପ୍ରଫେସର କେ. ଏନ୍. ସିଂହ, ପ୍ରଫେସର ୟୁ କେ. ମହାନ୍ତି, ପ୍ରଫେସର ଏ. କେ. ପଣ୍ଡା, ପ୍ରଫେସର କେ. କେ. ଜୈନ, ପ୍ରଫେସର ଆର୍. ଏନ୍. ଦାଶ, ପ୍ରଫେସର କପିଳ ଚନ୍ଦ୍ର ବାରିକ, ପ୍ରଫେସର ଯୁଗଳ କିଶୋର ପ୍ରଧାନ, ପ୍ରଫେସର ଜି. ଏସ୍. ଅଗ୍ରୱାଲ ଏବଂ ପ୍ରଫେସର ଆର୍. ଆଇ. ଗାଙ୍ଗୁଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁଇଜ୍ ମାଷ୍ଟର ସମ୍ପଦ ମିଶ୍ରଙ୍କ ଦ୍ୱାରା ପରିଚାଳିତ କୁଇଜ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ନଗଦ ପୁରସ୍କାର ସହ ପ୍ରଶସ୍ତିପତ୍ର ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ 'ଗେସ୍ ଦି ଟାଇମ୍', ଲକି ଡ୍ର' ଏବଂ ଏକ ମଜାଦାର କୁଇଜ୍ କାର୍ଯ୍ୟକ୍ରମ ସନ୍ଧ୍ୟାକୁ ରୋମାଞ୍ଚକର କରିଥିଲା। କାର୍ଯ୍ୟକ୍ରମର ଶେଷରେ ନିଟ୍ରା ରାଉରକେଲା ଶାଖାର ସମ୍ପାଦକ ଅନୁପ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ତୈଳିକ ବୈଶ୍ୟ ଯୁବ ସମାଜର ନୂଆଁଖାଇ ଭେଟ୍‌ଘାଟ




**ପାଇକମାଲ, ୧୬।୯(ସମିସ):** ଛିନ୍ଦେଇକେଲା ତୈଳିକ ବୈଶ୍ୟ ଯୁବ ସମାଜ ପକ୍ଷରୁ 'ନୂଆଁଖାଇ ଭେଟଘାଟ' ଅନୁଷ୍ଠିତ ହୋଇଯାଇଛି। ସମାଜର ସଦସ୍ୟ, ସଦସ୍ୟା ଓ ଯୁବପିଢ଼ି ଏକତ୍ରିତ ହୋଇ ପରସ୍ପର ମଧ୍ୟରେ ଭାଇଚାରା ଓ ସ୍ନେହର ଭାବ ଆଦାନପ୍ରଦାନ କରିଥିଲେ। ସମାଜର ସଭାପତି ରାମଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଲକ୍ଷ୍ମଣ ସାହୁ, ଚନ୍ଦ୍ରମଣି ସାହୁ, ସମ୍ପାଦକ ବ୍ରଜକିଶୋର ସାହୁ, ମଙ୍ଗୁଲୁ ଚରଣ ସାହୁଙ୍କ ସମେତ ବରିଷ୍ଠ ସଦସ୍ୟମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ଇଷ୍ଟଦେବୀ ମା' ସମଲେଶ୍ୱରୀ ଓ ପ୍ରଭୁ କାର୍ତ୍ତିକ ଭଗବାନଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ ସମଗ୍ର ସମାଜର ସୁଖ ସମୃଦ୍ଧି କାମନା କରାଯାଇଥିଲା। ନୂଆଁଖାଇର ପରମ୍ପରା ଅନୁଯାୟୀ କନିଷ୍ଠମାନେ ବରିଷ୍ଠ ଗୁରୁଜନଙ୍କୁ ପ୍ରଣାମ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ନୂଆଁଖାଇର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ସମାଜ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣରେ ପତିତପାବନ ସାହୁ ସହଯୋଗ କରିଥିଲେ। ସରୋଜ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ଜତିନ୍ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଏକାଠି ଲଢ଼ିଥିଲେ; ଏକାଠି ନୂଆ ଖାଇଲେ

# ବିସ୍ଥାପନ ସମସ୍ୟା ଭିତରେ ବି ପରମ୍ପରା ଛାଡ଼ିଲେନି

ବଲାଙ୍ଗିର,୧୬।୯(ସମିସ)

ଘର ଛାଡ଼ିବାର ଯନ୍ତ୍ରଣା, ବିସ୍ଥାପନର ସମସ୍ୟା ଓ ପ୍ରଶାସନିକ ଅବହେଳା ଭିତରେ ବି ମାଟିର ମୋହ ଛାଡ଼ିପାରିଲେନି। ହାତରେ ନୂଆଁ ଧାନର କୁଣ୍ଡା ଥିଲା। ଘରେ ତିଆରି ହୋଇଥିଲା ପିଠା-ମଣ୍ଡା। ମନରେ ନିଜ ଗାଁ ପାଇଁ ଅସରନ୍ତି ଭଲପାଇବା ଥିଲା। ସୁକତେଲ ପ୍ରକଳ୍ପରେ ବିସ୍ଥାପନର ଦୁଃଖ ଭିତରେ ବି କୁମିଆଁପାଲି ଗାଁରେ ଉତ୍ସାହର ସହ ନୂଆଁଖାଇ ପାଳିତ ହୋଇଛି। ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହୋଇଥିବା କୁମିଆଁପାଲି ଗାଁର ଶତାଧିକ ପରିବାର ଚଳିତବର୍ଷ ଏକାଠି ହୋଇ ସାମୂହିକ ଭାବେ ନୂଆଁଖାଇ ପାଳନ କରିଛନ୍ତି। ପ୍ରକଳ୍ପ ପାଇଁ ଗାଁ ଛାଡ଼ିବାର ପରିସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ କାରଣରୁ ଅନେକ ପରିବାର ଏପର୍ଯ୍ୟନ୍ତ ନିଜ





ଭିଟାମାଟି ଛାଡ଼ିନାହାନ୍ତି। ପ୍ରଶାସନ ପକ୍ଷରୁ ବିସ୍ଥାପନ ପ୍ରକ୍ରିୟା ନେଇ ଉଦ୍ୟମ ଜାରି ରହିଛି। ସମସ୍ୟା ସମାଧାନ କରିବା ବଦଳରେ ଜବରଦସ୍ତ ବିସ୍ଥାପିତଙ୍କୁ ବିସ୍ଥାପନ କରିବାକୁ ପ୍ରଶାସନ ଉଦ୍ୟମ ଚଳାଇଛି। ପ୍ରଶାସନ ମଧ୍ୟ ସେମାନଙ୍କୁ ଅସହଯୋଗ କରୁଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ଏଭଳି ଏକ ଅନିଶ୍ଚିତତା ମଧ୍ୟରେ ମଧ୍ୟ ଗାଁବାସୀ ନିଜର ପାରମ୍ପରିକ ପର୍ବ ନୂଆଁଖାଇକୁ ଭୁଲି ନାହାନ୍ତି। କୁମିଆଁପାଲିର ପ୍ରାୟ୧୦୦ରୁ ଅଧିକ ପରିବାରର ୫୨୬ ଜଣ ସଦସ୍ୟ ଏକତ୍ରିତ ହୋଇ ସାମୂହିକ ଭାବେ ନୂଆଁଖାଇ ପାଳନ କରିଥିଲେ। ପ୍ରତିବର୍ଷ ଗାଁ ମଣ୍ଡପରେ ଏହି ସାମୂହିକ ନୂଆଁଖାଇ ଆୟୋଜିତ ହେଉଥିଲା; କିନ୍ତୁ ଚଳିତବର୍ଷ ମଣ୍ଡପ ନିକଟରେ ପାଣି ଜମି ରହିଥିବାରୁ ଗାଁର ପ୍ରେମରାଜ ବରିହାଙ୍କ ବାଡ଼ିପଟେ ଚାନ୍ଦୁଆ ଟାଣି ନୂଆଁଖାଇ ଆୟୋଜନ କରାଯାଇଥିଲା। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପରମ୍ପରା ପାଳନରେ ଗ୍ରାମବାସୀ କୌଣସି ଅଭାବ ରଖି ନ ଥିଲେ। ନିଜ ନିଜ ଘରେ ପୂଜାର୍ଚ୍ଚନା କରିବା ପରେ ଘରେ ପ୍ରସ୍ତୁତ ପିଠା, ମଣ୍ଡା ଓ ନୂଆଁକୁଣ୍ଡା ଧରି ସମସ୍ତେ ଏକାଠି ହୋଇଥିଲେ। ସାମୂହିକ ଭାବେ ନବାନ୍ନ ଭକ୍ଷଣ କରି ପରସ୍ପରକୁ ନୂଆଁଖାଇର ଶୁଭେଚ୍ଛା ଜଣାଇଥିଲେ। ଗାଁରେ ଗତ ୧୦ରୁ ୧୨ ଦିନ ହେଲା ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ଦିଆଯାଇଛି। ନୂଆଁଖାଇ ପାଇଁ ମଧ୍ୟ ଗ୍ରାମବାସୀଙ୍କୁ ବିଭିନ୍ନ ସମସ୍ୟାର ସାମ୍ନା କରିବାକୁ ପଡ଼ିଥିଲା। ପାଣି ପାଇଁ ଗାଁ ବାହାଲ କୂଅ ଉପରେ ନିର୍ଭର କରି ରୋଷେଇ କରିଥିଲେ। ତଥାପି ଏସବୁ ସମସ୍ୟା ନୂଆଁଖାଇର ଉତ୍ସାହକୁ ଫିକା କରିପାରି ନ ଥିଲା। ଗାଁର ୱାର୍ଡମେମ୍ବର ରାମଚନ୍ଦ୍ର ବରିହାଙ୍କ ସମେତ ଡମ୍ବରୁ ବରିହା, ପ୍ରେମରାଜ ବରିହା, ଚନ୍ଦ୍ରମଣି ବରିହା, ଗନ୍ଧର୍ବ ବରିହା ଓ କନ୍ଦର୍ପ ବରିକା ପ୍ରମୁଖ ସାମୂହିକ ନୂଆଁଖାଇ ଆୟୋଜନର ନେତୃତ୍ୱ ନେଇଥିଲେ। ବିସ୍ଥାପନର ଛାୟାରେ ରହିଥିବା କୁମିଆଁପାଲି ପାଇଁ ଏହି ନୂଆଁଖାଇ କେବଳ ଏକ ପର୍ବ ନ ଥିଲା; ଏହା ନିଜ ଗାଁ, ଭିଟାମାଟି ଓ ପରମ୍ପରା ସହ ଲୋକଙ୍କ ଭାବନାତ୍ମକ ସମ୍ପର୍କର ଏକ ନିଆରା ପ୍ରତିଛବି ଥିଲା।

## ସାଲେପାଲିରେ ଏକାଠି ନୂଆଁ ଖାଇଲେ ୨୨ ମେହେର ପରିବାର

ଦେଓଗାଁ,୧୬।୯(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ସାଲେପାଲି ପଞ୍ଚାୟତ ଅଧୀନ ସାଲେପାଲିରେ ୨୨ ମେହେର ପରିବାର ଏକାଠି ନୂଆଁ ଖାଇଛନ୍ତି। ନିର୍ଦ୍ଦିଷ୍ଟ ଲଗ୍ନ ଓ ରୀତିନୀତି ଅନୁସାରେ ପ୍ରଥମେ ମାଁ ଲକ୍ଷ୍ମୀ, ମାଁ ସମଲେଶ୍ୱରୀ, ମାଁ



ପାଟଖଣ୍ଡା, ରାଧାକୃଷ୍ଣ ଓ ଗ୍ରାମଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇ ନୂଆଁଧାନ ଲାଗି କରାଯାଇଥିଲା। ପରେ ସ୍ଥାନୀୟ ରାଧାକୃଷ୍ଣ ଭାଗବତ ମନ୍ଦିର ପ୍ରାଙ୍ଗଣରେ ଗାଁର ୨୨ ମେହେର ପରିବାରର ୯୮ଜଣ ସଦସ୍ୟ ଏକତ୍ରିତ ହୋଇ ନବାନ୍ନ ଭକ୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡା. ସୁଧାଂଶୁ ଭୂଷଣ ମେହେର ପରିଚାଳନା କରିଥିଲେ।

## ଏକାଠି ନବାନ୍ନ ଖାଇଲେ କର୍ଲାମୁହାଣ ଗ୍ରାମବାସୀ

ତରଭା,୧୬।୯(ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ୍ ବାଲିଖମାର ପଞ୍ଚାୟତ ଅଧୀନ କର୍ଲାମୁହାଣରେ ଲୋକେ ସାମୂହିକ ଭାବରେ ନବାନ୍ନ ଭକ୍ଷଣ କରିଛନ୍ତି। ଦୀର୍ଘ ୧୪ ବର୍ଷ ଧରି ଭାଇଚାରାର ଏହି ମହାନ ପର୍ବକୁ ଏହି ଗାଁ ଲୋକେ ଏକାଠି ପାଳନ କରୁଛନ୍ତି। ସମସ୍ତେ ଏକତ୍ର ନବାର୍ଣ୍ଣ ଭକ୍ଷଣ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଗ୍ରାମର ପ୍ରାୟ ୧୦୦୦ ଗ୍ରାମବାସୀ ଏକତ୍ର ନବାନ୍ନ ଭକ୍ଷଣ କରି ଆଜିର ସମାଜକୁ ଏକ ନିଆରା ଭାଇଚାରାର ବାର୍ତ୍ତା ଦେଇଆସୁଛନ୍ତି। ତେବେ ନୂଆଁଖାଇ ଅବସରରେ ପ୍ରଥମେ ଗାଁର ଇଷ୍ଟ ଦେବୀ ମା' ସମଲେଶ୍ୱରୀ ମନ୍ଦିର ଓ ମହାଦେବ ମନ୍ଦିରରେ ପୂଜକ ସୁଦାମ ଭୋଇ ଓ ଶୁକ୍ରୁ ସାହୁ ପୂଜାର୍ଚ୍ଚନା କରିଥିଲେ। ଏହାପରେ ନବାନ୍ନ ଲାଗଥିଲା। ଶେଷରେ ସମସ୍ତ ଗ୍ରାମବାସୀ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ରାମଜୀ ମନ୍ଦିର ପ୍ରାଙ୍ଗଣରେ ଏକାଠି ବସି ନବାନ୍ନ ଭକ୍ଷଣ କରିଥିଲେ। ନୂଆଁଖାଇ ସରିଲା ପରେ ସାନମାନେ ଗୁରୁଜନମାନଙ୍କୁ ଜୁହାର ଭେଟ ହୋଇଥିଲେ। ମୁଣ୍ଡିଆ ମାରି ଆଶୀର୍ବାଦ ନେଇଥିଲେ। ପୂର୍ବତନ ୱାଡର୍ ସଭ୍ୟ ଗୋବିନ୍ଦ ସାହୁଙ୍କ ନେତୃତ୍ୱରେ ପଞ୍ଚାନନ ସାହୁ, ବିଜ୍ଞାନ ସାହୁ, ବଡ଼ ପଧାନ, ସର୍ଜନ ପଧାନ, ସୁଶାନ୍ତ ଗଡତ୍ୟା, ନୀଳମଣି ପଧାନ, ଦିଲ୍ଲୀପ ପଧାନ, ମଣ୍ଟୁ ସାହୁ, ସୁଦାମ ଭୋଇ, ଆସମାନ ନାଏକ, ଜୟପ୍ରକାଶ ନାଏକ, ବୃନ୍ଦାବନ ନାଏକ, ଗୋପୀନାଥ ସାହୁ, କଲାସୁ ସାହୁ, ମିଟୁ ସାହୁ, ମନ ସାହୁ, ଅବନୀକାନ୍ତ ସାହୁ, ନେହରୁ ନାଏକ, ଚିନ୍ତାମଣି ବଘାର, ବାପୁନ୍ ସାହୁ, ଶିକ୍ଷକ ସାରଙ୍ଗ ପଧାନ, ୱାଡର୍‌ମେମ୍ବର ପ୍ରମୋଦ ସାହୁ ପ୍ରମୁଖ ସହାଯୋଗ କରିଥିଲେ। ଏହି ଅବସରରେ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ "ନୂଆଁଖାଇ ଭେଟଘାଟ' ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।






























































# ଗାଁରୁ ସହର ସବୁଠି ଜମୁଛି ନୂଆଁଖାଇ ଭେଟଘାଟ

## ସାନଟିକା ଜଳେଶ୍ୱର ପୀଠ

**ବଲାଙ୍ଗିର:** ବଲାଙ୍ଗିର ଜିଲ୍ଲାର ପ୍ରସିଦ୍ଧ ଜଳେଶ୍ୱର ପୀଠ ସାନଟିକାରେ ଆଜାଦ ୟୁଥ କ୍ଲବ୍ ଏବଂ ଗଣେଶ ପୂଜା କମିଟି ତରଫରୁ ନୂଆଁଖାଇ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ସନ୍ତୋଷ ସାହୁ, ସଚ୍ଚିଦାନନ୍ଦ ପଧାନ, ଶିବପ୍ରସାଦ ୟୁଏଡ଼୍, ଶମ୍ଭୁ ସାହୁ, ସୁନୀଲ ପଧାନ, ଲେଖକ କ୍ଷେତ୍ରବାସୀ



ନାଏକ ଏବଂ ଜଳେଶ୍ୱର ମନ୍ଦିରର ମୁଖ୍ୟ ପୂଜକ ଅକ୍ରୁର ଥନାପତି ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜଳେଶ୍ୱର ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଅତିଥିମାନେ ନୂଆଁଖାଇର ମହିମା ବର୍ଣ୍ଣନା ପୂର୍ବକ ଗାଁରେ ଭାଇଚାରା ବଜାୟ ରଖିବା ପାଇଁ ଉଦ୍‌ବୋଧନ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଠିଆ ଭଙ୍ଗା, ମ୍ୟୁଜିକ ଚେୟାର ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀ ଅନନ୍ୟା ନାଏକ, ପ୍ରତିଭା ସୁନାନୀ, ପ୍ରୀତି ଭୋଇ, ମାନସୀ ବିଶ୍ୱାଳ, ସମ୍ପୂର୍ଣ୍ଣା ପ୍ରିୟଦର୍ଶିନୀ ରଥ, ଶ୍ରୀୟାରାଣୀ ନାଏକଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଅମିତ ପଧାନ, ଅଙ୍କିତ ପଧାନ, ରାହୁଲ ବିଶ୍ୱାଳ ଏବଂ ଛାତ୍ରୀ ରୁଚି ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉମେଶ ବିଶ୍ୱାଳ, ପ୍ରେମାନନ୍ଦ ସେଠ, ବିବେକା ପଧାନ ଏବଂ ବିଜୟ ୟୁଏଡ଼୍ ନୃତ୍ୟ ପ୍ରତିଯୋଗିତାରେ ବିଚାରକ ଥିଲେ। ଯୁବ କବି ଶିବପ୍ରସାଦ ବିଶ୍ୱାଳ ଏବଂ କିରଣ ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁଶୀଳ ପଧାନ, ସୁଶାନ୍ତ ସାହୁ, ସଚିନ ପଧାନ, ବାବୁଲୁ ପଧାନ, ସୁଶାନ୍ତ ପଧାନ, ବରୁଣ ନାଏକ, ରିତିକ ନାଏକ ପରିଚାଳନାରେ ସହଯୋଗ କରିଥିଲେ।

## ସଦାଇପାଲି ନବଜ୍ୟୋତି କ୍ଲବ୍

ବଲାଙ୍ଗିର ସହରର ସଦାଇପାଲି ନବଜ୍ୟୋତି କ୍ଲବ୍ ପ୍ରାଙ୍ଗଣରେ ନୂଆଁଖାଇ ଭେଟଘାଟ ଉତ୍ସବ ପାଳନ କରାଯାଇଛି। ନବଜ୍ୟୋତି କ୍ଲବର ସଭାପତି ବାସୁଦେବ ମୁଗ୍ରୀ, ଆଇନଜୀବୀ ଅର୍ଜୁନ ମୁଗ୍ରୀ, ପଡ଼ାର



ୱାର୍ଡମେମ୍ବର ରୁକ୍ମଣୀ ବାଗ ଓ ଆଶାକର୍ମୀ ସବିତା ସୁନା ମଞ୍ଚାସୀନ ଥିଲେ। ସନ୍ଦେଶ ମୁଗ୍ରୀ ଓ ଅନିକେତ ମୁଗ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କୁନି କୁନି କଳାକାରମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଟିକୁ ଓ ବିଶି ସଙ୍ଗୀତ ପରିବେଷଣ କରିଥିଲେ। ରିଷିକେଶ ମୁଗ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ରାଜେନ୍ଦ୍ର ରାଏ ଧନ୍ୟବାଦ ଦେଇଥିଲେ।

## ଟିକିରାପଡ଼ା

**ବୀରମହାରାଜପୁର:** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକର ସୁବଳୟା, ଟିକିରାପଡ଼ାରେ ନୂଆଁଖାଇ ଓ ଭେଟଘାଟ କାର୍ଯ୍ୟକ୍ରମ ଧୁମଧାମରେ ପାଳିତ ହୋଇଛି। ନିର୍ଦ୍ଧାରିତ ସମୟରେ ଗ୍ରାମଦେବୀଙ୍କ ଦେମୂଳ ପୀଠରେ ପୂଜକ ଗଣେଶ ପଧାନ, ଜଗନ୍ନାଥ ମନ୍ଦିରରେ ଆନନ୍ଦ ଷଡଙ୍ଗୀ ଓ ପାହାଡ ଉପରେ ଥିବା ସିଦ୍ଧେଶ୍ୱର ବାବାଙ୍କ ମନ୍ଦିରରେ ଘାସିରାମ ବିଶି ନବାନ୍ନ ଅର୍ପଣ କରିଥିଲେ। ପରେ ଘରେ ଘରେ ନିଜର ଇଷ୍ଟ ଦେବାଦେବୀଙ୍କୁ ନବାନ୍ନ ଅର୍ପଣ କରି ସପରିବାର ନୂଆଁ ଖାଇଥିଲେ। ଅପରାହ୍ଣରେ ଆବାଳବୃଦ୍ଧ ବନିତା ଘର ଘର ବୁଲି ବଡମାନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ନେବା ସହ ସାନମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଦଧିବାମନ ଯୁବକ ମହାସଂଘ ଓ ଗଣେଶ ପୂଜା କମିଟି ତରଫରୁ ନୂତନ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ନୂଆଁଖାଇ ଭେଟଘାଟ



କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗିରିଧାରୀ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସାଂସ୍କୃତିକ ସଭାରେ ନଳିନୀ ପଣ୍ଡା ଓ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଅତିଥି ଭାବରେ ଯୋଗ ଦେଇଥିଲେ। ଏଥିରେ ଗ୍ରାମର କୌସ୍ତୁଭ ମେହେର, ପଦ୍ମଲୋଚନ ମେହେର, ନବୀନ ମେହେର ମଞ୍ଚାସୀନ ଥିଲେ। ଲକ୍ଷ୍ମଣ ମେହେର ଓ ତ୍ରିଲୋଚନ ପାଣ୍ଡେଙ୍କୁ ଅଧ୍ୟାପକ ଡକ୍ଟର ଲିଙ୍ଗରାଜ ମେହେରଙ୍କ ଦ୍ୱାରା ପ୍ରଦତ୍ତ ଏକ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ସହ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସଦ୍ୟ ସରକାରୀ ଚାକିରି ପାଇଥିବା ଗ୍ରାମର ତିନିଜଣ ଯୁବକ ଚନ୍ଦନ ମେହେର, ନୀଳାମ୍ବର ମେହେର ଓ ଭରତ ମେହେରଙ୍କ ସମେତ ବାନ୍ଧକଳାରେ ସୁନାମ ଅର୍ଜନ କରିଥିବା ଘନଶ୍ୟାମ ମେହେରଙ୍କୁ ମଧ୍ୟ ମଞ୍ଚରେ ସମ୍ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଗ୍ରାମର କଳାକାରମାନଙ୍କୁ ନେଇ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏକ ନାଟକ 'ଦେଖତ ପିଲାର ଗୁଲଗୁଲା' ମଞ୍ଚସ୍ଥ ହୋଇଥିଲା। ଡକ୍ଟର ଲିଙ୍ଗରାଜ ମେହେରଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ଏହି ନାଟକରେ ବିନୟ, ହରିହର, ପଦ୍ମଲୋଚନ, ଅରୁଣ, ଧନମାଳି ଓ ନେପାଳ ଅଭିନୟ କରିଥିଲେ। ସଙ୍ଗୀତରେ ରାଧେଶ୍ୟାମ ଚୌଧୁରୀ ଓ ବିମଳ ଥାପ୍ପା ସହଯୋଗ କରିଥିଲେ। ଆୟୋଜନ କମିଟିର ସଭାପତି ସମିତ ମେହେର, ଉପସଭାପତି ମନୋରଞ୍ଜନ ମେହେର, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମେହେର ଓ ସହସମ୍ପାଦକ ହୃଷିକେଶ ମେହେରଙ୍କ ସମେତ ସମସ୍ତ ସଦସ୍ୟ ବିଶେଷ ସହଯୋଗ କରିଥିଲେ।

## ଗଜବନ୍ଧ

**ଡୁଙ୍ଗୁରିପାଲି:** ସୋନପୁର ଜିଲ୍ଲା ଗଜବନ୍ଧ ଗ୍ରାମରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହାୟକ ଶ୍ରୁତିଶିଖା ଭୋଇ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପିତାମ୍ବର ପାଣ୍ଡିଆ, ମୁଖ୍ୟ ବକ୍ତା ଭାବେ ବୀରେନ୍ଦ୍ର ସାହୁ ଯୋଗ ଦେଇଥିଲେ। ସଭାପତି ହେମସାଗର କାଲସେଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାଗୀରଥି ମେହେର, ଟଙ୍କଧର ଭୋଇ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ସହିତ ନାଚଗୀତ ଆୟୋଜନ କରା ଯାଇଥିଲା। ଗ୍ରାମର ଯୁଧିଷ୍ଠିର ଭୋଇ, ଲିଙ୍ଗରାଜ



ପୁଟେଲ, ସୁରେନ୍ଦ୍ର ସାହୁ, ବାସୁଦେବ ସାହୁ, ଦିଲୀପ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୈଳାଶ ଚନ୍ଦ୍ର ରଣା, ଯୁଧିଷ୍ଠିର ରଣା, ରାମଗୋପାଳ ଭୋଇ, ଶଙ୍କର ପ୍ରସାଦ ଭୋଇ, ସୁଧୀର କାଲସେ, ସୁରଜ କାଲସେ, ବିଦ୍ୟାଧର ରାଜହଂସ, ଜୟଲାଲ ବରିହା, ପବିତ୍ର ଭୋଇ, ହେମନ୍ତ ପୁଟେଲ ପ୍ରମୁଖ ସହଯୋଗ କରିଥିଲେ। ମୁକେଶ ଭୋଇ ରଙ୍ଗମଞ୍ଚ ପରିଚାଳନା ଦାୟିତ୍ୱ ତୁଲାଇ ଥିବା ବେଳେ ଫଗୁଣୁ ବଡେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଁ ସମଲେଶ୍ୱରୀ ସାଂସ୍କୃତିକ ସଂଘ

ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ମାଁ ସମଲେଶ୍ୱରୀ ସାଂସ୍କୃତିକ ସଂଘ ପକ୍ଷରୁ ବସ୍ତି କଲ୍ୟାଣ ମଣ୍ଡପରେ ନୂଆଁଖାଇ ଭେଟ ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମା' ସମଲେଇଙ୍କ ପୂଜାର୍ଚ୍ଚନା ହୋଇଥିଲା। ଏହି ଅବସରରେ ମା ସମଲେଶ୍ୱରୀ ସାଂସ୍କୃତିକ ସଂଘର ସଭାପତି ବିଭୁଦତ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡୁଙ୍ଗୁରିପାଲି ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଭାବେ ଧର୍ମେନ୍ଦ୍ର



ବିଶ୍ୱା।ଳ, ଶାଖା ପରିଚାଳକ ଚିନ୍ତାମଣି ସାହୁ ଓ ମା ସମଲେଶ୍ୱରୀ ସାଂସ୍କୃତିକ ସଂଘର ପୂର୍ବତନ ସଭାପତି ଅଞ୍ଜନ ପୂଜାରୀ ଯୋଗ ଦେଇଥିଲେ। ବିରଞ୍ଚି ବରିହା ମଞ୍ଚପରିଚାଳନା କରିଥିଲା। ଗୋବିନ୍ଦ ମଟାରି, ସୁଶାନ୍ତ ସାହୁ ଓ ଅଶୋକ ସଙ୍ଗୀତ ପରିବେଷଣ କରିଥିଲେ। କୋଷାଧ୍ୟକ୍ଷ ସୁରେନ୍ଦ୍ର ବିଶ୍ୱାଳ ଧନ୍ୟବାଦ୍ ଦେଇଥିଲେ। ସଞ୍ଜୀବ ସାହୁ, ଦିଲ୍ଲୀପ ବିଶ୍ୱାଳ, ସଞ୍ଜୟ ସାହୁ, ବୁଲୁ ସାହୁ, ସୁଶୀଲ ସାହୁ, ଆଲୋକ ସାହୁ, ସିପନ୍ ସାହୁ, ରଞ୍ଜନ ବିଶ୍ୱାଳ, ବିଜୟ ସାହୁ, ସୁଧୀର ସାହୁ, ରଞ୍ଜନ ସେଠ୍, ଦୟା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବାଇକ୍ ଧକ୍କାରେ ସାଇକଲ ଆରୋହୀ ମୃତ



### କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ
### ୫ ଘଣ୍ଟା ଧରି ଯାନବାହାନ ବନ୍ଦ

**କନ୍ଧମାଳ, ୧୬।୯(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅଞ୍ଚଳରେ ବାଇକ୍ ଧକ୍କାରେ ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ୫୭ ନମ୍ବର ରାଜ୍ୟ ରାଜପଥର ଭଲିଆପଦର ଜଙ୍ଗଲ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତକ ଜଣକ ଭଲିଆପଦର ଗ୍ରାମର ଟୁନା ନାଗ ବୋଲି ଜଣାପଡ଼ିଛି। ସେ ସାଇକଲରେ ଯାଉଥିବା ସମୟରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ମୃତକଙ୍କ ପରିବାର ଉଚିତ କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ସହଯୋଗରେ କଣ୍ଟାମାଳ ମେଡିକାଲ ଛକ ଠାରେ ରାସ୍ତାରୋକ କରିଥିଲେ। ରାସ୍ତାରୋକ ଯୋଗୁଁ ରାଜପଥର ଉଭୟ ପାର୍ଶ୍ୱରେ ପ୍ରାୟ ୨ ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଏହା ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା। ଖବର ପାଇ କଣ୍ଟାମାଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲା।

# ନୂଆଁଖାଇ ଉପଲକ୍ଷେ ଖାଦ୍ୟ ବାଣ୍ଟିଲା ମାଁ ମାହେଶ୍ୱରୀ ସେନା

**ବଲାଙ୍ଗିର, ୧୬।୯ (ସମିସ):** ନୂଆଁଖାଇ ଉପଲକ୍ଷେ ବିଗତ ବର୍ଷମାନଙ୍କ ପରି ଏ ବର୍ଷ ମଧ୍ୟ ମାଁ ମାହେଶ୍ୱରୀ ସେନା ପକ୍ଷରୁ ବଲାଙ୍ଗିର ଜିଲ୍ଲା ଭୀମ ଭୋଇ ମେଡିକାଲ ହସ୍ପିଟାଲ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଖାଦ୍ୟ ବଣ୍ଟନ କରାଯାଇଛି। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇରେ ସାରା ପଶ୍ଚିମ ଓଡ଼ିଶାର ସମସ୍ତ ହୋଟେଲ, ଦୋକାନ ବଜାର, ବସ ସେବା ବନ୍ଦ ରହୁଥିବାରୁ ହସ୍ପିଟାଲରେ ଥିବା ରୋଗୀ ଏବଂ ତାଙ୍କର ପରିବାର ପରିଜନ ବିଭିନ୍ନ ପ୍ରକାରର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ଉପରେ ବର୍ତ୍ତମାନ ପଶ୍ଚିମ ଓଡ଼ିଶାର ନୂଆପଡ଼ା, ସୋନପୁର, କଳାହାଣ୍ଡି, ବୌଦ୍ଧ, କନ୍ଧମାଳର କିଛି ଅଞ୍ଚଳ ନିର୍ଭରଶୀଳ। ଏଣୁ ଏହାକୁ ଦୃଷ୍ଟିରେ ରଖି ମାଁ ମାହେଶ୍ୱରୀ ସେନା ପକ୍ଷରୁ ବଲାଙ୍ଗିର ଜିଲ୍ଲାର ଦୁଇ ମୁଖ୍ୟ ହସ୍ପିଟାଲ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଖାଦ୍ୟ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ୩ ହଜାରରୁ ଅଧିକ ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା।



# ବ୍ୟାଟେରି ବୋଝେଇ ଟ୍ରକ୍‌ରୁ ସାଢ଼େ ୩ କ୍ୱିଣ୍ଟାଲ ଗଞ୍ଜେଇ ଜବତ

### ଟ୍ରକ୍ ଛାଡି ଅଭିଯୁକ୍ତ ଫେରାର



**ଦେବଗଡ଼, ୧୬।୯(ସମିସ):** ଦେବଗଡ଼ ଜିଲ୍ଲା କୁଣ୍ଡେଇଗୋଳା ଥାନା ପୁଲିସ କୁରଡ଼ପୋଷି-ଝରାଡିହ ରାସ୍ତାରୁ ସାଢେ ୩ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି। ଏକ ବ୍ୟାଟେରୀ ବୋଝେଇ ଟ୍ରକ୍ ଯୋଗେ ଏହି ବେଆଇନ ଗଞ୍ଜେଇ ଚାଲାଣ ହେଉଥିଲା। ତେବେ ଘଟଣାରେ ସମ୍ପୃକ୍ତ ନିଶା ବ୍ୟବସାୟୀମାନେ ପୁଲିସକୁ ଚକମା ଦେଇ ଫେରାର ହୋଇଯାଇଛନ୍ତି। ରାତିରେ ପଶ୍ଚିମବଙ୍ଗରୁ ମହାରାଷ୍ଟ୍ରର ପୁନା ଅଭିମୁଖେ ଯାଉଥିବା ଡବ୍ଲ୍ୟୁବି ୨୫ ଏଲ ୭୬୭୬ ବିଶିଷ୍ଟ ମାଲବୋଝେଇ ଟ୍ରକଟି କୁରଡ଼ପୋଷି ଭଳି ଉପାନ୍ତ ଅଞ୍ଚଳକୁ ଆସିଥିବା ଦେଖି ପାଟ୍ରୋଲିଂରତ କୁଣ୍ଡେଇଗୋଳା ଥାନା କର୍ମଚାରୀଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ସେମାନେ ଟ୍ରକ୍ ନିକଟରେ ପହଞ୍ଚିବା ବେଳେ ଗାଡି ଛାଡି ଚାଳକ ଫେରାର ହୋଇଯାଇଥିଲା। ପୁଲିସର ପ୍ରାଥମିକ ଯାଞ୍ଚ ବେଳେ ଗାଡ଼ିରେ ଗଞ୍ଜେଇ ଥିବା ଜଣା ପଡ଼ିଥିଲା। ଘଟଣା ସ୍ଥଳରେ ମାଜିଷ୍ଟ୍ରେଟ ଭାବେ ରିଆମାଳ ତହସିଲଦାର ପହଞ୍ଚିବା ପରେ ପୁଲିସ ଟ୍ରକ୍‌ରୁ ଗଞ୍ଜେଇ ଭର୍ତ୍ତି ୧୨ଟି ପ୍ଲାଷ୍ଟିକ ବସ୍ତା ସମେତ ୩ଟି ବଡ଼ ଓ ୫୨ଟି ଇନଭର୍ଟର ବ୍ୟାଟେରୀ ଜବତ କରିଛି ବୋଲି ଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡ ପ୍ରକାଶ କରିଛନ୍ତି।

# ନୂଆଁଖାଇ ଉପଲକ୍ଷେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ





**ଦେଓଗାଁ, ୧୬।୯(ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉପରଝର ଆଞ୍ଚଳିକ ଖେଳପଡ଼ିଆରେ ପବିତ୍ର ନୂଆଁଖାଇ ଉତ୍ସବ ପାଳନ ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଗାଁରେ ଉତ୍ସାହ ଓ ଉଦ୍ଦୀପନାର ସହ ସମସ୍ତେ ନୂଆଁ ଖାଇବା ପରେ ଗାଁର ଯୁବଗୋଷ୍ଠୀ ଗାଁର ବୟୋଜ୍ୟେଷ୍ଠଙ୍କ ନିକଟରେ ଜୁହାରଭେଟ ହୋଇଥିଲେ। ଅପରାହ୍ଣରେ ଗାଁର ଯୁବକ ମାନଙ୍କ ମଧ୍ୟରେ ଦୁଇଟି ଟିମ ଗଠନ କରି ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଖେଳା ଯାଇଥିଲା। ଏହି ଖେଳକୁ ଗାଁ ଯୁବ ସଂଗଠନ ଆୟୋଜନ କରିଥିଲା। ଗାଁର ଏହି ଏକତା ଓ ଭାଇଚାରା ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛି।

**ଡୁଙ୍ଗୁରିପାଲି:** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଗ୍ରାମରେ ନୂଆଖାଇ ଉପଲକ୍ଷେ ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଦିଗଶିରା ଆୟାଡ୍ ଫୁଟବଲ ଏ ସୋସିଏସନ ରନର୍ସ ହୋଇଥିଲା ଏବଂ ସରଗାଡଦଳ ବିଜେତା ହୋଇଥିଲେ। ଗୋପାଳ ସେଠୀ, ରୋହିତ ସେଠୀ ଓ ଚନ୍ଦ୍ରମଣୀ ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ରେଫରୀ ଭାବେ ସଞ୍ଜିବ ସାହୁ ପରିଚାଳନ କରିଥିଲେ। ଶେଷରେ ନୂଆଖାଇ ଭେଟଘାଟ ଉପଲକ୍ଷେ ଦିଗଶିରା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ଅବସର ଗ୍ରହଣକରିଥିବା ଶିକ୍ଷକ ଈଶ୍ୱର ସେଠୀ, ରାମ ପ୍ରସାଦ ମେହେର, ପଦ୍ମନ ଦିଶ୍ରୀ, ଚନ୍ଦ୍ରଭାନୁ ସାହୁ, ଅବଧୂତ ବାଗ୍, ନିରଞ୍ଜନ ସେଠୀଙ୍କୁ ସମ୍ମାନୀତ କରାଯାଇଥିଲା। ସେହିପରି ଗ୍ରାମର ପ୍ରଥମ ଏମବିବିଏସ୍ ପାଠ ପଢ଼ିଥିବା ଡ. ଅଭିଲାଷ ବଣିଆଁ, ନିଟ ପରୀକ୍ଷାରେ ସଫଳତା ପାଇଥିବା ଅପନ୍ନା ପ୍ରିୟଦର୍ଶିନୀ ମିଶ୍ର, ଯଶୋବନ୍ତ ମେହେର ଏବଂ ହିମାଂଶୁ ମେହେର, ବୈଭବ ଦାସଙ୍କୁ ସମ୍ମାନିତ କରାଯାଇଥିଲା।

# ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧନା



**କୋମନା, ୧୬।୯(ସମିସ):** ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ଡାକ୍ତର ମହେଶ ମୋହନ ପଣ୍ଡା ନୂଆଁଖାଇରେ ନିଜ ନୂଆପଡ଼ା ଜିଲ୍ଲାର ଲର୍କୀ ଗାଁକୁ ଆସିଥିଲେ। ଏହି ଅବସରରେ କୋମନା ନାଗରିକ କମିଟି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ନୂଆପଡ଼ା ଜିଲ୍ଲାର ସ୍ୱାସ୍ଥ୍ୟ ସମସ୍ୟା ଓ ରାଜ୍ୟର ସ୍ୱାସ୍ଥ୍ୟ ସେବା ସମସ୍ୟା ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକଙ୍କ ସହ ଅଧିକ ଆଲୋଚନା କରିଥିଲେ।

# ବିଦାୟୀ ମ୍ୟାଚ୍ ପାଇଁ ମେସିଙ୍କୁ ନିମନ୍ତ୍ରଣ କଲା ଆର୍ଜେଣ୍ଟିନା



ବୁଏନସ୍ ଆଇରେସ୍,୧୬।୯ (ଏଜେନ୍ସି): ଅନ୍ତର୍ଜାତୀୟ ଫୁଟବଲ୍‌ରୁ ଅବସର ଘୋଷଣା କରିଥିବା ଲିଓନେଲ୍ ମେସିଙ୍କୁ ବିଦାୟ ଦେବା ପାଇଁ ଆର୍ଜେଣ୍ଟିନା ଫୁଟବଲ୍ ସଂଘ ତାଙ୍କୁ ପୁଣି ଦଳକୁ ଆମନ୍ତ୍ରଣ କରିଛି। ଅକ୍ଟୋବର ୬ରେ ବୁଏନସ୍ ଆଇରେସ୍‌ର ମୋନୁମେଣ୍ଟାଲ୍ ଷ୍ଟାଡିୟମ୍‌ରେ ବେନିନ୍ ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ମେସିଙ୍କୁ ଖେଳାଇବାକୁ ସଂଘ ଚାହୁଁଛି। ଆର୍ଜେଣ୍ଟିନା ଫୁଟବଲ୍ ସଂଘର ସଭାପତି କ୍ଲାଉଡିଓ ତାପିଆ ସୋସିଆଲ୍ ମିଡିଆରେ ମେସିଙ୍କୁ ଦେଶର ଅଧିନାୟକ ଓ ଆଇକନ୍ ଭାବେ ବିଦାୟ ଦେବାକୁ ଆମନ୍ତ୍ରଣ କରାଯାଇଥିବା ନିଶ୍ଚିତ କରିଛନ୍ତି। ଏହି ଅବଧିରେ ଆର୍ଜେଣ୍ଟିନା ତିନିଟି ଘରୋଇ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ସେପ୍ଟେମ୍ବର ୩୦ରେ ବୋଲିଭିଆ, ଅକ୍ଟୋବର ୩ରେ ବୁର୍କିନା ଫାସୋ ଏବଂ ଅକ୍ଟୋବର ୬ରେ ବେନିନ୍‌କୁ ଭେଟିବ ଦଳ। ମେସିଙ୍କ ସହ ରୋଡ୍ରିଗୋ ଡି ପଲ୍ ଓ ଜିଓଭାନି ଲୋ ସେଲ୍‌ସୋ ମଧ୍ୟ ଶେଷ ମ୍ୟାଚ୍‌ରେ ଉପସ୍ଥିତ ରହିବେ। ୨୦୦୫ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ମେସି ଆର୍ଜେଣ୍ଟିନା ପାଇଁ ୨୦୭ ମ୍ୟାଚ୍‌ରେ ୧୨୫ ଗୋଲ୍ କରିଛନ୍ତି।

■ ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ଓ ଟି-୨୦ ସିରିଜ

## ବୁମରାଙ୍କୁ ବିଶ୍ରାମ; ନବୀଙ୍କୁ ସୁଯୋଗ

ମୁମ୍ବଇ, ୧୬।୯ (ଏଜେନ୍ସି): ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯିବାକୁ ଥିବା ଦିନିକିଆ ଓ ଟି-୨୦ ସିରିଜ ଲାଗି ବୁଧବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଘୋଷିତ ଦିନିକିଆ ଦଳରେ ଲୋକେଶ ରାହୁଲଙ୍କୁ ଦଳର ଉପ-ଅଧିନାୟକ ଦାୟିତ୍ୱ ଦିଆଯାଇଛି। ଶ୍ରେୟସ ଆୟରଙ୍କ ସମେତ ଇଶାନ କିଶାନ, ଅକ୍ଷର ପଟେଲ, ଯଶପ୍ରୀତ୍ ବମ୍ରା ସେହି ସମୟରେ ଜାପାନରେ ଏସୀୟ କ୍ରୀଡ଼ାରେ ଅନ୍ୟ ଏକ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରୁଥିବେ। ତେଣୁ ୱେଷ୍ଟଇଣ୍ଡିଜ ବିପକ୍ଷ ଘୋଷିତ ଦଳରେ ଏହି ଖେଳାଳିଙ୍କୁ ସ୍ଥାନ ମିଳିନାହିଁ। ସେହିଭଳି ଜମ୍ମୁର ଚର୍ଚ୍ଚିତ ଦ୍ରୁତ ବୋଲର ଆକ୍ବିବ ନବୀଙ୍କୁ ପ୍ରଥମଥର ଲାଗି ଦିନିକିଆ ଦଳରେ ସ୍ଥାନ ମିଳିଛି। ଅପରପକ୍ଷରେ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଘୋଷିତ ଟି-୨୦ ଦଳରୁ ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇଛି। ଦୁଇ ଦ୍ରୁତ ବୋଲର ମୟଙ୍କ ଯାଦବ ଓ ପ୍ରିନ୍ସ ଯାଦବଙ୍କୁ ୧୫ ଜଣିଆ ଟି-୨୦ ଦଳରେ ସାମିଲ କରାଯାଇଛି। ୱେଷ୍ଟଇଣ୍ଡିଜ ବିପକ୍ଷ ୩ଟି ଯାକ ଦିନିକିଆ ଯଥାକ୍ରମେ ସେପ୍ଟେମ୍ବର ୨୭ (ଥିରୁଅନନ୍ତପୁରମ), ୩୦ (ଗୌହାଟୀ) ଓ ଅକ୍ଟୋବର ୩ (ନ୍ୟୁ ଚଣ୍ଡିଗଡ଼)ରେ ଖେଳାଯିବ। ସେହିଭଳି ପାଞ୍ଚ ଟିକିଆ ଟି-୨୦ ସିରିଜ ଅକ୍ଟୋବର ୬ରୁ ଆରମ୍ଭ ହେବ।

**ଦିନିକିଆ ଭାରତୀୟ ଦଳ** : ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଋତୁରାଜ ଗାଏକୱାଡ, ଲୋକେଶ ରାହୁଲ (ଉପ-ଅଧିନାୟକ/ୱିକେଟକିପର), ଧ୍ରୁବ ଜୁରେଲ (ୱିକେଟକିପର), ନୀତୀଶ ରେଡ୍ଡୀ, ରବୀନ୍ଦ୍ର ଜାଡେଜା, କୁଲଦୀପ୍ ଯାଦବ, ପ୍ରସିଦ୍ଧ କ୍ରିଷ୍ଣା, ଗୁରନୁର ବ୍ରାର୍, ମହମ୍ମଦ ସିରାଜ, ଆକ୍ବିବ ନବୀ, ଯଶସ୍ୱୀ ଜୟସ୍ୱାଲ ଓ ନମନ ଧୀର।

**ଟି-୨୦ ଭାରତୀୟ ଦଳ** : ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ଇଶାନ କିଶାନ, ସଞ୍ଜୁ ସାମସନ, ତିଲକ ବର୍ମା, ଶିବମ ଦୁବେ, କୁଲଦୀପ ଯାଦବ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ନୀତୀଶ କୁମାର ରେଡ୍ଡୀ, ଅର୍ଶଦୀପ୍ ସିଂହ, ପ୍ରିନ୍ସ ଯାଦବ ଓ ମୟଙ୍କ ଯାଦବ।

## କୋଚ୍ ରାକେଶଙ୍କୁ ଆଜୀବନ ବାସନ୍ଦ

ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି): ଜାତୀୟ ଡୋପିଂ ନିରୋଧୀ ସଂସ୍ଥା (ନାଡା) ବୁଧବାର ଏକ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛି। ନିଷିଦ୍ଧ ପଦାର୍ଥ ସେବନ କରିବା ଅଭିଯୋଗରେ ଆଥଲେଟିକ୍ସ କୋଚ୍ ରାକେଶ କୁମାରଙ୍କ ଉପରେ ଆଜୀବନ ପ୍ରତିବନ୍ଧକ ଲଗାଯାଇଛି। ବିହାରର ରାକେଶଙ୍କୁ ଗତ ବର୍ଷ ମାର୍ଚ୍ଚ ମାସରେ ନିଲମ୍ବିତ କରାଯାଇଥିଲା। ତାଙ୍କ ଉପରେ ଏବେ ଲାଗୁ ହୋଇଥିବା ଏହି ପ୍ରତିବନ୍ଧକ ସେହି ସମୟରୁ ହିଁ କାର୍ଯ୍ୟକାରୀ ହେବ। ସେହିଭଳି ଦେଶର ୭ଜଣ ଆଥଲେଟଙ୍କୁ ମଧ୍ୟ ନାଡା ଅସ୍ଥାୟୀ ଭାବେ ନିଲମ୍ବିତ କରିଛି। ଏମାନଙ୍କ ମଧ୍ୟରେ ନିଷିଦ୍ଧ ଔଷଧ ରଖିବା ଏବଂ ଚାଲାଣ କରିବା ଅଭିଯୋଗରେ ଶକ୍ତିଉତ୍ତୋଳକ ଗୌରବ ଭାଟ୍ସ ରହିଛନ୍ତି। ସେହିଭଳି ନିଷିଦ୍ଧ ଷ୍ଟେରଏଡ୍ 'ଷ୍ଟାନୋଜୋଲୋଲ୍' ସେବନ କରି ପଜିଟିଭ୍ ଚିହ୍ନଟ ହେବା ପରେ ଜାତୀୟ ଅନ୍ତଃ-ରାଜ୍ୟ ପ୍ରତିଯୋଗିତାରେ କାଂସ୍ୟ ପଦକ ବିଜୟିନୀ ସ୍ପ୍ରିଣ୍ଟର ପ୍ରକୃତି ରୂପା ରାଓଙ୍କୁ ଅସ୍ଥାୟୀ ଭାବେ ନିଲମ୍ବିତ କରାଯାଇଛି।

## ବିସିସିଆଇକୁ ସ୍କୋରରଙ୍କ ପେନସନ ଦାବି

ମୁମ୍ବଇ,୧୬।୯ (ଏଜେନ୍ସି): ଦଶନ୍ଧି ଧରି ଭାରତୀୟ କ୍ରିକେଟ୍‌ରେ ସେବା ଦେଇଥିବା ୧୭ ଜଣ ଅବସରପ୍ରାପ୍ତ ବିସିସିଆଇ ପ୍ୟାନେଲ୍ ସ୍କୋରର ପେନସନ୍, ଚିକିତ୍ସା ବୀମା ଓ ଏକକାଳୀନ ଅନୁଗ୍ରହ ରାଶି ପାଇଁ ବୋର୍ଡକୁ ଆବେଦନ କରିଛନ୍ତି। ସେମାନେ ପ୍ରତିମାସ ୧୫ ହଜାର ଟଙ୍କା ପେନସନ୍ ଦାବି କରିଛନ୍ତି। ୧୯ ଜଣ ପୂର୍ବତନ ସ୍କୋରରଙ୍କ ଏହି ଗୋଷ୍ଠୀରେ ଦୁଇଜଣଙ୍କ ମୃତ୍ୟୁ ହୋଇସାରିଛି। ଅବଶିଷ୍ଟ ୧୭ ଜଣଙ୍କ ମିଳିତ ସ୍କୋରିଂ ସେବା ପ୍ରାୟ ୫୧୭ ବର୍ଷ। ସେମାନେ ପ୍ରାୟ ୮,୮୧୦ ମ୍ୟାଚ୍‌ରେ ସ୍କୋରିଂ କରିଥିବାବେଳେ ଏଥିରେ ୬୮୮ ଟେଷ୍ଟ ଓ ଦିନିକିଆ ମ୍ୟାଚ୍ ରହିଛି। ୧୯୯୭ରୁ ସ୍କୋରରମାନଙ୍କୁ ବିସିସିଆଇର 'ମ୍ୟାଚ୍ ଅଫିସିଆଲ୍' ବ୍ୟବସ୍ଥାରେ ଅଣାଯାଇଥିଲା। ତେବେ ସେମାନେ ବୋର୍ଡର ଔପଚାରିକ କର୍ମଚାରୀ ନଥିଲେ। ୬୫ ବର୍ଷ ବୟସରେ ଅବସର ବ୍ୟବସ୍ଥା ପରେ ୨୦୨୨ରେ ଏହି ସ୍କୋରରମାନେ ସେବାରୁ ବିଦାୟ ନେଇଥିଲେ। ଅବସର ପରେ କୌଣସି ସହାୟତା ମିଳି ନ ଥିବା ଦାବି କରି ସେମାନେ ବିସିସିଆଇର ଆଗାମୀ ସାଧାରଣ ସଭା ପୂର୍ବରୁ ଏହି ଦାବି ରଖିଛନ୍ତି।

# ଜାନୁଆରୀ ୧୪ରୁ ମହିଳା ପ୍ରିମିଅର ଲିଗ୍-୫

ମୁମ୍ବଇ, ୧୬।୯ (ଏଜେନ୍ସି)

ଆଇପିଏଲ୍ ଢାଞ୍ଚାରେ ଭାରତରେ ଖେଳାଯାଉଥିବା ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ)ର ଆଗାମୀ ୫ମ ସଂସ୍କରଣ ଲାଗି ଅକ୍ଟୋବର ୨୮ ତାରିଖରେ ଖେଳାଳି ନିଲାମୀ ହେବ। କେରଳର କୋଚିଠାରେ ଏହି ଖେଳାଳି କିଣାବିକା ପ୍ରକ୍ରିୟା ଅନୁଷ୍ଠିତ ହେବ। ସେହିଭଳି ଡବ୍ଲ୍ୟୁପିଏଲ-୫ ଜାନୁଆରୀ ୧୪ରୁ ଆରମ୍ଭ ହେବ। ଫେବୃଆରୀ ୭ ତାରିଖରେ ଲିଗ୍‌ର ଗ୍ରାଣ୍ଡଫାଇନାଲ ଖେଳାଯିବ ବୋଲି ବିସିସିଆଇ ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। ପଞ୍ଚମ ସଂସ୍କରଣର କାର୍ଯ୍ୟସୂଚୀ ଓ ଭେନ୍ୟୁ ସମ୍ପର୍କରେ ବିସିସିଆଇ କୌଣସି ଆନୁଷ୍ଠାନିକ ଅପଡେଟ୍ ପ୍ରଦାନ କରିନାହିଁ। କିନ୍ତୁ ବାରୋଦା ଓ କୋଟାମ୍ବି ଷ୍ଟାଡିୟମ ଏଥର ଡବ୍ଲ୍ୟୁପିଏଲ୍ ମ୍ୟାଚ୍ ଆୟୋଜନ କରିବାର ସୁଯୋଗ ପାଇବାର ସମ୍ଭାବନା ରହିଛି।



ଗତଥର ଭଳି ଏଥର ମଧ୍ୟ ୫ଟି ଦଳ ଡବ୍ଲ୍ୟୁପିଏଲ୍‌ର ପଞ୍ଚମ ସଂସ୍କରଣରେ ଅଂଶଗ୍ରହଣ କରିବେ। ଫ୍ରାଞ୍ଚାଇଜଗୁଡ଼ିକ ସେପ୍ଟେମ୍ବର ୨୮ ତାରିଖ ସୁଦ୍ଧା ସେମାନଙ୍କର ଖେଳାଳି ରିଟେନ ଓ ରିଲିଜ ତାଲିକା ପ୍ରକାଶ କରିବେ। ପ୍ରତି ଫ୍ରାଞ୍ଚାଇଜରେ ସର୍ବାଧିକ ୧୮ ଜଣ ଖେଳାଳି ରହିପାରିବେ। ଯେଉଁଥିରେ ୬ଜଣ ବିଦେଶୀ ଖେଳାଳିଙ୍କୁ ନିଲାମୀରେ ନେବା ବାଧ୍ୟତାମୂଳକ କରାଯାଇଛି। ଫ୍ରାଞ୍ଚାଇଜଗୁଡ଼ିକ ୧୫ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟରେ କୌଣସି ଖେଳାଳିଙ୍କୁ କ୍ରୟ କରିପାରିବେ ନାହିଁ। ଉଲ୍ଲେଖଯୋଗ୍ୟ ଡବ୍ଲ୍ୟୁପିଏଲ-୪'ର ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୬ ୱିକେଟରେ ପରାସ୍ତ କରି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଚାମ୍ପିଅନ ହୋଇଥିଲା।

## ୩ ବର୍ଷ ପରେ ଭାରତରେ ହେବ ଆଇପିଏଲ୍ ନିଲାମୀ



ତିନି ବର୍ଷ ପରେ ଭାରତରେ ଆୟୋଜନ ହେବ ଆଇପିଏଲ୍ ୨୦୨୭ର ନିଲାମୀ। ସେପ୍ଟେମ୍ବର ୧୫ରେ ଅନୁଷ୍ଠିତ ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ୍ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ନିଲାମୀ ପାଇଁ କେଉଁ ସହର ଚୟନ ହେବ, ତାହା ହୋଟେଲ୍ ଉପଲବ୍ଧତା ଓ ଅନ୍ୟାନ୍ୟ ବ୍ୟବସ୍ଥା ଆଧାରରେ ସ୍ଥିର କରାଯିବ। ଶେଷଥର ଲାଗି ଭାରତରେ ୨୦୨୩ରେ କୋଚିରେ ନିଲାମୀ ହୋଇଥିଲା। ଏହା ପରବର୍ତ୍ତୀ ତିନୋଟି ଆଇପିଏଲ୍ ନିଲାମୀ ଦୁବାଇ, ଜେଦ୍ଦା ଓ ଆବୁଧାବିରେ ହୋଇଥିଲା। ବିଦେଶରେ ନିଲାମ ଆୟୋଜନ ନେଇ ଫ୍ରାଞ୍ଚାଇଜ୍‌ଗୁଡ଼ିକ ଲଜିଷ୍ଟିକ୍ ଓ ପରିଚାଳନାଗତ ସମସ୍ୟା ଉଠାଇଥିଲେ। ଏହାପରେ ବିସିସିଆଇ ଭାରତରେ ନିଲାମୀ କରିବାକୁ ନିଷ୍ପତ୍ତି ନେଇଛି। ଭାରତରେ ଅକ୍ଟୋବରରୁ ଡିସେମ୍ବର ଯାଏ ବିବାହ ଋତୁ ଥିବାରୁ ଏହି ସମୟରେ ପଞ୍ଚତାରକା ହୋଟେଲ୍ ଉପଲବ୍ଧତା ମଧ୍ୟ ସହର ଚୟନରେ ଗୁରୁତ୍ୱପୂର୍ଣ୍ଣ ହେବ। ନିଲାମୀ ପାଇଁ ୧୦୦ରୁ ଅଧିକ କୋଠରୀ ଆବଶ୍ୟକ ହେବ। ୨୦୨୭ ନିଲାମୀ ମିନି ନିଲାମୀ ହେବ। ତେବେ ୨୦୨୮ର ମେଗା ନିଲାମୀ ପୁଣି ବିଦେଶରେ ହୋଇପାରେ। ଏପଟେ 'ଇମ୍ପାକ୍ଟ ପ୍ଲେୟର' ନିୟମ ଜାରି ରହିବ କି ନାହିଁ, ତାହା ନେଇ ବିସିସିଆଇ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହିଁ। ଆସନ୍ତା ମାସରେ ପୁଣି ବୈଠକ କରି ଏନେଇ ନିଷ୍ପତ୍ତି ହୋଇପାରେ।

## ଭାରତର ଲକ୍ଷ୍ୟ କ୍ଲିନ୍ ସୁଇପ୍; ସମ୍ମାନ ପାଇଁ ଖେଳିବ ଆଫଗାନିସ୍ତାନ

ନୂଆଦିଲ୍ଲୀ,୧୬।୯ (ଏଜେନ୍ସି): ଆୟୋଜକ ଆଫଗାନିସ୍ତାନ ଓ ଭାରତ ମଧ୍ୟରେ ଅନ୍ତିମ ତଥା ତୃତୀୟ ଟି-୨୦ ମ୍ୟାଚ ଗୁରୁବାର ଏଠାରେ ଖେଳାଯିବ। ଘରୋଇ ଭାରତ ସିରିଜକୁ ୩-୦ରେ କ୍ଲିନସୁଇପ୍ କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ଅନ୍ୟପକ୍ଷରେ, ପ୍ରଥମ ଦୁଇଟି ମ୍ୟାଚ୍‌ରେ ପରାଜିତ ଆଫଗାନିସ୍ତାନ ଶେଷ ମ୍ୟାଚ୍ ଜିତି ସମ୍ମାନ ବଞ୍ଚାଇବାକୁ ଚେଷ୍ଟା କରିବ। ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ପ୍ରଥମ ଦୁଇ ମ୍ୟାଚ୍‌ରେ ଭାରତ ସହଜରେ ୭ ୱିକେଟ୍ ବ୍ୟବଧାନରେ ବିଜୟୀ ହୋଇଛି। ୧୫୭ ଓ ୧୬୦ ରନ୍‌ର ଲକ୍ଷ୍ୟକୁ ଭାରତ ସହଜରେ ହାସଲ କରିଥିଲା। ଏହା ଦଳର ବ୍ୟାଟିଂ ଓ ଚେଜ୍ କରିବାର କ୍ଷମତାକୁ ପ୍ରମାଣିତ କରିଛି। ଜୁଲାଇ ୨୦୨୪ରୁ ଭାରତ ନିଜ ମାଟିରେ ଖେଳିଥିବା ୨୭ଟି ଟି-୨୦ ମ୍ୟାଚ୍‌ରୁ ୨୩ଟିରେ ବିଜୟୀ ହୋଇଛି। ଏହି ସମୟରେ ଦଳ ଲଗାତାର ଦ୍ୱିତୀୟଥର ଟି-୨୦ ବିଶ୍ୱକପ୍ ଜିତିବା ସହ ଭାରତରେ ସମସ୍ତ ଦ୍ୱିପାକ୍ଷିକ ସିରିଜ୍ ଜିତିଛି। ଆଫଗାନିସ୍ତାନର ଶକ୍ତିଶାଳୀ ସ୍ପିନ୍ ବିଭାଗ ମଧ୍ୟ ଭାରତୀୟ ବ୍ୟାଟରଙ୍କୁ ରୋକିପାରିନାହିଁ। ଅଧିନାୟକ ଇବ୍ରାହିମ ଜର୍ଦାନଙ୍କ ଦଳ ପାଇଁ ବ୍ୟାଟିଂ ବିଫଳତା ଚିନ୍ତାର କାରଣ ହୋଇଛି। ରହମାନୁଲ୍ଲା ଗୁରବାଜ୍ ଉଭୟ ମ୍ୟାଚ୍‌ରେ ଶୂନ୍ୟରେ ଆଉଟ୍ ହୋଇଥିବାରୁ ତୃତୀୟ ମ୍ୟାଚ୍‌ରେ ବଡ଼ ଇନିଂସ୍ ଖେଳିବା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଭାରତ ପକ୍ଷରୁ ସଞ୍ଜୁ ସାମସନ୍‌ଙ୍କ ଅର୍ଦ୍ଧଶତକ ଓ ନୀତୀଶ କୁମାରଙ୍କ ୩ ୱିକେଟ୍ ଏସିଆନ୍ ଗେମ୍ସ ପୂର୍ବରୁ ଦଳର ଆତ୍ମବିଶ୍ୱାସ ବଢ଼ାଇଛି।

**ଆଜି ତୃତୀୟ ଟି-୨୦**

**ମ୍ୟାଚ୍ ଆରମ୍ଭ : ସନ୍ଧ୍ୟା ୭.୩୦**
**ସିଧାପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**

ଏସୀୟ କ୍ରୀଡ଼ା

## ବିପ୍ରରାଜ ସାମିଲ; ନୀତୀଶ ଓହରିଲେ



ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି): ଜାପାନରେ ଖେଳାଯିବାକୁ ଥିବା ଏସୀୟ କ୍ରୀଡ଼ା ପୂର୍ବରୁ ଭାରତୀୟ ପୁରୁଷ କ୍ରିକେଟ୍ ଦଳରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଆହତ ଥିବା ରହସ୍ୟମୟୀ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ଦଳରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଉତ୍ତର ପ୍ରଦେଶର ସ୍ପିନ-ଅଲ୍‌ରାଉଣ୍ଡର ବିପ୍ରରାଜ ନିଗମଙ୍କୁ ଦଳରେ ସାମିଲ କରାଯାଇଛି। ସେହିଭଳି ପୂର୍ବରୁ ଘୋଷିତ ଦଳରେ ସ୍ଥାନ ପାଇଥିବା ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ବିସିସିଆଇ ଅପସାରଣ କରି ନେଇଯାଇଛି। ତାଙ୍କୁ ସେହି ସମୟରେ ଖେଳାଯିବାକୁ ଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ଓ ଟି-୨୦ ଦଳରେ ସାମିଲ କରାଯାଇଛି। ଉଲ୍ଲେଖଯୋଗ୍ୟ ବରୁଣ ନୂଆଦିଲ୍ଲୀରେ ଚଳିତ ଆଫଗାନିସ୍ତାନ ବିପକ୍ଷ ପ୍ରଥମ ଟି-୨୦ ଖେଳୁଥିବାବେଳେ ଆହତ ହୋଇଥିଲେ। ବରୁଣ ନୂଆଦିଲ୍ଲୀରେ ଚଳିତ ଆଫଗାନିସ୍ତାନ ବିପକ୍ଷ ପ୍ରଥମ ଟି-୨୦ ଖେଳୁଥିବାବେଳେ ଆହତ ହୋଇଥିଲେ। ତେଣୁ ତାଙ୍କୁ ଦ୍ୱିତୀୟ ଟି-୨୦ରୁ ବାଦ୍ ଦିଆଯାଇଥିଲା। ବିପ୍ରରାଜ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।

● ନିଖିଳ ଓଡ଼ିଶା ୬-ରେଡ୍ ଓପନ୍ ସ୍ନୁକର

## କ୍ୱାର୍ଟରରେ ରାକେଶ, ଆଶୁତୋଷ, ସିଦ୍ଧାର୍ଥ



ଭୁବନେଶ୍ୱର, ୧୬।୯ (ସମିସ): କଟକ ସିଡିଏସ୍ଥିତ ଗୋଲ୍ଡେନ୍ କ୍ୟୁ ସ୍ନୁକର କାଫେରେ ଚାଲିଥିବା ନିଖିଳ ଓଡ଼ିଶା ୬-ରେଡ୍ ଓପନ୍ ସ୍ନୁକର ଚାମ୍ପିଅନସିପ୍‌ର ଚତୁର୍ଥ ଦିବସ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚତୁର୍ଥ ଦିବସରେ ନକ୍‌ଆଉଟ୍ ମୁକାବିଲା ବେଶ୍ ରୋମାଞ୍ଚକ ରହିଥିଲା। ନବାଗତ ଖେଳାଳି ଆର୍ଯ୍ୟନ ପ୍ରଧାନ ୩-୧ ଫେମ୍‌ରେ ଅଭିଜ୍ଞ କ୍ୟୁଇଷ୍ଟ ଅମିତ ସିଂଙ୍କୁ ହରାଇ ବଡ଼ ବିପର୍ଯ୍ୟୟ ଘଟାଇବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିଭଳି ପୂର୍ବତନ ଜାତୀୟ ଜୁନିଅର ଚାମ୍ପିଅନ ଆଶୁତୋଷ ପାଢ଼ୀ ୫୨ ପଏଣ୍ଟ ବ୍ରେକ୍ ସହ ୪-୦ରେ ଏକତରଫା ଭାବରେ ବରୁଣ ପୂର୍ବାଙ୍କୁ ହରାଇ ଅନ୍ତିମ-୮ରେ ପହଞ୍ଚିଛନ୍ତି। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ଖେଳାଳିମାନେ ହେଲେ ସିଦ୍ଧାର୍ଥ ସେନ, ଡକ୍ଟର ରାକେଶ ରୋଶନ ପ୍ରଧାନ, ରୁମିତ ଗୁପ୍ତ, ଆଚାର୍ଯ୍ୟ ଦିନେଶ ଓ ସାଗର ସ୍ୱାଇଁ ବିଜୟୀ।

## ଓଡ଼ିଶା ବାଳିକା ଦଳର ବିଜୟ ଅଭିଯାନ

ଭୁବନେଶ୍ୱର, ୧୬।୯ (ସମିସ): ଆନ୍ଧ୍ର ପ୍ରଦେଶର ଅନନ୍ତପୁରରେ ଚାଲିଥିବା ଜାତୀୟ ଜୁନିଅର ବାଳିକା ଫୁଟବଲରେ ଓଡ଼ିଶା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ଅନୁଷ୍ଠିତ ଗ୍ରୁପ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ଓଡ଼ିଶା ୨-୧ ଗୋଲ୍‌ରେ ରାଜସ୍ଥାନକୁ ପରାସ୍ତ କରିଥିଲା। ଓଡ଼ିଶା ପକ୍ଷରୁ ପଲ୍ଲବୀ ତିର୍କୀ ଡବଲ୍ ଗୋଲ୍ ଦେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପଲ୍ଲବୀ ୧୩ତମ ଓ ୪୮ତମ ମିନିଟରେ ଏହି ଦୁଇଟି ଗୋଲ୍ ଦେଇଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ଶୁକ୍ରବାର ବେଙ୍ଗଲକୁ ଭେଟିବ।

## ଅଧିନାୟକ ବ୍ରୁକ୍‌ଙ୍କ କୀର୍ତ୍ତିମାନ

ସାଉଥାମ୍ପଟନ, ୧୬।୯ (ଏଜେନ୍ସି): ଇଂଲଣ୍ଡ କ୍ରିକେଟ୍ ଦଳର ଅଧିନାୟକ ହ୍ୟାରୀ ବ୍ରୁକ୍ ଏକ ବଡ଼ କୀର୍ତ୍ତିମାନ କରିଛନ୍ତି। ଆଇସିସିର ପୂର୍ଣ୍ଣ ସଦସ୍ୟ ଦେଶର ଅଧିନାୟକ ଭାବରେ ବ୍ରୁକ୍ ଗୋଟିଏ କ୍ୟାଲେଣ୍ଡରେ ଦୁଇଟି ଟି-୨୦ ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଗତକାଲି ରାତିରେ ଏଠାରେ ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟି-୨୦ ମ୍ୟାଚରେ ବ୍ରୁକ୍ ଅପରାଜିତ ୧୧୪ ରନର ପାଳି ଖେଳି ଏହି କୀର୍ତ୍ତିମାନ କରିଥିଲେ। ବ୍ରୁକ୍ ଏଥିପୂର୍ବରୁ ଚଳିତ ବର୍ଷ ପ୍ରାରମ୍ଭରେ ଅନୁଷ୍ଠିତ ଟି-୨୦ ବିଶ୍ୱକପରେ ପାକିସ୍ତାନ ବିପକ୍ଷରେ ନିଜର ପ୍ରଥମ ଟି-୨୦ ଶତକ ହାସଲ କରିଥିଲେ। ଅଧିନାୟକ ଭାବରେ ମାତ୍ର ୨୩ତମ ଟି-୨୦ ଇନିଂସରୁ ବ୍ରୁକ ଦ୍ୱିତୀୟ ଶତକ ହାସଲ କରିଛନ୍ତି।

**ପ୍ରଥମ ଟି-୨୦**

## ବ୍ରୁକ୍ ବିସ୍ଫୋରଣରେ ଶ୍ରୀଲଙ୍କା ଧରାଶାୟୀ

ସାଉଥାମ୍ପଟନ, ୧୬।୯ (ଏଜେନ୍ସି): ଭ୍ରମଣକାରୀ ଶ୍ରୀଲଙ୍କା ବିପକ୍ଷରେ ଅନୁଷ୍ଠିତ ପ୍ରଥମ ଟି-୨୦ ମ୍ୟାଚରେ ଇଂଲଣ୍ଡ ୧୧୯ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ଅଧିନାୟକ ହ୍ୟାରୀ ବ୍ରୁକ ଅପରାଜିତ ବିସ୍ଫୋରକ ଶତକୀୟ ପାଳି ଖେଳି ଘରୋଇ ଇଂଲଣ୍ଡକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଫଳରେ ଇଂଲଣ୍ଡ ତିନି ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ଦ୍ୱିତୀୟ ମ୍ୟାଚ୍ ଗୁରୁବାର କାର୍ଡିଫରେ ଖେଳାଯିବ।



ରୋଜ ବାଉଲ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ପାଇଁ ଦୁଇ ଅଭିଜ୍ଞ ବ୍ୟାଟର୍ ଓପନର୍ ଜୋଶ୍ ବଟଲର ଓ ଅଧିନାୟକ ବ୍ରୁକ୍ ବିସ୍ଫୋରକ ପାଳି ଖେଳିଥିଲେ। ବଟଲର୍ ୩ ଛକା ଓ ୮ ଚୌକା ବଳରେ ୪୪ ବଲରେ ୮୦ ରନ କରିଥିଲେ। ସେହିଭଳି କ୍ୟାରିୟରର ଦ୍ୱିତୀୟ ଟି-୨୦ ଶତକ ହାସଲ କରିଥିବା ବ୍ରୁକ୍ ୧୧୪ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ୪୯ ବଲର ଏହି ପାଳିରେ ବ୍ରୁକ୍ ୧୦ଟି ଚୌକା ଓ ୬ଟି ଛକା ମାରିଥିଲେ। ଦ୍ୱିତୀୟ ୱିକେଟ ଯୋଡ଼ିରେ ଏହି ଦୁଇ ବ୍ୟାଟର୍ ୬୦ ବଲରୁ ୧୨୮ ରନ ସଂଗ୍ରହ କରିଥିଲେ। ଫଳରେ ଇଂଲଣ୍ଡ ୪ ୱିକେଟରେ ୨୫୪ ରନର ବିଶାଳ ସ୍କୋର କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ୱିଲ ଜ୍ୟାକ୍ ୨୧, ଟମ୍ ବାଣ୍ଟନ ୧୦ ଓ ପଦାର୍ପଣକାରୀ ଆନେଉରିନ ଡୋନାଲ୍ଡ ୧୨ ରନ କରିଥିଲେ। ଜବାବରେ ପାୱାର ପ୍ଲେ' ମଧ୍ୟରେ ୩୨ ରନରେ ୩ ୱିକେଟ ହରାଇ ସଙ୍କଟରେ ପଡ଼ିଥିବା ସିଂହଳ ଦଳ ଏହି ବିପର୍ଯ୍ୟୟରୁ ମୁକୁଳି ପାରି ନ ଥିଲା। ଫଳରେ ଶ୍ରୀଲଙ୍କା ୧୯ ଓଭରରେ ୧୩୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦୁନିଥ ୱେଲାଲାଗେ ୩୩, ଦଶୁନ ସନକା ୨୪, ଅଧିନାୟକ ଚାରିଥ ଆସଲଙ୍କା ଓ କାମିଲ ମିଶ୍ରା ୧୦ ରନ ଲେଖାଏ କରିଥିଲେ। ଇଂଲଣ୍ଡ ପାଇଁ ଦ୍ରୁତ ବୋଲର ସୋନି ବାକର (୪-୧-୧୨-୩) ଚମତ୍କାର ବୋଲିଂ କରିଥିଲେ।

## ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଖେଳାଳିଙ୍କ କୃତିତ୍ୱ



ଭୁବନେଶ୍ୱର, ୧୬।୯ (ସମିସ)

ଚୀନ୍‌ର ମୋକିଠାରେ ଶେଷ ହୋଇଥିବା ଜୁନିଅର ଏସିଆ କପ୍ ହକିରେ ଭାରତ ଡବଲ୍ ସ୍ୱର୍ଣ୍ଣ ପଦକ ଜିତିଥିଲା। ଭାରତର ଉଭୟ ପୁରୁଷ ଓ ମହିଳା ହକି ଦଳ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇ ଟାଇଟଲ୍ ବଜାୟ ରଖିଥିଲେ। ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଓଏନଟିଏଚ୍‌ଏଚପିସି)ର ୮ ଜଣ ଖେଳାଳି ଚାମ୍ପିଅନ ଦଳର ସଦସ୍ୟ ରହି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଜୁନିଅର ପୁରୁଷ ଦଳରେ ଏଚ୍‌ପିସିର ୬ ଜଣ ଖେଳାଳି ରହିଥିଲେ। ସେମାନେ ହେଲେ ଅଧିନାୟକ ଅନମୋଲ ଏକ୍କା, ଆଡ୍ରୋହିତ ଏକ୍କା, ବିବେକ ଲାକ୍ରା, ଆର୍ଯ୍ୟନ ଖେସ୍, ସଞ୍ଜିତ ତିର୍କୀ ଓ ରୋହିତ କୁଲ୍ଲୁ। ସେହିଭଳି ଏଚପିସି'ର ଏଞ୍ଜିଲ ହର୍ଷରାଣୀ ମିଞ୍ଜ ଓ ସୁପ୍ରିୟା କନୱାର ଚାମ୍ପିଅନ ଭାରତୀୟ ମହିଳା ଟିମର ସଦସ୍ୟା ରହିଥିଲେ। ଅପରପକ୍ଷରେ ପୁରୁଷ ଦଳର ଅଧିନାୟକ ଅନମୋଲ ଟୁର୍ଣ୍ଣାମେଣ୍ଟରେ ମୋଟ ୧୭ଟି ଗୋଲ୍ ଦେଇ ଟପ୍ ସ୍କୋରର ପୁରସ୍କାର ଜିତିଥିଲେ। ସେହିଭଳି ବିବେକ "ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଗୋଲକିପର' ବିବେଚିତ ହୋଇଥିଲେ। 'ସେଣ୍ଟରର ୮ ଜଣ କ୍ୟାଡେଟ୍ ଦେଶ ପାଇଁ ପ୍ରତିନିଧିତ୍ୱ କରି ଜୁନିୟର ଏସିଆ କପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବା ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଏବଂ ହକି ଏସ୍ ଫାଉଣ୍ଡେସନ୍ ପାଇଁ ଗର୍ବର ମୁହୂର୍ତ୍ତ' ବୋଲି ହକି ଏସ୍ ଫାଉଣ୍ଡେସନ୍‌ର ସିଇଓ କ୍ୟାପ୍ଟେନ୍ ଅମିତାଭ କହିଛନ୍ତି।

## ବିନୁ ମଙ୍କଡ଼ ଟ୍ରଫି: ପାନକଲଙ୍କୁ ଓଡ଼ିଶା ନେତୃତ୍ୱ



ଭୁବନେଶ୍ୱର, ୧୬।୯ (ସମିସ): ବିସିସିଆଇ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ୧୯ ବର୍ଷରୁ କମ୍ ଜାତୀୟ ବାଳକ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିନୁ ମଙ୍କଡ ଟ୍ରଫି ଲାଗି ଓଡ଼ିଶା ଦଳ ଘୋଷଣା କରାଯାଇଛି। ବୁଧବାର ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ କନଫରେନ୍ସ ହଲରେ ଜୁନିଅର ଚୟନ କମିଟିର ଅଧ୍ୟକ୍ଷ ସୌରଜିତ୍ ମହାପାତ୍ର ଓ ମୁଖ୍ୟ କୋଚ୍ ରାକେଶ ମହାନ୍ତି ଉପସ୍ଥିତ ରହି ଦଳ ଘୋଷଣା କରିଥିଲେ। ୱିକେଟ୍‌କିପର ବ୍ୟାଟର ପାନକଲ ମୋକ୍ଷିତଙ୍କୁ ଘୋଷିତ ୧୬ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ଓଡ଼ିଶା ଅକ୍ଟୋବର ୮ ତାରିଖରେ ପଞ୍ଜାବ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ଅକ୍ଟୋବର ୧୦ରେ ଉତ୍ତର ପ୍ରଦେଶ, ୧୨ରେ ହରିୟାଣା, ୧୪ରେ ବିହାର ଓ ୧୬ ତାରିଖରେ ଛତିଶଗଡ଼ ସହ ଶେଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଖେଳିବ। ଓଡ଼ିଶା ଏହାର ସମସ୍ତ ମ୍ୟାଚ୍ ପୁଡୁଚେରୀରେ ଖେଳିବ ବୋଲି ଜଣାପଡ଼ିଛି।

**ଘୋଷିତ ଓଡ଼ିଶା ଦଳ**: ଶୁଭମ ପଲାଇ, ପ୍ରୟାନ ପଟ୍ଟନାୟକ ସାମଲ, ମୟଙ୍କ ପଟ୍ଟନାୟକ, ଶୁଭାଶିଷ ମଲ୍ଲିକ, ଆଦିତ୍ୟ ଆନନ୍ଦ, ଯୋଗେଶ୍ୱର ବାଗ୍, ରୁଦ୍ର ପ୍ରସାଦ ମଲ୍ଲିକ, ପାନକଲ ମୋକ୍ଷିତ (ଅଧିନାୟକ/ୱିକେଟକିପର), ବେଦାନ୍ତ ଦେବଦେ (ୱିକେଟକିପର), କମଳେଶ ପାତ୍ର, ଶେଖ ହାୟତ, ଅଭିନିତ୍ ପଟ୍ଟନାୟକ, ତୀର୍ଥଙ୍କର ସାହୁ, ସାଇରାଜ ସାହୁ, ରାଜା ଯାଦବ ଓ ସେକ୍ ନକିବ ସର୍ବର।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

ସକାଳ
THE SAKALA
www.sakalaepaper.com

# ସମ୍ପୂର୍ଣ୍ଣା

ଗୁରୁବାର
୧୭ ସେପ୍ଟେମ୍ବର,
୨୦୨୬

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଦିନରେ

- ୧୬୩୦-ଆମେରିକାର ବୋଷ୍ଟନ ସହରର ସ୍ଥାପନା।
- ୧୯୫୦- ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ।
- ୧୯୫୭- ମାଲେସିଆ ଜାତିସଂଘରେ ସାମିଲ୍ ହେଲା।
- ୧୯୭୦- ଜୋର୍ଡାନ୍‌ରେ ଗୃହଯୁଦ୍ଧ ଆରମ୍ଭ ହେଲା।
- ୨୦୦୪- ୟୁରୋପୀୟ ସଂସଦ ମାଳଦ୍ୱୀପ ଉପରେ ପ୍ରତିବନ୍ଧକ ଲଗାଇବା ପ୍ରସ୍ତାବ ପାରିତ କଲା।



# ସୁନା ଓ ହୀରାରେ ଝଲସୁଛନ୍ତି ଗଣପତି

ଚଳିତ ବର୍ଷ ଗଣେଶ ଚତୁର୍ଥୀ ଅବସରରେ ସାରା ଦେଶ ଉତ୍ସବମୁଖର ହୋଇଉଠିଛି। ବିଘ୍ନହର୍ତ୍ତାଙ୍କୁ ସ୍ୱାଗତ କରିବା ପାଇଁ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଶୈଳୀର ପୂଜା ମଣ୍ଡପ ଓ ସୁଦୃଶ୍ୟ ମୂର୍ତ୍ତି ନିର୍ମାଣ କରାଯାଇଛି। ଏହି ସବୁ ମଧ୍ୟରେ ହାଇଦ୍ରାବାଦର ବେଗମ ବଜାର ଅଞ୍ଚଳରେ ସ୍ଥାପିତ ଭଗବାନ ଗଣେଶଙ୍କ ମୂର୍ତ୍ତି ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ୨୪ କ୍ୟାରେଟ୍ ସୁନା ଏବଂ ଲକ୍ଷ ଲକ୍ଷ ହୀରାରେ ନିର୍ମିତ ଏହି ପ୍ରତିମାକୁ ଦେଖିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଜମିବାରେ ଲାଗିଛି। ହାଇଦ୍ରାବାଦର ଫିଲଖାନା ଇଲାକାରେ ସ୍ଥାପିତ ହୋଇଥିବା ଏହି ଗଣେଶ ପ୍ରତିମାର ଓଜନ ପ୍ରାୟ ୪୮ କିଲୋଗ୍ରାମ୍। ବେଗମ ବଜାରର 'ଲିଚି ପର୍ଲ୍ସ ଆଣ୍ଡ ଜ୍ୱେଲର୍ସ' ପକ୍ଷରୁ ଏହି ପ୍ରତିମା ପ୍ରସ୍ତୁତ କରାଯାଇଛି। ୮ ଜଣ ଦକ୍ଷ କାରିଗର ଦିନରାତି ପରିଶ୍ରମ କରି ପ୍ରାୟ ୮ ମାସ ମଧ୍ୟରେ ଏହି ଆକର୍ଷଣୀୟ ମୂର୍ତ୍ତିଟିକୁ ସମ୍ପୂର୍ଣ୍ଣ କରିଛନ୍ତି। ଏନେଇ ଆୟୋଜକଙ୍କ କହିବା କଥା, ଆର୍ଟିଫିସିଆଲ ଜୁଏଲାରୀ ବ୍ୟବସାୟର ଅଭିଜ୍ଞତାକୁ ବ୍ୟବହାର କରି କାରିଗରମାନେ ଗଣପତିଙ୍କୁ ଏକ ସମ୍ପୂର୍ଣ୍ଣ ନୂଆ ଏବଂ ସ୍ୱତନ୍ତ୍ର ରୂପ ଦେବାକୁ ଚେଷ୍ଟା କରିଛନ୍ତି। ଏହି ମୂର୍ତ୍ତିର ମୁଖ୍ୟ ବିଶେଷତ୍ୱ ହେଉଛି ଏହାର ସାଜସଜ୍ଜା। ମୂର୍ତ୍ତି ଉପରେ ୨୪ କ୍ୟାରେଟ୍ ସୁନାର ପ୍ରଲେପ ଦିଆଯିବା ସହ ଏହାକୁ ୩.୮ ଲକ୍ଷରୁ ଅଧିକ ଆମେରିକାନ୍ ଡାଇମଣ୍ଡରେ ସଜାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ହୀରାଗୁଡ଼ିକୁ କେବଳ ଉପରେ ଅଠା ଦେଇ ଚିପ୍‌କା ଯାଇନାହିଁ, ବରଂ ପ୍ରତିଟି ଷ୍ଟୋନକୁ ଅତି ନିଖୁଣତାର ସହ ମୂର୍ତ୍ତି ଭିତରେ ଫିଟ୍ କରାଯାଇଛି। ଏହି ସମ୍ପୂର୍ଣ୍ଣ ମୂର୍ତ୍ତିଟି ପଞ୍ଚଧାତୁରେ ତିଆରି ହୋଇଥିବା ବେଳେ ଏହାର ମୂଳ ଭାଗ ପିତ୍ତଳରେ ନିର୍ମିତ। ଏହି ମୂର୍ତ୍ତିର ଡିଜାଇନ୍ ମୁମ୍ବାଇର ପ୍ରସିଦ୍ଧ 'ଲାଲବାଗ୍ ଚା ରାଜା' ଏବଂ ତିରୁପତି ବାଲାଜୀଙ୍କ ପାରମ୍ପରିକ ଶୈଳୀର ଏକ ଅପୂର୍ବ ମିଶ୍ରଣ। ମୂର୍ତ୍ତିର ପଛପଟରେ ଭଗବାନ ବିଷ୍ଣୁଙ୍କ ଦଶାବତାର ଖୋଦେଇ କରାଯାଇଛି। ଲାଇଟ୍ ପଡ଼ିବା ମାତ୍ରେ ସୁନା ଓ ହୀରାର ଚମକରେ ସମ୍ପୂର୍ଣ୍ଣ ମଣ୍ଡପ ଆଲୋକିତ ହୋଇଉଠୁଛି, ଯାହାକୁ ଦେଖିବା ପାଇଁ ହାଇଦ୍ରାବାଦ ତଥା ଆଖପାଖ ଅଞ୍ଚଳରୁ ହଜାର ହଜାର ଭକ୍ତଙ୍କ ଭିଡ଼ ଜମୁଛି।

# ସୁପରହିରୋ ଭୂମିକାରେ ଅମିର୍



ବଲିଉଡ୍‌ର ମିଷ୍ଟର ପରଫେକ୍ଟନିଷ୍ଟ ଅମିର ଖାନ୍ ସର୍ବଦା ନିଜର ଅଭିନୟ ଏବଂ ଚଳଚ୍ଚିତ୍ର ଚୟନରେ ନୂତନତ୍ୱ ଆଣିବାକୁ ଚେଷ୍ଟା କରିଥାନ୍ତି। ଗତ କିଛି ଦିନ ହେବ ତାଙ୍କୁ ନେଇ ସିନେ ଜଗତରେ ଏକ ବଡ଼ ଚର୍ଚ୍ଚା ଜୋର ଧରିଛି। ଗତ ବର୍ଷ ଖବର ଆସିଥିଲା ଯେ, ସେ ସାଉଥ ଇଣ୍ଡଷ୍ଟ୍ରୀର ଜଣାଶୁଣା ନିର୍ଦ୍ଦେଶକ ଲୋକେଶ କନଗରାଜଙ୍କ ଏକ ବଡ଼ ଆକ୍ସନ ଫିଲ୍ମରେ ସୁପରହିରୋ ଭୂମିକାରେ ନଜର ଆସିବେ। ଏହି ଖବର ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି କରିଥିଲା। କୌଣସି କାରଣ ଯୋଗୁଁ ଅମିର ଓ ଲୋକେଶଙ୍କ ମଧ୍ୟରେ ହେବାକୁ ଥିବା ଏହି ସମ୍ଭାବ୍ୟ ପାର୍ଟନରସିପ୍ ବାତିଲ ହୋଇଯାଇଥିବା ନେଇ ପରେ ଖବର ଆସିଥିଲା। ହେଲେ ଅମିର୍ ସୁପରହିରୋ ହେବା ସ୍ୱପ୍ନକୁ ଛାଡ଼ି ନାହାନ୍ତି। ଏବେ ସେ ଏକ ସମ୍ପୂର୍ଣ୍ଣ ନୂଆ ପ୍ରୋଜେକ୍ଟ ସହ ହାତ ମିଳାଇବାକୁ ଯାଉଛନ୍ତି। ଏଥିରେ ସେ ସୁପର୍‌ହିରୋ ଭୂମିକାରେ ନଜର ଆସିବେ। ବଲିଉଡ୍‌ର ଆଗଧାଡ଼ିର ପ୍ରଯୋଜକ ସାଜିଦ ନାଡିଆଡୱାଲା ଏହି ଚଳଚ୍ଚିତ୍ରର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। 'ଚିନି କମ୍', 'ପା' ଏବଂ 'ପ୍ୟାଡ୍‌ମ୍ୟାନ୍' ଭଳି ଭିନ୍ନ ସ୍ୱାଦର ଚଳଚ୍ଚିତ୍ର ପାଇଁ ଜଣାଶୁଣା ଜାତୀୟ ପୁରସ୍କାର ବିଜେତା ନିର୍ଦ୍ଦେଶକ ଆର୍. ବାଲ୍‌କି ଏହି ସୁପରହିରୋ ଫିଲ୍ମର ନିର୍ଦ୍ଦେଶନା ଦେବେ। ଆର୍. ବାଲ୍‌କିଙ୍କ ଚଳଚ୍ଚିତ୍ରରେ ସାଧାରଣତଃ ଭିନ୍ନ ଭାବନା ଏବଂ ମାନସିକ ସ୍ତରର କାହାଣୀ ଦେଖିବାକୁ ମିଳେ, ତେଣୁ ସେ ଅମିରଙ୍କୁ ନେଇ କିଭଳି ସୁପରହିରୋ ଫିଲ୍ମ ପ୍ରସ୍ତୁତ କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା। ଏହି ପ୍ରୋଜେକ୍ଟଟି ବର୍ତ୍ତମାନ ପ୍ରାଥମିକ ପର୍ଯ୍ୟାୟରେ ରହିଛି। ଅମିର୍, ସାଜିଦ ଏବଂ ଆର୍. ବାଲ୍‌କିଙ୍କ ମଧ୍ୟରେ କାହାଣୀ ଏବଂ ଫିଲ୍ମର ରୂପରେଖକୁ ନେଇ ପ୍ରାରମ୍ଭିକ ଆଲୋଚନା ଚାଲିଛି। ଯଦି ସବୁକିଛି ଠିକ୍ ରହେ, ତେବେ ଖୁବ୍ ଶୀଘ୍ର ଏହାର ଆନୁଷ୍ଠାନିକ ଘୋଷଣା କରାଯାଇପାରେ।

# ମହିଳାଙ୍କ ପେଟରେ କଲମ

ଆନ୍ଧ୍ର ପ୍ରଦେଶର ଜଣେ ୩୩ ବର୍ଷୀୟ ବିବାହିତା ମହିଳାଙ୍କ ପେଟରୁ କଲମ, ବୋଲ୍ଟ ସହ ଅନ୍ୟାନ୍ୟ ଜିନିଷ ମିଳିଛି। ଏହି ଘଟଣା କେବଳ ସାଧାରଣ ଲୋକଙ୍କୁ ନୁହେଁ, ବରଂ ଡାକ୍ତରଙ୍କୁ ମଧ୍ୟ ଆଶ୍ଚର୍ଯ୍ୟଚକିତ କରିଛି। ନରସରାଓପେଟ ଅଞ୍ଚଳର ଏହି ମହିଳା ଜଣକ ଦୀର୍ଘ ଦିନ ଧରି ଛାତିର ବାମ ପାର୍ଶ୍ୱରେ ପ୍ରବଳ ଯନ୍ତ୍ରଣା ଅନୁଭବ କରୁଥିଲେ। ଅବସ୍ଥା ଅସମ୍ଭାଳ ହେବାରୁ ସେ ସ୍ଥାନୀୟ ମାଥାଶ୍ରୀ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ପ୍ରାଥମିକ ଯାଞ୍ଚ ପରେ ଡାକ୍ତରମାନେ ସନ୍ଦେହ କରି ତାଙ୍କ ପେଟର ଅଲଟ୍ରାସାଉଣ୍ଡ ଏବଂ ଏକ୍ସ-ରେ କରିଥିଲେ। ରିପୋର୍ଟ ଆସିବା ପରେ ପୂରା ମେଡିକାଲ ଟିମ୍ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ମହିଳାଙ୍କ ପେଟ ଭିତରେ ବହୁ ସଂଖ୍ୟାରେ ଧାତବ ଓ ପ୍ଲାଷ୍ଟିକ୍ ବସ୍ତୁ ଜମା ହୋଇ ରହିଥିଲା। ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ବରିଷ୍ଠ ଡାକ୍ତର ରାମଚନ୍ଦ୍ର ରେଡ୍ଡୀଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଦଳ ତୁରନ୍ତ ସର୍ଜରୀ କରିବାକୁ ନିଷ୍ପତ୍ତି ନେଇଥିଲେ। ଅସ୍ତ୍ରୋପଚାର ପରେ ତାଙ୍କ ପେଟରୁ ଅନେକ ପେନ୍ ଏବଂ ବଡ଼ ବଡ଼ ଲୁହା ବୋଲ୍ଟ ବାହାର କରାଯାଇଥିଲା। ଡାକ୍ତର ରେଡ୍ଡୀ କହିଛନ୍ତି ଯେ, ତାଙ୍କ କ୍ୟାରିୟରରେ ସେ ପ୍ରଥମ ଥର ପାଇଁ କୌଣସି ମଣିଷ ପେଟରୁ ପ୍ରାୟ ୨୫ ସେଣ୍ଟିମିଟର ଲମ୍ବା ଜିନିଷ ବାହାର କରିଛନ୍ତି। ଏଭଳି ତୀକ୍ଷ୍ଣ ଏବଂ ଲମ୍ବା ଜିନିଷ ଖାଦ୍ୟ ନଳୀ ଦେଇ ପେଟକୁ ଯିବା ଏକ ବିରଳ ଘଟଣା, ଯାହା ଶରୀରର ଭିତର ଅଂଶକୁ ସମ୍ପୂର୍ଣ୍ଣ ଭାବେ କ୍ଷତବିକ୍ଷତ କରିଦେଇପାରେ। ଏହି ଘଟଣାର ଅନୁସନ୍ଧାନ କରିବା ପରେ ମହିଳା ଜଣକ ନିଜ ବାପାଙ୍କ ସହ ଝଗଡ଼ା କରି ଅତ୍ୟଧିକ ରାଗ ଏବଂ ମାନସିକ ଚାପରେ ଆସି ଏହି ସବୁ ଜିନିଷ ଗିଳି ଦେଇଥିବା କଥା କହିଥିଲେ। ଆଶ୍ଚର୍ଯ୍ୟର କଥା ହେଉଛି, ସେ ବର୍ଷେ ପୂର୍ବରୁ ମଧ୍ୟ ସମାନ ଭାବେ ୪ଟି ପେନ୍ ଗିଳି ଦେଇଥିଲେ, ଯାହାକୁ ପୂର୍ବରୁ ଅପରେସନ୍ କରି ବାହାର କରାଯାଇଥିଲା। ଡାକ୍ତରଙ୍କ କହିବା ଅନୁଯାୟୀ, ଅଖାଦ୍ୟ ବା ଖାଇବା ଅଯୋଗ୍ୟ ଜିନିଷ ବାରମ୍ବାର ଗିଳିବା ଏକ ଗମ୍ଭୀର ମାନସିକ ରୋଗର ଲକ୍ଷଣ ହୋଇପାରେ। ଏଭଳି ପରିସ୍ଥିତିରେ କେବଳ ପେଟର ସର୍ଜରୀ କଲେ ସମସ୍ୟାର ସମାଧାନ ହୁଏନାହିଁ, ବରଂ ମାନସିକ ସ୍ୱାସ୍ଥ୍ୟର ମୂଲ୍ୟାଙ୍କନ ଅଧିକ ଜରୁରୀ। ସେଥିପାଇଁ ସର୍ଜରୀ ପରେ ମହିଳାଙ୍କୁ ଜଣେ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପାଖକୁ ପଠାଯାଇଛି ଏବଂ ବର୍ତ୍ତମାନ ତାଙ୍କର କାଉନସେଲିଂ ଚାଲିଛି।



## ସୁଶ୍ରୀ

### ହଜିଯାଉଥିବା ସ୍ୱାଦ

# ମଟନ ସୁରମା



**ଆବଶ୍ୟକ ସାମଗ୍ରୀ**

ମଟନ – ୫୦୦ ଗ୍ରାମ୍, କଟା ଟମାଟୋ – ଏକ କପ୍, ହଳଦୀଗୁଣ୍ଡ– ଦୁଇ ଚାମଚ, ତେଜପତ୍ର – ଦୁଇଟି, କଟା ପିଆଜ – ଦୁଇ କପ୍, ଅଦା ବଟା, - ଏକ ଚାମଚ, ରସୁଣ ବଟା – ଏକ ଚାମଚ, ଲଙ୍କା ବଟା – ଦୁଇ ଚାମଚ, ଗରମ ମସଲା, - ଏକ ଚାମଚ, ଧନିଆ ପତ୍ର – ଅଧା କପ୍, ଲୁଣ – ସ୍ୱାଦ ଅନୁସାରେ , ତେଲ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ଗୋଟିଏ ପାତ୍ରରେ ପାଣି ନେଇ ମଟନକୁ ଧୋଇ ଲୁଣ ହଳଦୀ ଦେଇ ଗୋଳାଇ ରଖନ୍ତୁ। ଏହାପରେ ଗ୍ୟାସ୍ ଲଗାଇ ପ୍ରେସର୍ କୁକୁର୍ ବସାଇ ତେଲ ପିଆଜ ଦେଇ ଭାଜନ୍ତୁ। ନାଲି ହୋଇଆସିଲେ ତେଜପତ୍ର ରସୁଣ ଓ ଅଦାକୁ ଦେଇ ଭଲ କରି କଷନ୍ତୁ। ଏହାପରେ ହଳଦୀଗୁଣ୍ଡ ସମେତ ସାମାନ୍ୟ ଲୁଣ ଦେଇ ଟମାଟୋ ପକାନ୍ତୁ। ପରେ ବଟା ଲଙ୍କା ଦେଇ କଷନ୍ତୁ। ମଶଲା କଷି ହୋଇଆସିଲେ ମଟନ୍‌କୁ ଦେଇ ପାଞ୍ଚ ଛଅଟି ସିଟି ଦିଅନ୍ତୁ। ଏହାପରେ ଢାଙ୍କୁଣି ଖୋଲି ଗରମ ମସଲା ଓ ଧନିଆ ପତ୍ର ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମଟନ୍ ସୁରମା'।

# ଲେମ୍ବୁ ରହିବ ସତେଜ

**ସାଧାରଣତଃ ଲେମ୍ବୁ ତିନି ଚାରି ଦିନ ପରେ ଶୁଖିଯାଏ। ଅବଶ୍ୟ ଫ୍ରିଜ୍‌ରେ ରଖିଲେ ଏହା ଆଉ ଦିନେ ଦୁଇ ଦିନ ସତେଜ ରହେ। ହେଲେ ପରବର୍ତ୍ତୀ ସମୟରେ ଏହା ବାଦାମୀ ରଙ୍ଗ ହୋଇଯାଏ। ତେବେ ଲେମ୍ବୁକୁ ଦୀର୍ଘଦିନ ସତେଜ ରଖିବାକୁ ଚାହୁଁଥିଲେ ଜାଣି ରଖନ୍ତୁ।**

- ଲେମ୍ବୁକୁ ଜରିରେ ନ ରଖି ପାଣିରେ ବୁଡ଼ାଇ ରଖନ୍ତୁ। ଏହାକୁ ଏକ ବାୟୁରୋଧୀ ବୋତଲରେ ଜଳ ରଖି ବନ୍ଦ କରି ଦିଅନ୍ତୁ। ଏହାଦ୍ୱାରା ଦୀର୍ଘ ସମୟ ଧରି ଲେମ୍ବୁ ଖରାପ ହୁଏନି।
- ସେହିପରି ଚାହିଁଲେ ଲେମ୍ବୁରେ ହାଲୁକା ସୋରିଷ ତେଲ ଲଗାଇ ଏହାକୁ ଟାଇଟ୍ ଡବାରେ ରଖିପାରିବେ। ଆବଶ୍ୟକ ହେଲେ ଏହାକୁ ଡବାରୁ କାଢ଼ି ଧୋଇ ବ୍ୟବହାର କରିପାରିବେ।
- ସେହିପରି ଟିସୁ ପେପରରେ ଲେମ୍ବୁକୁ ଗୁଡ଼ାଇ ପୃଥକ୍ ପୃଥକ କରି ରଖିପାରିବେ।



# ବର୍ଷାଦିନେ ପାଦର ଯତ୍ନ



ବର୍ଷାଦିନେ ଆର୍ଦ୍ରତା, ଓଦା ଜୋତା, ଚପଲ, ମାଟି, କାଦୁଅ ପଙ୍କ ଏବଂ ଝାଳ ଯୋଗୁଁ ପାଦ ଅପରିଷ୍କାର ହୋଇଯାଏ। ଏପରିସ୍ଥଳେ ପାଦକୁ ଶୃଙ୍ଖଳା ରଖିବା ଜରୁରି। ଏଥିପାଇଁ ପାର୍ଲର ନ ଯାଇ ଘରେ ପେଡିକ୍ୟୁୟର୍ କରିପାରିବେ।

- ଗୋଟିଏ ପାତ୍ରରେ ନଖ ଉଷୁମ ପାଣି ନେଇ ମାଇଲଡ୍ ସାମ୍ପୁ କିମ୍ବା ଫୁଟ୍ କ୍ଲିନର୍ ପକାନ୍ତୁ। ପାଦକୁ ପାଖାପାଖି ୧୦ ମିନିଟ୍ ଯାଏ ପାଣିରେ ରଖନ୍ତୁ। ଏହାଦ୍ୱାରା ପାଦରେ ଥିବା ଅପରିଷ୍କାର ତତ୍ତ୍ୱ ଦୂର ହେବା ସହ ପାଦ ନରମ ହୋଇଥାଏ।
- ଫୁଟ୍ ସ୍କ୍ରବ୍ ମାଧ୍ୟମରେ ଅଙ୍ଗୁଳି ଏବଂ ଗୋଇଠିକୁ ଭଲରେ ମସାଜ୍ କରନ୍ତୁ। ଅଧିକ ରଗଡ଼ିବାରୁ ଦୂରେଇ ରୁହନ୍ତୁ। ଏହାଦ୍ୱାରା ତ୍ୱଚାରେ ଜ୍ୱଳନ କିମ୍ବା ଖଣ୍ଡିଆ ହୋଇପାରେ। ପାଦ ନଖ ସଫା କରିବା ସହ ଆବଶ୍ୟକ ସ୍ଥଳେ ଏହାକୁ କାଟିବା ଜରୁରୀ। ନଖକୁ ଗଭୀରରୁ କାଟିବାରୁ ଦୂରେଇ ରୁହନ୍ତୁ। କାଟିବା ପରେ ନଖ ଫାଇଲ୍ କରନ୍ତୁ।
- ଶେଷରେ ମଏଶ୍ଚରାଇଜର୍ କିମ୍ବା ଫୁଟ୍ କ୍ରିମ୍ ଲଗାଇ ପାଦକୁ ମସାଜ୍ କରନ୍ତୁ। ଓଦା ଜୋତା ଦୀର୍ଘ ସମୟ ପିନ୍ଧନ୍ତୁନି। ଦୈନିକ ସଫା ସୁତୁରା ମୋଟା ମୋଜା ବ୍ୟବହାର କରନ୍ତୁ। ସର୍ବସାଧାରଣ ସ୍ଥାନରେ ଖାଲି ପାଦରେ ଚାଲିବାରୁ ଦୂରେଇ ରୁହନ୍ତୁ।

# ନାକକୁ ସୁନ୍ଦର ନୋଥ

**ଭାରତୀୟ ସଂସ୍କୃତିରେ ଅଳଙ୍କାରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପର୍ବପର୍ବାଣି, ବିବାହୋତ୍ସବଠୁ ନେଇ ଦୈନିକ ଜୀବନଶୈଳୀରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ତନ୍ମଧ୍ୟରୁ ଗୋଟିଏ ନୋଥ। ଭାରତୀୟ ସଂସ୍କୃତିର ସର୍ବପ୍ରାଚୀନ ଅଳଙ୍କାର ଭାବେ ଏହା ଜଣାଶୁଣା। ଏହା ସୁହାଗ, ସୌନ୍ଦର୍ଯ୍ୟ ଏବଂ ବିବାହର ପ୍ରତୀକ ଭାବେ ମଧ୍ୟ ଜଣାଯାଏ। ଏହା ପିନ୍ଧିବା ନାକ ପାଇଁ ଭଲ ବୋଲି କୁହାଯାଏ। ତେବେ ଭାରତର ବିଭିନ୍ନ ରାଜ୍ୟରେ ପ୍ରସିଦ୍ଧି ଲାଭ କରିଥିବା ନୋଥକୁ ନେଇ ଏହି ଉପସ୍ଥାପନା।**

### ପଞ୍ଜାବ ଶିକରପୁରୀ



ପଞ୍ଜାବୀ ଖାଦ୍ୟପାନୀୟ, ଜୀବନଶୈଳୀ ଭଳି ଶିକରପୁରୀ ନୋଥର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଏହା ପାରମ୍ପରିକ ଏବଂ ରାଜକୀୟ ନୋଥ ଭାବେ ଜଣାଯାଏ। ଏହା ପଞ୍ଜାବୀ ମହିଳାଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ। ଏହାକୁ ବିଶେଷ କରି ବିବାହରେ ମହିଳାମାନେ ପିନ୍ଧନ୍ତି। ଏଥିରୁ ଏକ ରାଜକୀୟ ଲୁକ୍ ମିଳିଥାଏ। ବଡ଼ଗୋଲାକାର ଏହି ନୋଥରେ ମୋତି ମାଣିକ୍ୟ ଭଳି ମୂଲ୍ୟବାନ୍ ରତ୍ନ ଥାଏ। ଏହା ଓଜନିଆ ଥିବାରୁ ଏହାକୁ ଧରି ରଖିବା ପାଇଁ ପତଳା ସୁନା ଚେନ୍ ଥାଏ। ଏହା ଷୋଳ ଶୃଙ୍ଗାର ଏବଂ ପରମ୍ପରାର ଅଂଶ ହୋଇଥାଏ।

### ଉତ୍ତରାଖଣ୍ଡ ଟେହରୀ



ନଥୁଲୀ ନାମରେ ପରିଚିତ ଏହି ନୋଥ ଦେଖିବାକୁ ଯେତିକି ସୁନ୍ଦର ସେତିକି ଆକର୍ଷଣୀୟ। ଦେବଭୂମି ଉତ୍ତରାଖଣ୍ଡର ସଂସ୍କୃତି, ପରମ୍ପରା ଏବଂ ସୁହାଗର ପ୍ରତୀକ ଭାବେ ଏହା ଜଣାଶୁଣା। ଏହା ଦେଖିବାକୁ ଗୋଲାକୃତି ଏବଂ ଆକାରରେ ବଡ଼ ହୋଇଥାଏ। ଟେହରୀ ରାଜପରିବାରରୁ ଏହି ନୋଥର ଉତ୍ପତ୍ତି ହୋଇଥିଲା। ସେହିପରି ଏହାକୁ ଗଡ଼ୱାଲି ମହିଳାମାନେ ବିଶେଷ କରି ବିବାହ ଶୁଭକାର୍ଯ୍ୟରେ ପିନ୍ଧିବା ପରମ୍ପରା ରହିଛି। ଏଥିରେ ମୋତି କୁନ୍ଦନ ସହ ନାଲି ସବୁଜ ରଙ୍ଗର ମିନା ଥାଏ। ପାହାଡ଼ି ସଂସ୍କୃତିରେ ଏହା ସୌଭାଗ୍ୟ ଏବଂ ସୁହାଗର ପ୍ରତୀକ ଭାବେ ପ୍ରସିଦ୍ଧ।

### ମହାରାଷ୍ଟ୍ର କାଜୁ ନୋଥ



ଏହି ନୋଥ ସୁନ୍ଦର ଡିଜାଇନ୍ ଏବଂ ଆକାର ପାଇଁ ପରିଚିତ। କାଜୁ ଆକୃତିର ଏହି ନୋଥକୁ ଗୋଜେଦାର ବା ବ୍ରାହ୍ମଣୀ ନଥ୍ ବୋଲି କୁହାଯାଏ। ମୋତି, ରୁବିକ୍ ଏବଂ ଏମ୍‌ରୋଲ୍‌ରେ ପ୍ରସ୍ତୁତି ଏହି ନଥ୍ ଦେଖିବାକୁ ସୁନ୍ଦର ଏବଂ ଆକର୍ଷଣୀୟ ହୋଇଥାଏ। ମହାରାଷ୍ଟ୍ର ସଂସ୍କୃତିରେ ଏହା ପାରମ୍ପରିକ ଆଭୂଷଣ ଭାବେ ଜଣାଯାଏ। ଏହାର ଆକାର ଅର୍ଦ୍ଧଚନ୍ଦ୍ରାକୃତି ନୱାରୀ ଶାଢ଼ି ଏବଂ ମରାଠୀ ବିବାହ ଲୁକ୍‌ରେ ମୁଖ୍ୟ ଆକର୍ଷଣ ସାଜିଥାଏ।

### ରାଜସ୍ଥାନ ଓ ଗୁଜୁରାଟର, ରାଜୱାଡ଼ି



ରାଜସ୍ଥାନ, ଗୁଜରାଟର ପାରମ୍ପରିକ ନୋଥ ଭାବେ ଏହା ପରିଚିତ। ଏହା ଆକାରରେ ବଡ଼, ଓଜନିଆ ଏବଂ ଆକର୍ଷଣୀୟ ହୋଇଥାଏ। ଏଥିରେ କୁନ୍ଦନ, ମୋତି, ମିନାକରୀ ଥାଏ। ସେହିପରି କିଛିରେ ଫୁଲ ଡିଜାଇନ୍ ମଧ୍ୟ ଥାଏ। ଏହା ସ୍ଥାନୀୟ ସଂସ୍କୃତି ଏବଂ ରାଜପରିବାରର ଝଲକ ଦୃଶ୍ୟମାନ ହୋଇଥାଏ। ଏହାର ଆକାର, ଓଜନ ସ୍ୱତନ୍ତ୍ରତା ହୋଇଥାଏ।

### ଦକ୍ଷିଣ ଭାରତ ମୁକ୍କୁଥୀ



ସୁନା, ହିରା ଏବଂ ମାଣିକରେ ନିର୍ମିତ ଏହି ମୁକ୍କୁଥୀ ନୋଥ ଦେଖିବାକୁ ସୁନ୍ଦର। ଏହାକୁ ବେସରୀ ମଧ୍ୟ କୁହାଯାଏ। ଦକ୍ଷିଣ ଭାରତର ମହିଳାମାନେ ଡାହାଣ ନାକରେ ଏହାକୁ ପିନ୍ଧିବା ପରମ୍ପରା ରହିଛି। ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଏବଂ କେରଳରେ ଏହାର ସ୍ୱତନ୍ତ୍ର ପରିଚୟ ଏବଂ ଧାର୍ମିକ ଗୁରୁତ୍ୱ ରହିଛି।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୫୫ ● ପାଉଣ୍ଡ ୧୨୯.୦୮
- ୟୁରୋ ୧୧୦.୮୧ ● ୟେନ୍ ୦.୬୨

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୦,୬୫୦ (ଭୁବନେଶ୍ୱର)
- ରୁପା : ୨,୫୦,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୪,୩୩୬.୦୦
- ନିଫ୍ଟି ୨୩,୨୧୭.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦

## ୪୦ ଟ୍ରିଲିୟନ ଡଲାରରୁ ଅଧିକ ଋଣ ବୋଝ

# ଆମେରିକାରୁ ଟଙ୍କା ପ୍ରତ୍ୟାହାର କରୁଛନ୍ତି ନିବେଶକ

ୱାଶିଂଟନ୍,୧୬।୯ (ଏଜେନ୍ସି): ବିଶ୍ୱର ସବୁଠାରୁ ଧନୀ ରାଷ୍ଟ୍ର ଆମେରିକା ଉପରେ ରହିଛି ୪୦ ଟ୍ରିଲିୟନ ଡଲାରରୁ ଅଧିକ ଋଣ। ଏହା ସହିତ ସୁଧ ହାର, ଶୁଳ୍କ ବୃଦ୍ଧି ଏବଂ ଅନ୍ୟ ଦେଶଗୁଡ଼ିକ ଉପରେ ଲାଗୁ ହୋଇଥିବା ଆର୍ଥିକ ପ୍ରତିବନ୍ଧକ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହା କିଛି ବିଶ୍ୱ ନିବେଶକଙ୍କୁ ଆମେରିକା ବ୍ୟତୀତ ଅନ୍ୟ କେଉଁଠାରେ ସେମାନଙ୍କର ଟଙ୍କା ନିବେଶ କରିବେ ତାହାର ସମୀକ୍ଷା କରିବାକୁ ବାଧ୍ୟ କରିଛି। କିଛି ପ୍ରମୁଖ ସରକାରୀ ପାଣ୍ଠି ଆମେରିକୀୟ ବଣ୍ଡରେ ସେମାନଙ୍କର ନିବେଶ ହ୍ରାସ କରୁଛନ୍ତି। ଅନେକ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ସୁନା କ୍ରୟ କରି ସେମାନଙ୍କର ରିଜର୍ଭ ବୃଦ୍ଧି କରୁଛନ୍ତି। ଏହି ସମୟରେ ଜର୍ମାନ କମ୍ପାନୀଗୁଡ଼ିକ ୨୦୨୬ ର ପ୍ରଥମାର୍ଦ୍ଧରେ ଆମେରିକାରେ ସେମାନଙ୍କର ନିବେଶ ହ୍ରାସ କରିଛନ୍ତି ଏବଂ ଚୀନରେ ସେମାନଙ୍କର ନିବେଶ ବୃଦ୍ଧି କରିଛନ୍ତି। ତଥାପି, ଏହାର ଅର୍ଥ ନୁହେଁ ଯେ ବିଶ୍ୱ ସମ୍ପୂର୍ଣ୍ଣ ଭାବରେ ଆମେରିକାଠାରୁ ମୁହଁ ଫେରାଇନେଉଛି। ଡଲାର ବିଶ୍ୱର ସର୍ବବୃହତ ବୈଦେଶିକ ମୁଦ୍ରା ଭାବରେ ରହିଛି ଏବଂ ଆମେରିକାର ଷ୍ଟକ୍ ଏବଂ ବଣ୍ଡରେ ଏକ ଗୁରୁତ୍ୱପୂର୍ଣ୍ଣ ପରିମାଣର ଟଙ୍କା ନିବେଶ ହୋଇରହିଛି।



ଆମେରିକୀୟ ବଣ୍ଡ ବଜାରରେ ଏବେ ନିବେଶକଙ୍କ ଚିନ୍ତା ସ୍ପଷ୍ଟ ହେବାରେ ଲାଗିଛି। ୧୦ ବର୍ଷର ଆମେରିକୀୟ ଟ୍ରେଜେରୀ ବଣ୍ଡ ଇଲ୍ଡ ସେପ୍ଟେମ୍ବରରେ ପ୍ରାୟ ୫% ରେ ପହଞ୍ଚିଛି। ସେପ୍ଟେମ୍ବର ୧୧ ରେ ଏହା ୪.୯୩% ଥିଲା, ଯେତେବେଳେ କି ଏହା ପୂର୍ବରୁ ୪.୯୭୯% ରେ ପହଞ୍ଚିଥିଲା। ସରଳ ଭାଷାରେ କହିବାକୁ ଗଲେ ବୃଦ୍ଧି ପାଉଥିବା ବଣ୍ଡ ଇଲ୍ଡ ଅର୍ଥ ହେଉଛି ଯେ ଆମେରିକାକୁ ଋଣ ପାଇଁ ନିବେଶକମାନଙ୍କୁ ଅଧିକ ସୁଧ ଦେବାକୁ ପଡୁଛି। ଏହାର ଅର୍ଥ ହେଉଛି ଯେ ସରକାରଙ୍କ ପାଇଁ ଋଣ ନେବା ମହଙ୍ଗା ହେଉଛି। ଏହା ଭବିଷ୍ୟତରେ ସରକାରୀ ଖର୍ଚ୍ଚକୁ ମଧ୍ୟ ପ୍ରଭାବିତ କରିପାରେ। ବଣ୍ଡରେ ନିବେଶକଙ୍କ ଆଗ୍ରହ ବଜାୟ ରଖିବା ପାଇଁ ଆମେରିକାର ଟ୍ରେଜେରୀ ପୁରୁଣା ବଣ୍ଡର କ୍ରୟ ବୃଦ୍ଧି କରୁଛି। ତଥାପି, ଟ୍ରେଜେରୀ ସଚିବ ସ୍କଟ୍ ବେସାଣ୍ଟ କହିଛନ୍ତି ଯେ ଆମେରିକାର ଆର୍ଥିକ ବ୍ୟବସ୍ଥା ଦୃଢ଼ ଏବଂ ସାମ୍ପ୍ରତିକ ବଣ୍ଡ ନିଲାମ ଭଲ ହୋଇଛି। ନରୱେର ସାର୍ବଭୌମ ପାଣ୍ଠି ଆମେରିକାରେ ନିବେଶ ହ୍ରାସ କରୁଛି। ପ୍ରାୟ ୨.୩ ଟ୍ରିଲିୟନ ଡଲାର(୨୧୮.୫ ଲକ୍ଷ କୋଟି ଟଙ୍କା) ମୂଲ୍ୟର ଏହି ପାଣ୍ଠି, ଆମେରିକୀୟ ସରକାରୀ ବଣ୍ଡରେ ଏହାର ହୋଲ୍ଡିଂ ହ୍ରାସ କରିବାକୁ ଯୋଜନା କରୁଛି। ନରୱେର ପାଣ୍ଠିରେ ସରକାରୀ ବଣ୍ଡର ଅଂଶ ୭୦% ରୁ ୫୦% କୁ ହ୍ରାସ କରିବାର ପ୍ରସ୍ତାବ ରହିଛି। ସବୁଠାରୁ ବଡ଼ ହ୍ରାସ ଆମେରିକୀୟ ବଣ୍ଡରେ ହେବାର ସମ୍ଭାବନା ଅଛି। ଏହା ଆମେରିକାର ବଣ୍ଡରେ ନରୱେର ନିବେଶକୁ ପ୍ରାୟ ୮୦ ବିଲିୟନ ଡଲାର ହ୍ରାସ କରିପାରେ। ତଥାପି, ନରୱେ କେବଳ ନିବେଶରେ ଆମେରିକାଠାରୁ ନିଜକୁ ଦୂରେଇ ରଖିବା ପାଇଁ ଏହି ପରିବର୍ତ୍ତନ କରୁନାହିଁ।

### ନିବେଶକମାନେ ସୁନା କିଣି, ଚୀନରେ ନିବେଶ ବଢ଼ାଉଛନ୍ତି

ଏହା ଜାପାନୀ ସରକାରୀ ବଣ୍ଡ ଏବଂ ଅନ୍ୟାନ୍ୟ ପ୍ରକାରର ବଣ୍ଡରେ ନିବେଶ କରିବା ବିଷୟରେ ମଧ୍ୟ ବିଚାର କରୁଛି। ଏହାର ଲକ୍ଷ୍ୟ ହେଉଛି ଏହାର ପାଣ୍ଠିକୁ ବିବିଧ କରିବା ଏବଂ ଉତ୍ତମ ରୋଜଗାର ସୁଯୋଗ ଖୋଜିବା।

ଅପରପକ୍ଷେ ଆମେରିକାରେ ଜର୍ମାନୀ କମ୍ପାନୀଗୁଡ଼ିକର ନିବେଶ ୬୫% ହ୍ରାସ ପାଇଛି, ଯେତେବେଳେ କି ଚୀନରେ ନିବେଶ ଏକ ତୃତୀୟାଂଶ ବୃଦ୍ଧି ପାଇଛି। ଚଳିତ ବର୍ଷ ଆମେରିକା ଏବଂ ଚୀନରେ ଜର୍ମାନୀ କମ୍ପାନୀଗୁଡ଼ିକର ନିବେଶ ପରିମାଣରେ ଏକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଦେଖାଦେଇଛି। ୨୦୨୬ର ପ୍ରଥମାର୍ଦ୍ଧରେ ଆମେରିକାରେ ସେମାନଙ୍କର ନିବେଶ ୬୫% ହ୍ରାସ ପାଇ ୪.୩ ବିଲିୟନ ୟୁରୋ ହୋଇଛି। ଏହି ସମୟରେ ଚୀନରେ ନିବେଶ ପ୍ରାୟ ଏକ ତୃତୀୟାଂଶ ବୃଦ୍ଧି ପାଇ ୫.୬ ବିଲିୟନ ୟୁରୋ ହୋଇଛି। ଜର୍ମାନ ଅର୍ଥନୈତିକ ପ୍ରତିଷ୍ଠାନର ଏକ ଅଧ୍ୟୟନ ଅନୁଯାୟୀ, ଟ୍ରମ୍ପଙ୍କ ଟାରିଫ୍ ଏବଂ ବାଣିଜ୍ୟ ନୀତି ଯୋଗୁଁ ବ୍ୟବସାୟ ଅନିଶ୍ଚିତତା ରହିଥିବା ସମୟରେ ଆମେରିକାରେ ଜର୍ମାନୀ କମ୍ପାନୀଗୁଡ଼ିକର ନିବେଶ ହ୍ରାସ ପାଇଛି। ଏହି ସମୟରେ, ଚୀନରେ ପୂର୍ବରୁ କାର୍ଯ୍ୟ କରୁଥିବା ଜର୍ମାନୀ କମ୍ପାନୀଗୁଡ଼ିକ ସେମାନଙ୍କ ବ୍ୟବସାୟରେ ନିବେଶ ଜାରି ରଖିଛନ୍ତି।

ଏହାଛଡା ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଧୀରେ ଧୀରେ ସେମାନଙ୍କର ବୈଦେଶିକ ମୁଦ୍ରା ଭଣ୍ଡାରରେ ଡଲାରର ଅଂଶ ହ୍ରାସ କରୁଛନ୍ତି। ଆଇଏମ୍ଏଫ୍ ଅନୁଯାୟୀ, ୨୦୨୫ ର ଶେଷ ତ୍ରୈମାସିକରେ ବିଶ୍ୱ ବୈଦେଶିକ ମୁଦ୍ରା ଭଣ୍ଡାରରେ ଡଲାରର ଅଂଶ ୫୬.୭୭% ରହିଥିଲା, ଯାହା ପୂର୍ବ ତ୍ରୈମାସିକରେ ୫୬.୯୩% ଥିଲା। ଡଲାର ସହିତ, ସୁନା ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭଣ୍ଡାର ହୋଇପଡୁଛି। ବିଶ୍ୱ ସୁନା ପରିଷଦ ଅନୁଯାୟୀ, ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ୨୦୨୫ ରେ ମୋଟ ୮୬୩ ଟନ୍ ସୁନା କିଣିଥିଲେ।

## ସୁଧ ହାର ବଢ଼ାଇବ ଆମେରିକୀୟ ଫେଡେରାଲ ରିଜର୍ଭ

ନୂଆଦିଲ୍ଲୀ,୧୬।୯ (ଏଜେନ୍ସି): ଏବେ ଆମେରିକାର ଫେଡେରାଲ୍ ରିଜର୍ଭଙ୍କ ନିଷ୍ପତ୍ତି ଉପରେ ସାରା ବିଶ୍ୱର ନଜର। ମୁଦ୍ରାସ୍ଫୀତି, ଉଚ୍ଚ ଅଶୋଧିତ ତୈଳ ମୂଲ୍ୟ ଏବଂ ବଣ୍ଡ ଇଲ୍ଡ ବୃଦ୍ଧି ମଧ୍ୟରେ ବଜାର ୨୫ ବେସିସ୍ ପଏଣ୍ଟ ସୁଧ ହାର ବୃଦ୍ଧି ଆଶା କରୁଛି। ଏହା ଆମେରିକାର ବେଞ୍ଚମାର୍କ ହାରକୁ ୩.୭୫%ରୁ ୪% ପର୍ଯ୍ୟନ୍ତ ବୃଦ୍ଧି କରିପାରେ। ହେଲେ ଏହି ବୃଦ୍ଧିର ସମ୍ଭାବନାକୁ ବଜାର ପୂର୍ବରୁ ମୁଖ୍ୟତଃ ଆକଳନ କରିସାରିଛି। ତଥାପି, ଭାରତୀୟ ନିବେଶକଙ୍କ ପାଇଁ ପ୍ରକୃତ ପ୍ରଶ୍ନ କେବଳ ଫେଡ୍ କ'ଣ ନିଷ୍ପତ୍ତି ନେବ ତାହା ନୁହେଁ, ବରଂ ସୁଧ ହାର ଉପରେ ଏହାର ଭବିଷ୍ୟତର ଦୃଷ୍ଟି କ'ଣ ହେବ। ଆମେରିକାରରେ ସୁଧ ହାର ବୃଦ୍ଧି ଆମେରିକାର ବଣ୍ଡରେ ନିବେଶକୁ ଆକର୍ଷଣୀୟ କରିପାରେ। ଏହା ବିଦେଶୀ ନିବେଶକମାନଙ୍କ ପାଇଁ ଭାରତ ଭଳି ଉଦୀୟମାନ ବଜାରରେ ସେମାନଙ୍କର ପାଣ୍ଠି ରଖିବା ତୁଳନାତ୍ମକ ଭାବରେ କମ୍ ଆକର୍ଷଣୀୟ କରିପାରେ। ବିଦେଶୀ ନିବେଶକମାନେ ପୂର୍ବରୁ ଭାରତୀୟ ବଜାର ଉପରେ ବିକ୍ରି ଚାପ ସୃଷ୍ଟି କରୁଛନ୍ତି। ଏହି ସମୟରେ, ଆମେରିକାର ୧୦ ବର୍ଷର ଟ୍ରେଜେରୀ ହାର ପ୍ରାୟ ୫% ରେ ପହଞ୍ଚିଛି।

### ଭାରତରେ ସୃଷ୍ଟି ହେବ ହଇଚଇ

ଅପରପକ୍ଷେ ଫେଡ୍‌ର ସୁଧ ହାର ବୃଦ୍ଧି ଯୋଗୁ ଡଲାର ମଜବୁତ ହେବାର ସମ୍ଭାବନାକୁ ବୃଦ୍ଧି କରେ। ଏହା ଟଙ୍କା ଉପରେ ଚାପ ପକାଇପାରେ। ବୁଧବାର ଟଙ୍କା ପ୍ରତି ଡଲାର ୯୫.୯୩ ଡଲାର ପାଖାପାଖି କାରବାର କରୁଥିଲା। ଫେଡ୍ ସୁଧ ହାର ବୃଦ୍ଧି ସାଧାରଣତଃ ସୁନା ଉପରେ ଚାପ ପକାଇଥାଏ। ଏହା ସୁଧ-ବହନକାରୀ ସମ୍ପତ୍ତିକୁ ଅଧିକ ଆକର୍ଷଣୀୟ କରିଥାଏ। ତଥାପି, ଭାରତୀୟ ନିବେଶକମାନଙ୍କ ପାଇଁ ଚିତ୍ର ଟିକିଏ ଭିନ୍ନ ହୋଇପାରେ। ଯଦି ଟଙ୍କା ମୂଲ୍ୟ ହ୍ରାସ ପାଏ, ତେବେ ଡଲାର କ୍ଷେତ୍ରରେ ସୁନା ମୂଲ୍ୟ ଦୁର୍ବଳ ହେବାର କିଛି ପ୍ରଭାବ ଟଙ୍କା କ୍ଷେତ୍ରରେ ହ୍ରାସ କରାଯାଇପାରିବ। ଏହା ସହିତ, ବଢ଼ୁଥିବା ଭୂରାଜନୈତିକ ଉତ୍ତେଜନା ସୁନା ପାଇଁ ସୁରକ୍ଷିତ-ସ୍ୱର୍ଗ ଚାହିଦାକୁ ସମର୍ଥନ କରିପାରେ। ବୃଦ୍ଧି ପାଉଥିବା ଉପଜ ପ୍ରାରମ୍ଭରେ ଦୀର୍ଘକାଳୀନ ବଣ୍ଡରେ ମୂଲ୍ୟ ଅସ୍ଥିରତାକୁ ବୃଦ୍ଧି କରିପାରେ। ଯଦି ଉପଜ ଦୀର୍ଘ ସମୟ ପାଇଁ ଉଚ୍ଚ ରହିଥାଏ, ତେବେ ଭଲ-ଗୁଣବତ୍ତା ବିଶିଷ୍ଟ ସ୍ୱଳ୍ପ-ମଧ୍ୟମ-ଅବଧି ଋଣରେ ନୂତନ ନିବେଶ ସୁଯୋଗ ଦେଖାଯାଇପାରେ।

## ଜିଓ ବ୍ୟବହାରକାରୀଙ୍କୁ ୧୨ ମାସ ପାଇଁ ମାଗଣା କାନଭା ପ୍ରୋ

ମୁମ୍ବଇ, ୧୬।୯ (ଏଜେନ୍ସି): ଜିଓ ବ୍ୟବହାରକାରୀମାନେ ଏବେ ବିନା କୌଣସି ଅତିରିକ୍ତ ଖର୍ଚ୍ଚରେ କାନଭା (ଉବଭଙ୍ଘବ) ର ପ୍ରିମିୟମ୍ ଡିଜାଇନ୍ ଟୁଲ୍ ବ୍ୟବହାର କରିପାରିବେ। ଜିଓ ଏବଂ କାନଭା ମଧ୍ୟରେ ହୋଇଥିବା ସହଭାଗିତା ବଳରେ ଯୋଗ୍ୟ ଗ୍ରାହକମାନେ ୧୨ ମାସ ପାଇଁ ମାଗଣାରେ କାନଭା ପ୍ରୋ କିମ୍ବା କାନଭା ପ୍ରୋ ଲାଇଟ ପାଇପାରିବେ। କମ୍ପାନୀ ସୂଚନା ଅନୁଯାୟୀ, ଏହି ଅଫରର ମୂଲ୍ୟ ୪,୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି, ଯାହା ଜିଓ ଗ୍ରାହକଙ୍କ ପାଇଁ ମାଗଣାରେ ଉପଲବ୍ଧ ହେବ ଏବଂ ସେପ୍ଟେମ୍ବର ୧୬ରୁ ମାଇଁ ଜିଓ ଆପ୍ ମାଧ୍ୟମରେ ଏହାକୁ ଆକ୍ଟିଭେଟ୍ କରାଯାଇପାରିବ। କାନଭା ପ୍ଲାନ ପାଇବା ଗ୍ରାହକଙ୍କ ଜିଓ ରିଚାର୍ଜ ପ୍ଲାନ ଉପରେ ନିର୍ଭର କରିବ। ୩୯୯ ଟଙ୍କିଆ ପ୍ଲାନରେ କାନଭା ପ୍ରୋ ଅନ୍ତର୍ଭୁକ୍ତ ଥିବାବେଳେ, ୩୪୯ ଟଙ୍କା ଓ ତଦୁର୍ଦ୍ଧ୍ୱ ମୂଲ୍ୟର 'ଦୈନିକ ୨ଜିବି ଡାଟା' ପ୍ରଦାନ କରୁଥିବା ଯୋଗ୍ୟ ପ୍ଲାନଗୁଡ଼ିକରେ କାନଭା ପ୍ରୋ ଲାଇଟ ମିଳିବ। ଏହି ଅଫର୍ ସହିତ କୌଣସି ଅତିରିକ୍ତ ଶୁଳ୍କ କିମ୍ବା ଲୁକ୍କାୟିତ ଚାର୍ଜ ନାହିଁ। ଏହାର ସିଧାସଳଖ ଲାଭ ଛାତ୍ରଛାତ୍ରୀ, କଣ୍ଟେଣ୍ଟ କ୍ରିଏଟର୍, ପ୍ରଫେସନାଲ ଏବଂ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ମିଳିବ। କାନଭା ସାହାଯ୍ୟରେ, ବ୍ୟବହାରକାରୀମାନେ ସିଧାସଳଖ ନିଜ ମୋବାଇଲ୍ ଫୋନରେ ସ୍କୁଲ୍ ପ୍ରୋଜେକ୍ଟ, ସୋସିଆଲ୍ ମିଡିଆ ପୋଷ୍ଟ, ପ୍ରେଜେଣ୍ଟେସନ୍, ମାର୍କେଟିଂ ସାମଗ୍ରୀ ଏବଂ ପର୍ବପର୍ବାଣୀର ଶୁଭେଚ୍ଛା ବାର୍ତ୍ତା ଇତ୍ୟାଦି ବିଭିନ୍ନ ଡିଜାଇନ୍ ପ୍ରସ୍ତୁତ କରିପାରିବେ। ହିନ୍ଦୀ ସମେତ ବିଭିନ୍ନ ଭାରତୀୟ ଭାଷାରେ ମଧ୍ୟ କଣ୍ଟେଣ୍ଟ ପ୍ରସ୍ତୁତ କରାଯାଇପାରିବ।

**୪,୦୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟର ସୁଯୋଗ**

## ରାଜଭାଷା କୀର୍ତ୍ତି ପୁରସ୍କାରରେ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପ୍ରଥମ

ଭୁବନେଶ୍ୱର,୧୬।୯ (ସମିସ): ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ରାଜଭାଷା ହିନ୍ଦୀର ପ୍ରଭାବଶାଳୀ ଏବଂ ଉତ୍କୃଷ୍ଟ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ଆର୍ଥିକବର୍ଷ ୨୦୨୫-୨୬ ପାଇଁ ବ୍ୟାଙ୍କ ରାଜଭାଷା କୀର୍ତ୍ତି ପୁରସ୍କାରରେ ପ୍ରଥମ ସ୍ଥାନ ଅଧିକାର କରିଛି । ଏହି ସମ୍ମାନ ବ୍ୟାଙ୍କ ଦ୍ୱାରା ରାଜଭାଷା ନୀତିର ଅନୁପାଳନ ତଥା ବ୍ୟାଙ୍କିଙ୍ଗ୍ କାର୍ଯ୍ୟରେ ହିନ୍ଦୀ ଭାଷାର ପ୍ରୟୋଗକୁ ଅଧିକ ପ୍ରୋତ୍ସାହିତ କରିବା ନିମନ୍ତେ କରାଯାଉଥିବା ନିରନ୍ତର ପ୍ରୟାସର ପ୍ରତିଫଳନ। ଏହି ପୁରସ୍କାର ନଭି ମୁମ୍ବାଇଠାରେ ଆୟୋଜିତ ୬ଷ୍ଠ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ – ୨୦୨୬ ସମାରୋହରେ ପ୍ରଦାନ କରାଯାଇଥିଲା। କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହା ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଥିଲେ। ବ୍ୟାଙ୍କ ପକ୍ଷରୁ ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କଲ୍ୟାଣ କୁମାର ଏହି ପୁରସ୍କାର ଗ୍ରହଣ କରିଥିଲେ। କଲ୍ୟାଣ କୁମାର ଏହି ସଫଳତାରେ ଆନନ୍ଦ ପ୍ରକାଶ କରି କହିଥିଲେ ଯେ, ରାଜଭାଷା କୀର୍ତ୍ତି ପୁରସ୍କାରରେ ପ୍ରଥମ ସ୍ଥାନ ଅଧିକାର କରିବା ବ୍ୟାଙ୍କ ପାଇଁ ଗୌରବର ବିଷୟ ।



## ରୟାଲ ଏନ୍‌ଫିଲ୍ଡ ପକ୍ଷରୁ ୱାନ୍ ରାଇଡ୍ ୨୦୨୬

ଭୁବନେଶ୍ୱର,୧୬।୯ (ସମିସ): ରୟାଲ ଏନ୍‌ଫିଲ୍ଡ ପକ୍ଷରୁ ଆୟୋଜିତ ହେଉଥିବା 'ପିୟୋର ମୋଟରସାଇକ୍ଲିଂ'ରେ ସେପ୍ଟେମ୍ବର ୨୦ରେ ବିଶ୍ୱର ବିଭିନ୍ନ ପ୍ରାନ୍ତର ହଜାର ହଜାର ବାଇକ୍ ଚାଳକ 'ୱାନ୍ ରାଇଡ୍' ପାଇଁ ରାସ୍ତାକୁ ଓହ୍ଲାଇବେ। ୨୦୧୧ରୁ 'ୱାନ୍ ରାଇଡ୍' ମାଧ୍ୟମରେ ବିଭିନ୍ନ ଦେଶ ଓ ମହାଦେଶର ବାଇକ୍ ଚାଳକମାନେ ଏକାଠି ହୋଇ ଆସୁଛନ୍ତି। ଗୋଟିଏ ଦିନରେ ଏକାସାଙ୍ଗରେ ଆୟୋଜିତ ଏହି ରାଇଡ୍ ସରଳ ଓ ସହଜ ରାଇଡିଂ ଆନନ୍ଦରେ ସମସ୍ତଙ୍କୁ ଯୋଡ଼ିଥାଏ। ଚଳିତ ବର୍ଷ ରୟାଲ ଏନ୍‌ଫିଲ୍ଡ ଏହାର ୧୨୫ତମ ବାର୍ଷିକୀ ପାଳନ କରୁଥିବାବେଳେ, ୬୦ଟି ଦେଶରେ ୧,୬୦୦ରୁ ଅଧିକ ରାଇଡ୍ ଆୟୋଜିତ ହେବ। ମୋଟରସାଇକ୍ଲିଂ ପ୍ରତି ସମାନ ଭଲପାଇବା ସହିତ ୨୦୨୬ରେ ଏହି ଆୟୋଜନ ଯାତ୍ରାକୁ ସମ୍ଭବ କରୁଥିବା ପ୍ରକୃତି ଓ ପରିବେଶ ପ୍ରତି ସାମୂହିକ ଦାୟିତ୍ୱର ବାର୍ତ୍ତା ମଧ୍ୟ ବହନ କରିବ। "ପ୍ରତ୍ୟେକ ରାଇଡର, ପ୍ରତ୍ୟେକ ରାସ୍ତା, ଗୋଟିଏ ଲକ୍ଷ୍ୟ" ବାର୍ତ୍ତା ସହିତ ଆୟୋଜିତ ୱାନ ରାଇଡ଼ ୨୦୨୬ ହିମାଳୟର ଉଚ୍ଚ ପାର୍ବତ୍ୟ ଅଂଚଳର ଏକ ପ୍ରମୁଖ ପ୍ରଜାତି ତଥା ଏହି ପରିବେଶର ଏକ ଚିରସ୍ଥାୟୀ ପ୍ରତୀକ ହିମଚିତା (ସ୍ନୋ ଲିଓପାଡର୍) ର ସଂରକ୍ଷଣ ପାଇଁ ସମର୍ପିତ।




## ପାର୍ବଣରେ ଝଟ୍‌କା! ସୁନା ଗହଣା ହଲମାର୍କିଂ ଶୁଳ୍କରେ ୬୭% ବୃଦ୍ଧି

ନୂଆଦିଲ୍ଲୀ,୧୬।୯ (ଏଜେନ୍ସି): ଉତ୍ସବ ଏବଂ ବିବାହ ପୂର୍ବରୁ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ସୁନା ଅଳଙ୍କାର ଏବଂ କଳାକୃତି ପାଇଁ ହଲମାର୍କିଂ ଫି' ବୃଦ୍ଧି କରିଛି। ଅଳଙ୍କାର ବ୍ୟବସାୟୀମାନଙ୍କୁ ଏବେ ପ୍ରତି ସମାଗ୍ରୀ ପାଇଁ ୪୫ ଟଙ୍କା ବଦଳରେ ୭୫ ଟଙ୍କା ଦେବାକୁ ପଡିବ। ଏହି ପରିବର୍ତ୍ତନ ବିଆଇଏସ୍ (ହଲମାର୍କିଂ) ସଂଶୋଧନ ନିୟମ, ୨୦୨୬ ଅଧୀନରେ କାର୍ଯ୍ୟକାରୀ ହୋଇଛି। ତଥାପି, ଏହି ଫି' ବୃଦ୍ଧିର ଅର୍ଥ ନୁହେଁ ଯେ ଗ୍ରାହକମାନଙ୍କୁ ପ୍ରତି ସୁନା ଅଳଙ୍କାର ଜିନିଷ ପାଇଁ ଅତିରିକ୍ତ ୩୦ ଟଙ୍କା ଦେବାକୁ ପଡିବ।

ନୂତନ ନିୟମ ଅନୁଯାୟୀ, ସ୍ୱୀକୃତିପ୍ରାପ୍ତ ଆସେଙ୍ଗ ଏବଂ ହଲମାର୍କିଂ କେନ୍ଦ୍ର (ଏଏଚ୍‌ସିମାନେ) ସହିତ ସୁନା ଜିନିଷ ଜମା କରୁଥିବା ଅଳଙ୍କାର ବ୍ୟବସାୟୀମାନଙ୍କୁ ଏବେ ପ୍ରତି ଜିନିଷ ପାଇଁ ୭୫ ଟଙ୍କା ଦେବାକୁ ପଡିବ। ଏଥିରେ ପ୍ରତି କନସାଇନମେଣ୍ଟ ପାଇଁ ସର୍ବନିମ୍ନ ଫି' ୨୦୦ ଟଙ୍କା ରହିବ। ପ୍ରତି ଜିନିଷ ପାଇଁ ହଲମାର୍କିଂ ଫି' ୩୦ ଟଙ୍କା କିମ୍ବା ପ୍ରାୟ ୬୭% ବୃଦ୍ଧି ପାଇଛି। ଅପରପକ୍ଷେ ରୁପା ନିୟମରେ କୌଣସି ପରିବର୍ତ୍ତନ ନାହିଁ। ରୁପା ଜିନିଷ ପାଇଁ ହଲମାର୍କିଂ ଶୁଳ୍କ ପ୍ରତି ଜିନିଷ ୩୫ ଟଙ୍କା ରେ ସ୍ଥିର ରହିଛି। ଏଥିପାଇଁ ସର୍ବନିମ୍ନ କନସାଇନମେଣ୍ଟ ଶୁଳ୍କ ୧୫୦ ଟଙ୍କା। ଉଲ୍ଲେଖଯୋଗ୍ୟ ଯେ, ବିଆଇଏସ୍‌ର ହଲମାର୍କିଂ ନିୟମ ପ୍ରଥମେ ୨୦୧୮ ଜୁନ୍ ୧୪ ରେ ଜାରି କରାଯାଇଥିଲା। ପରବର୍ତ୍ତୀ ସମୟରେ, ଆବଶ୍ୟକ ଅନୁସାରେ ସେଗୁଡ଼ିକୁ ଅନେକ ଥର ସଂଶୋଧନ କରାଯାଇଛି। ପ୍ରଥମ ସଂଶୋଧନ ୨୦୧୮ ଅକ୍ଟୋବର ୧୨ ରେ କରାଯାଇଥିଲା, ତା'ପରେ ୨୦୨୧ ଅକ୍ଟୋବର ୨୭ ଏବଂ ୨୦୨୨ ମାର୍ଚ୍ଚ ୪ ରେ ପରିବର୍ତ୍ତନ କରାଯାଇଥିଲା। ୨୦୨୬ ସେପ୍ଟେମ୍ବର ୧୪ରେ ଜାରି ହୋଇଥିବା ସଂଶୋଧନକୁ ଏହି ନିୟମର ଚତୁର୍ଥ ପରିବର୍ତ୍ତନ ଭାବରେ ବିବେଚନା କରାଯାଏ। ସୁନା ଅଳଙ୍କାରର ଶୁଦ୍ଧତା ସୁନିଶ୍ଚିତ କରିବା ପାଇଁ ଭାରତରେ ହଲମାର୍କିଂ ବାଧ୍ୟତାମୂଳକ। ଯେହେତୁ ପ୍ରତି ଖଣ୍ଡରେ ହଲମାର୍କିଂର ମୂଲ୍ୟ ଏବେ ଜୁଏଲର୍ସଙ୍କ ପାଇଁ ୩୦ ଟଙ୍କା ବୃଦ୍ଧି ପାଇଛି, ସେମାନେ ଗ୍ରାହକଙ୍କ ଶେଷ ବିଲ୍ ସହିତ ଏହି ଅତିରିକ୍ତ ଖର୍ଚ୍ଚ ଯୋଡ଼ିପାରିବେ।

### ପ୍ରତ୍ୟେକ ରୁପା ଗହଣା ପାଇଁ ହଲମାର୍କିଂ ଶୁଳ୍କ ୩୫ ଟଙ୍କା

## ଡାଲମିଆ ସିମେଣ୍ଟର ପରିବହନରେ ବିଦ୍ୟୁତ ଚାଳିତ ଟ୍ରକ

ରାଜଗାଙ୍ଗପୁର, ୧୬।୯ (ସମିସ): ଡାଲମିଆ ସିମେଣ୍ଟ, ତେଜସ୍ କାର୍ଗୋ ଇଣ୍ଡିଆ ଲିମିଟେଡ୍ ଏବଂ ବ୍ଲୁ ଏନର୍ଜି ମୋଟର୍ସ ମିଳିତ ଭାବେ ରାଜଗାଙ୍ଗପୁରରେ ସିମେଣ୍ଟ ପରିବହନ କାର୍ଯ୍ୟ ପାଇଁ ବ୍ଲୁ ଏନର୍ଜି ମୋଟର୍ସର ବିଦ୍ୟୁତଚାଳିତ ଭାରୀ ଟ୍ରକ୍ ନିୟୋଜିତ କରିଛନ୍ତି। ତେଜସ୍ କାର୍ଗୋ ଇଣ୍ଡିଆ ଲିମିଟେଡ୍ ଦ୍ୱାରା ପରିଚାଳିତ ଏହି ବିଦ୍ୟୁତଚାଳିତ ଭାରୀ ଟ୍ରକ୍ ଡାଲମିଆ ସିମେଣ୍ଟର ପରିବହନ ଆବଶ୍ୟକତା ପୂରଣରେ ସହାୟକ ହେବ। ପରିବହନଜନିତ ନିର୍ଗମନ ହ୍ରାସ କରିବା ସହ ଅଧିକ ସ୍ଥାୟୀ ଯୋଗାଣ ଶୃଙ୍ଖଳ ଗଠନ ଉପରେ ଶିଳ୍ପଜଗତର ବଢୁଥିବା ଗୁରୁତ୍ୱକୁ ଏହି ପଦକ୍ଷେପ ପ୍ରତିଫଳିତ କରୁଛି। ବ୍ୟବସାୟିକ ସଂସ୍ଥାଗୁଡ଼ିକ ନିଜ ଉତ୍ପାଦନ କାର୍ଯ୍ୟକଳାପ ବାହାରେ ମଧ୍ୟ ପରିବେଶ ଉପରେ ନିଜର ପ୍ରଭାବ କମାଇବା ଦିଗରେ



ଗୁରୁତ୍ୱ ଦେଉଥିବା ବେଳେ, ମାଲ ପରିବହନ କାର୍ଯ୍ୟକଳାପରୁ ହେଉଥିବା ପରୋକ୍ଷ ନିର୍ଗମନ ଏକ ପ୍ରମୁଖ କ୍ଷେତ୍ର ଭାବେ ଉଭା ହୋଇଛି। ନିର୍ମାତା, ପରିବହନ ସେବା ପ୍ରଦାନକାରୀ, ଯାନ ନିର୍ମାତା ଏବଂ ଚାର୍ଜିଂ ଭିତିଭୂମି କମ୍ପାନିଗୁଡ଼ିକ ଏକାଠି ହୋଇ ପରିବେଶ ଅନୁକୂଳ ଯାତାୟାତ ବ୍ୟବସ୍ଥାର ପ୍ରସାରକୁ ତ୍ୱରାନ୍ୱିତ କରିପାରିବେ ବୋଲି ଏହି ସହଯୋଗ ପ୍ରମାଣ କରୁଛି।

## ବେଦାନ୍ତ ଆଲୁମିନିୟମର ପ୍ରକଳ୍ପ ସଙ୍ଗମ୍

ଭୁବନେଶ୍ୱର, ୧୬।୯ (ସିମସ): ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଆଲୁମିନିୟମର ଆଲୁମିନା ବିଶୋଧନାଗାର ଆଖପାଖ ଗାଁଗୁଡ଼ିକରେ ବଡ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଏହା ନୂତନ ଭାବରେ ସୃଷ୍ଟି ହୋଇଥିବା ଫାର୍ମ ପୋଖରୀରେ ପରିଲକ୍ଷିତ ହୋଇଛି ଯାହା ଖରାଦିନେ ଚାଷବାସ ସହିତ କୁକୁଡା ଫାର୍ମଗୁଡ଼ିକ ପାଣି ଯୋଗାଇଥାଏ, ଯାହା ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରୁଛି, ଏବଂ କୃଷି ପରିବାରଗୁଡ଼ିକରେ ଯାହା ଜଳବାୟୁ ଏବଂ ଅର୍ଥନୈତିକ ଅନିଶ୍ଚିତତା ପ୍ରତି ଅଧିକ ସହନଶୀଳ ହେବାରେ ଲାଗିଛି । ଏହି ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ହେଉଛି ପ୍ରକଳ୍ପ ସଙ୍ଗମ, ଯାହା ଏକ ସମନ୍ୱିତ ଜଳବିଭାଜିକା ଏବଂ ଜୀବିକା ବିକାଶ ପଦକ୍ଷେପ ଯାହା ୨୦୨୩ ରେ ଜଳ ସୁରକ୍ଷାକୁ ମଜବୁତ କରିବା, କୃଷି ଉତ୍ପାଦକତା ବୃଦ୍ଧି କରିବା ଏବଂ ଗ୍ରାମାଞ୍ଚଳରେ ସ୍ଥାୟୀ ଜୀବିକା



ନିର୍ବାହକୁ ପ୍ରୋତ୍ସାହିତ କରିବା ପାଇଁ ଆରମ୍ଭ କରାଯାଇଥିଲା। କଳାହାଣ୍ଡିରେ ବେଦାନ୍ତ ଆଲୁମିନିୟମର ଗୋଷ୍ଠୀ ବିକାଶ ପ୍ରୟାସର ଅଂଶବିଶେଷ ସ୍ୱରୂପ ପ୍ରକଳ୍ପ ସଙ୍ଗମ ପ୍ରାକୃତିକ ସମ୍ବଳ ପରିଚାଳନା, ଜଳବାୟୁ-ନମନୀୟ କୃଷି, ଭୂତଳ ଜଳ ପୁନର୍ଭରଣ, ବର୍ଷା ଜଳ ଅମଳ ଭଳି ଏକ ବହୁସ୍ତରୀୟ ଆଭିମୁଖ୍ୟ ନିୟୋଜିତ କରିଛି।

## ଭାରତ ଉପରେ ୧୦୦% ଶୁଳ୍କ ଲଗାଇବ ଆମେରିକା

ୱାଶିଂଟନ୍, ୧୬।୯ (ଏଜେନ୍ସି): ଆମେରିକାର ପ୍ରତିନିଧି ସଭା ଭାରତ ଏବଂ ଅନ୍ୟ ଚାରୋଟି ଦେଶ ଉପରେ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିବା ପାଇଁ ଏକ ବିଲ୍‌କୁ ଆଗକୁ ବଢାଇଛି। ଏହି ବିଲ୍ ଉପରେ ଏକ ଚୂଡ଼ାନ୍ତ ଭୋଟ୍ ଗୁରୁବାର ଦିନ ଅନୁଷ୍ଠିତ ହେବ। ଯଦି ଏହା ଅନୁମୋଦନ ଲାଭ କରେ, ତେବେ ଏହି ଦେଶଗୁଡ଼ିକରୁ ଆମେରିକାକୁ ଆସୁଥିବା କିଛି ସାମଗ୍ରୀ ଉପରେ ୧୦୦% ପର୍ଯ୍ୟନ୍ତ ଆମଦାନୀ ଶୁଳ୍କ ଲାଗୁ ହୋଇପାରେ। ଆମେରିକାର ପ୍ରତିନିଧି ସଭାର ଏକ ଉନ୍ନତ ଆଇନ ଅଛି, ଯାହା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭାରତ ସମେତ ରୁଷରୁ ତେଲ ଏବଂ ଗ୍ୟାସ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିବାର ଗୁରୁତ୍ୱପୂର୍ଣ୍ଣ କ୍ଷମତା ଦେଇପାରେ। ରିପୋର୍ଟ ଅନୁଯାୟୀ, ଭାରତ ସହିତ ଚୀନ୍ ମଧ୍ୟ ଏହି ତାଲିକାରେ ଅନ୍ତର୍ଭୁକ୍ତ। ଏହାର ଅର୍ଥ ହେଉଛି ଯଦି ଏହି ଆଇନ କାର୍ଯ୍ୟକାରୀ ହୁଏ, ତେବେ ଭାରତ ଏବଂ ଚୀନ୍ ଭଳି ଦେଶଗୁଡ଼ିକରୁ ଆମେରିକାକୁ ଆସୁଥିବା ସାମଗ୍ରୀ ଯେଉଁମାନେ ରୁଷରୁ ତେଲ ଏବଂ ଗ୍ୟାସ କିଣନ୍ତି, ସେମାନଙ୍କୁ ୧୦୦% ପର୍ଯ୍ୟନ୍ତ ଅତିରିକ୍ତ ଆମଦାନି ଶୁଳ୍କ ଦେବାକୁ ପଡ଼ିପାରେ।

### ମହଙ୍ଗା ହେବ ଋଷରୁ ତେଲ କିଣା



ଏହି ଆଇନକୁ ଆଗକୁ ବଢ଼ାଯାଉଛି କାରଣ ଗୁରୁବାର ସକାଳେ ଆମେରିକାର ହାଉସ୍ ଅଫ୍ ରିପ୍ରେଜେନ୍‌ଟେଟିଭ୍ ଛୁଟି ହେବାକୁ ଯାଉଛି। ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପରେ ନଭେମ୍ବର ୯ରେ ଗୃହ ଆଲୋଚନା ବନର୍ବାର ହେବ ବୋଲି ଆଶା କରାଯାଉଛି। ଯଦି ଚଳିତ ସପ୍ତାହରେ ବିଲ୍ ଗୃହରେ ପାସ୍ ହୁଏ, ତେବେ ଏହା ଚୂଡ଼ାନ୍ତ କଂଗ୍ରେସ ଅନୁମୋଦନ ପାଇବ। ତା'ପରେ ବିଲ୍‌କୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯାଇପାରିବ। ଲିଣ୍ଡସେ ଓ. ଗ୍ରାହାମ୍ ୨୦୨୬ର ସୀମିତ ରୁଷିଆ ଏବଂ ଇରାନ ଆଇନକୁ ମଙ୍ଗଳବାର ସନ୍ଧ୍ୟାରେ ଆମେରିକା ପ୍ରତିନିଧି ସଭାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାଗତ ଅନୁମୋଦନ ପ୍ରଦାନ କରିଛି। ବିଲ୍ ସପକ୍ଷରେ ୨୧୪ ଭୋଟ ଏବଂ ବିପକ୍ଷରେ ୨୧୧ ଭୋଟ ପାଇଛି, ବିଲ୍ ସମର୍ଥନରେ ରିପବ୍ଲିକାନଙ୍କ ସହିତ ଦୁଇ ଜଣ ଡେମୋକ୍ରାଟିକ୍ ସାଂସଦ ଯୋଗ ଦେଇଛନ୍ତି। ତଥାପି, ଅନେକ ବରିଷ୍ଠ ଡେମୋକ୍ରାଟିକ୍ ସାଂସଦ ବିଲ୍‌କୁ ବିରୋଧ କରି ରାଷ୍ଟ୍ରପତିଙ୍କୁ ଶୁଳ୍କ ଲାଗୁ କରିବା ପାଇଁ ପ୍ରଦାନ କରାଯାଇଥିବା ବ୍ୟାପକ କ୍ଷମତା ବିଷୟରେ ଚିନ୍ତା ପ୍ରକାଶ କରିଛନ୍ତି। ବୁଧବାର ଦିନ ହାଉସ୍ ଅଫ୍ ରିପ୍ରେଜେନ୍‌ଟେଟିଭ୍ ରେ ବିଲ୍ ଉପରେ ଚୂଡ଼ାନ୍ତ ଭୋଟ ନିଆଯିବ ବୋଲି ଆଶା କରାଯାଉଛି। ଯଦି ବିଲ୍ ଗୃହୀତ ହୁଏ, ତେବେ ଏହାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିକଟକୁ ସ୍ୱାକ୍ଷର ପାଇଁ ପଠାଯିବ। ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇବା ପରେ, ଏହା ଆଇନରେ ପରିଣତ ହୋଇପାରିବ।

ଏହି ବିଲ୍ ରୁଷରୁ ବହୁ ପରିମାଣରେ ତେଲ କ୍ରୟ କରୁଥିବା ଦେଶଗୁଡ଼ିକ ଉପରେ ଟ୍ରମ୍ପଙ୍କୁ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିବାକୁ ଅନୁମତି ଦେବ।

## ଟିକ୍‌ଟକ୍ ମାଲିକ ଜାଙ୍ଗ ୟିମିଙ୍ଗ ଏସିଆର ଶ୍ରେଷ୍ଠ ଧନୀ

ନୂଆଦିଲ୍ଲୀ,୧୬।୯ (ଏଜେନ୍ସି): ଟିକ୍‌ଟକ୍‌ର ମୂଳ କମ୍ପାନୀ ବାଇଟଡାନ୍ସର ପ୍ରତିଷ୍ଠାତା ଜାଙ୍ଗ ୟିମିଙ୍ଗ ଏବେ ଏସିଆର ସବୁଠୁ ଧନୀ ବ୍ୟକ୍ତି। ବ୍ଲୁମବର୍ଗ ବିଲିଓନେୟାର୍ସ ଇଣ୍ଡେକ୍ସର ନୂଆ ରାଙ୍କିଙ୍ଗ ଅନୁସାରେ, ସେ ଭାରତୀୟ ଶିଳ୍ପପତି ଗୌତମ ଆଦାନୀଙ୍କୁ ପଛରେ ପକାଇ ଦେଇ ନମ୍ବର ୱାନ ଧନୀ ହୋଇଛନ୍ତି। ଜାଙ୍ଗଙ୍କ ମୋଟ ସମ୍ପତ୍ତି ୧୦୫ ବିଲିୟନ ଡଲାରରୁ ଅଧିକ ହୋଇଛି। ୪୩ ବର୍ଷୀୟ ଜାଙ୍ଗ ୟିମିଙ୍ଗଙ୍କ ସମ୍ପତ୍ତି ଗତ କିଛି ବର୍ଷରେ ଦ୍ରୁତ ଗତିରେ ବଢ଼ିଛି। ୨୦୧୯ ମାର୍ଚ୍ଚରେ ବ୍ଲୁମବର୍ଗ ତାଙ୍କ ସମ୍ପତ୍ତି ପ୍ରାୟ ୧୩ ବିଲିୟନ ଡଲାର ଆକଳନ କରିଥିଲା। ଅର୍ଥାତ୍ ପ୍ରାୟ ସାତ ବର୍ଷ ମଧ୍ୟରେ ତାଙ୍କ ସମ୍ପତ୍ତି ୮ ଗୁଣରୁ ଅଧିକ ବଢ଼ିଛି। କେବଳ ଚଳିତ ମାସରେ ତାଙ୍କ ସମ୍ପତ୍ତିରେ ୧୨ ବିଲିୟନ ଡଲାରରୁ ଅଧିକ ବୃଦ୍ଧି ହୋଇଛି। ବ୍ଲାକରକ୍, ଫିଡେଲିଟି ଇନଭେଷ୍ଟମେଣ୍ଟସ୍ ଓ ଟି. ରୋ ପ୍ରାଇସ୍ ଭଳି ନିବେଶକ ସଂସ୍ଥାର ଅପଡେଟ୍ ଭାଲୁଏସନ୍‌କୁ ଆଧାର କରି ଏହି ଆକଳନ କରାଯାଇଛି। ଗୌତମ ଆଦାନୀଙ୍କ ସମ୍ପତ୍ତି ଜୁନ୍‌ରେ ୧୨୦ ବିଲିୟନ ଡଲାର ପର୍ଯ୍ୟନ୍ତ ପହଞ୍ଚିଥିଲା। ଜାଙ୍ଗଙ୍କ ସମ୍ପତ୍ତିର ମୁଖ୍ୟ ଉତ୍ସ ହେଉଛି ବାଇଟଡାନ୍ସ। ଏହି